


ଅଗଷ୍ଟ ୧୪ରେ
‘ନାଗଜିଲା’
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-125 ◆SATURDAY ◆1 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୨୫ ◆ଶନିବାର ◆୧ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଚିନ୍ତା ବଢ଼ାଇଲା ଦିଲ୍ଲୀ-ଏନ୍‌ସିଆର ବାୟୁ ପ୍ରଦୂଷଣ

**୭୫ ପ୍ରତିଶତ ପରିବାର ଜଣେ ଭୂତାଣୁଜନିତ ରୋଗର ଶିକାର**



■ **ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି):** ଦୀପାବଳି ପରେ ରାଜଧାନୀ ଦିଲ୍ଲୀ ଓ ଏନ୍‌ସିଆରରେ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି। ଏଠାରେ ରହୁଥିବା ଲୋକେ ନିଃଶ୍ୱାସ ନେବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରଦୂଷଣ କେବଳ ଫୁସ୍‌ଫୁସ୍ ଉପରେ ନୁହେଁ, ବରଂ ହୃଦୟ, ମସ୍ତିଷ୍କ, କିଡ୍‌ନୀ, ପାକସ୍ଥଳୀରେ ମଧ୍ୟ ନକରାତ୍ମକ ପ୍ରଭାବ ପକାଉଛି। ଶ୍ୱାସ ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଏହି ବାୟୁ ବିପଦ ପାଲଟି ଯାଇଛି। ତେଣୁ କିଛି ଦିନ ଦିଲ୍ଲୀ ବାହାରେ ରହିବାକୁ ଡାକ୍ତରମାନେ ଏହି ରୋଗୀଙ୍କୁ ପରାମର୍ଶ ଦେଉଛନ୍ତି। ଦିଲ୍ଲୀ ଓ ଏନ୍‌ସିଆରର ବାୟୁ ମଣ୍ଡଳରେ ଏବେ କେବଳ ଧୂଆଁ, କୁହୁଡି ଛାଇ ରହିଛି। ଏହାକୁ ନେଇ ଭୟଙ୍କର ତଥ୍ୟ ▶ପୃଷ୍ଠା-୭

## ‘ଟାଇମ୍’ର ପ୍ରଭାବଶାଳୀ ୧୦୦ ବ୍ୟକ୍ତିରେ ୱାଙ୍ଗଚୁକ୍

■ **ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି):** ନ୍ୟୁୟର୍କସ୍ଥିତ ଜଣାଶୁଣା ସମ୍ବାଦ ପତ୍ରିକା ଟାଇମ୍ ମାଗାଜିନ ବିଶ୍ୱର ୧୦୦ ଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକା ପ୍ରକାଶିତ କରିଛି। ଏହି ତାଲିକାରେ ଲଦାଖର ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ସାମିଲ ହୋଇଛନ୍ତି। ୱାଙ୍ଗଚୁକ୍ ଜଣେ ଇଞ୍ଜିନିୟର, ଶିକ୍ଷାବିତ୍ ଓ ସାମାଜିକ କର୍ମୀ ବୋଲି ଏହି ମାଗାଜିନ ଉଲ୍ଲେଖ କରିଛି। ଗତ ମାସରେ ଲଦାଖକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ଦେବା ପାଇଁ ହୋଇଥିବା ଆନ୍ଦୋଳନରେ ହିଂସାକୁ ନେଇ ତାଙ୍କୁ ଗିରଫ କରାଯାଇଥିଲା। ସେ ଗତ ଗୋଟିଏ ଦଶନ୍ଧି ଧରି ପ୍ରାଚୀନ ସାଂସ୍କୃତିକ ପରମ୍ପରା, କୃତ୍ରିମ ଗ୍ଲାସିୟର ନିର୍ମାଣ କରିବାରେ ନୂଆ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ ନେଇ କାର୍ଯ୍ୟ କରିଆସୁଛନ୍ତି। ଏ ନେଇ ସୋନମଙ୍କ ପତ୍ନୀ ଗୀତାଞ୍ଜଳି ଜେ ଅଙ୍ଗମୋ ‘ଏକ୍ସ’ରେ ପୋଷ୍ଟ କରିଛନ୍ତି। ‘ଟାଇମ ମାଗାଜିନ୍ ତାଙ୍କୁ ବିଶ୍ୱର ୧୦୦ ପ୍ରଭାବଶାଳୀ ତାଲିକାରେ ସାମିଲ କରିଛି, କିନ୍ତୁ ଆମ ସରକାର ତାଙ୍କୁ ଦେଶଦ୍ରୋହୀ ବୋଲି ଅଭିହିତ କରିଛନ୍ତି। ଦେଶ ପ୍ରତି ତାଙ୍କଠାରୁ ବିପଦ ରହିଛି ବୋଲି ସରକାର କହୁଥିବା’ ସେ ଲେଖିଛନ୍ତି। ସେପ୍ଟେମ୍ବର ୧୦ରେ ସୋନମଙ୍କୁ ▶ପୃଷ୍ଠା-୭



# ଭାରତ-ଆମେରିକା ପ୍ରତିରକ୍ଷା ଚୁକ୍ତି

## ୧୦ ବର୍ଷ ପାଇଁ ଉନ୍ନତ ଜ୍ଞାନକୌଶଳ ଯୋଗାଇବ ଆମେରିକା



■ **କୁଆଲାଲମପୁର, ୩୧।୧୦ (ଏଜେନ୍ସି):** ଚଢ଼ା ଶୁଳ୍କ, ବାଣିଜ୍ୟ ଚୁକ୍ତି ସହିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ରୁଷ୍‌ଠାରୁ ତୈଳ କିଣିବାକୁ ନେଇ ଆମେରିକା ରାଷ୍ଟ୍ରପତି ଭାରତକୁ ନିଶାଣ କରୁଛନ୍ତି। ଯୁଦ୍ଧ ପାଇଁ ନୂଆଦିଲ୍ଲୀକୁ ଦାୟୀ କରି ଅତିରିକ୍ତ ଶୁଳ୍କ ମଧ୍ୟ ଲଗାଇଛନ୍ତି। ‘ଅପରେସନ ସିନ୍ଦୂର’ ରୋକିଥିବା ନେଇ ବାରମ୍ବାର ଦାବି କରି ଆସୁଛନ୍ତି। ଭାରତ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରିବା ସତ୍ତ୍ୱେ ବି ଟ୍ରମ୍ପ ଅଟକୁ ନାହାନ୍ତି। ଏପରି ସମୟରେ ଶୁକ୍ରବାର ଭାରତ ଏବଂ ଆମେରିକା ମଧ୍ୟରେ ୧୦ ବର୍ଷ ପାଇଁ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି ଅବଧି ମଧ୍ୟରେ ଦୁଇ ଦେଶ ମିଳିତ ଭାବେ ନିଜ ସେନା, ପ୍ରତିରକ୍ଷା ଉଦ୍ୟୋଗ ଏବଂ ଜ୍ଞାନକୌଶଳରେ ସହଯୋଗକୁ ଅଧିକ ମଜବୁତ କରିବେ। ଏହା ଅଧୀନରେ ଭାରତକୁ ଆମେରିକା ଉନ୍ନତ ଜ୍ଞାନକୌଶଳ ପ୍ରଦାନ କରିବ। ଏହି ଚୁକ୍ତି ମାଲେସିଆର କୁଆଲାଲମପୁରରେ ସ୍ୱାକ୍ଷର ହୋଇଛି। ଏଠାରେ ଅନୁଷ୍ଠିତ ଆସିଆନ ରାଷ୍ଟ୍ରର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଦୁଇ ଦେଶର ପ୍ରତିନିଧି ସାମିଲ ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ୍ ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି।

ଦିନକ ତଳେ ଇରାନର ଚାବାହାର ବନ୍ଦର ବିକାଶ କରୁଥିବା ଭାରତକୁ କଟକଣାରୁ ୬ ମାସ ପାଇଁ ଆଶ୍ୱସ୍ତି ପ୍ରଦାନ କରିଥିଲା। କିନ୍ତୁ ଏହା ପୂର୍ବରୁ ବନ୍ଦରର ପରିଚାଳନା, ଆର୍ଥିକ ସହାୟତା ଦେବା କିମ୍ବା ଏ ସମ୍ବନ୍ଧିତ କାମରେ ସାମିଲ କମ୍ପାନୀଙ୍କ ଉପରେ ଜୋରିମାନା ଲଗାଇବାକୁ କୁହାଯାଇଥିଲା। ଭାରତ ୧୦ ବର୍ଷ ପାଇଁ ଏହି ବନ୍ଦରର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଇଛି। ଆଜି ସ୍ୱାକ୍ଷର ପ୍ରତିରକ୍ଷା ଚୁକ୍ତି ଦ୍ୱାରା ୪ଟି ବଡ଼ ଲାଭ ମିଳିବ। ଉଭୟ ଦେଶର ସେନା ମିଳିତ ଭାବେ ପ୍ରଶିକ୍ଷଣ ▶ପୃଷ୍ଠା-୭

## ନୂଆପଡ଼ାବାସୀଙ୍କୁ ନବୀନଙ୍କ ବାର୍ତ୍ତା



# ମୁଇଁ ଆସୁଛେଁ; ଆପଣମାନେ ଖୁସି ତ?

**ନୂଆପଡ଼ାର ଜୀବନରେଖା ପାଲଟିଛି ବିଜୁ ଏକ୍ସପ୍ରେସ ୱେ**

**୪୮୦ କୋଟି ଟଙ୍କା ପ୍ରକଳ୍ପ ମଞ୍ଜୁର କରିଥିଲେ ନବୀନ**

■ **ଭୁବନେଶ୍ୱର, ୩୧।୧୦ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସପକ୍ଷରେ ପ୍ରଚାର ପାଇଁ ଦୁଇଦିନ ପରେ ମଇଦାନକୁ ଓହ୍ଲାଇବେ ବିଜେଡ଼ି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଆସନ୍ତା ୩ ତାରିଖରେ ନବୀନ କୋମନାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହା ପୂର୍ବରୁ ନୂଆପଡ଼ାବାସୀଙ୍କ ପାଇଁ ଏକ ଭିଡ଼ିଓବାର୍ତ୍ତା ଜାରି କରିଛନ୍ତି ନବୀନ ପଟ୍ଟନାୟକ। ସ୍ଥାନୀୟ ଭାଷାରେ ନବୀନଙ୍କ ଏହି ଛୋଟିଆ ଭିଡ଼ିଓଟି ନୂଆପଡ଼ାର ଜନସାଧାରଣଙ୍କ ମନରେ ଭରି ଦେଇଛି ଉତ୍ସାହ। ନବୀନଙ୍କୁ ସ୍ୱାଗତ କରିବା ପାଇଁ ନୂଆପଡ଼ାରେ ପ୍ରସ୍ତୁତି ଆରମ୍ଭ ହୋଇଛି।

ନୂଆପଡ଼ା ଜିଲ୍ଲାର କୋମନା ଅଞ୍ଚଳର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ନବୀନ କହିଛନ୍ତି ଯେ ‘କୋମନାର ପ୍ରିୟ ଭାଇ ବହେନ୍ ମାନ୍‌କେ ମୋର୍ ଜୁହାର୍। ଆସ୍‌ବାର୍ ୩ ତାରିଖ ମୁଇଁ କୋମନା ଆସୁଛେଁ। ଆପଣମାନ୍‌କେ ସବ୍‌କେ ଭେଟ୍‌ମି। ଆପଣମାନ୍‌କେ ସାଗେଁ ମୁଇଁ ଦୁଇପଦ୍ କଥା ହେମି। ▶ପୃଷ୍ଠା-୭

## ଛାତ୍ରୀ ଅସଦାଚରଣ ଅଭିଯୋଗରେ ଅଧ୍ୟାପକଙ୍କୁ ବାନ୍ଧିଲା ପୁଲିସ



**ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ବିଜେଡି, କଂଗ୍ରେସ ଓ ଆଦିବାସୀ ମହାସଂଘର ଦାବି**

■ **ରାୟଗଡ଼ା, ୩୧।୧୦ (ସମିସ):** ଅଧ୍ୟାପକଙ୍କ ଦ୍ୱାରା ଅସଦାଚରଣର ଶିକାର ଜଣେ ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ ଆଜି ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ତୁମୁଳକାଣ୍ଡ ଘଟିଛି। ଅଧ୍ୟାପକଙ୍କୁ ଗିରଫ ଦାବିରେ ଛାତ୍ରଛାତ୍ରୀମାନେ କଲେଜ ଗେଟ୍ ଆଗରେ ଧାରଣା ଦେବା, ଏହାକୁ ସମର୍ଥନ ଜଣାଇ ବିଜେଡି, କଂଗ୍ରେସ ଓ ଆଦିବାସୀ ମହାସଂଘ ସାମିଲ ହେବା ଏବଂ ଶେଷରେ ପୁଲିସ ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ରାୟଗଡ଼ା ସଦର ମହକୁମା ରିଙ୍ଗରୋଡ୍‌ସ୍ଥିତ ଉତ୍କଳଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ(ୟୁଜିଏମଆଇଟି)ରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଏଠାରେ ପାଠ ପଢୁଥିବା ଜଣେ ଆଦିବାସୀ ଛାତ୍ରୀଙ୍କୁ ଅନୁଷ୍ଠାନର ଗଣିତ ଅଧ୍ୟାପକ ପ୍ରଦୀପ କୁମାର ତ୍ରିପାଠୀ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ରାୟଗଡ଼ା ଥାନାରେ ପୁଲିସ ୩୯୯/୨୫ରେ ଏକ ମାମଲା ରୁଜୁ କରି ଶ୍ରୀ ତ୍ରିପାଠୀଙ୍କୁ ଗିରଫ କରିଛି।

ସୂଚନାନୁଯାୟୀ, ଗତ ୨୫ତାରିଖରେ ରକ୍ତପରୀକ୍ଷା ଯାଞ୍ଚ କାର୍ଯ୍ୟକ୍ରମ ଦିନ ଅଧ୍ୟାପକ ଶ୍ରୀ ତ୍ରିପାଠୀ ଉକ୍ତ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏ ସଂପର୍କରେ ଛାତ୍ରୀଜଣଙ୍କ ଯୌନ ନିର୍ଯାତନା ଆଭ୍ୟନ୍ତରୀଣ କମିଟି ପାଖରେ ଅଭିଯୋଗ କରିଥିଲେ। ଏପରିକି, ଅଧ୍ୟକ୍ଷଙ୍କୁ ମଧ୍ୟ ଅବଗତ କରାଇଥିଲେ। କିନ୍ତୁ ଅଧ୍ୟାପକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ପୂର୍ବରୁ ମଧ୍ୟ ସଂପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଏଭଳି ଅଭିଯୋଗ ରହିଥିବା ନେଇ ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ତେବେ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା, ଛାତ୍ରୀଙ୍କ ଅଭିଯୋଗପତ୍ରକୁ ଜଣେ କମିଟି ▶ପୃଷ୍ଠା-୭

**ସଲମାନ ରାଉତ ହତ୍ୟା ମାମଲା**

## ୮ ବର୍ଷ ପରେ ୮ ଜଣଙ୍କୁ ଆଜୀବନ


**୬ ନିର୍ଦ୍ଦୋଷରେ ଖଲାସ**

■ **ଢେଙ୍କାନାଳ, ୩୧।୧୦ (ସମିସ):** ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ତରଭା ଗ୍ରାମର ବହୁଚର୍ଚ୍ଚିତ ସଲମାନ ରାଉତ ହତ୍ୟା ମାମଲାର ରାୟ ୮ ବର୍ଷ ପରେ ଆଜି ପ୍ରକାଶ ପାଇଛି। ଜିଲ୍ଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଏହି ମାମଲାର ଶୁଣାଣି କରି ୮ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ସେମାନେ ହେଲେ, ବ୍ୟୋମକେଶ ବିଶ୍ୱାଳ, ସମରେନ୍ଦ୍ର ବିଶ୍ୱାଳ, ଦେବେନ୍ଦ୍ର ସ୍ୱାଇଁ, କୁଳମଣି ବେହେରା, ତ୍ରୟମ୍ବକ ବିଶ୍ୱାଳ, ମନମୋହନ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ ଓ ହୃଦାନନ୍ଦ ବିଶ୍ୱାଳ। ୩୬ଜଣଙ୍କ ସାକ୍ଷ୍ୟ ପ୍ରମାଣ, ପୁଲିସର ତଦନ୍ତ ରିପୋର୍ଟ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଅପରପକ୍ଷେ, ଏହି ଘଟଣାରେ ପ୍ରମାଣ ଅଭାବରୁ କୋର୍ଟ ୬ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

୨୦୧୭ ପଞ୍ଚାୟତ ନିର୍ବାଚନ ବେଳେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ନିର୍ବାଚନୀ ପ୍ରଚାରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ଫେବ୍ରୁଆରୀ ୪ତାରିଖରେ ସଲମାନ ଏବଂ ତାଙ୍କ ▶ପୃଷ୍ଠା-୭

**ହତ୍ୟା ମାମଲାରେ ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟ ସାର୍ବଜନୀନ କରିବା ମହଙ୍ଗା ପଡ଼ିଲା**

# ବ୍ରହ୍ମପୁର ଏସ୍‌ପିଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା



**୭ତାରିଖ ସୁଦ୍ଧା ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ**

■ **କଟକ, ୩୧।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟକୁ ସାର୍ବଜନୀନ କରିବା ବ୍ରହ୍ମପୁର ଏସପିଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏହି ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ବ୍ରହ୍ମପୁର ଏସପିଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାକୁ ଲିଙ୍କ୍ କରି ବ୍ରହ୍ମପୁର ଏସ୍‌ପି ସାର୍ବଜନୀନ ମନ୍ତବ୍ୟ ଦେବା ଘଟଣାକୁ ନେଇ ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏସ୍‌ପିଙ୍କ ଭଳି ଜଣେ ବରିଷ୍ଠ ପୁଲିସ ଅଧିକାରୀ କିଭଳି ଓ କେଉଁ କାରଣ ପାଇଁ ଅଦାଲତରେ ବିଚାରାଧୀନ ଥିବା ମକଦ୍ଦମା ଫଳାଫଳ ସମ୍ପର୍କରେ ଏଭଳି ମନ୍ତବ୍ୟକୁ ସାର୍ବଜନୀନ କଲେ, ସେ ସମ୍ପର୍କରେ ଏସପି ସ୍ପଷ୍ଟୀକରଣ ରଖିବେ। ଏଥିସହ ଏହାକୁ କାହିଁକି ଅଦାଲତ ଅବମାନନା ବୋଲି ବିବେଚନା କରା ନଯିବ ▶ପୃଷ୍ଠା-୭

## ସରକାରୀ ଓକିଲଙ୍କ ଉପରେ ପୁଲିସର ଭରସା ନାହିଁ

**ମାମଲା ଲଢ଼ିବେ ହାଇକୋର୍ଟ ଓକିଲ**

■ **ଭୁବନେଶ୍ୱର, ୩୧।୧୦ (ସମିସ):** ବ୍ରହ୍ମପୁର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା ଲଢ଼ିବେ ନାହିଁ ବ୍ରହ୍ମପୁର ସରକାରୀ ଓକିଲ। ଏହି ମାମଲା ଲଢ଼ିବା ପାଇଁ ବ୍ରହ୍ମପୁର ପୁଲିସ ହାଇକୋର୍ଟର ଦୁଇ ବରିଷ୍ଠ ଆଇନଜୀବୀଙ୍କୁ ନିଯୁକ୍ତି ଦେବାକୁ ଗୃହ ବିଭାଗକୁ ଚିଠି ଲେଖିଛନ୍ତି। ବିକ୍ରମ ପଣ୍ଡାଙ୍କ ପକ୍ଷରୁ ମାମଲା ଲଢିବା ପାଇଁ ବ୍ରହ୍ମପୁର ବାର ଆସୋସିଏସନ୍ର ୫୦ରୁ ଊର୍ଦ୍ଧ୍ୱର୍ ଆଇନଜୀବୀ ଓକିଲାତିନାମା ଦାଖଲ କରିଥିବାରୁ ▶ପୃଷ୍ଠା-୭






## ସିଟି କଟକ

## କାଉନସିଲ ବୈଠକରେ ସୀମା ଟପିଲା ବିଶୃଙ୍ଖଳା

# ଚେୟାର୍ ଫିଙ୍ଗିଲେ, ମାଇକ୍ ଭାଙ୍ଗିଲେ

**କଟକ,୩୧।୧୦(ସମିସ):** କାଉନସିଲ ବୈଠକ ନୁହେଁ ତ ସତେ ଯେମିତି ରଣକ୍ଷେତ୍ର। ସହରର ବିକାଶ ନେଇ ଯୋଜନା କରିବା ବଦଳରେ ବିଶୃଙ୍ଖଳିତ ଆଚରଣ ଦ୍ୱାରା ଆଲୋଚନାକୁ ଅଧାରୁ ବନ୍ଦ କରିଦିଆଗଲା। ଚେୟାର ଉଠାଇ ଫିଙ୍ଗାଗଲା। ଭଙ୍ଗାଗଲା ମାଇକ, କାଚ ଗ୍ଲାସ ଆଉ ଫୁଲଦାନି। ପ୍ରତିବାଦ ଆଳରେ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି କରାଗଲା। କର୍ପୋରେଟରମାନଙ୍କ ଏଭଳି ଆଚରଣ ଦେଖି ସମସ୍ତ ଅଧିକାରୀ ବୈଠକ ସ୍ଥଳ ଛାଡ଼ି ପଳାଇଲେ। କଟକ ମହାନଗର ନିଗମର ୩୭ତମ କାଉନସିଲ ବୈଠକରେ ଆଜି ଘଟିଥିବା ଏଭଳି ଘଟଣାକୁ ନେଇ ଦୃଢ଼ ନିନ୍ଦା କରାଯାଇଛି। କାଉନସିଲରେ ଯେଭଳି ଶୃଙ୍ଖଳା ରକ୍ଷା କରାଯାଇପାରିବ, ସେଥିପାଇଁ ପରବର୍ତ୍ତୀ ସମୟରେ ସର୍ବଦଳୀୟ ବୈଠକ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିଶୃଙ୍ଖଳାକୁ ନିନ୍ଦା କରାଯିବା ସହ ମେୟର ତାଗିଦ୍ କରିଥିଲେ। ଯଦି ଭବିଷ୍ୟତରେ କୌଣସି ଆଲୋଚନା ବେଳେ ବିଶୃଙ୍ଖଳା ସୃଷ୍ଟି କରାଯାଏ, ତାହେଲେ କାଉନସିଲ ବୈଠକ ବନ୍ଦ କରାଯିବ ବୋଲି କୁହାଯାଇଥିଲା।

ଜନସାଧାରଣ ନିର୍ବାଚନ ଦ୍ୱାରା ଜନପ୍ରତିନିଧିଙ୍କୁ କଟକ ମହାନଗର ନିଗମ କାଉନସିଲକୁ ପଠାଇଛନ୍ତି। ଲୋକଙ୍କ ସମସ୍ୟା ବୁଝିବା କର୍ପୋରେଟରଙ୍କ ଗୁରୁ ଦାୟିତ୍ୱ। ଏଥିପାଇଁ କାଉନସିଲ ବୈଠକ ହେଉଛି ପ୍ରମୁଖ ମାଧ୍ୟମ। ସିଏମସି ସାଧାରଣ ପରିଷଦ ବୈଠକରେ ୱାର୍ଡର ଅସୁବିଧା ନେଇ ଆଲୋଚନା ହେବା ଦୂରର କଥା, ପରିଷଦ ସଭାଗୃହରେ ମର୍ଯ୍ୟାଦା ରକ୍ଷା କରାଯାଇପାରୁନାହିଁ। ଆଜି ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ସହ ବାଲିଯାତ୍ରାରେ ସିଏମସିର ପଦକ୍ଷେପ ନେଇ ଆଲୋଚନା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁଙ୍କ ଦେହାନ୍ତ ନେଇ ଶୋକ ପ୍ରସ୍ତାବ ଆଗତ କରାଯିବା ପରେ ଆଲୋଚନା ଆରମ୍ଭରୁ କିଛି କର୍ପୋରେଟର ବିଭିନ୍ନ ପ୍ରସଙ୍ଗକୁ ନେଇ ହୋହାଲ୍ଲା କରିଥିଲେ।





କର୍ପୋରେଟର ରାକେଶ ସ୍ୱାଇଁ ନିଜ ୱାର୍ଡରେ ଜିମ୍ ଉପକରଣ ସିଏମସି ଦ୍ୱାରା ଲଗାଯାଇଥିଲେ ମଧ୍ୟ ତାଙ୍କୁ ଏ ବିଷୟରେ ଅବଗତ କରାଯାଇ ନଥିବା ନେଇ ପ୍ରତିବାଦ କରିଥିଲେ। ଅନ୍ୟ କିଛି କର୍ପୋରେଟର ମଧ୍ୟ ଅନୁରୂପ ଅଭିଯୋଗ ଆଣିଥିଲେ। ତେବେ ପ୍ରସଙ୍ଗ ଉଠାଇବାବେଳେ କର୍ପୋରେଟର ଶ୍ରୀ ସ୍ୱାଇଁ ଉତ୍କ୍ଷିପ୍ତ ହୋଇ ସଭା ମଧ୍ୟକୁ ଚେୟାର ଫୋପାଡ଼ିଥିଲେ। ଏପରିକି କାଚ ଗ୍ଲାସ, ମାଇକ ଓ ଫୁଲଦାନି ଭାଙ୍ଗିଥିଲେ। ଏହି ସମୟରେ ବିଜେଡିରେ ଜଣେ କର୍ପୋରେଟର ତାଙ୍କ ପ୍ରତି ଅପଶବ୍ଦ ବ୍ୟବହାର କରିଥିବା ଅଭିଯୋଗ ହେବାରୁ କିଛି ବିଜେପି କର୍ପୋରେଟର ଏହାର ପ୍ରତିବାଦ କରିଥିଲେ। ବିଜେଡି ଏବଂ ବିଜେପି କର୍ପୋରେଟରଙ୍କ ମଧ୍ୟ କଥା କଟାକଟି ଏବଂ ଆରୋପ ପ୍ରତ୍ୟାରୋପ ଲାଗିଥିଲେ। ମେୟରଙ୍କ ସମେତ କଂଗ୍ରେସ କର୍ପୋରେଟର ବୁଝାସୁଝା କରିବାରୁ ସ୍ଥିତି ଶାନ୍ତ ପଡ଼ିଥିଲା। ହେଲେ ବୈଠକ ଚାଲିପାରି ନଥିଲା।

### ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ପ୍ରବେଶିକା ଉତ୍ସବ

## ‘ଆୟୁର୍ବେଦ ହେଉଛି ଶାଶ୍ୱତ, ଏହାର ବୈଜ୍ଞାନିକ ଆଧାର ଯୁକ୍ତିସଙ୍ଗତ’




**କଟକ,୩୧।୧୦(ସମିସ):** ଆୟୁର୍ବେଦ ହେଉଛି ଶାଶ୍ୱତ, ମହାଭାରତ ଯୁଦ୍ଧରେ ସଞ୍ଜୟ ଦିବ୍ୟଦୃଷ୍ଟିରେ ସବୁ ଦେଖି ଧୃତରାଷ୍ଟ୍ରଙ୍କୁ କହୁଥିଲେ। ଏହା କେବଳ ଆୟୁର୍ବେଦ ତଥା ଭାରତୀୟ ଶାସ୍ତ୍ର ଦ୍ୱାରା ହିଁ ସମ୍ଭବ। ସମାଜକୁ ଏହାର ଯୁକ୍ତିସଙ୍ଗତ ବୈଜ୍ଞାନିକ ଆଧାର ସମ୍ପର୍କରେ ଆପଣମାନେ ବୁଝାଇବେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ଗୁରୁବାର ୨୦୨୫-୨୬ ଶିକ୍ଷା ବର୍ଷର ନୂତନ ବିଦ୍ୟାର୍ଥୀଙ୍କ ଆୟୁର୍ ପ୍ରବେଶିକା ଉତ୍ସବ ଅବସରରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଏକଥା କହିଛନ୍ତି ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଡ. ଅନିଲ ଶର୍ମା। କାର୍ଯ୍ୟକ୍ରମରେ ଯୋଗଦେଇ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଆୟୁର୍ବେଦକୁ ବେଦର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ବର୍ଣ୍ଣନା କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ତଥା ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଡେପୁଟି ଡିନ୍ (ଗବେଷଣା) ପ୍ରଫେସର ଦୁର୍ଗା ପ୍ରସାଦ ଦାଶ ମହାବିଦ୍ୟାଳୟର ଐତିହାସିକ ଭିତ୍ତିଭୂମି ଏବଂ ଉଦ୍ଦେଶ୍ୟ ବିଷୟରେ ଜଣାଇଥିଲେ। ଛାତ୍ର କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଜୟପ୍ରକାଶ ଭଟ୍ଟ କ୍ୟାମ୍ପସ ତଥା ମହାବିଦ୍ୟାଳୟର ନିୟମ ବିଷୟରେ ସୂଚାଇଥିଲେ। ସମ୍ମାନିତ ଅତିଥିଭାବରେ ଯୋଗଦେଇଥିବା ବିଶ୍ୱବିଦ୍ୟାଳୟ ରିସର୍ଚ୍ଚ ଆଣ୍ଡ ଏକାଡେମିକ୍ସ ବିଭାଗର ଡିନ୍ ପ୍ରଫେସର କେଶରୀ ସିଂହ ପରିଶ୍ରମ ହିଁ ଆଗକୁ ବଢ଼ିବାର ମାନଦଣ୍ଡ ବୋଲି କହିଥିଲେ। ଡେପୁଟି ଡିନ୍ (ବିଦ୍ୟାର୍ଥୀ ବ୍ୟାପାର) ପ୍ରଫେସର ନଗେନ୍ଦ୍ର ପ୍ରସାଦ ଆୟୁର୍ବେଦର ଭବିଷ୍ୟତ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଡେପୁଟି ଡିନ୍(ଏକାଡେମିକ୍ସ) ପ୍ରଫେସର କ୍ଷୀରାବ୍ଧି ତନୟା ରାଉତରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବରିଷ୍ଠ ବିଦ୍ୟାର୍ଥୀମାନେ ବିଶ୍ୱବିଦ୍ୟାଳୟରେ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ନବାଗନ୍ତୁକ ବିଦ୍ୟାର୍ଥୀ ଉପସ୍ଥିତ ରହି ବରିଷ୍ଠମାନଙ୍କଠାରୁ ପ୍ରେରଣା ପ୍ରାପ୍ତ ହୋଇଥିଲେ।

## କଟକ କଲେଜରେ ରାଷ୍ଟ୍ରୀୟ ଏକତା ଦିବସ




**କଟକ,୩୧।୧୦(ସମିସ):** କଟକ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ଅଧ୍ୟକ୍ଷା ଡ. ଶୁଭଦର୍ଶିନୀ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାର୍ଥୀମାନେ ରାଷ୍ଟ୍ରୀୟ ଏକତା ରକ୍ଷା ତଥା ସଦଭାବନା ପ୍ରତିଷ୍ଠା ନିମନ୍ତେ ଶପଥ ନେଇଥିଲେ। ଏଥି ସହିତ ପ୍ରାକ୍ତନ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କର ଦେଶ ପ୍ରତି ଅବଦାନର ସ୍ମରଣ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଡ. ପ୍ରଣତୀ ପଟ୍ଟନାୟକ, ରେଡକ୍ରସ୍ ଅଫିସର କୁମାର ପ୍ରଦୀପ୍ତ ମିଶ୍ର, ହେଡ୍ କ୍ଲର୍କ କମଳଲୋଚନ ସାମଲ, ଅଧ୍ୟାପକ ମଣ୍ଟୁ ଜେନା, ଆକାଉଣ୍ଟାଣ୍ଟ ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡା ପ୍ରମୁଖଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିଇଓ ଅର୍ଚ୍ଚନା ସାହୁଙ୍କ ସମେତ ଶଶି ଶେଖର ପଣ୍ଡା ଓ ତ୍ରିଲୋଚନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ରେଡ୍ କ୍ରସ୍ ଟିମ୍ ଲିଡର ନାଜମିନ୍ ସୁଲତାନା, ସୁଜଲ୍ ସ୍ୱାଇଁ ଓ ଅମିତ୍ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କର୍ପୋରେଟରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



**କଟକ,୩୧।୧୦(ସମିସ):** ସିଏମସି ୫ ନମ୍ବର ୱାର୍ଡ କର୍ପୋରେଟର ତଥା ସମାଜସେବୀ ପ୍ରିୟମ୍ବଦା ସ୍ୱାଇଁଙ୍କ ବିୟୋଗରେ ଆଜି ସନ୍ଧ୍ୟାରେ ସେକ୍ଟର ୭ ପୂଜା ମଣ୍ଡପଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗୀୟ ସ୍ୱାଇଁଙ୍କର ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ ତାଙ୍କର ନିଷ୍ଠାପର ସେବା ପାଇଁ ସମସ୍ତଙ୍କର ଶ୍ରଦ୍ଧା ଭାଜନ ହୋଇପାରିଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ଆଇନ କମିଶନର ସଦସ୍ୟ ସୌରୀ ମହାପାତ୍ର, ଡ. ସତ୍ୟ ରାୟ, ସବିତା ରଞ୍ଜନ ପଟ୍ଟନାୟକ, ଗିରିବାଳା ବେହେରା, ଦେବେନ୍ଦ୍ର ସୂତାର, ବଂଶୀଧର ରାଉତ, ପ୍ରକାଶ ସିଂହ, ଧୀରେନ୍ଦ୍ର ପ୍ରତାପ, ଅମିତା ମହାନ୍ତି, ଦୋଳଗୋବିନ୍ଦ ସାହୁ, ପ୍ରଜ୍ଞା ଜେନା ଓ ସୌଭାଗ୍ୟ ମଞ୍ଜରୀ ମହାନ୍ତି ଓ ବିଜୟ ଓଝା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ପ୍ରକାଶିତ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

## ଛାତ୍ର ସମାବେଶ ଓ ଦେଶବ୍ୟାପୀ ଛାତ୍ର ଆନ୍ଦୋଳନ ପାଇଁ ଆହ୍ୱାନ




**କଟକ,୩୧।୧୦(ସମିସ):** ଭାରତରେ ଛାତ୍ର ଆନ୍ଦୋଳନର ଗୌରବମୟ ସାତ ଦଶନ୍ଧି ଓ ୫୦ ବର୍ଷ ପୂର୍ବେ ୧୯୭୪ରେ କଟକ ମାଟିରେ ହୋଇଥିବା ସର୍ବଭାରତୀୟ ଛାତ୍ର ସମ୍ମିଳନୀକୁ ସ୍ମରଣ କରି ଆଜି କଟକର କଳା ବିକାଶ କେନ୍ଦ୍ରରେ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଓ ଆମ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶହ ଶହ ଛାତ୍ରଛାତ୍ରୀ ତଥା ଏଆଇଡିଏସଓର ପ୍ରାକ୍ତନ କର୍ମୀମାନେ ଏହି ସମାବେଶରେ ଯୋଗଦେଇଥିଲେ। ଗୋପବନ୍ଧୁ ବାଗରେ ମହାନ ନବଜାଗରଣ ଧାରାର ପୁରୋଧା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ କେନ୍ଦ୍ରୀୟ ପରିଷଦର ସଭ୍ୟମାନେ ଯାଇ ମାଲ୍ୟାର୍ପଣ କରିଥିଲେ। ନବଜାଗରଣର ମହାମନିଷୀ ତଥା ସ୍ୱାଧୀନତା ସଂଗ୍ରାମର ଆପୋଷହୀନ ଧାରାର ନେତାମାନଙ୍କ ପ୍ରେରଣାଦାୟକ ଉଦ୍ଧୃତି ପ୍ରଦର୍ଶନୀକୁ କଳା ବିକାଶ କେନ୍ଦ୍ରଠାରେ ଏଆଇଡିଏସଓର ପୂର୍ବତନ ନେତା ବିଷ୍ଣୁ ଦାସ ଉଦଘାଟନ କରିଥିଲେ। ଏହି ସମାବେଶରେ ଏଆଇଡିଏସଓର ପୂର୍ବତନ କେନ୍ଦ୍ରୀୟ ନେତା ଚଣ୍ଡିଦାସ ଭଟ୍ଟାଚାର୍ଯ୍ୟ ଏବଂ ଦ୍ୱାରିକାନାଥ ରଥ ଅତିଥିବକ୍ତା ଭାବେ ନିଜର ଉଦବୋଧନ ଦେଇଥିଲେ। ବକ୍ତାମାନେ ୧୯୭୪ରେ କଟକରେ ଅନୁଷ୍ଠିତ ଐତିହାସିକ ସର୍ବଭାରତୀୟ ଛାତ୍ର ସମ୍ମିଳନୀକୁ ସ୍ମରଣ କରିଥିଲେ। ସେହି ଛାତ୍ର ସମ୍ମିଳନୀରୁ ଏଆଇଡିଏସଓର ଶିକ୍ଷା ଓ ଛାତ୍ରଛାତ୍ରୀଙ୍କ ଦାବିକୁ ନେଇ ଦେଶବ୍ୟାପୀ ଛାତ୍ର ଆନ୍ଦୋଳନର ନବଧାରା ଆରମ୍ଭ ହୋଇଥିଲା। ଅତିଥି ବକ୍ତାମାନେ ନିଜର ଅଭିଭାଷଣରେ ଶିକ୍ଷା, ସଂସ୍କୃତି ଏବଂ ମାନବତାକୁ ରକ୍ଷା କରିବା ପାଇଁ ଅତୀତରୁ ଶିକ୍ଷା ନେଇ ଆଜିର ସମୟରେ ନିଜକୁ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିଲେ। ମାର୍କ୍ସବାଦୀ ଦାର୍ଶନିକ ଶିବଦାସ ଘୋଷଙ୍କ ଲେଖାର ଏକ ସଂକଳନ "ଦି ଟାଇମ୍ କଲ୍ସ' ପୁସ୍ତକକୁ ଏଆଇଡିଏସଓର ପ୍ରାକ୍ତନ ନେତା ଶଙ୍କର ଦାସଗୁପ୍ତ ଉଦଘାଟନ କରିଥିଲେ। ଏଆଇଡିଏସଓ କେନ୍ଦ୍ରୀୟ ପରିଷଦର ସଭାପତି ସୌରଭ ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଏଆଇଡିଏସଓର ସାଧାରଣ ସମ୍ପାଦକ ଶିବାଶିଷ ପ୍ରହରାଜ ଓ ବିଭିନ୍ନ ରାଜ୍ୟର ଛାତ୍ରନେତାମାନେ ନିଜର ବକ୍ତବ୍ୟ ରଖିଥିଲେ। ରାଜ୍ୟ ସଭାପତି ସୋମନାଥ ବେହେରା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟଦାନ କରିଥିଲେ ଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ ସମାବେଶର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

## ଓଇଆ କାର୍ଯ୍ୟାଳୟରେ ସଚେତନତା ଶିବିର



**କଟକ,୩୧।୧୦(ସମିସ):** ଓଡିଶା ଯୁବ ଶିଳ୍ପଦ୍ୟୋଗୀ ସଂଘ (ଓଇଆ) ଓ ଏମଏସଏମ ୟୁନିଫାଏ, ଗୁରୁଗ୍ରାମର ମିଳିତ ଆନୁକୂଲ୍ୟରେ ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ଓଇଆ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏମଏସଏମଇ କମ୍ପିଟିଟିଭ ଲୀନ ଯୋଜନାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଆଲୋଚନାଚକ୍ରରେ ଲୀନ ଯୋଜନାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସମସ୍ତ ଏମଏସଏମଇ ମାନଙ୍କର କିପରି ସବିଶେଷ ଉନ୍ନତି ସହିତ ସେମାନଙ୍କର ୟୁନିଟ କିପରି ଲାଭବାନ ହୋଇପାରିବ ତାହା ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍ପାଦନ ସମ୍ବନ୍ଧୀୟ ଯେକୌଣସି ବାଧାବିଘ୍ନ ଉପୁଜିଲେ ଶିଳ୍ପଦ୍ୟୋଗୀମାନେ କିପରି ଲୀନ ଯୋଜନାର ସଦୁପଯୋଗ କରିପାରିବେ ସେ ବିଷୟରେ ଧ୍ୟାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଇଆର ସଭାପତି ମିହିର କାନୁନଗୋ, ସାଧାରଣ ସମ୍ପାଦକ ଡ. ଶିବବ୍ରତ ରାଉତ, ଉପସଭାପତି ବିଜୟ ସାହୁ, ମିସ ଚନ୍ଦନା ଦାସ, ସଭାପତି, ଓଇଆ ଖୋର୍ଦ୍ଧା ଜିଲ୍ଲା, ଏମଏସଏମ ୟୁନିଫାଏର ପ୍ରକଳ୍ପ ମୁଖ୍ୟ, ସାଗର ପରିଡା ଓ ପ୍ରଭାସିନୀ ସାହୁ ଉପସ୍ଥିତ ରହି ଓଇଆର ନୂତନ ୱେବସାଇଟ ଉନ୍ମୋଚନ କରିବା ସହିତ ଲୀନ ଯୋଜନାର ଉପକାରିତା ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉଦ୍ୟୋଗୀ ସଂସ୍ଥାଙ୍କୁ ଲୀନ ଯୋଜନା ମାଧ୍ୟମରେ ପଞ୍ଜିକରଣ କରାଯାଇ ସେମାନଙ୍କର ଉତ୍ପାଦନ କ୍ଷମତା କିପରି ବଢ଼ାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏମଏସଏମ ୟୁନିଫାଏ ତରଫରୁ ଅମିତ ରଞ୍ଜନ ଲୀନ ଯୋଜନାକୁ ଉପସ୍ଥାପନ କରିଥିଲେ ଏବଂ ଏମଏସଏମ ୟୁନିଫାଏର ପ୍ରକଳ୍ପ ମୁଖ୍ୟ, ସାଗର ପରିଡ଼ା ଉପସ୍ଥିତ ଥିବା ପଚାଶରୁ ଅଧିକ ଉଦ୍ୟୋଗୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ।

### ଐତିହାସିକ ବାଲିଯାତ୍ରା କଟକ - ୨୦୨୫

# ଗଡ଼ଗଡ଼ିଆ ଘାଟରୁ କଳିଙ୍ଗ ତରଙ୍ଗିଣୀର ଶୁଭାରମ୍ଭ





**କଟକ,୩୧।୧୦(ସମିସ):** ଐତିହାସିକ ବାଲିଯାତ୍ରା କଟକ ୨୦୨୫ ପାଇଁ ଆଉ ମାତ୍ର ୪ ଦିନ ରହିଥିବାବେଳେ ଆଜି ମହାନଦୀର ଗଡ଼ଗଡ଼ିଆ ଘାଟଠାରେ କଳିଙ୍ଗ ତରଙ୍ଗିଣୀର ଶୁଭାରମ୍ଭ କରାଯାଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନସଚିବ ଅନୁ ଗର୍ଗ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ମିତ ଏହି ନୂତନ ବୋଇତର ଶୁଭାରମ୍ଭ କରିଛନ୍ତି। ପାରମ୍ପରିକ ରୀତିମତେ ପୂଜାର୍ଚ୍ଚନା କରାଯାଇ ବୋଇତର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ କିରନଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା ଓ ଜିଲ୍ଲାର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବାଲିଯାତ୍ରା ପରେ ଏହି ବୋଇତରେ ପର୍ଯ୍ୟଟକମାନେ ମହାନଦୀର ନୀଳ ଜଳରାଶିରେ ବୁଲିବାର ଅନୁଭବ ସାଉଁଟି ପାରିବେ। କଳିଙ୍ଗ ତରଙ୍ଗିଣୀ ଆମ ଐତିହ୍ୟର ଜୀବନ୍ତ ପ୍ରତୀକ। ପ୍ରାଚୀନ କଳିଙ୍ଗର ବୋଇତ ନିର୍ମାଣ ଶୈଳୀରେ ନିର୍ମିତ ଏହି ନୌକା ଆମକୁ ସେହି ସୁବର୍ଣ୍ଣ ଯୁଗକୁ ଏକ ସ୍ୱପ୍ନ ଭଳି ଫେରାଇନିଏ, ଯେତେବେଳେ କଳିଙ୍ଗର ଦୁର୍ଦ୍ଧର୍ଷ ନାବିକ ଓ ସାଧବମାନେ ମହାନଦୀର ଗଡ଼ଗଡ଼ିଆ ଘାଟରୁ ବାହାରି କଳିଙ୍ଗ ସାଗରର ନୀଳ ଜଳରାଶିକୁ ଅତିକ୍ରମ କରି ବାଲି, ଜାଭା, ସୁମାତ୍ରା, ଶ୍ରୀଲଙ୍କା ଓ ଅନ୍ୟାନ୍ୟ ଦୂର ଦ୍ୱୀପଦେଶଗୁଡ଼ିକୁ ବାଣିଜ୍ୟ କାରବାର କରିବାକୁ ଯାଉଥିଲେ। ଏହି ଯାତ୍ରା କେବଳ ବାଣିଜ୍ୟିକ ଯାତ୍ରା ନଥିଲା ବରଂ ସାଂସ୍କୃତିକ ଆଦାନପ୍ରଦାନର ଏକ ମାଧ୍ୟମ ଥିଲା; ଯାହା ଉଭୟ ସମୁଦ୍ର ସେପାରି ଓ ଏପାରିର କଳା, ସଂସ୍କୃତି, ବେଶଭୂଷା ଓ ଖାଦ୍ୟପେୟରେ ପ୍ରତିଫଳିତ ହେଉଛି। ଐତିହାସିକ ବାଲିଯାତ୍ରା କଟକ ୨୦୨୫ ଅବସରରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ମିତ ଏହି ‘କଳିଙ୍ଗ ତରଙ୍ଗିଣୀ’ ଆମ ସ୍ମୃତିରେ ଉତ୍କଳର ଗୌରବମୟ ନୌବାଣିଜ୍ୟ ପରମ୍ପରାକୁ ଓ ସାମୁଦ୍ରିକ ଐତିହ୍ୟକୁ ପୁଣି ଉଜ୍ଜୀବିତ କରିପାରିବ। ଏହା ଆମକୁ ମନେ ପକାଇଦେବ ଯେ, ବାଲିଯାତ୍ରା କେବଳ ଏକ ମେଳା ନୁହେଁ ବରଂ ଏହା ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏକ ସମ୍ପର୍କର ସେତୁ। ସଂସ୍କୃତି ଓ ଆଧୁନିକତାର ସମ୍ମିଳନ। ଓଡ଼ିଶା ଓ ବିଶ୍ୱର ସମ୍ପର୍କର ପ୍ରତିକ। ମହାନଦୀର ନୀଳ ଜଳରାଶିରେ ତରଙ୍ଗାୟିତ ହୋଇ ‘କଳିଙ୍ଗ ତରଙ୍ଗିଣୀ’ ଲକ୍ଷ ଲକ୍ଷ ଓଡ଼ିଆଙ୍କ ଗର୍ବ, ଆଶା ଓ ଆତ୍ମବିଶ୍ୱାସକୁ ଜାବୁଡି ଧରି ମନେପକାଇ ଦେଉଥିବ ଯେ କଳିଙ୍ଗର ତରଙ୍ଗ ସର୍ବଦା ଜୀବନ୍ତ, ଗତିଶୀଳ ଓ ଅଦମ୍ୟ। ନବସୃଜନକୁ ସ୍ୱାଗତ କରି ନବଦିଗନ୍ତ ଆଡକୁ ଯାତ୍ରା କରିବା ନିମନ୍ତେ ସର୍ବଦା ପ୍ରସ୍ତୁତ ଏଇ ଜାତି।

## ଅଁଳା ନବମୀ ଓ ଶ୍ରୀ ରାଧାପାଦ ଦର୍ଶନ



ଦାମନଯୋଡ଼ି,୩୧।୧୦(ସମିସ): ପବିତ୍ର କାର୍ତ୍ତିକ ଶୁକ୍ଳ ନବମୀ ବା ଅଁଳା ନବମୀ ଶୁକ୍ରବାର ଦାମନଯୋଡ଼ିରେ ପାଳିତ ହୋଇଯାଇଛି। ମନ୍ଦିରରେ ଦେବାଦେବୀଙ୍କ ପାଖରେ ଅଁଳା ଭୋଗ ଲାଗି ହୋଇଥିଲା। ସେକ୍ଟର ୧ ଶ୍ରୀଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଠାରେ ସ୍ୱତନ୍ତ୍ର ପୂଜାନୀତି ହୋଇଥିଲା। ମନ୍ଦିର ପରିସରରେ ଥିବା ଶ୍ରୀରାଧାକୃଷ୍ଣ ମନ୍ଦିରରେ ଶ୍ରଦ୍ଧାଳୁ ମାନେ ଶ୍ରୀ ରାଧାପାଦ ଦର୍ଶନ କରିଥିଲେ। ପୂଜକ ଅଜୟ କୁମାର ପଣ୍ଡା, ବିଜୟ କୁମାର ପଣ୍ଡା, ବିପିନ ବିହାରୀ ପଣ୍ଡା ଓ ଅମୀୟ କୁମାର ସାମନ୍ତରାୟ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମାଥାଲପୁଟ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିରରେ ହୋଇଥିବା ସ୍ୱତନ୍ତ୍ର ପୂଜାରେ ପୂଜକ ପ୍ରଣୟ ଦେବତା ଓ ପ୍ରତାପ ପଣ୍ଡା,ସେକ୍ଟର ୩ମନ୍ଦିରରେ ପୂଜକ ଅଭିମନ୍ୟୁ ପଣ୍ଡା ଓ ନୀଳାଚଳ ମହାପାତ୍ର ପୂଜାନୀତି କରିଥିଲେ। ଶ୍ରଦ୍ଧାଳୁ ମାନେ ଶ୍ରୀ ରାଧାପାଦ ଦର୍ଶନ ସହିତ ଭୋଗଲାଗି କରିଥିଲେ। ଅଁଳା ନବମୀ ଅବସରରେ ଶ୍ରଦ୍ଧାଳୁମାନେ ଅଁଳାଗଛ ମାନଙ୍କୁ ପୂଜାର୍ଚ୍ଚନା କରି ପରିକ୍ରମା କରିଥିଲେ। ଗଛମୂଳକୁ ପରିଷ୍କାର କରି ଶଙ୍ଖା,ସିନ୍ଦୂର, ହଳଦୀ,ଶାଢୀ ସହିତ ଫୁଲ, ଚନ୍ଦନ ଦେଇ ଭୋଗଲାଗି କରିଥିଲେ। ଅଁଳା ଗଛକୁ ଧାତ୍ରୀ ରୂପେ ପୂଜା କରାଯିବା ବିଧି ରହିଛି। ଦାମନଯୋଡ଼ିର ବିଭିନ୍ନ ଶିବାଳୟ ସମେତ ଅନ୍ୟ ଦେବାଦେବୀଙ୍କ ମନ୍ଦିର ମାନଙ୍କରେ ମଧ୍ୟ ଅଁଳା ନବମୀ ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା।

## କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧିଙ୍କୁ ଶ୍ରଦ୍ଧାଞ୍ଜଳି



କୁନ୍ଦୁରା, ୩୧।୧୦(ସମିସ): କୁନ୍ଦୁରା ବ୍ଲକ ସଦର ମହାକୁମାସ୍ଥିତ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଭାରତର ପ୍ରଥମ ଏବଂ ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୪୧ ତମ ଶ୍ରାଦ୍ଧ ବାର୍ଷିକୀ ଦିବସ ପାଳିତ ହୋଇଯାଇଛି। କୁନ୍ଦୁରା ବ୍ଲକ କଂଗ୍ରେସ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜତ କାର୍ଯ୍ୟକ୍ରମରେ ସମ୍ପାଦକ ଦୈତାରୀ ମଲ୍ଲିକ, ରାଜ୍ୟ କଂଗ୍ରେସ ପିସିସି ସଦସ୍ୟ ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷ ସୁରେନ୍ଦ୍ର ପରଜା, ଯୁବ ନେତା ରାଜେଶ ଗୁରୁ, ବିଶ୍ୱନାଥ ଜେନା, ରାମନାଥ ପ୍ରଧାନୀ, ସୁରଜ ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଇନ୍ଦିରା ଗାନ୍ଧିଙ୍କ ଶ୍ରାଦ୍ଧ ଦିବସ ପାଳିତ



ପାପଡାହାଣ୍ଡି ୩୧।୧୦ (ସମିସ): ଆଜି ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଡ଼. ଲିପିକା ମାଝୀଙ୍କ ନେତୃତ୍ୱରେ ଜିଲ୍ଲା ସ୍ତରୀୟ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର ୧୦ ଗୋଟି ବ୍ଲକ ଏବଂ ଦୁଇ ପୌରପାଳିକାରୁ ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଏବଂ ନେତା ପାପଡାହାଣ୍ଡି ସ୍ଥିତ ଡିଓର ପାର୍କ ଠାରେ ଏକତ୍ରିତ ହୋଇଥିଲେ । ଏକ ବିରାଟ ବାଇକ ରାଲିରେ ବାହାରି ଜାମୁଗୁଡା ସ୍ଥିତ ଆରଏମସି ପଡିଆ ଠାରେ ପହଞ୍ଚି ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଫୋଟଚିତ୍ରରେ ମାଲ୍ୟାପ୍ରଣ ଏବଂ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି ଶ୍ରାଦ୍ଧ ବାର୍ଷିକ ଦିବସରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦଳ ନେତା ତଥା ପଟାଙ୍ଗୀ ବିଧାୟକ ରାମ କାଡାମ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ସଦନ ନାୟକ , ପୂର୍ବତନ ବିଧାୟକ ଭୁଜବଳ ମାଝୀ , ବରିଷ୍ଠ ନେତା ଦିଲୀପ ବେହେରା ,ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଟି ନାଗା ରତ୍ନମ, ପୂର୍ବତନ ଜିଲ୍ଲା କଂଗ୍ରେସ କମିଟି ସଭାପତିମୁନା ତ୍ରିପାଠୀ , ଡାବୁଗାଁ ବ୍ଲକ ସଭାପତି ଜି ସାଇରାଜୁ, ପାପଡାହାଣ୍ଡି ବ୍ଲକ ସଭାପତି ସେକ ୱାଜିର ହୁସେନ, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦାବନ ତ୍ରିପାଠୀ, ଖେମରାଜ ବାଗ, ପିସିସି ମେମ୍ବର ସଂଜୀବ ବିଷୋୟୀ, ଆକବର ହୁସେନ , ଈଶ୍ୱର ମିର୍ଗାନ, ତେନ୍ତୁଳୀଖୁଣ୍ଟି ବ୍ଲକ ସଭାପତି ପ୍ରହ୍ଲାଦ ହିଆଲ, ଉମରକୋଟ ବ୍ଲକ ସଭାପତି କୃଷ୍ଣ ମାଝୀ, ଝରୀଗାଁ ବ୍ଲକ ସଭାପତି ତମ୍ବୁଦାସ ପନକା, କସାଗୁମୁଡା ବ୍ଲକ ସଭାପତି ପଦ୍ମସାଇ ମାଝୀ ଏବଂ ଅନେକ ବରିଷ୍ଠ ନେତା ମଞ୍ଚାସୀନ ଥିଲେ।

# ‘ମୋନ୍ଥା’ ପ୍ରଭାବରେ ଫସଲ ନଷ୍ଟ, ଚିନ୍ତାରେ ଚାଷୀ





ରାୟଗଡ଼ା, ୩୧।୧୦(ସମିସ): ବାତ୍ୟା ମୋନ୍ଥାକୁ ନେଇ ରେଡ୍ ଆଲର୍ଟରେ ରାୟଗଡ଼ା ଜିଲ୍ଲା ରହିଥିଲେ ସୁଦ୍ଧା ଏହାର ପ୍ରଭାବ ସେତେଟା ଭୟଙ୍କର ହୋଇ ନ ଥିଲେ ମଧ ତିନି ଦିନ ଧରି ହୋଇଥିବା ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ବ୍ଲକରେ ଚାଷୀଙ୍କ ଜମିରେ ଅମଳ ହୋଇଥିବା ବିଭିନ୍ନ ଫସଲ ପାଣିରେ ବୁଡି ନଷ୍ଟ ହୋଇଛି। ଆଉ ଏହି ନଷ୍ଟ ହୋଇଥିବା ଫସଲକୁ ଚାହିଁ ଏବଂ କ୍ଷତିପୂରଣ ପାଇବା ନେଇ ଚିନ୍ତାରେ ପଡିଛନ୍ତି ଚାଷୀକୂଳ। ଅପରପକ୍ଷେ ଜିଲ୍ଲାରେ ଫସଲ ନଷ୍ଟ ସମ୍ବନ୍ଧୀତ ରିପୋର୍ଟକୁ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ,ଉଦ୍ୟାନ କୃଷି ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ମିଳିତରେ ସର୍ଭେ କାମ ଚାଲିଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ହରପ୍ରସାଦ ହେପୃକା ସଦର ବ୍ଲକ୍ ଅଧିନସ୍ଥ ପିପଲଗୁଡା, କାରୁବାଇ,ବଡଆଲୁବାଡି ଭଳି ୩ଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରି ବାତ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ଚାଷୀମାନଙ୍କ ସହ ଆଲୋଚନା କରି ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ ନିମନ୍ତେ ସମ୍ପୃକ୍ତ ପଞ୍ଚାୟତର କୃଷି, ଉଦ୍ୟାନ କୃଷି ଏବଂ ରାଜସ୍ୱ ନିରୀକ୍ଷକମାନଙ୍କୁ ଚାଷୀମାନଙ୍କ ନାମ ତାଲିକା ଏବଂ ଯୋଗାଯୋଗ ନମ୍ବର ଦେଇ ସହାୟତା ପ୍ରଦାନ ନିମନ୍ତେ ଆଲୋଚନା କରିଥିବା ଉପାଧ୍ୟକ୍ଷ ଶ୍ରୀ ହେପୃକା ପ୍ରକାଶ କରିଛନ୍ତି। ଉପାଧ୍ୟକ୍ଷ ଶ୍ରୀ ହେପୃକାଙ୍କ ପରିଦର୍ଶନ

### ଚାଷୀଙ୍କ ସହ ଆଲୋଚନା କଲେ ବ୍ଲକ୍ ଉପାଧ୍ୟକ୍ଷ

ସମୟରେ ପିପଲଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୋରିଗୁଡା ଗ୍ରାମର ଚାଷୀ ମହନାମୋହନ କିଲାକା,ଉହାପାକା ଗ୍ରାମର ବିଜୁ ଜିଲାକାରା, କାରୁବାଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସଦର କାରୁବାଇ ଗ୍ରାମର ନିଳାବତୀ ମାଣ୍ଡାଙ୍ଗି, ପେଦାକାସୁପାଢୁ ଗ୍ରାମର ରାମ ମାଣ୍ଡାଙ୍ଗି, ବଡ ଆଲୁବାଡି ପଞ୍ଚାୟତର ପାଲେରପାଢୁ ଗ୍ରାମର ଚାଷୀ ଜଗନ୍ନାଥ ଜିଲାକାରା,ବାସୁଦେବ ଜିଲାକାରା, ସାନକାସୁପାଢୁ ଗ୍ରାମର ପାତ୍ର ଜିଲାକାରା,ଏମାନା ଜିଲାକାରା,ପ୍ରଦୀପ ଜିଲାକାରା ଏବଂ ବଡଆଲୁବାଡି ଗ୍ରାମର ଚାଷୀ ପ୍ରତାପ ମାଣ୍ଡାଙ୍ଗିଙ୍କ ନଷ୍ଟ ହୋଇଥିବା ଧାନ ଫସଲ ବୁଲି ଦେଖିଥିଲେ। ରାଜ୍ୟ ସରକାର ତୁରନ୍ତ ପ୍ରଭାବିତ ଚାଷୀଙ୍କୁ କ୍ଷତିପୂରଣ ଦେଇ ତାଙ୍କର ଆର୍ଥିକ ଅବସ୍ଥାକୁ ସୁଦୃଢ କରିବାରେ ସହାୟକ ହୁଅନ୍ତୁ ବୋଲି କହିଛନ୍ତି।

### ରକ୍ତ ଭଣ୍ଡାର ଜଗୁଛନ୍ତି ପୂର୍ବତନ ମାଓବାଦୀ

# କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭେଟିଥିଲେ ଧନଞ୍ଜୟ



ମାଲକାନଗିରି,୩୧।୧୦(ସମିସ): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାରକୁ ସୁରକ୍ଷା ଯୋଗାଉଛନ୍ତି ଜଣେ ପୂର୍ବତନ ମାଓବାଦୀ। ଏକଦା ମାଓଗଡରେ ରହି ହିଂସାକାଣ୍ଡ ଘଟାଇବା ସହ ସଂଗଠନରେ ଆହତ ଓ ଅସୁସ୍ଥ ମାଓବାଦୀଙ୍କୁ ଚିକିତ୍ସା ସେବା ଯୋଗାଉଥିବା ଧନଞ୍ଜୟ ଗୋପ୍ ଓରଫ ସୁଧୀର ସାଧାରଣ ଜୀବନ ଯାପନ ପାଇଁ କିଛି ବର୍ଷ ପୂର୍ବେ ଆତ୍ମସମର୍ପଣ କରିଥିଲେ। ଏହି ଆତ୍ମସମର୍ପଣ ପରେ ତାଙ୍କୁ ମାଲକାନଗିରି ପ୍ରଶାସନ ଜିଲ୍ଲା ରକ୍ତ ଭଣ୍ଡାରରେ ସିକ୍ୟୁରିଟି ଗାର୍ଡ ଭାବେ ନିଯୁକ୍ତି ଦେଇଥିଲେ। ଦିନେ କାନ୍ଧରେ ସ୍ୱୟଂଚାଳିତ ବନ୍ଧୁକ ଧରି ଘଞ୍ଚ ଜଙ୍ଗଲରେ ବୁଲୁଥିବା ଏହି ପୂର୍ବତନ ମାଓବାଦୀ ରକ୍ତର ହୋଲି ବଦଳରେ ରକ୍ତ ଭଣ୍ଡାରର ରକ୍ଷକ ସାଜିଛନ୍ତି। ଆଉ ଏହି କାର୍ଯ୍ୟ କରୁଥିବା ସମୟରେ କିଛିଦିନ ପୂର୍ବରୁ ଛତିଶଗଡର ବସ୍ତର ଗସ୍ତରେ ଆସିଥିବା ଦେଶର ଗୃହ ମନ୍ତ୍ରୀ ଅମିତ ସାହାଙ୍କୁ ଭେଟି ବିଭିନ୍ନ ଆଲୋଚନା କରିଥିଲେ। ମାଓ ସଂଗଠନକୁ କିପରି ଧ୍ୱଂସ କରାଯିବ ସେନେଇ ସରକାର ବେଶ୍ ଗୁରୁତ୍ୱ ଦେଉଥିବା ବେଳେ ବସ୍ତରରେ ସୁଧୀରଙ୍କ ସହ ମାଓ ସଂଗଠନକୁ ନେଇ ବିଭିନ୍ନ ଆଲୋଚନା କରିଥିଲେ ଗୃହମନ୍ତ୍ରୀ ଶ୍ରୀ ସାହା। ସୁଧୀର ମଧ କିପରି ମାଓ ସଂଗଠନରେ କାର୍ଯ୍ୟ କରୁଥିଲେ, ଜଙ୍ଗଲ ମଧ୍ୟରେ କଣ ଥିଲା ତାଙ୍କ ରୁଟିନ ଓ ସେ ସଂଗଠନ କାହିଁକି ଛାଡିଲେ ସେନେଇ ନିଜର ମତ ରଖିଥିଲେ। ବର୍ତ୍ତମାନ ହିଂସାର ପଥ ଛାଡିବା ପରେ ସେ ବେଶ୍ ଖୁସିର ସହ ନିଜ ପରିବାର ଲୋକଙ୍କ ସହ ରହୁଥିବା ସେଠାରେ ପ୍ରକାଶ କରିଥିଲା। ସଂଗଠନ ନିଜର ନୀତିଆଦର୍ଶ ହରାଉଥିବାରୁ ଆହୁରି ଅନେକ ମାଓବାଦୀ ସଂଗଠନ ଛାଡିବାର ସମ୍ଭାବନା ରହିଥିବା ସେ ପ୍ରକାଶ କରିଥିଲେ। ତାଙ୍କ ସହ ଧନଞ୍ଜୟ ଓ ସାଥୀ ରାମା ପଡିଆମି ଓରଫ ଦିନେଶ ମଧ ଶ୍ରୀ ସାହାଙ୍କୁ ଭେଟି ନିଜ ଅନୁଭୂତି ଜଣାଇଥିଲେ ବୋଲି ଜଣା ପଡିଛି।

## ଭାଗ୍ୟଶ୍ରୀ ପତ୍ରିକା ଉନ୍ମୋଚିତ

ଜୟପୁର,୩୧।୧୦(ସମିସ): ଜୟପୁର ଠାରେ କଲ୍ୟାଣ ମଣ୍ଡପ ପରିସରରେ ମାସିକ ପତ୍ରିକା ଭାଗ୍ୟଶ୍ରୀ ଉନ୍ମୋଚନ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା କ୍ଷୁଦ୍ର ପତ୍ରିକା ସଂଘର ରାଜ୍ୟ କର୍ମକର୍ତ୍ତା ବିନୋଦ ଚନ୍ଦ୍ର ମହାପାତ୍ର , ମୁଖ୍ୟବକ୍ତା ଭାବେ ପ୍ରମେୟର ଡିଜିଏମ ପ୍ରକାଶ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ରଜମଉଜର ଉତ୍ସବ ପରିଚାଳନା ସଦସ୍ୟ ଚନ୍ଦ୍ରମଣି ବାରିକଙ୍କ ଅଧକ୍ଷତାରେ ପତ୍ରିକାର ମୁଖ୍ୟ ସାନମୁଖୀ ଶ୍ରୀନୁ ପଟ୍ଟନାୟକ ଯୋଗ ଦେଇ ପ୍ରତିମାସରେ ପତ୍ରିକା ପ୍ରକାଶ ପାଇବ ବୋଲି କହିଛନ୍ତି। ଶେଷରେ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ୍ ପକ୍ଷରୁ କ୍ରୀଡ଼ା ଆୟୋଜନ

କାକିରିଗୁମା,୩୧।୧୦(ସମିସ): କାକିରିଗୁମା ଥାନା ପୁଲିସ ତରଫରୁ ସ୍ଥାନୀୟ ଅଞ୍ଚଳର ଛାତ୍ର ଛାତ୍ରୀ ମାନଙ୍କୁ ନେଇ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କାକିରିଗୁମା ଥାନା ଅଧିକାରୀ ସୁନୀଲ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। କାକିରିଗୁମା ସ୍ଥିତ ଦାମନଯୋଡି ଛକ ଠାରୁ ଥାନା ପର୍ଯ୍ୟନ୍ତ ମିନି ମାରାଥନ ହେଇଥିଲା। କାର୍ଯ୍ୟକ୍ରମରେ କାକିରିଗୁମା ଓ ଗୌଡଗୁଡା ଆଦର୍ଶ ବିଦ୍ୟାଳୟର ଏବଂ ସ୍ଥାନୀୟ ଅଞ୍ଚଳର ଯୁବକ ଯୁବତୀ ମାନେ ମଧ୍ୟ ଭାଗ ନେଇଥିଲେ। ଏହି ଅବସରରେ ଗୌଡଗୁଡା ଆଦର୍ଶ ବିଦ୍ୟାଳୟ ଠାରେ ଚିତ୍ରାଙ୍କନ , କୁଇଜ୍ ପ୍ରତିଯୋଗୀତା ହେଇଥିଲା। କାକିରିଗୁମା ଓ ଗୌଡ଼ଗୁଡା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ର ଛାତ୍ରୀଙ୍କୁ ଥାନା ଅଧକାରୀ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏଏସଆଇ ଜିତେନ୍ଦ୍ର କୁମାର, ସୁରେନ୍ଦ୍ର ବାତ୍ରିଆ, କୃଷ୍ଣ ହରିଜନ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ‘ଲିଭ ଫର୍ ଅଦର୍ସ’ ସମ୍ବର୍ଦ୍ଧିତ



ସେମିଳିଗୁଡ଼ା, ୩୧।୧୦ (ସମିସ): କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ରକ୍ତ କେନ୍ଦ୍ର ତରଫରୁ ରକ୍ତଦାତା ଦିବସ ପାଳନ ସମାରୋହ ସେମିଳିଗୁଡାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲିଭ ଫର ଅଦର୍ସକୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ତିନୋଟି ରକ୍ତଦାନ ଶିବିରର ଆୟୋଜନ କରି ୯୦ରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ କରିଥିବାରୁ ସମସ୍ତଙ୍କ ପ୍ରଶଂସାର ପାତ୍ର ହୋଇଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଭେଷଜ ମହାବିଦ୍ୟାଳୟର ସୁପରିଟେଣ୍ଡେଣ୍ଟ ଡକ୍ଟର ସୁଶାନ୍ତ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବରେ ପାଥୋଲୋଜି ବିଭାଗର ମୁଖ୍ୟ ଡା. ପ୍ରଶାନ୍ତ କୁମାର ଦାସ ଯୋଗ ଦେଇଥିଲେ। ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ମଧୁସୂଦନ ବଳିୟାରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରକ୍ତ କେନ୍ଦ୍ରର କର୍ମଚାରୀବୃନ୍ଦ ରୀନା ସାହୁ, ରବୀନ୍ଦ୍ର ମିଶ୍ର, ବିକାଶ, ସଂଜୟ ପ୍ରମୁଖ ସହଯୋଗ କରିଥିଲେ। ଲିଭ ଫର ଅଦର୍ସର ସାଧାରଣ ସମ୍ପାଦିକା ଶ୍ରୀମତୀ ସ୍ନିଗ୍ଧାରାଣୀ ମିଶ୍ର , ଅଧକ୍ଷ ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ମାନପତ୍ର ଓ ଉପଢୌକନ ଗ୍ରହଣ କରିଥିଲେ। ଏଫବିଡିଓ କୋରାପୁଟ ଶାଖାରର ସଂପାଦିକା ହିସାବରେ ଓ ବିଜେପି ନେତ୍ରୀ ହିସାବରେ ଓ ବରିଷ୍ଠ ନାଗରିକ ସଂଘ ସଭ୍ୟ ଭାବରେ ଅନ୍ୟ ସଦସ୍ୟମାନଙ୍କ ସହ ଶ୍ରୀମତୀ ମିଶ୍ର ମାନପତ୍ର ଗ୍ରହଣ କରିଥିଲେ। ପ୍ରଦୀପ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିବା, ଶେଷରେ ସ୍ନିଗ୍ଧାରାଣୀମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ୭୮ଜଣ ଶିବିର ଆୟୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ରକ୍ତଦାନ ଶିବିର ସହ ଲିଭ ଫର୍ ଅଦର୍ସ ଅନେକ ସାମାଜିକ କାର୍ଯ୍ୟକ୍ରମର ଆୟୋଜନ କରି ଆସୁଛି।

## ମୁଖ୍ୟ ରାସ୍ତାକଡ଼ ଉଠାଦୋକାନ ଉଚ୍ଛେଦ

ଜୟପୁର,୩୧।୧୦(ସମିସ): ଜୟପୁର ସହରର ମୁଖ୍ୟରାସ୍ତାରେ ପାର୍ଶ୍ୱରେ ଜବରଦଖଲ କରଯାଇ ଅନେକ ଫୁଟପାଥ ଦୋକାନ ଯୋଗୁଁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଆଜି ଜୟପୁର ପୌର ସଂସ୍ଥା ଏବଂ ଟାଉନଥାନା ପୁଲିସର ମିଳିତ ଭାବେ ଉଠା ଦୋକାନି ମାନଙ୍କୁ ରାସ୍ତା କଡରୁ ଉଠାଇବା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ଅପରାହ୍ନରେ ପୌର କର୍ମଚାରୀ ମାନେ ଜୟପୁର ମହିଳା ମହାବିଦ୍ୟାଳୟ ସମ୍ମୁଖ ଏବଂ ପୁରାତନ ଏସଡିପିଓ କାର୍ଯ୍ୟାଳୟ ତଥା ଟ୍ରାଫିକ ଥାନା ପାର୍ଶ୍ୱରେ ରହିଥିବା ଉଠା ଦୋକାନୀ ମାନଙ୍କୁ ଉଚ୍ଛେଦ କରିବା ସହ ସେମାନଙ୍କୁ ପୁନଃର୍ବାର ଦୋକାନ ସ୍ଥାପନା ନ କରିବା ନେଇ ତାଗିଦ କରିଥିଲେ। ସେହିପରି ଜୟପୁର ମୁଖ୍ୟ ଡାକଘର ସମ୍ମୁଖରେ ଥିବା ଉଠା ଦୋକାନୀ ମାନଙ୍କୁ ମଧ ତାଗିଦ କରାଯାଇଥିଲା। ଏହିପରି ଡାକଘର କର୍ତ୍ତୃପକ୍ଷଙ୍କ ପକ୍ଷରୁ ମୁଖ୍ୟଡାକ ସମ୍ମୁଖରେ ବ୍ୟାରିକେଟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଜିର ଏହି ଉଚ୍ଛେଦ କାର୍ଯ୍ୟକ୍ରମରେ ପୌର ଅମିନ ଶୁଭସ୍ମିତା ଜେନା, ପରିମଳ ନିରୀକ୍ଷକ ଭୁବନୀ ହାଲବା, ସତ୍ୟନାରାୟଣ ପାତ୍ର ଓ ଟାଉନ ପୁଲିସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନନ୍ଦପୁର ପୁଲିସର ସାଇବର ସଚେତନତା

ନନ୍ଦପୁର, ୩୧।୧୦ (ସମିସ): ଶୁକ୍ରବାର ନନ୍ଦପୁର ପୁଲିସ୍ ପକ୍ଷରୁ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ କରିବା ସହ ସଚେତନତା ରଥ ପରିକ୍ରମା କରାଯାଇଛି। ଏମ୍ଇ ସ୍କୁଲ୍ ପରିସର ର ସଚେତନତା କାର୍ଯ୍ୟକ୍ରମ ସହ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡିଜିଟାଲ ମାଧ୍ୟମ ଯେତେ ସରଳ, ସୁବିଧା ହୋଇଛି ତାହା ଠାରୁ ଠକେଇ ମଧ୍ୟ ସେତେ ଦ୍ରୁତ ଗତିରେ ବଢ଼ି ଚାଲିଛି। ଏହି ଠକେଇରୁ କିପରି ସୁରକ୍ଷିତ ରହିହେବ ସେ ନେଇ ସଚେତନତା କରାଯାଇଥିଲା । ଏହି ଅବସରରେ ନନ୍ଦପୁର ଏସ୍ଡିପିଓ ଦେବେନ୍ଦ୍ର ମଲ୍ଲିକ, ଆଇଆଇସି ମମତା କୁମାରୀ ପଣ୍ଡା ଯୋଗ ଦେଇ ସାଇବର ଠକେଇରୁ ସୁରକ୍ଷିତ ରହିବା ପାଇଁ ସଚେତନତା ଓ ସତର୍କତା ହିଁ ପ୍ରାଥମିକତା ବୋଲି କହିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଏସଆଇ ବେଦବର ସାହୁ, ଦିପ୍ତିମୟି ଧାରୁଆ, ଗୁପ୍ତେଶ୍ୱର ଗୌଡଙ୍କ ସମେତ ପୁଲିସ୍ କର୍ମଚାରୀ ଯୋଗ ଦେଇଥିଲେ। ନନ୍ଦପୁର ସରକାରୀ ହାଇସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଓ ଏଇ ସ୍କୁଲ୍ର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



# ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼

ନବରଙ୍ଗପୁର,୩୧।୧୦(ସମିସ): ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମତିଥି ଓ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୋଲିସ ବିଭାଗ ପକ୍ଷରୁ ଆୟୋଜିତ ଏକତା ଦୌଡ଼ରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଛାତ୍ର ଛାତ୍ରୀ, ଯୁବକ ସଂଘର କର୍ମକର୍ତ୍ତା ପ୍ରମୁଖ ଭାଗ ନେଇଥିଲେ। ସ୍ଥାନୀୟ ସଦାଶିବ ତ୍ରିପାଠୀ ପାର୍କ ଠାରୁ ଏହି ଦୌଡ଼ ଆରମ୍ଭ ହୋଇ ପୁଲିସ ପଡିଆ ଠାରେ ଶେଷ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ ଯୋଗ ଦେଇ ପତକା ଦେଖାଇ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ୍, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଉପ ଅଧିକ୍ଷକ କୃଷ୍ଣ ଚନ୍ଦ୍ର ଭତରା, ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା , ଜିଲ୍ଲା କ୍ରୀଡା ଅଧିକାରୀ ସୁଶାନ୍ତ କୁମାର ନାୟକ, ସମୀର କୁମାର ପାତ୍ର, ଅତିରିକ୍ତ ମଙ୍ଗଳ ଅଧିକାରୀ ଭରତ ସାହୁ ଏବଂ ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଦେଇଥିଲେ। ଦୌଡ଼ ଶେଷରେ ପୋଲିସ ପଡିଆ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ସବୁ ଧର୍ମର ଗୁରୁ ମାନେ ଅତିଥି ଭାବରେ ଉପସ୍ଥିତ ରହିଥିଲେ। ହିନ୍ଦୁ ଧର୍ମ ପକ୍ଷରୁ ରାଜ ପୁରୋହିତ ନରସିଂହ ତ୍ରିପାଠୀ, ମୁସଲମାନ ଧର୍ମ ପକ୍ଷରୁ ନବରଙ୍ଗପୁର ଜାମା ମସଜିଦର ମହମ୍ମଦ ରାଜା ଏବଂ କ୍ରିଷ୍ଟିଆନ ଧର୍ମ ପକ୍ଷରୁ ରେଭ୍ ବାବଲିନ ବିଷୋୟୀ ପ୍ରମୁଖ ଯୋଗ ଦେଇ ଭାଇଚାରା ଏବଂ ଏକତାର ସନ୍ଦେଶ ଦେଇଥିଲେ। ସମ୍ମାନିତ ଅତିଥି ବୁଦ୍ଧିଜୀବୀ କୁଞ୍ଜବିହାରୀ ଦାସ ବକ୍ତବ୍ୟ ରଖିଥିଲେ। ସଭା କାର୍ଯ୍ୟକ୍ରମକୁ ମନୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ଶେଷରେ ଉପସ୍ଥିତ ସମସ୍ତ ସଭ୍ୟ ଦେଶର ଏକତା ଏବଂ ଅଖଣ୍ଡତା କୁ ନେଇ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମ ସଫଳ କରିବାରେ ଜିଲ୍ଲା ପ୍ରଶାସନର ସହକାରୀ ଜିଲ୍ଲାପାଳ ଆଶୁତୋଷ ପାତ୍ର, ବିନାୟକ ଖାଡଙ୍ଗା, ଶିବ ଶଙ୍କର ପାଢ଼ୀ ,ପ୍ରତିନିଧି ଜିଲ୍ଲାପାଳ ସମୀର ପତ୍ର, ଅବକାରୀ ନିରୀକ୍ଷକ ଦିଲୀପ ରଥ, ନିରଞ୍ଜନ ନାୟକଙ୍କ ସମେତ ପୋଲିସ ପ୍ରଶାସନର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ। ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ମହାବିଦ୍ୟାଳୟର ଅଧକ୍ଷା ମାଲେଶ୍ୱରୀ ସାହୁଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ନୃପେନ୍ଦ୍ର ନାଥ ଖୋସଲା, ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକାଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ବହୁ ସଂଖ୍ୟକ ଛାତ୍ରୀ ଯୋଗେଦେଇଥିଲେ।



## ଦୁର୍ନୀତି ନିବାରଣ ସପ୍ତାହ




ଜୟପୁର,୩୧।୧୦ (ସମିସ): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ ଏବଂ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭାରପ୍ରାପ୍ତ ଅଧକ୍ଷ ଡ.ଡମ୍ବରୁଧର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଦୁଇଟି କାର୍ଯ୍ୟକ୍ରମରେ ସମୃଦ୍ଧ, ସଶକ୍ତ ଦେଶ ଗଠନ ନିମନ୍ତେ ସମସ୍ତ କ୍ଷେତ୍ରରେ ଦୁର୍ନୀତିର ମୂଳୋତ୍ପାଟନ ନିହାତି ଆବଶ୍ୟକ ସମସ୍ତେ ମତ ପ୍ରକାଶ କରିଥିଲେ। ଏଥିରେ ଇତିହାସ ବିଭାଗର ମୁଖ୍ୟ ଡ. ଈଶ୍ୱର ପରିଡ଼ା ଗଡ଼ଜାତ ଅଞ୍ଚଳର ସମିଶ୍ରଣ ଓ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ‘ଏକ ଭାରତ ମହାନ୍ ଭାରତ ଗଠନ ନିମନ୍ତେ ବଲ୍ଲଭ ଭାଇଙ୍କ ସ୍ମରଣୀୟ ଅବଦାନକୁ ଉଲ୍ଲେଖ କରିଥିଲେ। ଏହି କାର୍ଯକ୍ରମରେ ମହାବିଦ୍ୟାଳୟର କର୍ମକର୍ତ୍ତା,ଛାତ୍ରୀମାନେ ଶପଥ ପାଠ କରିଥିଲେ।

## କୁଖ୍ୟାତ ଚୋର ସମେତ ୭ ଗିରଫ

# ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ସାମଗ୍ରୀ ଜବତ

**ରାଉରକେଲା, ୩୧।୧୦(ସମିସ)**



ଘରୁ ଚୋରି କରିବା ଅଭିଯୋଗରେ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ କୁଖ୍ୟାତ ଚୋର ସମେତ ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବିଶ୍ରା ଲହଣ୍ଡାର ସୁରିୟା ଓରଫ ସୁରେଶ ଲୁହୁରା (୩୪), ବଲଣ୍ଡା କେନାଲ ଛକ ଆମଟୋଲାର ବିର୍ସା ଓରଫ ରମେଶ ଓରାମ (୬୦), ବନ୍ଧମୁଣ୍ଡା ଦଲପୋଷର ଅନୀଲ ଓରଫ ସୁନୀଲ ବା (୨୮), କପାଟମୁଣ୍ଡାର ରୋହିତ ଇନ୍ଦୁଆର (୨୦), ସେକ୍ଟର -୧୬ ଡି/୩୮୪ର ଅଧିର ରଞ୍ଜନ ବାରିକ (୪୯), ରାଜଗାଙ୍ଗପୁର ତନ୍ତିଟୋଲାର ଆନନ୍ଦ କୁମାର ସାହା (୪୦) ଓ କଲୁଙ୍ଗାର ଅଜୟ କୁମାର ସାହୁ (୫୦)। ସେମାନଙ୍କ ଠାରୁ ୨ଟି ବାଇକ୍, ୧୩୦୦ ଗ୍ରାମ ରୁପା ସାମଗ୍ରୀ, ୭୦ ଗ୍ରାମ ସୁନା ସାମଗ୍ରୀ ଓ ୬ଟି ଟିଭି ଜବତ କରାଯାଇଛି। ଏନେଇ ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର କହିଥିଲେ, ଝାରତରଙ୍ଗ ଅଞ୍ଚଳରେ ରହୁଥିବା ବାବୁଲି ସାହୁ ଗତ ୭ ତାରିଖରେ କୌଣସି କାମରେ ପରିବାର ସହ ଯାଇଥିଲେ। ଘରକୁ ଫେରିବାପରେ ଆଲମାରି ତାଡି ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ଅଭିଯୋଗ ପରେ ପୁଲିସ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବାପରେ ପୁଲିସ ସଫଳତା ପାଇଥିଲା। ସୁରିୟା ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୪ଟି ଓ ବିର୍ସା ନାଁରେ ୩ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି। ଅପରପକ୍ଷେ ବନ୍ଧମୁଣ୍ଡା ଓ ବ୍ରାହ୍ମଣୀ ତରଙ୍ଗ ଥାନା ଅଞ୍ଚଳରେ ଚଳିତବର୍ଷ ମୋଟ ୧୨ଟି ଚୋରି ମାମଲାରେ ଗିରଫ ଅଭିଯୁକ୍ତମାନଙ୍କ ସମ୍ପୃକ୍ତ ଥିବାବେଳେ ଅଧିର, ଆନନ୍ଦ ଓ ଅଜୟଙ୍କୁ ଚୋରି ସାମଗ୍ରୀ ବିକ୍ରି କରୁଥିଲେ। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଅନ୍ୟମାନଙ୍କ ନାଁରେ ପୂର୍ବରୁ ମାମଲା ଅଛି କି ନାହିଁ ସେ ଦିଗ ପ୍ରତି ଅଧିକ ତଦନ୍ତ ଜାରି ରହିଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପାନପୋଷ ଏସ୍‌ଡିପିଓ ରଶ୍ମୀରଞ୍ଜନ ମହାପାତ୍ର ଓ ଇନ୍ସପେକ୍ଟର ଗଗନ ନାୟକ ଉପସ୍ଥିତ ଥିଲେ।

## ସାଇବର ସୁରକ୍ଷା ସଚେତନତା ଅଭିଯାନ




**କୁତ୍ରା, ୩୧।୧୦(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡ଼ାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ କୁତ୍ରା ପୁଲିସ ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ ଓ ସାଇବର ସୁରକ୍ଷା ସଚେତନତା ଅଭିଯାନ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଟି ମହାବିଦ୍ୟାଳୟର ଅଧକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିବା ସହିତ ସେ ଅତିଥି ପରିଚୟ ମଧ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଡିଏସ୍‌ପି ମନୋରଞ୍ଜନ ପ୍ରଧାନ, ଆଇଆଇସି ଲୁକେଶ୍ୱର ସାହୁ ଓ ଏଏସ୍‌ଆଇ ଗୋପୀନାଥ ଝା ଯୋଗଦେଇ ସାଇବର ସୁରକ୍ଷା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ଼ଃ ତବସ୍ସୁମ ବାନୋ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଆଇନ ମହାବିଦ୍ୟାଳୟରେ ଭିଜିଲାନ୍ସ ସପ୍ତାହ




**ରାଉରକେଲା, ୩୧।୧୦(ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟରେ ଡକ୍ଟର ବିଭୁରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ 'ଭିଜିଲାନ୍ସ ସଚେତନତା ସପ୍ତାହ' ନେଇ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପିକା, ପ୍ରାଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ପଟ୍ଟନାୟକ କିପରି ଦୁର୍ନୀତି, ଭ୍ରଷ୍ଟାଚାର ରୋକା ଯାଇପାରିବ ସେ ନେଇ ଅବଗତ କରାଇଥିଲେ। ପ୍ରାଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତି ଏକ ଗଳ୍ପ ମାଧ୍ୟମରେ ଦୁର୍ନୀତି ସଚେତନତା ନେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କିଛି ଛାତ୍ରଛାତ୍ରୀ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଭ୍ରଷ୍ଟାଚାର ରୋକିବାକୁ ହେଲେ ପ୍ରଥମେ ଆମକୁ ନିଜଠାରୁ ହିଁ ସଚେତନତା ଆରମ୍ଭ କରିବାକୁ ହେବ ବୋଲି ଆଲୋଚନାଚକ୍ରର ଶେଷରେ ସମସ୍ତେ ମିଳିତ ଭାବେ ଶପଥ ପାଠ କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ, ବାନ୍ଧବୀ ଗୁରୁତର

**ବଣାଇଁ, ୩୧।୧୦(ସମିସ):** ବଣାଇଁ ଥାନା ଗୁରୁଣ୍ଡିଆ ବ୍ଲକ ନରେନ୍ଦ୍ର ପଞ୍ଚାୟତ ଶିଶଡିହି ଗ୍ରାମର ଜଣେ ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ସଙ୍ଗରେ ଥିବା ବାନ୍ଧବୀ ଜଣକ ମଧ୍ୟ ପୋଡ଼ିଯାଇ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ପ୍ରେମରାଜ ମୁଣ୍ଡା (୨୪)। ଗୁରୁତର ଆହତ ଯୁବତୀ ହେଲେ ଜୀବିକା ଗ୍ରାମର ମିଳନ ମଞ୍ଜରୀ କିଷାନ। ସୂଚନା ଅନୁସାରେ ମୃତକ ପ୍ରେମରାଜଙ୍କ ନାମରେ ତାଙ୍କ ବଡ଼ବାପା ସୁଦର୍ଶନ ମୁଣ୍ଡାଙ୍କୁ ୨୦୨୦ରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସେ ସେବେଠାରୁ ଫେରାର ଥିଲେ। ହେଲେ ସେ ଆତ୍ମସମର୍ପଣ କରିବେ ବୋଲି ଗତକାଲି ଘରଲୋକଙ୍କୁ ଖବର ଦେବାସହ ପ୍ରେମରାଜ ତାଙ୍କ ବାନ୍ଧବୀଙ୍କୁ ନେଇ ଶିଷଡ଼ିହି ଗ୍ରାମକୁ ଆସିଥିଲେ। ସୁଦର୍ଶନ ମୁଣ୍ଡାଙ୍କ ପୁଅମାନେ ଓ ସମ୍ପର୍କରେ ଜାଣିପାରିଥିଲେ। ଏହାପରେ ମାରଣାସ୍ତ୍ର ଧରି ମାରିବାକୁ ଗୋଡ଼ାଇବାରୁ ଜୀବନ ବିକଳରେ ଜୀବନ ବଞ୍ଚାଇବାକୁ ଜଙ୍ଗଲ ଭିତରକୁ ଧାଇଁ ପଳାଇଥିଲେ। କିନ୍ତୁ ସାଲେଇଡ଼ିହି ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ସେଠାରେ ପ୍ରେମରାଜଙ୍କୁ ମୃତ ଘୋଷଣା କରିଥିଲେ। ମିଳନ ପୋଡି ଯାଇ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ଆର୍‌ଏସ୍‌ପି ପକ୍ଷରୁ ସତର୍କତା ସଚେତନତା ସପ୍ତାହ



**ରାଉରକେଲା, ୩୧।୧୦(ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସତର୍କତା ବିଭାଗ ପକ୍ଷରୁ ଖୁଣ୍ଟଗାଁର ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ଗ୍ରାମସଭାର ଆୟୋଜନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ସତର୍କତା ବିଭାଗର ଜିଏମ ତଥା ଏସିଭିଓ ରଞ୍ଜନ ଭାରତୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ମୁନମୁମ୍ ମିତ୍ର, ସତର୍କତା ବିଭାଗର ବିଭାଗର ଡିଜିଏମ ସନ୍ଦୀପ ବଂଶଲ ଓ ଏସ.କେ. ଏସ. ରାଜପୁତ, ସିଏସଆର ବିଭାଗର ଡିଜିଏମ ଟି. ବି. ଟପ୍ପୋ, ଏବିଇଓ ବି. କଛୁଆ, ବିଦ୍ୟାଳୟର ଅଧକ୍ଷା ତନୁଜା ତନ୍ତୀଙ୍କ ସହ ସ୍କୁଲ ପରିଚାଳନା କମିଟିର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶ୍ରୀ ଭାରତୀ ଶପଥ ପାଠ କରାଇବା ସହିତ ଏକ ଦୁର୍ନୀତିମୁକ୍ତ ସମାଜ ଗଠନରେ ସାମୂହିକ ସତର୍କତାର ଗୁରୁତ୍ୱ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ମୁନମୁମ୍ ମିତ୍ରା ପିଲାମାନଙ୍କ ମଧ୍ୟରେ ସଚ୍ଚୋଟତା ଏବଂ ସାଧୁତାର ମୂଲ୍ୟବୋଧକୁ ପୋଷଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ଭବିଷ୍ୟତର ରାଷ୍ଟ୍ର ନିର୍ମାତା ଭାବରେ ସେମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ତନୁଜା ତନ୍ତୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଗୋବର୍ଦ୍ଧନ ସମାସି ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅବନୀ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ ଏହି ସପ୍ତାହ ପାଳନର ବିଷୟବସ୍ତୁ ରହିଛି 'ସତର୍କତା: ଆମର ସହଭାଗୀ ଦାୟିତ୍ୱ'।

## ସୁନ୍ଦରଗଡ଼ରେ ରାଷ୍ଟ୍ରୀୟ ଏକତା ଦିବସ




**ରାଉରକେଲା, ୩୧।୧୦(ସମିସ):** ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଏକତା ଦିବସ ସମାରୋହରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସୁନ୍ଦରଗଡ଼ ପୁଲିସ ମୁଖ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକ ଶପଥ ପାଠ ଗ୍ରହଣ କରାଯାଇଥିଲା। ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌର ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ। ଏହାପରେ ସୁନ୍ଦରଗଡ଼ ପୁଲିସ ପ୍ରଶାସନ ପକ୍ଷରୁ ସୁନ୍ଦରଗଡ଼ ସହରରେ ମଧ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ 'ଏକତା ପାଇଁ ଦୌଡ଼' କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ରାଷ୍ଟ୍ରୀୟ ଏକତା ଦିବସ ଏବଂ ସଚେତନତା ଶୋଭାଯାତ୍ରା ଆୟୋଜନ ହୋଇଯାଇଥିଲା।

## ରେଳଷ୍ଟେସନରୁ ୧୨୦ କେଜି ଗଞ୍ଜେଇ ଜବତ

**ରାଉରକେଲା, ୩୧।୧୦(ସମିସ):** ରାଉରକେଲା ରେଳସୁରକ୍ଷା ବଳ ଏବଂ ଜିଆରପି ରାଉରକେଲାର ମିଳିତ ଚଢ଼ଉରେ ରାଉରକେଲା ରେଳଷ୍ଟେସନ୍‌ରୁ ପ୍ରାୟ ୧୨ ଲକ୍ଷ ଟଙ୍କା ମୂଲ୍ୟର ୧୨୦ କିଲୋଗ୍ରାମ ଗଞ୍ଜେଇ ଜବତ୍ କରାଯାଇଛି। ସୂଚନା ଅନୁସାରେ, ଏକ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇ ରାଉରକେଲା ରେଳବାଇ ସୁରକ୍ଷା ବଳ ଓ ରାଉରକେଲା ଜିଆରପି ଟିମ୍ ୪ ନମ୍ବର ପ୍ଲାଟଫର୍ମରୁ ଦୁଇଟି ଧଳା ପ୍ଲାଷ୍ଟିକ୍ ବ୍ୟାଗ ଯାଉଥିବା ଏକ ଟ୍ରଲିକୁ ଅଟକାଇଥିଲେ। ଏହି ସମୟରେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ। ବ୍ୟାଗଗୁଡ଼ିକୁ ପାର୍ସଲ ଅଫିସକୁ ନିଆଯାଇ ସେଠାରେ ଏକ ସ୍ନିଫର କୁକୁର ସାହାଯ୍ୟରେ ଏହାକୁ ସମ୍ପୂର୍ଣ୍ଣ ଯାଞ୍ଚ କରିବା ପରେ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଜିଆରପି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଏନଡିପିଏସ୍ ଆଇନ ଅନୁସାରେ ଅଧିକ ତଦନ୍ତ ଆରମ୍ଭ କରିଥିଲେ।

## ଓଡ଼ିଶା ମହିଳା ଭଲିବଲ୍ ଦଳରେ ସୁନ୍ଦରଗଡ଼ର ଦୁଇ ଝିଅ

**ରାଉରକେଲା, ୩୧।୧୦(ସମିସ):** ଆସନ୍ତା ନଭେମ୍ବର ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ବରେଲୀଠାରେ ହେବାକୁ ଥିବା ସ୍କୁଲସ୍ତରୀୟ ଜାତୀୟ ୧୭ ବର୍ଷରୁ କମ୍ ଭଲିବଲ ପ୍ରତିଯୋଗିତାରେ ରାଉରକେଲାର ଦୁଇ ଝିଅ ସ୍ଥାନ ପାଇ ସୁନ୍ଦରଗଡ଼ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେମାନେ ହେଲେ ବିଜାଡିହିସ୍ଥିତ ବିଶ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ଲଳିତା ତିର୍କୀ ଓ ସୁବୋଧ ରାଉତରାୟ ଉଚ୍ଚ ମାଧ୍ୟମିକ ସ୍କୁଲର ଅମୀଶା ଓରାମ। ଉଭୟ ଲଳିତା ଓ ଅମୀଶା ଚନ୍ଦ୍ର ଶେଖର କ୍ରୀଡ଼ା ସଂଗଠନର ସାଧାରଣ ସମ୍ପାଦକ ତଥା ଭଲିବଲ୍ କୋଚ୍ ଦେବଦତ୍ତ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍?ାବଧାନରେ କୋଚିଂ ନେଉଥିଲେ। ଦୀର୍ଘ ୬ ବର୍ଷ ଧରି ପ୍ରାୟ ପ୍ରତ୍ୟେକ ଦିନ ସକାଳେ ଶ୍ରୀ ଜେନା ଏହି ଦୁଇ ଝିଅ ଙ୍କ ସମେତ ଅନ୍ୟଛାତ୍ରୀମାନଙ୍କୁ ଭାବେ କୋଚିଂ ଦେଉଥିଲେ। ଶ୍ରୀ ଜେନା ଇତିମଧ୍ୟରେ ଅନେକ ପ୍ରତିଭାବାନ ଭଲିବଲ ଖେଳାଳି ଜିଲ୍ଲାରେ ସୃଷ୍ଟି କରି ବେଶ୍ ଚର୍ଚ୍ଚା ରେ ଥିବା ବେଳେ ଏହି ଦୁଇ ଝିଅଙ୍କ ଚୟନ ତାଙ୍କ ଖୁସିକୁ ଦ୍ୱିଗୁଣିତ କରିଛି। ରାଉରକେଲାର ଦୁଇ ଉଦୀୟମାନ ଖେଳାଳିଙ୍କର ଏହି ସଫଳତା ପାଇଁ ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସାଧାରଣ ସମ୍ପାଦକ ଦେବଦତ୍ତ ଜେନା, ମୁଖ୍ୟ ସଂଯୋଜକ ସଞ୍ଜୀବ କୁମାର ନାୟକଙ୍କ ସମେତ ସୁବୋଧ ରାଉତରାୟ ଏଚ୍‌ଏସ୍ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଖୀରୋଦ କୁମାର ବରାଳ, ବିଶ୍ରା ବାଳିକା ଉଚ୍ଚବିଦ୍ୟାଳୟ ବିଜାଡିହିର ପ୍ରଧାନଶିକ୍ଷକ କେଶବ ଚନ୍ଦ୍ର ଗାରଡିଆ ଓ ପିଇଟି ସୌମ୍ୟରଞ୍ଜନ ଘଡେଇ, ପାବ୍ରୀନ ଏକ୍କା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। କୁତ୍ରାଠାରେ ବ୍ଲକସ୍ତରୀୟ ଓ ଭଦ୍ରକରେ ଜିଲ୍ଲାସ୍ତରୀୟ ଚୟନ ସମୟରେ ଉଭୟ ଲଳିତା ଓ ଅମୀଶା ଖୁବ୍ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ସମସ୍ତଙ୍କ ନଜରକୁ ଆସିଥିଲେ।





## ପିଣ୍ଡି ନିର୍ମାଣରେ ଅନିୟମିତତା ଅଭିଯୋଗ



**ବଣାଇଁ, ୩୧।୧୦(ସମିସ):** ବଣାଇ ବ୍ଲକ ଅଧୀନ ବନେଇକେଲା ପଞ୍ଚାୟତର ବଡ଼ଗାଁ ଗ୍ରାମର ସାପ୍ତାହିକ ହାଟରେ ପିଣ୍ଡି ନିର୍ମାଣରେ ଆରମ୍ଭରୁ ବ୍ୟାପକ ଅନିୟମିତତା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସୂଚନାଫଳକ ଲେଖାଯିବାର ନିୟମ ରହିଛି। କିନ୍ତୁ ଏଠାରେ କୌଣସି ସୂଚନାଫଳକ ନିର୍ମାଣ କରାଯାଇନାହିଁ। ଗତ କିଛିଦିନ ହେବ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ନିର୍ମାଣ ହେବାକୁ ଥିବା ପିଣ୍ଡିର ଉଭୟ ପାର୍ଶ୍ୱରେ ମାତ୍ର ୬ ଇଞ୍ଚ୍ ର ମାଟି ଖୋଳାଯାଇ ମେଟାଲ କାମ ଆରମ୍ଭ କରାଯାଇଛି। ସୂଚନା ଫଳକ ନ ଥିବାରୁ ଲୋକେ ବିଶ୍ୱସ୍ତସୂତ୍ରରୁ ଖବର ସଂଗ୍ରହ କରି ଏହା ୧୦ ଲକ୍ଷ ଟଙ୍କାର କାମ ବୋଲି ଜାଣିବାକୁ ପାଇଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ସବୁ ଜାଣି ଚୁପ୍ ରହୁଥିବା ଲୋକେ ଅଭିଯୋଗ କରିଛନ୍ତି। କାର୍ଯ୍ୟ ଆରମ୍ଭରୁ ଏପରି ନିମ୍ନମାନର କାମକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ପ୍ରକାର କାମରୁ ଯଦି ସ୍ଥାନୀୟ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ନିବୃତନ ରୁହନ୍ତି ତେବେ ଆଗାମୀ ଦିନରେ କାମକୁ ବନ୍ଦ କରିବା ସହ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି।

## ଆର୍‌ଏସ୍‌ପିରେ ମୌଳିକ ପ୍ରକଳ୍ପ ପରିଚାଳନା କାର୍ଯ୍ୟକ୍ରମ

**ରାଉରକେଲା, ୩୧।୧୦(ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଜ୍ଞାନାର୍ଜ୍ଜନ ଓ ବିକାଶ କେନ୍ଦ୍ରରେ ମୌଳିକ ପ୍ରକଳ୍ପ ପରିଚାଳନା ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଅଂଶଗ୍ରହଣକାରୀଙ୍କ ଆବଶ୍ୟକୀୟ ଜ୍ଞାନ ଏବଂ ଦକ୍ଷତା ବିକାଶ କରି ପ୍ରକଳ୍ପଗୁଡ଼ିକୁ ପ୍ରଭାବଶାଳୀ ଭାବେ ଯୋଜନା ସହିତ କାର୍ଯ୍ୟକାରୀ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟଲକ୍ଷ୍ୟ ରହିଛି। ଉଦ୍‌ଘାଟନୀ ଅଧିବେଶନରେ ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଆଇଏସ୍‌ପିର ପ୍ରକଳ୍ପ ବିଭାଗର ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ଏ.ଆର୍ ଦାସଗୁପ୍ତା ଏବଂ ଆର୍‌ଏସ୍‌ପି ଏଚଆର ଏଲଆଣ୍ଡ ବିଭାଗର ସିଜିଏମ ପିକେ ସାହୁ ମଞ୍ଚାସୀନ ଥିଲେ। ଶ୍ରୀ ମିଶ୍ର ନିଜର ବକ୍ତବ୍ୟରେ ସାଂଗଠନିକ ଉତ୍କର୍ଷତା ହାସଲ କରିବାରେ ବ୍ୟବସ୍ଥିତ ପ୍ରକଳ୍ପ ପରିଚାଳନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ସେଲ୍‌ଫ ପ୍ଲାଣ୍ଟଗୁଡ଼ିକରେ ପ୍ରକଳ୍ପ ଫଳାଫଳକୁ ଉନ୍ନତ କରିବା ପାଇଁ କାର୍ଯ୍ୟକ୍ରମର ଶିକ୍ଷଣକୁ ଉପଯୋଗ କରିବାକୁ ସମସ୍ତଙ୍କୁ ଅଂଶଗ୍ରହଣକାରୀମାନଙ୍କୁ ଅନୁରୋଧ କରିଥିଲେ। ଏହି ଚାରି ଦିନିଆ କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନା, ଭିଲାଇ ଇସ୍ପାତ କାରଖାନା, ବୋକାରୋ ଇସ୍ପାତ କାରଖାନା, ଦୁର୍ଗାପୁର ଇସ୍ପାତ କାରଖାନାର ୨୭ ଜଣ ଅଧିକାରୀ ଅଂଶଗ୍ରହଣ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟ ସହିତ ପରିଚିତ କରାଇବା, ଧାରଣାରୁ କମିଶନିଂ ପର୍ଯ୍ୟନ୍ତ ଏବଂ ସମ୍ପୃକ୍ତ ବିଭିନ୍ନ ଏଜେନ୍ସିଗୁଡ଼ିକର ଭୂମିକା ଏବଂ ଦାୟିତ୍ୱ ବୁଝିବାରେ ସାହାଯ୍ୟ କରୁଛି। ଏହି ଅଧିବେଶନଗୁଡ଼ିକ ଆଇଏସପିର ପ୍ରକଳ୍ପ ବିଭାଗର ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ଏ. ଆର. ଦାସଗୁପ୍ତା, ବିଏସଏଲ ପ୍ରକଳ୍ପ ବିଭାଗର ଜିଏମ ସୁଧୀର କୁମାର, ବିଏସ୍‌ଏଲ ପ୍ରକଳ୍ପ ବିଭାଗର ସିଜିଏମ ପ୍ରତ୍ୟୁଷ ଶର୍ମା, ଆର୍‌ଏସ୍‌ପି ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ଆଶା କାର୍ଥା ଏବଂ ଆରଏସପି ର ଏମ୍‌ଏନ୍‌ଏସଓ୍ୱାଇସିଓଏମର ଜଣେ ବିଶେଷଜ୍ଞଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହି କାର୍ଯ୍ୟକ୍ରମକୁ ସେଲ୍‌ଫ, ଏମଟିଆଇର ମାନବସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ଜିଏମ

## ଆରଏସ୍‌ପି ପ୍ରାକ୍ତନ ଡିଆଇସି ଅତନୁ ଭୌମିକଙ୍କ ପତ୍ନୀଙ୍କ ବିୟୋଗରେ ଶୋକ

**ରାଉରକେଲା, ୩୧।୧୦(ସମିସ):** ଆର୍‌ଏସ୍‌ପିର ପ୍ରାକ୍ତନ ଡିଆଇସି ଅତନୁ ଭୌମିକଙ୍କ ପତ୍ନୀ ସୀମା ଦେଓ ଭୌମିକଙ୍କ ଆଜି ଦେହାନ୍ତ ହୋଇଥିଲା। ସେ ଦୀର୍ଘ ଦିନ ଧରି ମସ୍ତିଷ୍କ ଟ୍ୟୁମର ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ଦେହାନ୍ତ ଖାବର ପାଇ ଆରଏସପି ଡିଆଇସି ଆଲୋକ କୁମାର ବର୍ମା ହସ୍ପିଟାଲରେ ପହଞ୍ଚିଥିଲେ। ଏତଦବ୍ୟତୀତ ଆର୍‌ଏସ୍‌ପିର ବରିଷ୍ଠ ପଦାଧିକାରୀ, ଆରଏସ୍‌ପି ଅଫିସର ଆସୋସିଏସନ, ନିଟ୍ରା କର୍ମକର୍ତ୍ତାଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ସୀମାଙ୍କ ଅନ୍ତିମ ଦର୍ଶନ କରିଥିଲେ। ଏହି ସମୟରେ ଅତନୁ ଭୌମିକଙ୍କ ଦୁଇ ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ବେଦବ୍ୟାସ ଶ୍ମଶାନ ଘାଟରେ ଅନ୍ତେ୍ୟଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ଅତନୁ ଭୌମିକ ମୁଖାଗ୍ନି ଦେଇଥିଲେ।



## ଆର୍‌ଏସ୍‌ପି ପକ୍ଷରୁ 'ରନ୍ ଫର୍ ୟୁନିଟି' କାର୍ଯ୍ୟକ୍ରମ



**ରାଉରକେଲା, ୩୧।୧୦(ସମିସ):** ସେଲ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଉପଲକ୍ଷେ ଏକ ରନ ଫର ୟୁନିଟି' ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଏସ୍‌ପିର ହକି କ୍ୟାଡେଟ, କ୍ରୀଡ଼ାବିତ ତଥା ଇସ୍ପାତ ସହରର ଯୋଗ ଅଭ୍ୟାସକାରୀଙ୍କ ସମେତ ପ୍ରାୟ ୨୫୦ ଜଣ ଅଂଶଗ୍ରହଣକାରୀ ଭାଗ ନେଇଥିଲେ। ଆରଏସ୍‌ପି ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଗଣଦୌଡ଼କୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ଓଜିଓଏମ ସିଏମ୍‌ଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍.ପି ସିଂହ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତା, ମାନବ ସମ୍ବଳ ବିଭାଗର ସିଜିଏମ୍ ମାନସ ରଞ୍ଜନ ରଥ, ପିକେ ସାହୁ, ଟିଜି କାନେକର ଏବଂ ଆରଏସପିର ଅନ୍ୟ ଅଧିକାରୀ ଓ ଷ୍ଟାଫ ଉପସ୍ଥିତ ଥିଲେ। ରଘୁପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏସ୍‌ଏସ୍‌ଏମ୍ ବିଭାଗର ଜୁନିୟର ଇଞ୍ଜିନିୟର ଅନୀଲ କୁମାର ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ ଉଦ୍‌ଯାପିତ

**ରାଉରକେଲା, ୩୧।୧୦(ସମିସ)**




ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସାରନଗରୀସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଗତ ସାତ ଦିନ ଧରି ଚାଲିଥିବା ଭାଗବତ ପାରାୟଣ ଓ ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସାରନଗରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ସମାଜସେବୀ ଅଶୋକ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ସକାଳ' ରାଉରକେଲା ସଂସ୍କରଣ ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହ ସମ୍ପ୍ରତି ଅଧୋପତନୋମୁଖି ସମାଜରେ ପ୍ରାଚୁର୍ଯ୍ୟ ଭୌତିକ ବସ୍ତୁବାଦୀ ଦୁନିଆଁରେ ରହି ମଣିଷ ମାନବିକ ମୂଲ୍ୟବୋଧ ହରାଇବାରେ ଲାଗିଛି। ଜୀବନରେ ବାସ୍ତବ ଶାନ୍ତି ପ୍ରାପ୍ତ ପାଇଁ ଆଧ୍ୟାତ୍ମିକ ଚେତନାର ଜାଗ୍ରତ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏପରି ଏକ ଭବ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପାଇଁ ସଭାପତି ଶ୍ରୀ ପଟ୍ଟନାୟକ ସମସ୍ତ କର୍ମକର୍ତ୍ତା ଓ ଆୟୋଜକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ରାଷ୍ଟ୍ରୀୟ ଜଗନ୍ନାଥ ମହିମା ପ୍ରଚାରକ ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ସଦସ୍ୟ ସୁଭାଷ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହାପରେ ବାବା ସତ୍ୟାନନ୍ଦ ଦାସ ମହାରାଜ ଜୀ କୃଷ୍ଣଲୀଳା ବିଷୟରେ ପ୍ରବଚନ ଦେଇ ଶତାଧିକ ଶ୍ରଦ୍ଧାଳୁଙ୍କୁ ଭାଗବତ ଗୀତାମୃତ ଆସ୍ୱାଦନ କରାଇଥିଲେ। ଏହି ଅବସରରେ ସାରନଗରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ସୌମେନ୍ଦ୍ର ବେହୁରିଆ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ଭୋଳ, ରାମଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଦିଲିପ କୁମାର ମଲ୍ଲିକ, ଶଶାଙ୍କ ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ଉତ୍ତମ କୁମାର ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ବିପିନ କୁମାର ଲେଙ୍କା, ଜ୍ୟୋତି ପ୍ରକାଶ ମହାନ୍ତି, ଶ୍ରୀଚରଣ ସାମଲ, ଗୋପୀନାଥ ଦାସ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ସଭାପତି ତ୍ରିନାଥ ଦାସ ମୋହିନୀ, ସମାଜସେବୀ ପୁଷ୍ପାରାଣୀ ଲେଙ୍କାଙ୍କ ସମସ୍ତ ଟ୍ରଷ୍ଟି ସଭ୍ୟ, ସେବାୟତ, ପୂଜକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରମେଶ ଚନ୍ଦ୍ର ଲେଙ୍କା, ଲାୟନ୍ସ କ୍ଲବର ସଭାପତି ଦେବଦତ୍ତ ମିଶ୍ର ଉପସ୍ଥିତ ଥିଲେ।

# ବୈତାଳିରେ ସାମାନ୍ୟ କଳିରୁ ହତ୍ୟାକାଣ୍ଡ

## ● ଘଟଣାସ୍ଥଳରେ ପୁଲିସର ଛାନଭିନ

**ଝାରବନ୍ଧ, ୩୧।୧୦(ସମିସ):** ଝାରବନ୍ଧ ବ୍ଲକ ଅମଠି ଗ୍ରାମପଞ୍ଚାୟତର ବୈତାଳି ନଦୀ ଘାଟରୁ ଗ୍ରାମର ରୁକଧର ସେଠ(୪୦)ଙ୍କ ମୃତଦେହ ଉଦ୍ଧାର ହୋଇଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ଝାରବନ୍ଧ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଜାରି ରଖିଛି। ସୂଚନାନୁଯାୟୀ, ଗୁରୁବାର ସନ୍ଧ୍ୟା ସମୟରେ କ୍ରିକେଟ ପଡ଼ିଆକୁ ବୁଲିଯାଇଥିବା ବେଳେ କେତେକ ବ୍ୟକ୍ତିଙ୍କ ସହିତ ମୃତ ରୁକଧରଙ୍କ କୌଣସି କାରଣ ଯୋଗୁଁ ଝଗଡ଼ା ହୋଇଥିଲା। ଆଜି ଭୋର ସକାଳରୁ ଧନେଶ୍ୱର ବୈତାଳି ନଦୀ ଘାଟକୁ ଶୌଚ ପାଇଁ ଆସିଥିବା ସମୟରେ କିଛି ବ୍ୟକ୍ତି ତାଙ୍କୁ ହତ୍ୟା କରି ନଦୀରେ ଫୋପାଡ଼ି ଦେଇଥିବା ଅଭିଯୋଗ ହୋଇଛି। ରୁକଧରଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ଦୁଇ ପୁତ୍ର ସହିତ ପୁରା ପରିବାର ବେସାହାରା ହୋଇ ପଡ଼ିଛନ୍ତି। ମୃତକ ରୁକଧର ସେଠଙ୍କ ମୁଣ୍ଡରେ ଗଭୀର ଆଘାତ ଚିହ୍ନ ଥିବାର ଜଣାପଡ଼ିଛି। ଥାନାରେ ଅଭିଯୋଗ ପରେ ଘଟଣା ସ୍ଥଳରେ ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର, ଥାନା ଅଧିକାରୀ କେ. ସମାରିଆଙ୍କ ସହ ଏଏସ୍‌ଆଇ କୌଶିକ ସାହୁ, ପୁଲିସ ଟିମ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ତନଖି କରିଥିଲେ। ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଦ୍ମପୁରକୁ ପଠାଇଥିବା ବେଳେ ଝାରବନ୍ଧ ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ଏସ୍‌ଏମ୍‌ସି ଉପରେ ସାଂଘାତିକ ଆରୋପ

# ସଫେଇ ପାଇଁ ୬ ହଜାର, ଉଠୁନି ଅଳିଆ

**ସମ୍ବଲପୁର, ୩୧।୧୦(ସମିସ)**



ଦୋକାନ ଆଗରୁ ସଫା କରାଯିବ।ପ୍ରତିଦିନ ସଫେଇ ଗାଡ଼ି ଆସି ଅଳିଆ ନେବ। ଡ୍ରେନ ମଧ୍ୟ ସଫା କରାଯିବ। ଏଥିପାଇଁ ସମ୍ବଲପୁର ମହାନଗର ନିଗମକୁ ମାସିକ ୬ ହଜାର ଟଙ୍କା ଦିଆଯିବ। ଦୋକାନୀମାନେ ୬ ହଜାର ଟଙ୍କା ମଧ୍ୟ ଦେଉଛନ୍ତି। କିନ୍ତୁ ସେମାନଙ୍କ ବିଲ ମିଳୁନି କି ଦୋକାନ ସମ୍ମୁଖ ସଫେଇ ହେଉନି।ଏପରି ସାଂଘାତିକ ଅଭିଯୋଗ ଅଇଁଠାପାଲି ଖାଓ ଗଲିରୁ ଆସିଛି।ଖାଓଗଲିର ସମସ୍ତ ଦୋକାନୀ ମାସିକ ୬ ହଜାର ଟଙ୍କା ଏସ୍‌ଏମସିକୁ ଦେଉଥିବା ଅଭିଯୋଗ କରିଛନ୍ତି।ସୂଚନା ଅନୁସାରେ ଅଇଁଠାପାଲି ପିଏଚ୍‌ଡି ପଡ଼ିଆ ପାଖରେ ଏସ୍‌ଏମସି ପକ୍ଷରୁ ଖାଓଗଲି ତିଆରି କରାଯାଇଛି। ଏହା ଏକ ଏପରି ସ୍ଥାନ ଯେଉଁଠି ବିଭିନ୍ନ ରକମର ଖାଦ୍ୟ ଷ୍ଟଲ ଲାଗିଛି। ବିଭିନ୍ନ ସହର, ସିଟି ଭଳି ସମ୍ବଲପୁର ଲୋକଙ୍କୁ ଏପରି ସୁବିଧା ଯୋଗାଇବା ପାଇଁ ଏସ୍‌ଏମସି ପକ୍ଷରୁ ଏହି ଉଦ୍ୟମ କରାଯାଇଥିଲା। ରାସ୍ତାକଡ଼ରେ ରହୁଥିବା ବିଭିନ୍ନ ଦୋକାନୀଙ୍କୁ ଉଠାଯାଇ ଖାଓଗଲିରେ ସ୍ଥାନ ଯୋଗାଇ ଦିଆଯାଇଥିଲା। ଏଠାରେ ଗ୍ରାହକ ଯାଇ ସବୁ ପ୍ରକାରର ଖାଦ୍ୟର ମଜା ନେଇ ପାରିବେ।ଦୋକାନଗୁଡ଼ିକରୁ ବାହାରୁଥିବା ସମସ୍ତ ଅଳିଆ ମଧ୍ୟ ଏସଏମସି ଉଠାଇବାର ବ୍ୟବସ୍ଥା ରହିଥିଲା। ହେଲେ ସଫେଇ ବିଭାଗ ଏଥି ପ୍ରତି ଧ୍ୟାନ ଦେଉନଥିବା ଅଭିଯୋଗ ହୋଇଛି। ପ୍ରାୟ ୩୦ରୁ ଅଧିକ ଦୋକାନ ରହିଛି। ସେମାନେ ସଫେଇ ବାବାଦକୁ ଟଙ୍କା ମଧ୍ୟ ଦେଉଛନ୍ତି। ଏଜେଣ୍ଟ ଜରିଆରେ ମାସକୁ ୬ ହଜାର ଦେଉଥିବା କହିଛନ୍ତି। କିନ୍ତୁ ସେମାନଙ୍କ ବିଲ ମିଳୁନାହିଁ। ଏହା ସହ ଅଳିଆ ମଧ୍ୟ ପ୍ରତିଦିନ ସଫା କରାଯାଉନାହିଁ। ଖାଦ୍ୟ ଷ୍ଟଲ ଗୁଡିକ ସମ୍ମୁଖରେ ଅଳିଆ ପଡ଼ିଥିବାରୁ ଗ୍ରାହକଙ୍କ ସଂଖ୍ୟା ମଧ୍ୟ କମିଯାଉଛି। ଯାହାକୁ ନେଇ ଦୋକାନୀ ମାନେ କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ତୁରନ୍ତ ଏସଏମସି ଏଥି ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

# ଚାଉଁରପୁର ବ୍ରିଜ ପାଲଟିଛି ଷ୍ଟଣ୍ଟ ପଏଣ୍ଟ

## ● ଲାଇଟ୍ ଅଚଳ, ସୁରକ୍ଷା ଢିଲା

**ସମ୍ବଲପୁର, ୩୧।୧୦(ସମିସ):** ମହାନଦୀ ଦ୍ୱିତୀୟ ସେତୁ କହୁଥିବାସମ୍ବଲପୁର ସହରସ୍ଥିତ ଚାଉଁରପୁର ବ୍ରିଜରେ ଲୋକଙ୍କ ସୁରକ୍ଷା ବ୍ୟବସ୍ଥା ପୁରା ଢିଲା। ଏହି ବ୍ରିଜ ଲୋକଙ୍କ ଗମନାଗମନ ସୁବିଧା ଦୃଷ୍ଟିରୁ ନିର୍ମାଣ କରାଯାଇଥିଲା।ହେଲେ ଏହି ବ୍ରିଜ ନିର୍ମାଣ ହେବା ପର ଠାରୁ ବହୁ ଚର୍ଚ୍ଚାରେ ରହିଛି। ବ୍ରିଜରେ ସନ୍ଧ୍ୟା ହେଲେ ଷ୍ଟଣ୍ଟ ପଏଣ୍ଟ ପାଲଟିଯାଉଛି।ଧୃତ ଗତିରେ ଗାଡ଼ି ଚାଳନା ହେଉଛି। ସୂଚନାଯୋଗ୍ୟ ଏହି ବ୍ରିଜରେ ସକାଳ ଓ ସନ୍ଧ୍ୟାରେ ସହରବାସୀ ଚାଲିବାକୁ ଯାଇଥାନ୍ତି।ମହାନଦୀ ଉପରେ ଗଢି ଉଠିଥିବା ଏହି ବ୍ରିଜରେ ଲୋକେ ବୁଲିବାକୁ ଯାଆନ୍ତି।ଉପରେ ଷ୍ଟ୍ରିଟ ଲାଇଟ ମଧ୍ୟ ଲାଗିଛି। ହେଲେ କେତେକ ଅଚଳ ତାର ହିସାବ ନାହିଁ। ଏସ୍‌ଏମସି ପକ୍ଷରୁ ମଧ୍ୟ ଏହାର ମରାମତି କରାଯାଉନି। କିଛି କିଛି ସ୍ଥାନ ଅନ୍ଧାରୁଆ ରହୁଥିବାରୁ ଅନୈତିକ କାମ ହେବା ସହ ନିଶାଡ଼ିଙ୍କ ଆଡ଼ ଜମୁଛି। ସନ୍ଧ୍ୟା ସମୟରେ ଯୁବପିଢୀ ବାଇକ୍ ଓ କାର ନେଇ ଷ୍ଟଣ୍ଟ ମଧ୍ୟ କରୁଛନ୍ତି। ସମ୍ବଲପୁର ପୁଲିସ ପକ୍ଷରୁ କିଛି ମାସ ପୂର୍ବରୁ ସିସିଟିଭି ଲଗାଯାଇଛି। କିନ୍ତୁ ତାହା ଅଚଳ ଅବସ୍ଥାରେ ରହିଛି ନା ଚାଲୁଛି ତାର କୌଣସି ସୂଚନା ମିଳିପାରିନାହିଁ। ବ୍ରିଜରେ ବାରମ୍ବାର ଦୁର୍ଘଟଣା ଘଟୁଛି। କିନ୍ତୁ ପୁଲିସ ପକ୍ଷରୁ ଧୃତଗାମୀ ଗାଡ଼ି ଚାଳକଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ନିର୍ଭୟରେ ଏମାନେ ଗାଡ଼ି ଚଲାଇ ଦୁର୍ଘଟଣା ଘଟାଉଛନ୍ତି। ଆଜି ଏପରି ଏକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ତେଣୁ ପୁଲିସ ପକ୍ଷରୁ କଡ଼ା ଯାଞ୍ଚ କରାଯାଇ ଧୃତଗାମୀ ଚାଳକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ବିଦ୍ୟାଳୟ ମିଶ୍ରଣକୁ ବିରୋଧ କଲେ ଗରିଆବାହାଲବାସୀ



**ସମ୍ବଲପୁର, ୩୧।୧୦ (ସମିସ) :** ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟ ବନ୍ଦ କିମ୍ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣକୁ ସାଧାରଣରେ ବିରୋଧ କରାଯାଇଛି। ଆଜି ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତ ଗରିଆବାହାଲ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିବାକୁ ବିରୋଧ କରି ଗରିଆବାହାଲ ଗ୍ରାମବାସୀ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଗ୍ରାମଟି ବଣପାହାଡ଼ ପରିବେଷ୍ଟିତ ଅଞ୍ଚଳରେ ଅବସ୍ଥିତ। ଗ୍ରାମର ଅଧିବାସୀ ଆର୍ଥିକ ସ୍ୱଚ୍ଛଳ ନଥିବାବେଳେ ଦାରିଦ୍ର୍ୟ ସୀମାରେଖା ତଳେ ରହି ଜୀବନଯାପନ କରୁଛନ୍ତି। ଏହି ଗ୍ରାମରେ ଶିକ୍ଷା କହିଲେ ଏକମାତ୍ର ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟକୁ ବନ୍ଦ କରି ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରିବାକୁ ଯୋଜନା ରହିଥିବା ଅବଗତ ହେବାପରେ ସେମାନେ ଆଜି ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ।

ଗରିଆବାହାଲ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରି ମିଶ୍ରଣ କରାଯିବାକୁ ଯୋଜନା ରହିଥିବା ବିଦ୍ୟାଳୟଟି ପ୍ରାୟ ୨ରୁ ୩ କିଲୋମିଟର ଦୂରତାରେ ରହିଛି। ଛୋଟ ଛୋଟ ଶିଶୁମାନେ ନିୟମିତ ଯିବାଆସିବାରେ ଅସୁବିଧା ହେବ। ଗରିଆବାହାଲ ଗ୍ରାମରୁ ଉକ୍ତ ବିଦ୍ୟାଳୟକୁ ରହିଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ରହିଛି। ବହୁସମୟରେ ହାତୀ ଓ ଅନ୍ୟ ବଣ୍ୟଜନ୍ତୁ ଦେଖାଯାଇଥାନ୍ତି। ଏଣୁ ଏଭଳି ବିପଦସଂକୁଳ ରାସ୍ତାରେ ଶିଶୁମାନଙ୍କୁ ବାପାମା' ଛାଡ଼ିବା ସମ୍ଭବପର ନୁହେଁ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏପରିକି ଗ୍ରାମବାସୀ ଆସନ୍ତା ୨୦୨୬-୨୭ ଶିକ୍ଷାବର୍ଷରୁ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି ନିମନ୍ତେ ପ୍ରୟାସ କରିବେ ବୋଲି କହିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପଧାନ ଦାବିପତ୍ର ଗ୍ରହଣ କରିବାସହ ସେଭଳି କିଛି ନିର୍ଦ୍ଦେଶନାମା ଆସିନାହିଁ ଏବଂ ଏହା ଆସିଲେ ଗରିଆବାହାଲ ଗ୍ରାମବାସୀଙ୍କ ଦାବିକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଅଁଳା ନବମୀ ଉତ୍ସବ



**ରେଢ଼ାଖୋଲ, ୩୧।୧୦(ସମିସ):** ପବିତ୍ର ଅଁଳା ନବମୀ ଉତ୍ସବ ଅବସରରେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ରେଙ୍ଗାଲି ପଞ୍ଚାୟତ ସ୍ଥିତ ହନୁମାନ ମନ୍ଦିର ପରିସରରେ ବଜରଙ୍ଗବଳି ଭକ୍ତବୃନ୍ଦ ତଥା ମାରୁତି କଲ୍ ଚୁରାଲ ଆସୋସିଏସନ୍, ରେଙ୍ଗାଲି ଆନୁକୂଲ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଙ୍କ ସହାୟତାରେ ଅଁଳା ନବମୀ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ପାରାୟଣ ଗାୟିକା ପ୍ରିତିନନ୍ଦା ମିଶ୍ର ତୁଳସୀ ପାରାୟଣ ଗାନ କରିଥିଲେ। ଏଥିରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସ୍ଥାନୀୟ ସରପଞ୍ଚ ସୌରେନ୍ଦ୍ରୀ ଭୋଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ହନୁମାନମନ୍ଦିର ପୂଜକ ଗୋପବନ୍ଧୁ ତ୍ରିପାଠୀ, ବିରଞ୍ଚି ନାରାୟଣ ପାଣିଗ୍ରାହୀ, ଚିତ୍ତରଞ୍ଜନ ପ୍ରଧାନ, ଭୀମସେନ ସାହୁ ସହଯୋଗ କରିଥିଲେ।

# 'ଡିଜାଷ୍ଟର ଆମ୍ବାସଡର' ଭାବେ ଏନ୍‌ଏସ୍‌ସିବି କଲେଜ ଛାତ୍ର ସମ୍ବର୍ଦ୍ଧିତ



**ସମ୍ବଲପୁର, ୩୧।୧୦ (ସମିସ) :** ବିଶ୍ୱ ଯୁବକ କେନ୍ଦ୍ର ଓ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଯୁଥ୍ ଆଣ୍ଡ ଡିଭେଲପମେଣ୍ଟଙ୍କ ମିଳିତ ଆନୁକୂଲ୍ୟରେ ରେଡ୍‌କ୍ରସ୍ ଭବନ, ଭୁବନେଶ୍ୱରଠାରେ ଆୟୋଜିତ 'ଫେଲିସିଟେସନ୍ ସେରେମନି ଫର୍ ଡିଜାଷ୍ଟର ଆମ୍ବାସଡର୍ସ' କାର୍ଯ୍ୟକ୍ରମରେ ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ସ୍ନାତକୋତ୍ତର ଶେଷବର୍ଷ ଛାତ୍ର ମାସୁଦ ଆଲମଙ୍କୁ 'ଡିଜାଷ୍ଟର ଆମ୍ବାସଡର' ଭାବେ ସମ୍ମାନିତ କରାଯାଇଚି। ଏହି ସମ୍ମାନ ତାଙ୍କର ଦୁର୍ଯୋଗ ପରିଚାଳନା, ସମାଜସେବା ଓ ଯୁବ ସଚେତନତା କାର୍ଯ୍ୟରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଦିଆଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ବହୁ ଯୁବବର୍ଗର ସ୍ୱେଚ୍ଛାସେବୀ ତଥା ସମାଜସେବୀମାନେ ଯୋଗ ଦେଇଥିଲେ।

# ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ

**ସମ୍ବଲପୁର, ୩୧।୧୦ (ସମିସ) :** ସମ୍ବଲପୁର ଜିଲ୍ଲା କଂଗ୍ରେସ ସଭାପତି ଇଂ ଅମିତ କୁମାର ଗୁରୁଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ଏବଂ ଭାରତରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିବାସହ ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତିଚାରଣ କରାଯାଇଥିଲା। ସଭାରେ ପୂର୍ବତନ ସଭାପତି ଜୟଶଙ୍କର ମିଶ୍ର, ଦିନ ପରିଡ଼ା, ସଞ୍ଜୀବ ଗର୍ଡ଼ିଆ, ହୀରାକୁଦ ନଗର ସଭାପତି ରବି ରାଉତ ଓ ବୁର୍ଲା ନଗର ସଭାପତି ଗିରିଜା ନାୟକ, ଜିଲ୍ଲା ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ଯଶୋଧାରା ପୂଜାରୀ, ନିଖଦ ପରବିନ, ପିଙ୍କୁ ସିଂହ, ହରି ମେହେର, ରାଜ୍ୟ ଅନୁସୂଚିତ ଜାତି ସମ୍ପାଦକ ତାପସ ନାୟକ, ଶତ୍ରୁ ସେନାପତି ପ୍ରମୁଖ ବହୁ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

## ● ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନର ନୂତନ କର୍ମକର୍ତ୍ତା

# ବ୍ୟୋମକେଶ ସଭାପତି, ଦେବେନ ସମ୍ପାଦକ

**ସମ୍ବଲପୁର, ୩୧।୧୦(ସମିସ):** କୁକୁଡ଼ାପାଲି ମାର୍କେଟୟାର୍ଡ଼ଠାରେ ଆଜି ଅନୁଷ୍ଠିତ ଜିଲ୍ଲାସ୍ତରୀୟ କର୍ମୀ ସମ୍ମିଳନୀରେ ପୂର୍ବତନ କାର୍ଯ୍ୟକାରିଣୀ କମିଟିକୁ ଭଙ୍ଗ କଲାପରେ ନୂତନ କର୍ମକର୍ତ୍ତା ସର୍ବସମ୍ମତ ଭାବେ ମନୋନୀତ ହୋଇଛନ୍ତି। ପୂର୍ବତନ ସଭାପତି ଉମେଶ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଦେବେନ ପ୍ରଧାନ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିଲେ। ଚାଷୀମାନଙ୍କ ପକ୍ଷରୁ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ପ୍ରବକ୍ତା ସରୋଜ ପୂର୍ବତନ କର୍ମକର୍ତ୍ତାଙ୍କୁ ଚାଷୀ ମାନଙ୍କ ହିତରେ ବିଭିନ୍ନ କାର୍ଯ୍ୟ ଆଗେଇ ନେଇଥିବାରୁ ଧନ୍ୟବାଦ ଦେଇଥିଲେ। କମିଟି ଭଙ୍ଗ ହେବାପରେ ବରିଷ୍ଠ ଚାଷୀ ଦିଲ୍ଲୀପ ମହାପାତ୍ରଙ୍କ ସଂଯୋଜନାରେ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା।

ଜିଲ୍ଲା ସଭାପତି ଭାବେ ବ୍ୟୋମକେଶ ଠାକୁର ମନୋନୀତ ହୋଇଥିବାବେଳେ ଉପସଭାପତି ଭୈରବ ପ୍ରଧାନ, ନନ୍ଦଲାଲ ତ୍ରିପାଠୀ, ସୁଦୀପ୍ତ ପଟେଲ, ସୁଦାମ ଚରଣ ପ୍ରଧାନ ଓ ସରୋଜ ପ୍ରଧାନ, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ଯୁଗ୍ମସମ୍ପାଦକ ସନତ ମିଶ୍ର ଓ କିସାନ ବେହେରା, କୋଷାଧ୍ୟକ୍ଷ ଜଗଦାନନ୍ଦ ନାୟକ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ଆଗାମୀ ଦିନରେ କାର୍ଯ୍ୟକାରିଣୀ ସଦସ୍ୟ ଓ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯିବ। ସଭାରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ସୁଶାନ୍ତ ପଣ୍ଡା, ବିପିନ ବିହାରୀ ଭୋଇ, ଯୋଗବିହାରୀ ପରିଡ଼ା, କିରଣ ନାୟକ, ତରଣୀସେନ ଭୋଇ, ଧନଞ୍ଜୟ ମହାପାତ୍ର, ଅଶ୍ୱିନୀ ହୋତା, ବଂଶୀଧର ପ୍ରଧାନ, ଦାମୋଦର ପ୍ରଧାନ, ଗଣେଶ ମହନ୍ତ, ଯୋଗେଶ ଭୋଇ, ହରିଶଙ୍କର ପୁରୋହିତ, ଦୋଳଗୋବିନ୍ଦ ନାୟକ, ସଞ୍ଜିବ ବାରିକ, ଧ୍ରୁବଚରଣ ପ୍ରଧାନ, ଲକ୍ଷ୍ମୀ ଛତ୍ରିଆ, ପ୍ରକାଶ ପ୍ରଧାନ, ବିଦ୍ୟାଧର ପ୍ରଧାନ, କାହ୍ନୁଚରଣ ମାଝୀ, ସୁଧାଂଶୁ ପଣ୍ଡାଙ୍କ ସମେତ କୁଚିଣ୍ଡା, ଜମନକିରା, ବାମରା, ରେଢ଼ାଖୋଲ, ନାକଟିଦେଉଳ, ମାନେଶ୍ୱର, ଧମା, ହୁମା, ହୀରାକୁଦ ଓ ସେରସୁଆଁତଲ ଆଦି ଜିଲ୍ଲାର ବିଭିନ୍ନ ଅଞ୍ଚଳର ଶତାଧିକ ଚାଷୀ ଯୋଗ ଦେଇଥିଲେ।



# ବ୍ଲକ୍ କାର୍ଯ୍ୟାଳୟରେ ଭଙ୍ଗାରୁଜା, ୨ ଗିରଫ

**ଜମନକିରା, ୩୧।୧୦(ସମିସ):** ଜମନକିରା ବ୍ଲକ କାର୍ଯ୍ୟାଳୟରେ ଆଜି କାର୍ଯ୍ୟ ଚାଲିଥିବାବେଳେ ଜମନକିରାର ଦୁଇଜଣ ଯୁବକ ଭିତରକୁ ପଶିଆସି କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ଭଙ୍ଗାରୁଜା କରିବାସହ ସହ ଚାନ୍ଦା ମାଗିଥିବା ଜମନକିରା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଉଭୟ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସର ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ସାଢ଼େ ୨ଟା ସମୟରେ ଏବିଡିଓ ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟ କରୁଥିବାବେଳେ ଜମନକିରା ଜଗନ୍ନାଥପଡ଼ାର ବିଶ୍ୱନାଥ ପଟ୍ଟନାୟକ ଓ ବ୍ଲକଛକର ଅମରେଶ ପଟ୍ଟନାୟକ (୪୦) ବ୍ଲକ କାର୍ଯ୍ୟାଳୟକୁ ପଶିଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାସହ ଟେବୁଲ ଚେୟାର ଭଙ୍ଗାରୁଜା କରିଥିଲେ। କର୍ମଚାରୀମାନେ ସେମାନଙ୍କୁ କାରଣ ପଚାରିବାସହ ମନା କରିବାରୁ ସେମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେମାନେ କାର୍ଯ୍ୟାଳୟ ସହିତ ଗେଷ୍ଟ ହାଉସ୍‌ରେ ମଧ୍ୟ ଭଙ୍ଗାରୁଜା କରିଥିଲେ। ଦୁଇଜଣ ଚାନ୍ଦା ଦାବିକରିବାସହ ମାରିଦେବାକୁ ଧମକ ଦେଇଥିଲେ ବୋଲି ଏବିଡିଓ ପୁଲିସରେ ଲିଖିତ ଅଭିଯୋଗ କରିଛନ୍ତି। ଜମନକିରା ପୁଲିସ କେସ ନଂ. ୧୯୬/୨୦୨୫ରେ ମାମଲା ରୁଜୁ କରି ଉଭୟଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।

# ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ପରଲୋକ



**ସମ୍ବଲପୁର, ୩୧।୧୦(ସମିସ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସାରସ୍ୱତ କଲୋନୀ ବାସିନ୍ଦା ବିରଞ୍ଚି ନାରାୟଣ ତ୍ରିପାଠୀ (୭୬)ଙ୍କର ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି। ବିରଞ୍ଚି ମାନେଶ୍ୱର ବ୍ଲକ ଗୟାଧରପାଲି ଗ୍ରାମର ମୂଳବାସିନ୍ଦା ଥିଲେ। ଖବର ମିଳିବାପରେ ସତ୍ୟସାଇ ସେବା ସମିତି ଏବଂ ସାରସ୍ୱତ କଲୋନୀ ବାସିନ୍ଦା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତାଙ୍କ ପଛରେ ପତ୍ନୀ ସୁରୁଚୀ, ପୁଅ ହେମନ୍ତ, ଦୁଇ ଝିଅ ରୀତାଞ୍ଜଳୀ ଓ ମିତାଞ୍ଜଳୀ, ବୋହୂ କ୍ୱାଇଁ ତଥା ନାତିନାତୁଣୀ ଅଛନ୍ତି। ଆଜି ପୂର୍ବାହ୍ଣରେ ତାଙ୍କ ଶେଷକୃତ୍ୟ ଦୁର୍ଗାପାଲିସ୍ଥିତ ରାଜଘାଟରେ ସମ୍ପନ୍ନ ହୋଇଥିବାବେଳେ ପୁଅ ହେମନ୍ତ ମୁଖାଗ୍ନି ଦେଇଥିଲେ।

# ପିକ୍‌ଅପ୍ ସହ ୧୮୦ ବଣ୍ଡଲ କେନ୍ଦୁପତ୍ର ଜବତ



**ରେଢ଼ାଖୋଲ, ୩୧।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅଧୀନ ଚାରମାଳ ରେଞ୍ଜ ଅଧୀନ ବରମହପୁରା ଗ୍ରାମରେ ଶୁକ୍ରବାର ବେଆଇନ କେନ୍ଦୁପତ୍ର ଚାଲାଣ ଉପରେ ବନ ବିଭାଗ ପକ୍ଷରୁ ଚଢ଼ଉ କରି ୧୮୦ ବଣ୍ଡଲ ଅର୍ଥାତ୍ ୯ କ୍ୱିଣ୍ଟାଲ ୩୬ କେଜି କେନ୍ଦୁପତ୍ର ଜବତ କରିବା ସହ ଏକ ପିକ୍‌ଅପ ଭ୍ୟାନକୁ ଜବତ କରିଛି। ତେବେ ଚଢ଼ଉ ସମୟରେ ଅଭିଯୁକ୍ତ ଫେରାର ହୋଇଯାଇଛି। ସୂଚନା ଯୋଗ୍ୟ ଯେ ବରମହପୁରା ଗ୍ରାମରେ ବେଆଇନ ଚୋରାଚାଲାଣ କେନ୍ଦୁପତ୍ର ହେଉଥିବା ନେଇ ଖବରପାଇ ରେଢ଼ାଖୋଲ ବନବିଭାଗ ସଦଳବଳ ଚଢ଼ଉ କରିଥିଲେ। ଏଥିରେ କେନ୍ଦୁପତ୍ର ବୋଝେଇ ଗାଡି ଜବତ କରିଥିବା ବେଳେ ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିବା ଚାରମାଳ ରେଞ୍ଜର ଦର୍ଶନୀୟା ଭୋଇ ସୂଚନା ଦେଇଛନ୍ତି।

# ବେଦାନ୍ତ ଆଲୁମିନିୟମ ପ୍ରଗତିକୁ ଆଗେଇ ନେଉଥିବା ଜନ-ମୁଖ୍ୟ ସଂସ୍କୃତି ଗଠନ କରିଛି

**ସମ୍ବଲପୁର, ୩୧।୧୦ (ସମିସ)**



ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ, ଲୋକମାନେ ପ୍ରଗତିରେ କେନ୍ଦ୍ରବିନ୍ଦୁ, ନୂତନତ୍ୱ, କାର୍ଯ୍ୟଦକ୍ଷତା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ଆଗେଇ ନେଉଛନ୍ତି। କମ୍ପାନୀର ଲୋକ-ପ୍ରଥମେ ଦର୍ଶନ ଏହାର କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଏହାର ସାମାଜିକ ପ୍ରଭାବକୁ ଆକାର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଲିଙ୍ଗ ବିବିଧତା ଏବଂ ଏଲଜିବିଟିକ୍ୟୁ-ପ୍ଲସ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବା ଠାରୁ ଆରମ୍ଭ କରି ସ୍ୱଚ୍ଛ କ୍ୟାରିଅର ଗତିଶୀଳତା ଏବଂ ଅନ୍ତର୍ଭୁକ୍ତିମୂଳକ ନେତୃତ୍ୱ ସୁନିଶ୍ଚିତ କରିବା ପର୍ଯ୍ୟନ୍ତ, ବେଦାନ୍ତ ଝାରସୁଗୁଡ଼ା ବିଶ୍ୱାସ କରେ ଯେ ଯେତେବେଳେ ଲୋକମାନେ ଆଗକୁ ବଢ଼ନ୍ତି ସେତେବେଳେ ବ୍ୟବସାୟଗୁଡ଼ିକ ଉନ୍ନତି ପାଆନ୍ତି। ବେଦାନ୍ତ ଝାରସୁଗଡ଼ାରେ, ଲୋକମାନଙ୍କ ବିକାଶ ଏବଂ ଶିକ୍ଷା କମ୍ପାନୀର ଅଭିବୃଦ୍ଧି ଦର୍ଶନର କେନ୍ଦ୍ରବିନ୍ଦୁ। ନିରନ୍ତର ଶିକ୍ଷା ଏବଂ ଦକ୍ଷତା ନିର୍ମାଣ ଉପରେ ଧ୍ୟାନ ବ୍ୟକ୍ତିଗତ ଏବଂ ସଂଗଠନିକ ସଫଳତାକୁ ଆଗେଇ ନେଇଥାଏ। ଭିଏଲଡିପି ପରିଚାଳନା ପ୍ରଶିକ୍ଷାର୍ଥୀଙ୍କ ପାଇଁ ଘୂର୍ଣ୍ଣନ ମଡେଲ ଭଳି ପଦକ୍ଷେପଗୁଡ଼ିକ କ୍ରସ୍-ଫଙ୍କସନ୍ଲ ଏକ୍ସପୋଜର୍ ଏବଂ ପ୍ରାରମ୍ଭିକ ନେତୃତ୍ୱ ଅଭିଜ୍ଞତା ପ୍ରଦାନ କରେ, ଯେତେବେଳେ ଏଆଇ-ଆଧାରିତ ପ୍ରତିଭା ମୂଲ୍ୟାଙ୍କନ, ଲକ୍ଷ୍ୟ ଟ୍ରାକିଂ ଏବଂ ମତାମତ ବ୍ୟବସ୍ଥା ନ୍ୟାୟ ଏବଂ ଯୋଗ୍ୟତାକୁ ପ୍ରୋତ୍ସାହିତ କରେ। ଲିଙ୍ଗ ଅନ୍ତର୍ଭୁକ୍ତି ଏକ ପରିବର୍ତ୍ତନକାରୀ ଧ୍ୟାନ କ୍ଷେତ୍ର ହୋଇ ରହିଛି। ପ୍ରୋଜେକ୍ଟ ଶ୍ରୀଶକ୍ତି ଅଧୀନରେ, ୧୫୦ ରୁ ଅଧିକ ମହିଳା ସମସ୍ତ ସିଫ୍ଟରେ ପ୍ରମୁଖ କାର୍ଯ୍ୟକ୍ଷମ ଭୂମିକା ଗ୍ରହଣ କରୁଛନ୍ତି। ଏହି ଗତି ଉପରେ ଆଧାରିତ, ବେଦାନ୍ତ ଝାରସୁଗୁଡ଼ା ଭାରତର ପ୍ରଥମ ଅଲ୍-ମହିଳା ପୋଟଲାଇନ୍ କ୍ରୁ ଏବଂ ଅଲ୍-ମହିଳା ଲୋକୋମୋଟିଭ୍ କ୍ରୁ ସହିତ ଜାତୀୟ ମାନଦଣ୍ଡ ସ୍ଥାପନ କରିଛି, ଯାହା ମୂଳ ଉତ୍ପାଦନରେ ମହିଳାମାନଙ୍କ ପାଇଁ ସମ୍ଭାବନାକୁ ପୁନଃ ପରିଭାଷିତ କରୁଛି। ପ୍ରୋଜେକ୍ଟ ପଞ୍ଚି ମାଧ୍ୟମରେ, ଗ୍ରାମୀଣ ଓଡ଼ିଶାର ୧୯୦ ରୁ ଅଧିକ ଯୁବତୀ ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଗ୍ରହଣ କରୁଛନ୍ତି, ଯାହା ପରାମର୍ଶ, ଦକ୍ଷତା ତାଲିମ ଏବଂ ବୈଷୟିକ ଏବଂ କାର୍ଯ୍ୟକ୍ଷମ ଭୂମିକାରେ ଏକ ସଂରଚିତ ପରିବର୍ତ୍ତନ ଢାଞ୍ଚା ଦ୍ୱାରା ସମର୍ଥ। ବେଦାନ୍ତ ଝାରସୁଗୁଡ଼ା ଏଲଜିବିଟିକ୍ୟୁ-ପ୍ଲସ ବୃତ୍ତିଗତଙ୍କ ପାଇଁ ପ୍ରଗତିଶୀଳ ନୀତି ପ୍ରଚଳନ କରିଛି, ଯେଉଁଥିରେ ଲିଙ୍ଗ ପୁନଃନିର୍ମାଣ ସହାୟତା, ଚିକିତ୍ସା ସୁବିଧା ଏବଂ ସମ୍ବେଦନଶୀଳତା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ।

ବେଦାନ୍ତ ଝାରସୁଗୁଡ଼ା ସିଇଓ ସି ଚନ୍ଦ୍ରୁ କହିଛନ୍ତି, ବେଦାନ୍ତ ଝାରସୁଗୁଡ଼ାରେ, ଆମର ଲୋକମାନେ ପରିବର୍ତ୍ତନର ପ୍ରକୃତ ଉତ୍ପ୍ରେରକ। ଯେତେବେଳେ ଆମେ ସେମାନଙ୍କୁ ସଶକ୍ତ କରୁ, ଆମେ ଏପରି ଶିଳ୍ପ ନିର୍ମାଣ କରୁ ଯାହା ଆମ ସହିତ ବୃଦ୍ଧି ପାଉଥିବା ସମ୍ପ୍ରଦାୟଗୁଡ଼ିକ ସ୍ଥାୟୀ ଭାବରେ ଉନ୍ନତି କରିଥାଏ। ବେଦାନ୍ତ ଝାରସୁଗୁଡାର ସିଏଚଆରଓ ପଙ୍କଜ ସୁରେକା କହିଛନ୍ତି, ବେଦାନ୍ତ ଝାରସୁଗୁଡା କର୍ମଚାରୀ ଅଭିଜ୍ଞତାକୁ ପୁନଃ ପରିଭାଷିତ କରୁଛି, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରୁଛି ।

# ୧୨୯ କେଜି ଗଞ୍ଜେଇ ଜବତ, ୨ ଗିରଫ



**ରେଢ଼ାଖୋଲ, ୩୧।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଧୀନ ଘୋଷରାମାଲ ପଞ୍ଚାୟତ ଅଧୀନ ରେଙ୍ଗାଲମୁଣ୍ଡା ଗ୍ରାମରେ ଶୁକ୍ରବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୧୨୯ କେଜି ଗଞ୍ଜେଇ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଘୋଷରାମାଲ ଗ୍ରାମର ବାସିନ୍ଦା ପପୁନ ରାଉଳ(୨୪) ଓ ଗଗନ ରାଉଳ। ସୂଚନା ଯୋଗ୍ୟ ଯେ ବୌଦ୍ଧ ଜିଲ୍ଲା ଅଞ୍ଚଳରୁ ଗଞ୍ଜେଇ ଆଣି ବିକ୍ରି କରିବା ଉଦ୍ଦେଶ୍ୟରେ ଘରେ ଗଚ୍ଛିତ କରି ରଖିଥିଲେ। ଖବରପାଇ ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ସଦଳବଳେ ଚଢ଼ଉ କରିଥିଲେ। ଏଥିରେ ୭ ଟି ଜରି ବସ୍ତାରେ ୧ କ୍ୱିଣ୍ଟାଲ ୨୯ କେଜି ବେଆଇନ ଗଞ୍ଜେଇ ଜବତ କରିଥିବା ବେଳେ ଏଥିରେ ଉକ୍ତ ଦୁଇ ଜଣ ଅଭିଯୁକ୍ତ ଯୁବକ ଚାଲାଣକାରୀକୁ ଗିରଫ କରିଥିଲେ। ଏଥିରେ ତଦନ୍ତକାରୀ ଅଫିସର ଅବକାରୀ ବିଭାଗ ଓଆଇସି କୀର୍ତ୍ତନ ନାଏକ ତଦନ୍ତ କରିଥିବାବେଳେ ଉକ୍ତ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଉଥିବା ସୂଚନା ଦେଇଛନ୍ତି।

## ଅଲିଭ୍‌ରିଡ୍‌ଲେଙ୍କ ପ୍ରଜନନ ପ୍ରକ୍ରିୟା ଲାଗି ମତ୍ସ୍ୟ ବିଭାଗର ପଦକ୍ଷେପ

# ଆଜିଠୁ ୭ ମାସ ପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ପାରାଦୀପ, ୩୧ା୧୦(ସମିସ)**

ଅଲିଭ୍‌ରିଡ୍‌ଲେଙ୍କ ପ୍ରଜନନ ପ୍ରକ୍ରିୟା ଲାଗି ସମୁଦ୍ରର ୨୦ କିମି ଭିତରେ ମାଛ ଧରିବା ଉପରେ ମତ୍ସ୍ୟ ବିଭାଗ କଟକଣା ଜାରି କରିଛି। ଆସନ୍ତାକାଲିଠୁ ଆରମ୍ଭ ହେଉଥିବା ଏହି କଟକଣା ଆସନ୍ତାବର୍ଷ ମେ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। କୁଜଙ୍ଗ ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ଏହି ନିର୍ଦ୍ଦେଶ ଜାରି କରିଛନ୍ତି।

ଅଲିଭଲିଡ୍‌ଲେ କଇଁଛଙ୍କ ପ୍ରଜନନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ୭ ମାସ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ମାଛ ଧରିବାକୁ ଯିବା ଲାଗି ବାରଣ କରାଯାଇଛି। ଏହି ପରିସୀମା ମଧ୍ୟରେ କୌଣସି ବୋଟ, ଯନ୍ତ୍ରଚାଳିତ ଟ୍ରଲର ଓ ଡଙ୍ଗା ମାଛ ଧରି ପାରିବେନାହିଁ। କାରଣ ସମୁଦ୍ରରେ କଇଁଛ ନଭେମ୍ବରରୁ ଉପକୂଳ ମୁହାଁ ହୋଇଥାଆନ୍ତି। ଏହି ସମୟରେ ସେମାନଙ୍କର ଜୀବନ ଚକ୍ର ଆରମ୍ଭ ହୋଇଥାଏ। ଯଦି କୌଣସି ମତ୍ସ୍ୟଜୀବୀ କଟକଣା ଅଞ୍ଚଳରେ ପ୍ରବେଶ କରିବେ, ସେହି ବୋଟ୍‌କୁ ଜବତ କରାଯିବା ସହିତ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯିବ। ଏଥିପାଇଁ କୋଷ୍ଟଗାର୍ଡ, କଷ୍ଟମ୍ସ, ସିଆଇଏସଏଫ, ବନ ବିଭାଗ ଓ ମତ୍ସ୍ୟ ବିଭାଗ ପକ୍ଷରୁ ସମୁଦ୍ରରେ ପେଟ୍ରୋଲିଂ କରାଯାଇଥାଏ। ମାଛ ଧରି ଚଳୁଥିବା ହଜାର ହଜାର ମତ୍ସ୍ୟଜୀବୀ ଓ ବୋଟ୍ ମାଲିକ ଏବେ ଚିନ୍ତାରେ ପଡ଼ିଲେଣି। କେମିତି ଏତେଦିନ ସେମାନଙ୍କ ତେଲ ଲୁଣ ସଂସାର ଚାଲିବ। ସେହି ଚିନ୍ତା ଏବେ ସେମାନଙ୍କୁ ଘାରିଛି। ଅଲିଭଲିଡ୍‌ଲେ କଇଁଛଙ୍କୁ ସୁରକ୍ଷା ଦେବାକୁ ଏହି ପଦକ୍ଷେପକୁ ମତ୍ସ୍ୟଜୀବୀ ଓ ଟ୍ରଲର ମାଲିକ ସ୍ୱାଗତ କରିଛନ୍ତି। ଟ୍ରଲର ମାଲିକ ଓ ମତ୍ସ୍ୟଜୀବୀଙ୍କ ସମସ୍ୟା କଥା ସରକାର ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ମତ୍ସ୍ୟ ବ୍ୟବସାୟୀ ସଂଘ ଦାବି କରିଛି। ଏ ନେଇ ଏକ କଲ୍ୟାଣ ପାଣ୍ଠି ସରକାର ରଖିବା ଦରକାର। ବର୍ଷକ ବାରମାସ ମଧ୍ୟରୁ ୭ ମାସ ଯଦି ଏଭଳି କଟକଣା ଜାରି କରାଯାଏ, ତେବେ ଏପ୍ରିଲ ୧୫ ତାରିଖରୁ ଜୁନ ୧୫ ତାରିଖ ଦୁଇ ମାସ ମାଛ ବଢ଼ିବା ଲାଗି ପୁଣି ମାଛ ଧରିବା ବନ୍ଦ ରହେ, ତେବେ ବାକି କଟକଣା ଲାଗି ନ ଥିବା ୩ ମାସ ମତ୍ସ୍ୟଜୀବୀଙ୍କ ପାଇଁ ରୋଜଗାର କରିବା ଆଦୌ ସମ୍ଭବ ନୁହେଁ। ପୁଣି ଏହି ୩ ମାସ ମୁହାଣ ମୁହଁରେ ବହୁ ସମୟରେ ଉଚ୍ଚ ଜୁଆର ରହୁଥିବାରୁ ମତ୍ସ୍ୟଜୀବୀ ଭୟରେ ଯିବା ଆସିବା କରନ୍ତି। ସମୁଦ୍ରରୁ ମାଛ ଧରିବା ୨୦ କିମି ମଧ୍ୟରେ ରହିଥିବା କଟକଣାକୁ ୧୦ କିମି ମଧ୍ୟରେ ସୀମିତ ରଖିବାକୁ ବାରମ୍ବାର ଦାବି ହୋଇଆସୁଛି। ଏହି ସମସ୍ୟା ପ୍ରତି କାହାର ନଜର ନାହିଁ। ଫଳରେ ମତ୍ସ୍ୟଜୀବୀ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏଭଳି ପରିସ୍ଥିତି ଯଦି ଏମିତି ବର୍ଷ ବର୍ଷ ଧରି ଲାଗିରେ ତେବେ ଆଗକୁ ଏହି ମତ୍ସ୍ୟ ସମ୍ପଦ ଉପରେ ନିର୍ଭର କରୁଥିବା ଓଡ଼ିଶା କୋଷ୍ଟର ୧୫ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ ଓ ସେଥି ମଧ୍ୟରେ ଥିବା ପାରାଦୀପ ମାଛଧରା ବନ୍ଦରରୁ ୫୦ ହଜାରରୁ ଅଧିକ ପରିବାରଙ୍କ ଏହି ମତ୍ସ୍ୟ ସମ୍ପଦ ଉପରୁ ଭରସା ତୁଟିଯିବ। ଅନ୍ୟପକ୍ଷରେ ସମୁଦ୍ରର ଯେଉଁ ସୀମା ପର୍ଯ୍ୟନ୍ତ କଟକଣା ଜାରି କରାଯାଇଛି, ଏହି ସୀମାକୁ ଚିହ୍ନଟ କରାଯିବା ଜରୁରୀ। ସୀମା କଟକଣା ଜାଣିପାରୁ ନ ଥିବାରୁ ଅଧିକାଂଶ ସମୟରେ ମତ୍ସ୍ୟଜୀବୀଙ୍କୁ ଦଣ୍ଡିତ ହେବାକୁ ପଡୁଛି ବୋଲି ଓମ୍ଫାର ସଭାପତି ଶ୍ରୀକାନ୍ତ ପରିଡ଼ା ଓ ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ଅଭିଯୋଗ କରିଛନ୍ତି।

## ଲକ୍ ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା



**ପାରାଦୀପ, ୩୧ା୧୦(ସମିସ):** ପାରାଦୀପ ଲକ୍ ଥାନା 'ଆମ ପୁଲିସ ସମିତି' ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୈନନ୍ଦିନ ଜୀବନରେ ବିଭିନ୍ନ ପ୍ରକାର ସାଇବର ଅପରାଧ ଘଟୁଛି। ସାଇବର ଠକ୍ ନୂଆ ନୂଆ ପଦ୍ଧତି ଆପଣାଉଛନ୍ତି। ମିଥ୍ୟା ପ୍ରତିଶ୍ରୁତି ଦେଇ ଓଟିପି ନେବା ପରେ ବ୍ୟାଙ୍କ୍ ଆକାଉଣ୍ଟ୍‌ରୁ ଟଙ୍କା ଉଭାନ ହୋଇଯାଉଛି। ଡିଜିଟାଲ ଆରେଷ୍ଟ କଥା କହି ଜନସାଧାରଣଙ୍କୁ ଭୟଭୀତ କରି ଲୁଟୁଛନ୍ତି। ଅନ୍ୟପକ୍ଷରେ ଫେସ୍ ବୁକ୍, ଇଷ୍ଟାଗ୍ରାମ ଓ ଅନ୍ୟାନ୍ୟ ସୋସିଆଲ ମିଡିଆ ମାଧ୍ୟମରେ ଅପରାଧ ବଢ଼ି ଚାଲିଛି। ଛାତ୍ରଛାତ୍ରୀ ମୋବାଇଲରେ ଖେଳ ଖେଳି ଟଙ୍କା ହାରିବା ପରେ ଆତ୍ମହତ୍ୟା କରୁଛନ୍ତି। ଏଥିପାଇଁ ପଥପ୍ରାନ୍ତ ଓ ଶିକ୍ଷାନୁଷ୍ଠାନରେ ଏକକ ନୃତ୍ୟ ମାଧ୍ୟମରେ ସଚେତନ କରାଯିବ ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ସୂଚନା ଦେଇଥିଲେ। ଆଇନଜୀବୀ ସଞ୍ଜୟ ବେହେରା ସାଇବର ଅପରାଧରୁ କିପରି ରକ୍ଷା ପାଇବେ, ଏ ସମ୍ପର୍କରେ ସଚେତନ କରିଥିଲେ। ଅତିରିକ୍ତ ଭାରପ୍ରାପ୍ତ ଥାନାଧିକାରୀ ଦୀପ୍ତିରଞ୍ଜନ ଓଝା ଫେକ୍ କଲଠାରୁ ଦୂରରେ ରହିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆଇ. ଶ୍ରୀକାନ୍ତ ସାହୁ, ଏଏସଆଇ ଜ୍ଞାନରଞ୍ଜନ ଦାସ, ଦିଗାମ୍ବର ବେହେରା, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ବଗଦିଆ ସମିତି ସଭ୍ୟ ପବିତ୍ର ସେଠୀ, ଚନ୍ଦ୍ରକାନ୍ତ ସ୍ୱାଇଁ, ଗଗନ ବିହାରୀ ରାଉତ, ଚନ୍ଦ୍ରଶେଖର ଚୌଧୁରୀ, ସଂଗ୍ରାମ ବେହେରା, ମନୋଜ ରାଉତ, ବିଜ୍ଞାନ ସାମଲ, ଲୋଭା ବେହେରା, ପ୍ରଭାକର ଚୌଧୁରୀ, ଅଲେଖ ମହାରଥା ପ୍ରମୁଖ ଯୋଗ ଦେଇଥିଲେ।

## ଶେଷ ପର୍ଯ୍ୟାୟରେ କଳିଙ୍ଗ ବାଲିଯାତ୍ରା ପ୍ରସ୍ତୁତି

**ପାରାଦୀପ, ୩୧ା୧୦(ସମିସ):** କଳିଙ୍ଗ ବାଲିଯାତ୍ରା ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ପାରାଦୀପ ଏଡିଏମ ନିରଞ୍ଜନ ବେହେରା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ପ୍ରଦାନ କରିଛନ୍ତି। ବୈଠକରେ ଏଡିଏମଙ୍କ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଜିଲ୍ଲା ପବ୍ଲିକ ରିଲେସନ ଅଫିସର ପ୍ରତିଚି ତନୟା ମହାନ୍ତି, ପାରାଦୀପ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୪ ତାରିଖରୁ ଆରମ୍ଭ ହେବାକୁ ଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉପରେ ଏଡିଏମ ବିସ୍ତୃତ ଭାବେ ଗଣମାଧ୍ୟମକୁ ଅବଗତ କରାଇଥିଲେ। ପ୍ରଶାସନ ପକ୍ଷରୁ କଳିଙ୍ଗ ବାଲିଯାତ୍ରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲ୍ଲାପାଳ, ଏସ୍‌ପି ଓ ଜିଲ୍ଲାର ବରିଷ୍ଠ ଅଧିକାରୀ ଆସି ତଦାରଖ କରି ଫେରିଯାଇଛନ୍ତି। ପାର୍କିଂ ସ୍ଥାନ, ମଞ୍ଚ, ପାନୀୟଜଳ, ବସିବା ଓ ଶୌଚାଳୟ ଆଦି ଠିକ ଭାବେ କରାଯାଇଛି ନାଁ ନାହିଁ, ଯେପରି ଜନସାଧାରଣଙ୍କ ଅସୁବିଧା ନ ହୁଏ, ସମସ୍ତ ପ୍ରକାର ବନ୍ଦୋବସ୍ତ ଜିଲ୍ଲାର ବରିଷ୍ଠ ଅଧିକାରୀ ଆସି ସମୀକ୍ଷା କରିଛନ୍ତି। ସ୍ଥାନୀୟ ଅଧିକାରୀ ସେମାନଙ୍କ ସହିତ ଉପସ୍ଥିତ ଥିଲେ। ଜନସାଧାରଣ କିଭଳି ପରିବାର ସହିତ ବାଲିଯାତ୍ରାକୁ ଉପଭୋଗ କରିବେ, ସବୁ ପ୍ରକାର ପ୍ରସ୍ତୁତି ସରିଛି। ବାଲିଯାତ୍ରା ପଡ଼ିଆ ମଧ୍ୟରେ ୭୦ଟି ସିସିଟିଭିର ବ୍ୟବସ୍ଥା କରାଯାଇଛି। ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବେ ବୋଲି ସୂଚନା ଦିଆଯାଇଛି।

## 'ସକାଳ' ବିତରକ ସୁଧାକର ଭୋଳଙ୍କ ପରଲୋକ



**ଜଗତସିଂହପୁର, ୩୧ା୧୦(ସମିସ):** ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୨୧ ସିପି ଗ୍ରାମର ଖବରକାଗଜ ବିତରକ ସୁଧାକର ଭୋଳଙ୍କ ୬୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଶ୍ରୀ ଭୋଳ ଆଜି ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କଟକସ୍ଥ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କଠାରୁ ସୂଚନା ମିଳିଛି। ସୁଧାକର ପ୍ରଥମେ ଏକ ପ୍ରତିଷ୍ଠିତ ଓଡିଆ ଖବରକାଗଜର ପ୍ରସାରଣ ବିଭାଗରେ ବରିଷ୍ଠ କର୍ମଚାରୀ ଭାବେ କାମ କରୁଥିଲେ। ୬ ବର୍ଷ ତଳେ ଅବସର ନେଲାପରେ ଶ୍ରୀ ଭୋଳ ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟରେ ଖବରକାଗଜ ବିତରକ ଭାବେ କାର୍ଯ୍ୟ କରିଆସୁଥିଲେ। ଦୈନିକ 'ସକାଳ' ଖବରକାଗଜର ଜଗତସିଂହପୁର ବିତରକ ଭାବେ ମଧ ଶ୍ରୀ ଭୋଳ ସୂଚାରୁରୂପେ ଦାୟିତ୍ୱ ତୁଲାଇ ଆସୁଥିଲେ। ସୁଧାକରଙ୍କ ପରଲୋକରେ 'ସକାଳ' ପରିବାର ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ସମାଜସେବୀ ପ୍ରଦୀପ ମୁଦୁଲଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିକୁଦା, ୩୧ା୧୦(ସମିସ):** ଜଗତସିଂହପୁର ଜିଲ୍ଲା ବାଲିକୁଡା ଥାନା ଅନ୍ତର୍ଗତ ମାଛଗାଁ ପଞ୍ଚାୟତ ସିଙ୍ଗିଟାଲିଆ ଗ୍ରାମର ବିଶିଷ୍ଟ ଯୁବ ନେତା ତଥା ସମାଜସେବୀ ପ୍ରଦୀପ ମୁଦୁଲିଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସ୍ୱର୍ଗତ ମୁଦୁଲିଙ୍କ ଏକାଦଶାହରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ରାଜନେତା ଓ ବ୍ୟକ୍ତିବିଶେଷ ଯୋଗଦେଇ ସ୍ମୃତିଚାରଣ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନ ଜଣାଇଛନ୍ତି। ସ୍ୱର୍ଗତ ମୁଦୁଲିଙ୍କ ୪୯ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଥିଲା।



## ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା




ଜଗତସିଂହପୁର, ୩୧ା୧୦(ସମିସ): ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏ ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଏକ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଜନସାଧାରଣ, ସହରର ବୁଦ୍ଧିଜୀବି, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ। ସ୍ୱୟଂସହାୟକ ଗୋଷ୍ଠୀ ମାଆମାନେ ଦୁର୍ନୀତି ବିରୋଧୀ ରଙ୍ଗୋଲି କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ବିଭାଗ ଉପଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ଅନୁପମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି, ଦୁର୍ନୀତି ନିବାରଣ ବିଭାଗର ଇନ୍ସପେକ୍ଟର ସିଦ୍ଧାର୍ଥ ରାଉତ, ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

## କବି ଶଙ୍କର ପରିଡ଼ାଙ୍କ ବିୟୋଗରେ ଶୋକ



**କୁଜଙ୍ଗ, ୩୧ା୧୦(ସମିସ):** କବି, ରାଜନେତା, ସୁବକ୍ତା, ଓଡ଼ିଆ ଯୁବ ଲେଖକ ସମ୍ମିଳନୀର ସଭାପତି ଶଙ୍କର ପରିଡ଼ାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ସାହିତ୍ୟିକ ମହଲରେ ଶୋକ ପ୍ରକାଶ ପାଇଛି। ଶ୍ରୀ ପରିଡ଼ା କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। 'ମାୟାମଞ୍ଚ', 'ଚିତ୍ରାକ୍ଷର', 'କବିତା କଣିକା' ଆଦି କେତେକ କାଳଜୟୀ କବିତା ପୁସ୍ତକର ସ୍ରଷ୍ଟା ଭାବେ ପାଠକଙ୍କ ପ୍ରିୟ କବି ଭାବରେ ପରିଚିତ ଥିଲେ ବୋଲି ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ପୀତାମ୍ବର ତରାଇ ଶୋକ ପ୍ରକାଶ କରି କହିଛନ୍ତି। ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟକାରୀ ସଦସ୍ୟ ଡଃ ରଘୁ ସାହୁ, ମେଘମହ୍ଲାର ସଭାପତି ଡକ୍ଟର କେଶବ ଚନ୍ଦ୍ର ଦଳାଇ, ସମ୍ପାଦିକା ପ୍ରଭାତୀ ମାଝୀ, କୁଜଙ୍ଗ ସମ୍ବାଦ ସାହିତ୍ୟଘର ସମ୍ପାଦକ ବାବୁରାମ ଚୌଧୁରୀ, ସଂଯୋଜକ ଦୁଷ୍ମନ୍ତ କୁମାର ମାଝୀ, କବି ଗୀତା ଦାସ, ଡଃ ପ୍ରତାପ ମହାପାତ୍ର, ପ୍ରିୟବନ୍ଧୁ ସମ୍ପାଦକ ଡଃ ଗଙ୍ଗାଧର ସାମନ୍ତରାୟ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ପୂର୍ବତନ ମନ୍ତ୍ରୀ ବାସୁଦେବ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ

**ବାଲିକୁଦା, ୩୧ା୧୦(ସମିସ):** ଓଡ଼ିଶାର ପୂର୍ବତନ ମନ୍ତ୍ରୀ ବାସୁଦେବ ମହାପାତ୍ରଙ୍କ ଶ୍ରାଦ୍ଧ ଉତ୍ସବ ବାଲିକୁଦାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ବାବାଜୀ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ଉପସ୍ଥିତ ଅତିଥି ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ଶରତ ସାହୁ, ବୈରାଗୀ ରାଉତ, ନିତ୍ୟାନନ୍ଦ ଖଣ୍ଡୁଆଳ, ସରପଞ୍ଚ ଲକ୍ଷ୍ମୀଧର ମଲ୍ଲିକ, ବିକ୍ରମ ପରିଡ଼ା, ପୂର୍ବତନ ସମିତି ସଭ୍ୟ ଆର୍ତ୍ତବନ୍ଧୁ ବିଶ୍ୱାଳ, ପୂର୍ବତନ ସରପଞ୍ଚ ରମେଶ ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ମହନୀ ଚରଣ ରାଉତ, ପୂର୍ବତନ ସରପଞ୍ଚ ସାଧୁଚରଣ ସାହୁ, ବିଭୂତି ଭୂଷଣ ସ୍ୱାଇଁ, ଚିନ୍ମୟ ବିଶ୍ୱାଳ, ମିଳନ ମହାରଣା ପ୍ରମୁଖ ଯୋଗ ଦେଇଥିଲେ।



## କୃଷକ ଉତ୍ପାଦକ ସଂଗଠନର ଜିଲ୍ଲାସ୍ତରୀୟ ତାଲିମ ଶିବିର




**ଜଗତସିଂହପୁର, ୩୧ା୧୦(ସମିସ):** ଜଗତସିଂପୁର ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ କୃଷକ ଉତ୍ପାଦକ ସଂଗଠନର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ୬ଟି କୃଷକ ଉତ୍ପାଦକ ସଂଗଠନର ୨୫ ଜଣ ମୁଖ୍ୟ ଅଧିକାରୀ, ନିର୍ଦ୍ଦେଶକ ଓ ସଦସ୍ୟ ଯୋଗ ଦେଇଥିଲେ। ଏଥିରେ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଜୀବନଜିତ୍ ସେନ୍ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଜଗତସିହପୁରରେ ଏଫପିଓଙ୍କ ବିକାଶ, ଭୂମିକା, ଅବସ୍ଥା, ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ତାଲିମ ଶିବିରରେ ବଜାର ସଂଯୋଗ ସମେତ କୃଷି ବିକାଶର ବିଭିନ୍ନ ଦିଗ ଛତୁଚାଷ, ମହୁଚାଷ, ମାଛଚାଷ, କୁକୁଡ଼ା ପାଳନ ଓ ଗୋପାଳନ ସମ୍ବନ୍ଧରେ କୃଷି ବିଶେଷଜ୍ଞ ଶ୍ରୀମତୀ ସସ୍ମିତା ପୁରୋହିତ ଓ ଡ. ତପନ ପଲେଇ ଆଲୋଚନା କରିଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗର କଲ୍ୟାଣରଞ୍ଜନ ମାଝୀ ମୃତ୍ତିକା କ୍ଷୟ ନିୟନ୍ତ୍ରଣ, ଜମି ବିକାଶ, ମୃତ୍ତିକା ଓ ଜଳ ସଂରକ୍ଷଣ ସମ୍ପର୍କିତ ଯୋଜନା ଉପରେ ଜ୍ଞାନ ପ୍ରଦାନ କରିଥିଲେ। ଏତତ୍‌ବ୍ୟତୀତ ପାଲାଡିୟମ୍ ସଂସ୍ଥାର ସାର୍ଥକ ଦର୍ଶନ ଅନଲାଇନରେ ସଂଯୋଗ ହୋଇ ଓଡ଼ିଶାରେ ଏଫପିଓଙ୍କ ବଜାର ସମ୍ପର୍କୀୟ ବିଷୟରେ ଆଲୋଚନା କରିଥିଲେ। ଫଳରେ ଏଫପିଓଗୁଡ଼ିକ ଆନ୍ତର୍ଜାତିକ ମାର୍କେଟରେ ଏକ ସ୍ୱତନ୍ତ୍ର ପରିଚୟ ପାଇପାରିବେ। ଜଗତସିଂହପୁର ଜିଲ୍ଲାରେ ଗଠିତ ହୋଇଥିବା ଏଫପିଓର କୃଷକ କେବଳ ଚାଷୀ ନୁହେଁ, ବରଂ ଉଦ୍ୟମୀ ଭାବେ ଉନ୍ନତି କରୁଛନ୍ତି। ସରକାରୀ ସାହାଯ୍ୟ, ନିଜ ପ୍ରଚେଷ୍ଟା ମାଧ୍ୟମରେ ଏମାନେ ଭବିଷ୍ୟତ ଦିନରେ ଏହି ଅଞ୍ଚଳର ଆର୍ଥିକ ଉନ୍ନତିରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିବେ। ସମସ୍ତ ସଦସ୍ୟଙ୍କୁ ଗୋଟିଏ ଲେଖାଏଁ ମୋହିତ ନଗର କିସମର ଗୁଆ ଗଛ ଚାରା ଓ କୃଷକ ସାଥୀ ପୁସ୍ତକ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମୀର ପଟ୍ଟନାୟକ, ରାଜଶ୍ରୀ ସିଂ, ଉର୍ବଶୀ ନାୟକ ଓ ବଳିଆ ମାଝୀ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ତିର୍ତ୍ତୋଲ, ୩୧ା୧୦(ସମିସ):** ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ନମସ୍ୟା ପ୍ରିୟଦର୍ଶିନୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ମେଳାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା ଅଜୟ ସାହୁ ବିଭାଗର ଗୋପାଳନ ସମେତ ବିଭିନ୍ନ ଚାଷ ଥିବା ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଯୋଗଦେଇ ଏସବୁ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ ବେହେରା, ବିଡିଓ ଗିରିଜା ଶଙ୍କର ମଲ୍ଲିକ, ପ୍ରାଣୀ ସମ୍ପଦ ବିଭାଗ ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ, ତିର୍ତ୍ତୋଲ ବ୍ଲକ ଉପାଧକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସିଂ, ଶିଳ୍ପମନ୍ତ୍ରୀଙ୍କ ତିର୍ତ୍ତୋଲ ବ୍ଲକ ପ୍ରତିନିଧି ଉପେନ୍ଦ୍ର ମହାନ୍ତି ଓ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ବିବେକାନନ୍ଦ ହୋତା ଯୋଗ ଦେଇଥିଲେ। ଏ ଅବସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ୍ ଜରିଆରେ ଚାଷୀ ଭାଇଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନାର ସମ୍ପର୍କରେ ଅବଗତ କରାଯାଇଥିଲା। ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ମତ୍ସ୍ୟ ଅଧିକାରୀ ଦେବବ୍ରତ ସାମଲ, ସହକାରୀ ମତ୍ସ୍ୟ ଅଧିକାରୀ ଗୋବିନ୍ଦ ପ୍ରଧାନ ଓ ଅତିରିକ୍ତ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦୁର୍ଗାପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ପୂରଣ ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ



**ହାଜିପୁର, ୩୧ା୧୦(ସମିସ):** ବିରିଡ଼ି ବ୍ଲକ ପୂରଣ ପ୍ରାଥମିକ କୃଷି ସମବାୟ ସମିତିର ନବନିର୍ମିତ କାର୍ଯ୍ୟାଳୟକୁ ସମବାୟ ସମିତି ଜଗତସିଂହପୁର ଉପନିବନ୍ଧକ ପ୍ରଭାତ ଶତପଥୀ, ପୂରଣ ସମବାୟ ସମିତି ସଭାପତି ନନ୍ଦକିଶୋର ବସ୍ତିଆ ଅତିଥି ଭାବେ ଯୋଗଦେଇ ମିଳିତ ଭାବେ ଫିତାକାଟି ଉଦ୍‌ଘାଟନ କରିଛନ୍ତି। ସମବାୟ ସମିତି ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସହକାରୀ ନିବନ୍ଧକ ରଶ୍ମୀପ୍ରଭା ଦାସ, କଟକ କେନ୍ଦ୍ର ସମବାୟ ସମିତି ବିରିଡ଼ି ଶାଖା ପରିଚାଳକ ସ୍ନେହାଞ୍ଜଳି ରାୟ, କ୍ଷେତ୍ରାଧିକାରୀ ସୁମନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସମବାୟ ସମିତି ଉପସଭାପତି ଭାରତୀ ଦାସ, ସୁଦର୍ଶନ ବେହେରା, ପ୍ରଫୁଲ୍ଲ ବେହେରା, ରତିକାନ୍ତ ପାଳ, କିରଣକାନ୍ତୀ ପଟ୍ଟନାୟକ, ସୁକାନ୍ତ ବାରିକ, ସୁଲୋଚନା ତ୍ରିପାଠୀ, ପୀତବାସ ଦାସ, ରମଣିରଞ୍ଜନ ବେହେରା, ମିହିର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଜଗବନ୍ଧୁ ବେହେରା, ବୁଦ୍ଧଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବ୍ରଜକିଶୋର ବେହେରା, ସ୍ୱାଧୀନ ବେହେରା, ବିଚିତ୍ରାନନ୍ଦ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ



**ଜଗତସିଂହପୁର, ୩୧ା୧୦(ସମିସ):** ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଲୌହମାନବୀ ଭାରତରତ୍ନ ଇନ୍ଦିରା ପ୍ରିୟଦର୍ଶିନୀ ଗାନ୍ଧୀଙ୍କ ତିରୋଧାନ ଦିବସ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଓ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ବାସୁଦେବ ମହାପାତ୍ରଙ୍କ ତିରୋଧାନ ଦିବସ ଜିଲ୍ଲା କଂଗ୍ରେସ ପକ୍ଷରୁ ପାଳନ କରାଯାଇଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଦେବପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ଓ ଯୁବ ନେତୃବୃନ୍ଦ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ପୂର୍ବତନ ଜିଲ୍ଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ନାଉଗାଁ ବ୍ଲକ ପୂର୍ବତନ ସଭାପତି ବିଚିତ୍ରାନନ୍ଦ ଲେଙ୍କା, ରଘୁନାଥପୁର ବ୍ଲକ ପୂର୍ବତନ ସଭାପତି ପ୍ରଶାନ୍ତ ଦାସ, ପୂର୍ବତନ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପୂର୍ବତନ ସେବାଦଳ ସଭାପତି ଡ. ଜଗଦାନନ୍ଦ, କୁଜଙ୍ଗ ବ୍ଲକ ପୂର୍ବତନ ସଭାପତି ନିହାର ଦାସ, ତିର୍ତ୍ତୋଲ ବ୍ଲକ ପୂର୍ବତନ ଉପସଭାପତି ଜିତେନ୍ଦ୍ର ମହାନ୍ତି, ମନୋରଞ୍ଜନ ଜେନା, ପୀତାମ୍ବର ସେଠୀ, ବୃନ୍ଦାବନ ପ୍ରଧାନ, ଦେବପ୍ରସାଦ ମହାପାତ୍ର, ହିଫଜୁର ରେହମାନ, ରଞ୍ଜନ ସାହୁ, ନାରାୟଣ ନାୟକ, କିଶୋର ପଟ୍ଟନାୟକ, ଅନନ୍ତ ପୃଷ୍ଟି, ଅଖିଳ ରାଉଳ, ଶୁଭେନ୍ଦ୍ର ରାଉତରାୟ, ବାବାଜୀ ସ୍ୱାଇଁ, ସରୋଜ ନାୟକ, ଲକ୍ଷ୍ମୀଧର ମନ୍ତ୍ରୀ, ପ୍ରଗତି ପରିଜା, ବିଜୟ ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଗାନ୍ଧୀ, ସ୍ୱର୍ଗତ ପଟେଲ ଓ ସ୍ୱର୍ଗତ ମହାପାତ୍ରଙ୍କ କର୍ମମୟ ଜୀବନ, ଦେଶ ଓ ରାଜ୍ୟ ପାଇଁ ସେମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

## ଅଲଣାହାଟ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ନାଉଗାଁ, ୩୧ା୧୦(ସମିସ):** ନାଉଗାଁ ବ୍ଲକ ଅଧୀନ ଅଲଣାହାଟ ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୦ଟି ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ଉଚ୍ଚବିଦ୍ୟାଳୟର ୨୨୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସକ ଡା. ଅନୁଭବ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ରୂପେ ଅଲଣା ହାଟ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ ସ୍ୱାଇଁ, ପର୍ଯ୍ୟବେକ୍ଷକ ଭାବେ ଚିତ୍ତରଞ୍ଜନ ଗୁରୁ ପ୍ରମୁଖ ଯୋଗ ଦେଇଥିଲେ। ୧୦୦, ୨୦୦, ୪୦୦, ୮୦୦, ୧୫୦୦ ଓ ୩୦୦୦ ମିଟର ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ତ୍ରିପଲ ଜମ୍ପ, ସଟପୁଟ, ଡିସକସ୍ ଥ୍ରୋ ଓ ଜାଭେଲିନ ଇଭେଣ୍ଟରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ଶିକ୍ଷକ ବିନୋଦ ଖୁଣ୍ଟିଆ, ଅଜୟ ଭୋଇ, ଦେବୀ ପ୍ରସନ୍ନ ରାଉଳ ପରିଚାଳନା କରିଥିଲେ।

# ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକତା ଦୌଡ଼

**ଜଗତସିଂହପୁର, ୩୧ା୧୦(ସମିସ)**




ଲୌହ ମାନବ ଭାବେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ସମଗ୍ର ରାଜ୍ୟରେ ପାଳିତ ହୋଇଯାଇଛି। ଏ ଅବସରରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରୁ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଏକତା ଦୌଡ଼ର ଆୟୋଜନ କରାଯାଇଥିଲା। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ପ୍ରମୁଖ ଉପସ୍ଥିତ ରହି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ଏକତା ଦୌଡର ଶୁଭାରମ୍ଭ କରିଥିଲେ। ବିଧାୟକ ଅମରେନ୍ଦ୍ର ଦାସ କହିଲେ, ଏଭଳି ଦୌଡ଼ କାର୍ଯ୍ୟକ୍ରମ ହେଉଛି ଏକତା, ସମନ୍ୱୟ ଓ ଦେଶପ୍ରେମର ପ୍ରତୀକ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏମିତି ଏକ ମହାନ ନେତା ଥିଲେ ଯିଏ ଶତାଧିକ ରାଜା ରାଜୁଡ଼ାଙ୍କୁ ଏକତା ସୂତ୍ରରେ ବାନ୍ଧି ଏକ ଅଖଣ୍ଡ ଭାରତ ଗଢିବାର ସ୍ୱପ୍ନ ଦେଖିଥିଲେ। ଏହି ଦୌଡରେ କ୍ରୀଡ଼ା ଛାତ୍ରଛାତ୍ରୀ, ବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀ, ଜଗତିଂହପୁର ଜିଲ୍ଲାର ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ପୁଲିସ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଭାଗ ନେଇଥିଲେ।

ସେହିପରି ଆଜି ପୂର୍ବାହ୍ନରେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ସଭାର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସମ୍ବିତ ରାଉତ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତି ଶଙ୍କର ରାୟ କହିଥିଲେ, ଆଜି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଦିବସ ଓ ରାଷ୍ଟ୍ରୀୟ ଏକତା ଦିବସ। ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତାକୁ ବଜାୟ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତୀଚି ତନୟା ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ।

ଅନ୍ୟପକ୍ଷରେ ପାରାଦୀପ ଆଦର୍ଶ ଥାନ, ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା, ପାରାଦୀପ ବନ୍ଦର ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଥିଲା।

## ପୁଲିସଠାରୁ ମିଳିଲାନି ନ୍ୟାୟ କି ସୁରକ୍ଷା

# ଏସ୍‌ପି ଅଫିସ ଆଗରେ ବାସନ୍ଦ ପରିବାରର ଅନଶନ




**ଭଦ୍ରକ, ୩୧।୧୦(ସମିସ)**

ଭଦ୍ରକ ଜିଲ୍ଲା ପୀରହାଟ ଥାନା ତିଆଡିସାହି ତଳଦପା ଗାଁରେ ଗୋଟିଏ ପରିବାରକୁ ଗାଁର କେତେକ ଲୋକେ ବଳପୂର୍ବକ ବାସନ୍ଦ (ଏକଘରିଆ) କରିଛନ୍ତି। ଏପରିକି ତାଙ୍କ ତେଜରାତି ଦୋକାନରୁ କିଛି କାରବାର ନ କରିବାକୁ ଗାଁ ଲୋକଙ୍କୁ ବାରଣ ମଧ୍ୟ କରାଯାଇଛି ବୋଲି ଅଭିଯୋଗ ହୋଇଛି; ହେଲେ ସମ୍ପୃକ୍ତ ପରିବାର ପୁଲିସ ନିକଟରୁ ନ୍ୟାୟ କି ସୁରକ୍ଷା ନ ପାଇ ଏସ୍‌ପିଙ୍କ ଅଫିସ ମୁଖ୍ୟ ଫାଟକ ଆଗରେ ଅନଶନରେ ବସିଥିଲେ। ଅଭିଯୋଗରୁ ପ୍ରକାଶ ଯେ, ତଳଦପା ଗାଁର ବିଷ୍ଣୁମୋହନ ମଲିକଙ୍କ ପରିବାରକୁ ବିନା ଦୋଷରେ ଗାଁର ସଂଖ୍ୟାଧିକ ଲୋକ ବାସନ୍ଦ କରିଛନ୍ତି। ଏପରିକି ବିଷ୍ଣୁ ନିଜ ପରିବାର ପୋଷଣ ପାଇଁ ଗାଁରେ କରିଥିବା ଏକ ତେଜରାତି ଦୋକାନରୁ କେହି ଗାଁଲୋକ ସଉଦା ପତ୍ର ନକିଣିବାକୁ ତାଗିଦ କରିଛନ୍ତି। ଏ ସମ୍ପର୍କରେ ବିଷ୍ଣୁଙ୍କ ପରିବାର ପକ୍ଷରୁ ପୀରହାଟ ଥାନାରେ ୧୦.୯.୨୫ରେ ଏତଲା ଦିଆଯାଇଥିଲା। ପରେ ଏହି ଅଭିଯୋଗ ନେଇ ଗତ ୧୪.୯.୨୫ରେ ବିଷ୍ଣୁ ପୀରହାଟ ଥାନାକୁ ପୁନର୍ବାର ଯାଇଥିବା ବେଳ ଥାନାର ଜଣେ ହାବିଲଦାର ତାଙ୍କୁ ମାଡ ମାରିଥିଲେ। ଏ ନେଇ ସେ ଭଦ୍ରକ ଆଡିସନାଲ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ ବି ପୀରହାଟ ଆଇଆଇସି ତାଙ୍କୁ ନ୍ୟାୟ ପ୍ରଦାନ କରିନଥିଲେ। ପୁଲିସ ବିଷ୍ଣୁଙ୍କ ପରିବାରକୁ ନ୍ୟାୟ ଓ ସୁରକ୍ଷା ଦେଉନଥିବା ବେଳେ ଗାଁଲୋକେ ଅତ୍ୟଧିକ କ୍ରୋଧାନ୍ୱିତ ହୋଇ ଜୀବନରୁ ମାରି ଦେବାକୁ ବିଷ୍ଣୁଙ୍କ ପରିବାରକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ପୂର୍ବ ସୂଚନାକୁ ଭିତ୍ତିକରି ବିଷ୍ଣୁଙ୍କ ସପରିବାରେ ଶୁକ୍ରବାର ପୂର୍ବାହ୍ନରୁ ଏସ୍‌ପିଙ୍କ ଅଫିସ ସମ୍ମୁଖ ଫାଟକରେ ଅନଶନରେ ବସି ରହିଛନ୍ତି।

# ଆଜିଠୁ ପଞ୍ଚୁକ ବ୍ରତ ଆରମ୍ଭ



**ବାରିକପୁର, ୩୧।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଶନିବାରଠାରୁ କାର୍ତ୍ତିକ ପୂର୍ଣ୍ଣିମା ଯାଏଁ ହବିଷ୍ୟାଳୀ ମାନେ ପଞ୍ଚୁକ ବ୍ରତ ଆରମ୍ଭ କରିଛନ୍ତି। ଏହି ଉପଲକ୍ଷେ ବ୍ଲକର ରହଣିଆ ଉତ୍ତରେଶ୍ୱର ମହାଦେବ ମନ୍ଦିର ଠାରେ ଦୈନିକ ଶୈବ ପୁରାଣ ପାଠ ହେଉଛି। ଏଥିରେ ଗ୍ରାମବାସୀଙ୍କ ସମେତ ହବିଷାଳୀ ଯୋଗଦେଇ ଶିବ ପୁରାଣ ଶ୍ରବଣ କରୁଛନ୍ତି। ତିଆଡି ସାହି ଧବଳେଶ୍ୱର ପୀଠରେ ମଧ୍ୟ ବ୍ରତ ଉପଲକ୍ଷେ ଶୈବ ପୁରାଣ ପାଠ ହେଉଛି। ସେହିପରି ସାନମାଳଦା ରାମେଶ୍ୱର ଶିବ ମନ୍ଦିର ଠାରେ ଚଳିତ ବର୍ଷ ପ୍ରଥମ ଥର ଶିବ ପୁରାଣ ପାଠ ଉତ୍ସବ ଆରମ୍ଭ ହୋଇଛି। ଏଥିରେ ସଙ୍କୁଳ କର୍ତ୍ତା ଭାବେ ରବୀନ୍ଦ୍ର ଦାସ ଦାୟିତ୍ୱ ନିର୍ବାହ କରିଥିବା ବେଳେ ବଳରାମ ତ୍ରିପାଠୀ ଶାସ୍ତ୍ର ପାଠ କରିଛନ୍ତି। ଅନୁରୂପ ଭାବେ ରାଢୋ ବିଶ୍ୱେଶ୍ୱର ମହାଦେବଙ୍କ ପୀଠରେ ନବଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଶୈବ ପୁରାଣ ପାଠ ଉତ୍ସବରେ ଆଜିଠାରୁ ପଞ୍ଚୁକ ବ୍ରତ ଶୁଭାରମ୍ଭ ହୋଇଛି। ଶଙ୍କର୍ଷଣ ତ୍ରିପାଠୀ ଶିବ ପୁରାଣ ପାଠ କରିଥିବା ବେଳେ ସଙ୍କଳ୍ପ କର୍ତ୍ତା ଭାବେ ବିଶ୍ୱନାଥ ନାୟକ ଓ ନୀଳିମା ନାୟକ ଦାୟିତ୍ୱ ସମ୍ପନ୍ନ କରିଛନ୍ତି। ଉତ୍ସବରେ ପ୍ରତ୍ୟେକ ଦିନ ଦିନ ଗ୍ରାମର ହବିଷାଳୀ ଯୋଗଦେଇ ଶୈବ ପୁରାଣ ଶ୍ରବଣ କରୁଛନ୍ତି। ଏହାଛଡା ବ୍ଲକର ଅନ୍ୟାନ୍ୟ ଦେବଦେବୀ ପୀଠରେ ଆଜି ଠାରୁ କାର୍ତ୍ତିକ ବ୍ରତ ଆରମ୍ଭ ହୋଇଛି।

# ବରିଷ୍ଠ ବିଜେଡି ନେତା ରଘୁନାଥ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ତିହିଡି, ୩୧।୧୦(ସମିସ):** ତିହିଡି ବ୍ଲକ ବିଜୁ ଜନତା ଦଳର ପ୍ରାକ୍ତନ ସଭାପତି, ବରିଷ୍ଠ ରାଜନେତା, ସମାଜସେବୀ ରଘୁନାଥ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମୃତିଚାରଣ ସଭା ଓ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ପରେ ସାହିତ୍ୟିକ, ସ୍ତମ୍ଭକାର ଯଦୁମଣି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରୀ ରାଉତରାୟ ସ୍ୱର୍ଗତ ପଣ୍ଡା ତାଙ୍କ ପରିବାରର ଜଣେ ସଦସ୍ୟ ବୋଲି କହିବା ସହିତ ତିହିଡି ବ୍ଲକରେ ବିଜୁ ଜନତା ଦଳକୁ ମଜବୁତ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା ବୋଲି କହିଥିଲେ। ସେହିପରି ତିହିଡି ଅଞ୍ଚଳରେ କୃଷି ଓ କୃଷକର ଉନ୍ନତି ଠାରୁ ଆରମ୍ଭ କରି ରାସ୍ତାଘାଟର ଉନ୍ନତି ଉପରେ ସେ ସର୍ବଦା ଗୁରୁତ୍ୱ ଦେଉଥିଲେ ବୋଲି ଶ୍ରୀ ରାଉତରାୟ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ବିଜେଡି ନେତା ଡାକ୍ତର ସଞ୍ଜୟ କୁମାର ଦାସ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ତିହିଡି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ସମାଜସେବୀ ସମାଜସେବୀ ଅଜୟ ନାୟକ, ଶିକ୍ଷାବିତ ସୋମନାଥ ପାଢ଼ୀ, କମଳାକାନ୍ତ ଦାସ, ପ୍ରାକ୍ତନ ସରପଞ୍ଚ କୀର୍ତ୍ତନ ରାଉତ, ବୈକୁଣ୍ଠ ପାଣି, ଦୁଠଃଖି ଅନିରୁଦ୍ଧ ବାରିକ, ଗଣେଶ ନାୟକ, ଆଲୋଚକ ନିର୍ମଳ ସେନାପତି, ସମାଜସେବୀ ଅମୂଲ୍ୟ ସେନାପତି, ସମାଜସେବୀ କୃତିବାସ ନାୟକ, ପ୍ରିୟବନ୍ଧୁ ମାଝୀ, ସରପଞ୍ଚ ତାପସ ବେହେରା, ଧନଞ୍ଜୟ ନାୟକ, ପୀତାମ୍ବର ସେଠୀ, ଶଶିକାନ୍ତ ବିଶ୍ୱାଳ, ଟୁଟୁ ପତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶେଷରେ ସ୍ୱର୍ଗତ ପଣ୍ଡାଙ୍କ ପୁଅ ରୋହିତାଶ୍ୱ ଶେଖର ପଣ୍ଡା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ସକାଳେ ତିହିଡି ମେଡିକାଲର ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା।

# ଗାଡ଼ି ଧକ୍କାରେ ୨ ଗୋରୁ ଆହତ

**ବାରିକପୁର, ୩୧।୧୦(ସମିସ):** ଭଣ୍ଡାରିପୋଖରୀ ଥାନା ଦେଇ ଯାଇଥିବା ଜାତୀୟ ରାଜପଥରେ ଦୈନିକ ଦୁର୍ଘଟଣା ଘଟି ବହୁ ଗୋରୁଗାଈର ମୃତ୍ୟୁ ହେଉଥିବା ବେଳେ ଅନେକ ଗୁରୁତର ହେଉଛନ୍ତି। ଅନୁରୂପ ଭାବେ ଏବେ ମଧ୍ୟ ଗ୍ରାମାଞ୍ଚଳ ରାସ୍ତାରେ ବିଭିନ୍ନ ଯାନବାହାନ ଧକ୍କା କାରଣରୁ ଗାଈଗୋରୁ ଆହତ ହେଉଛନ୍ତି। ଆଜି ଛତାବର ମଞ୍ଜୁରୀ ରୋଡ ପୂର୍ତ୍ତ ବିଭାଗ ରାସ୍ତାରେ ଏକ ଦ୍ରୁତଗାମୀ ଗାଡି ଧକ୍କାରେ ୨ଟି ଗୋରୁ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କରି ପଶୁ ନିରୀକ୍ଷକଙ୍କୁ ଡକାଇ ଚିକିତ୍ସା କରିଛନ୍ତି। ଏହି ରାସ୍ତାରେ ଦୈନିକ ଦୁର୍ଘଟଣା ଘଟି ଛୋଟ ଛୋଟ ବାଛୁରୀ ଓ ଗାଈ ଆହତ ହେଉଥିବା ଜଣାପଡ଼ିଛି। ରାସ୍ତା ଏବେ ନବୀକରଣ ହେବା ପରେ ଗାଡ଼ି ଗୁଡ଼ିକ ଅତି ଦ୍ରୁତଗତିରେ ବେପରୁଆ ଭାବେ ଚଳପ୍ରଚଳ କରୁଛି। ତେଣୁ ଏଥିପାଇଁ ଅନେକ ସମୟରେ ବିଭିନ୍ନ ପ୍ରକାରର ଦୁର୍ଘଟଣା ଘଟୁଛି। କେତେ ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା କରୁଥିବା ଯୋଗୁଁ ଦୁର୍ଘଟଣା ଘଟୁଥିବା କୁହାଯାଇଛି। ନିଶାମୁକ୍ତ ଗାଡି ଚଳାଚଳ ପାଇଁ ଜନସଚେତନତା ସୃଷ୍ଟି କରାଯାଉଥିବା ବେଳେ ବାସ୍ତବ କ୍ଷେତ୍ରରେ ତାହା ଦେଖିବାକୁ ମିଳୁନାହିଁ। ତେଣୁ ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



# ଜିଲ୍ଲାସ୍ତରୀୟ ଯୁବ ତାଲିମ ଶିବିର



**ବାରିକପୁର, ୩୧।୧୦(ସମିସ):** ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଜାତୀୟ ଯୁବ ସେବା ଯୋଜନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ସେବା ଯୋଜନା ସଂଯୋଜକ ବିଶ୍ୱମୋହନ ଜେନା ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ କମଳାକାନ୍ତ ଓଝା ଯୋଗଦେଇ ୧୧୦ଜଣ ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ବିଡ଼ିଓ ଦେବଦତ୍ତ ଦାସ, ସରପଞ୍ଚ ବର୍ଷାରାଣୀ ଜେନା, ନାରାୟଣ ଚନ୍ଦ୍ର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ସେଠୀ, ଅବ୍ଦୁଲ କାଲାମ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ହରିହର ସାହୁ ଅତିଥି ପରିଚୟ ଓ ଗୀତାଞ୍ଜଳି ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅନନ୍ତ କିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଶ୍ରାବଣୀ ଦାସ ଓ ମମିତାରାଣୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪ରୁ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ନେଇ ପ୍ରସ୍ତୁତି ବୈଠକ



**ଧାମନଗର, ୩୧।୧୦(ସମିସ):** ବିଜୁ ଜନତା ଦଳର ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେଉଛି। ଏହି ଅବସରରେ ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଧାମନଗର ବିଜୁ ଜନତା ଦଳ ପକ୍ଷରୁ ନଭେମ୍ବର ୪ରୁ ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ଏନେଇ ଧାମନଗର ବ୍ଲକ ଅନ୍ତର୍ଗତ ଚୁଡାକୁଟି ପଞ୍ଚାୟତ ଠାରେ ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଭଦ୍ରକ, ଧାମନଗର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସାରଦା ପସନ୍ନ ସାହୁ, ବିଭିନ୍ନ ପଞ୍ଚାୟତ ର ସରପଞ୍ଚ ଓ ସମିତି ସଭ୍ୟ ଏବଂ ପଞ୍ଚାୟତ ସଭାପତି, ଛାମୁଆ କର୍ମୀ ପ୍ରମୁଖ ଯୋଗ ଦେ ଜନ ସମ୍ପର୍କ ପଦଯାତ୍ରାକୁ ବ୍ୟାପକ ସଫଳ କରିବା ସହ ନବୀନ ସରକାରଙ୍କ ସଫଳତାର ବାର୍ତ୍ତା ଦେବା ଏବଂ ମୋହନ ସରକାରଙ୍କ ବିଫଳତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ନିମନ୍ତେ ବକ୍ତବ୍ୟ ରଖିଥିଲେ।

# ୪ ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ବାରିକପୁର, ୩୧।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଆଲିହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସର ନେଇଥିବା ଏବଂ ଅନ୍ୟ ସ୍ଥାନକୁ ବଦଳି ହୋଇ ଯାଇଥିବା ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ପ୍ରଧାନଶିକ୍ଷୟିତ୍ରୀ ସୁଷମା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସମିତି ସଭ୍ୟା ଅନିତା ବଳ, ଶିକ୍ଷାବିତ ସନାତନ ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନାଦି ଚରଣ ବାରିକ, ଶିକ୍ଷାପ୍ରେମୀ ଗଗନ ବିହାରୀ ଶଙ୍ଖୁଆ, ଶିକ୍ଷା ସଂଯୋଜକ ପ୍ରକାଶ ଦାସ, ଚନ୍ଦ୍ରାବତୀ ନାୟକ, ନିରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ରବିନାରାୟଣ ମଲ୍ଲିକ, ସନ୍ତୋଷ ଜେନା, ପୁଷ୍ପାଞ୍ଜଳି ସେନାପତି ଓ ବିଜୟାଲକ୍ଷ୍ମୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ଗଦାଧର ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ସସ୍ମିତା ମଳିକ ଧନ୍ୟବାଦ ଦେଇଥିଲେ।

# ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ




**ଭଦ୍ରକ, ୩୧।୧୦(ସମିସ):** ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଦଳୀୟ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ଦଳୀୟ ନେତା ଓ କର୍ମୀ କାର୍ଯ୍ୟାଳୟରେ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିବା ସହ ଦେଶ ପାଇଁ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଅତୁଳନୀୟ ବୋଲି କହିଥିଲେ। ଆୟୋଜିତ ଏହି ଶ୍ରାଦ୍ଧବାର୍ଷିକୀରେ ଜିଲ୍ଲା କଂଗ୍ରେସ ର ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ପିସିସି ଅନୁସୂଚିତ ଜାତି ବିଭାଗ ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ଭଦ୍ରକ ବ୍ଲକର ପୂର୍ବତନ ସଭାପତି ପୀତବାସ ଧଳ, ଯୁବନେତା ପ୍ରକାଶଜ୍ୟୋତି ମହାକୁଡ଼, ଅନୁସୂଚିତ ଜାତି ବିଭାଗ ରାଜ୍ୟ ସମ୍ପାଦକ ରଞ୍ଜନ ଜେନା, ଆରଜିପିଏସର ପ୍ରଦ୍ୟୁମ୍ନ ଦାସ, ଯୁବ ନେତା ଇଲିଆସ ଖାଁ, ନାରୀନେତ୍ରି ଶର୍ମିଷ୍ଠା ପଣ୍ଡା, ଦୀନବନ୍ଧୁ ଦାସ, ଅନୁସୂଚିତ ଜାତି ବିଭାଗ ସମ୍ପାଦକ ଶଶିକାନ୍ତ ଜେନା, ଧରିତ୍ରୀ ଜେନା, ଯୁବ ନେତା ବିଜୟ ବାରିକ, ମନୋଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଣ୍ଡପିଛା ୫ କିଲୋ ଚାଉଳ ଦେବାକୁ ଦାବି

**ଦୋଳସାହି, ୩୧।୧୦(ସମିସ):** କାର୍ଡ ପିଛା ୫ କେଜି ଚାଉଳକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ। ସୂଚନାଯୋଗ୍ୟ, ସାରା ରାଜ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାତ୍ୟା ମୋନ୍ଥା ପାଇଁ ରାସନ କାର୍ଡ ହିତାଧିକାରୀଙ୍କୁ କାର୍ଡ ପିଛା ୫ କିଲୋ ଲେଖାଏଁ ୩ ମାସ ପାଇଁ ପ୍ରଦାନ କରାଯାଉଛି। ହେଲେ ଏ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ରାସନ କାର୍ଡରେ ୨ରୁ ୩ ପରିବାରର ୫ ଜଣରୁ ଅଧିକ ସଦସ୍ୟଙ୍କ ନାମ ରହୁଛି। ଅନେକ ରାସନ କାର୍ଡ ସ୍ୱାମୀ ଓ ସ୍ତ୍ରୀଙ୍କଙ୍କ ନାମରେ ଅଲଗା ଅଲଗା ହୋଇଥିବା ଦେଖିବାକୁ ମିଳୁଛି। ସରକାରଙ୍କ ତରଫରୁ ଅକ୍ଟୋବର, ନଭେମ୍ବର, ଡିସେମ୍ବର ମାସ ପାଇଁ ରାସନ କାର୍ଡ ହିତାଧିକାରୀଙ୍କୁ କାର୍ଡ ପିଛା ୫ କିଲୋ ପରିବର୍ତ୍ତେ ମୁଣ୍ଡ ପିଛା ଚାଉଳ ଯୋଗାଇ ଦେବାକୁ ହିତାଧିକାରୀ ଦାବି ଜଣାଇଛନ୍ତି।



## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ବର୍ଷ ହେଲା ଜନ୍ମମୃତ୍ୟୁ ପଞ୍ଜୀକରଣ ସହାୟକ ପଦ ଖାଲି

# ସେବା ନ ପାଇ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

**ବାସୁଦେବପୁର, ୩୧।୧୦(ସମିସ)**

ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୩ ବର୍ଷ ହେଲା ଜନ୍ମମୃତ୍ୟୁ ପଞ୍ଜୀକରଣ ସହାୟକ ପଦବୀ ଖାଲି ରହିଛି। ଫଳରେ ଲୋକେ ସେବା ନ ପାଇ ଅସନ୍ତୋଷ ତେଜିବାରେ ଲାଗିଛି। ଲୋକେ ଜନ୍ମ ମୃତ୍ୟୁ ପଞ୍ଜୀକରଣ କରି ସାର୍ଟିଫିକେଟ ନେବାକୁ ଦୌଡି ଦୌଡି ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏପରିକି କେତେକ ଲୋକ ଏକାଧିକ ଥର ଆସି ଶେଷରେ ନିରାଶ ହୋଇ ପାଇବାର ଆଶା ଛାଡି ଦେଉଛନ୍ତି। ଏ ନେଇ ଆଗାମୀ ଦିନରେ ସାଧାରଣ ଲୋକଙ୍କ ପୁଞ୍ଜିଭୂତ ଅସନ୍ତୋଷ ଜନଆନ୍ଦୋଳନର ରୂପ ନେବ ଆଲୋଚନା ହେଉଛି। ବାସୁଦେବପୁର ବ୍ଲକରେ ୩୬ ପଞ୍ଚାୟତ ଓ ପୌରପାଳିକାର ୨୩ଟି ୱାର୍ଡ଼ ରହିଛି। ଏଥି ସହିତ ଚାନ୍ଦବାଲି ବ୍ଲକ କିଛି ଅଂଶ, କେନ୍ଦ୍ରାପଡ଼ାର ଆଂଶିକ, ସୋର ଓ ସିମୁଳିଆ ବ୍ଲକ କିଛି ଅଞ୍ଚଳ ବାସୁଦେବପୁର ମେଡିକାଲ ଉପରେ ନିର୍ଭର କରିଥାନ୍ତି। ବାସୁଦେବପୁର ସିଏଚସିରେ ମାସିକ ୩ ଶହରୁ ଅଧିକ ଜନ୍ମ ଏବଂ ୨ଶହରୁ ଉର୍ଦ୍ଧ୍ୱ ପଞ୍ଜୀକରଣ ହୋଇଥାଏ। ଏହାବ୍ୟତୀତ ଘରୋଇ ଜନ୍ମ ଓ ମୃତ୍ୟୁ ରହିଛି। ଏଠାରେ ସହରାଞ୍ଚଳ ପାଇଁ ଜଣେ ଏବଂ ଗ୍ରାମାଞ୍ଚଳ ପାଇଁ ଜଣେ ସହାୟକ ପଦବୀ ରହିଛି; ହେଲେ ଜଣେ ହେଲେ ବି କର୍ମଚାରୀ ନ ଥିବାରୁ ଲୋକେ ଦୌଡି ଦୌଡି ନୟାନ୍ତ ହେଉଛନ୍ତି। ପୂର୍ବରୁ ଏଠାରେ ଥିବା ମୃତ୍ୟୁ ପଞ୍ଜୀକରଣ ସହାୟକଙ୍କର ପଦୋନ୍ନତି ହେବାରୁ ୨୦୨୨ ମସିହା ଫେବୃଆରୀରେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେହିଦିନରୁ ବାସୁଦେବପୁର ସିଏଚସିରେ ପଦବୀ ଖାଲି ପଡ଼ିଛି। ଏଥିପାଇଁ ଜଣେ ଫିଲ୍ଡ କର୍ମଚାରୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଏହି କର୍ମଚାରୀ ଜଣକ ମୃତ୍ୟୁ ପଞ୍ଜୀକରଣ ନୀତିନିୟମ ନଥିବାରୁ ବହୁ ଅସୁବିଧା ସୃଷ୍ଟି ହେଉଛି। ତଥାପି ଲୋକମାନେ ଦିନ ଦିନ ଧରି ଲାଇନରେ ଅପେକ୍ଷା କରୁଛନ୍ତି। ଭଦ୍ରକ କୁ ଛାଡି ଦେଲେ ଜିଲ୍ଲାର ଅନକ୍ସ ବ୍ଲକ ତୁଳନାରେ ଦୁଇ ଗୁଣା ଲୋକଙ୍କର ଭିଡ ଜମୁଛି। ନିକଟରେ ସରକାର ଅନ୍ୟ ବ୍ଲକର ନିଯୁକ୍ତି ଦେଇଥିବା ବେଳେ ବାସୁଦେବପୁର ପ୍ରତି ବୈମାତୃକ ମନୋଭାବ ଯୋଗୁଁ ଏହି ପଦ ଖାଲି ପଡ଼ିଛି। ଏଥିପ୍ରତି ଲୋକ ପ୍ରତିନିଧି କି ଜିଲ୍ଲା ସ୍ତରୀୟ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି। ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁଁ ଜନ୍ମ ଓ ମୃତ୍ୟୁ ସାର୍ଟିଫିକେଟ ନେବାକୁ ଆସୁଥିବା ସାଧାରଣ ଲୋକଙ୍କ ହନ୍ତସନ୍ତ ହେଉଛନ୍ତି। କିଛି କର୍ମଚାରୀ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବସି ରହି କାମ କରୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ପଦବୀ ଖାଲି ପଡ଼ିଛି। ଡାକ୍ତରଙ୍କ କଥା ନ କହିବା ଭଲ। ହଜାର ହଜାର ରୋଗୀଙ୍କୁ କେବଳ ଭଗବାନ ଭରସା। ପେରିଫେରି ଡାକ୍ତର ପ୍ରକ୍ସି ପକାଉଛନ୍ତି। ଏଥିପ୍ରତି ସିଡିଏମଓ ଦୃଷ୍ଟି ନଦେଲେ ବାସୁଦେବପୁର ସିଏଚସିର କର୍ମଚାରୀ କେତେବେଳେ ଲୋକଙ୍କ ଆକ୍ରମଣର ଶିକାର ହେବେ କହିହେବନାହିଁ। କର୍ମଚାରୀଙ୍କ ଅଭାବ ପୂରଣ ନ ହେଲେ ପୁଞ୍ଜିଭୂତ ଅସନ୍ତୋଷ ଜନଆନ୍ଦୋଳନର ରୂପ ନେବ। ଏଥିପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟୀ ରହିବେ। ତେଣୁ ଭଦ୍ରକ ଜିଲ୍ଲାପାଳ ହସ୍ତକ୍ଷେପ କରିବାକୁ ଦାବି ହେଉଛି।




**ଜନଆନ୍ଦୋଳନର ରୂପ ନେବ ପୁଞ୍ଜିଭୂତ ଅସନ୍ତୋଷ**

## ବାଇକ୍ ଓ କାର୍ ଧକ୍କା
# ଜଣେ ମୃତ, ଜଣେ ଗୁରୁତର

ହିନ୍ଦୋଳ, ୩୧।୧୦(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ସମ୍ମୁଖରେ ଏକ ବାଇକ୍ ଓ କାର୍ ମୁହାଁମୁହିଁ ଧକ୍କା ହୋଇଥିବାବେଳେ ଜଣେ ମୃତ୍ୟୁବରଣ କରିଛନ୍ତି ଓ ଜଣେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। କାରନ୍ଦା ଗ୍ରାମର ବିଭୁତି ସାହୁ (୩୫) ଓ ଭାସ୍କର ଚନ୍ଦ୍ର ଦେହୁରୀ (୭୦) ବାଇକ୍ ଯୋଗେ ବ୍ୟବସାୟିକ କାମରେ ନିକଟସ୍ଥ ଖଜୁରିଆକଟା ବଜାରରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ବାଲିମି ଥାନା ନିକଟରେ ବିପରୀତ ଦିଗରୁ ଆସୁଥିବା କାର୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଖଜୁରିଆକଟା ଦମକଳ ବାହିନୀ ପହଞ୍ଚି ଦୁଇ ବାଇକ୍ ଆରୋହୀଙ୍କୁ ଉଦ୍ଧାର କରି ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଭାସ୍କର ଦେହୁରୀଙ୍କ ମୃତ୍ୟୁ ହୋଇଥିବାବେଳେ ବିଭୂତି ସାହୁଙ୍କ ଅବସ୍ଥା ଗୁରୁତର ରହିଛି। ବାଲିମି ପୁଲିସ ବାଇକ୍‌କୁ ଜବତ କରିଥିବାବେଳେ ଘଟଣାସ୍ଥଳରୁ କାର୍ ଫେରାର ହୋଇଯାଇଛି।

## ତରଭା ସଞ୍ଜୟ ପଲ୍ଲୀ ହତ୍ୟା ଘଟଣା
# ବାପାପୁଅଙ୍କୁ ଆଜୀବନ କାରାଦଣ୍ଡ

ଢେଙ୍କାନାଳ, ୩୧।୧୦(ସମିସ)

ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣତି ସାହା ୨୦୨୨ରେ ଘଟିଥିବା ତରଭା ସଞ୍ଜୟ ପଲ୍ଲୀ ହତ୍ୟା ଘଟଣାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଅନାଦେୟଅଧିକ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡ଼ିଛି।

୨୦୨୧ ଡିସେମ୍ବର ୧୭ ତାରିଖ ଦିନ ସଦର ଥାନା ତରଭା ଗ୍ରାମ ସଞ୍ଜୟ ପଲ୍ଲୀର ରଥିଆ ନାଏକ ଓ ବାଦଲ ନାଏକ ମିଶି ଜଗନ୍ନାଥ ନାଏକଙ୍କ ସହିତ ଘରର ସୀମା ବିବାଦକୁ ନେଇ ଝଗଡ଼ା କରିଥିଲେ। ଘଟଣାକୁ ନେଇ ଜଗନ୍ନାଥଙ୍କ ପତ୍ନୀ ସୁଜାତା ନାଏକ ଉଭୟ ପକ୍ଷଙ୍କ ଝଗଡ଼ାକୁ ଶେଷ କରିଥିଲେ। ଜଗନ୍ନାଥ ମଜୁରୀ କରିବାକୁ ଯାଉଥିଲା। ସନ୍ଧ୍ୟା ସମୟରେ ଘରକୁ ଆସିବା ପରେ ରଥିଆ ଓ ତାର ପୁଅ ବାଦଲ ମିଶି ଜଗନ୍ନାଥକୁ ବାଡି, ଫାର୍ସା ଓ ଶିଳପୁଆରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ଜଗନ୍ନାଥକୁ ତାଙ୍କ ଭାଇ ବଳଭଦ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଦିନ ରାତି ତିନିଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଜଗନ୍ନାଥଙ୍କ ପତ୍ନୀ ସୁଜାତା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ୬୪୬/୨୦୨୨ରେ ଏକ ମାମଲା ରୁଜୁ କରି ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ ମାମଲାଟି ସିଟି ସେସନସ କେସ ନଂ ୧୦୯/୨୨ରେ ବିଚରାଧୀନ ଥିଲା। ଏହି ମାମଲାରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ପ୍ରଣତି ସାହା ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବାପା ଓ ପୁଅକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫୦ ହଜାର ଟଙ୍କା ଜରିମାନା ଓ ଅନାଦେୟଅଧିକ ୬ ମାସ ଜେଲଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡ଼ିଛି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଏପିପି ଅକ୍ଷୟ କୁମାର ଭୋଇ ଓ ଗଣେଶ୍ୱର ସାହୁ ପରିଚାଳନା କରୁଥିଲେ। ଏହି ମାମଲାରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ଆଲିନା ନାଏକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

# ଅଁଳା ନବମୀ ଓ ରାଧାପାଦ ଦର୍ଶନ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ



ଢେଙ୍କାନାଳ, ୩୧।୧୦(ସମିସ): ସ୍ଥାନୀୟ କୈବଲ୍ୟ ବଜାରସ୍ଥ ଦଧିବାମନ ମଠ ପରିସରରେ ଆଜି ପବିତ୍ର ଅଁଳା ନବମୀ ଓ ରାଧାପାଦ ଦର୍ଶନ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କୁଞ୍ଜରେ ଠାକୁରଙ୍କୁ ସ୍ଥାପନ କରିବା ସହ ଅଧିବାସ ଆରମ୍ଭ କରାଯାଇ ଅଖଣ୍ଡ ଦୀପ ସ୍ଥାପନ କରାଯାଇଥିଲା। ଠାକୁରଙ୍କ ପାଖରେ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି, ରାତ୍ରରେ ବିଭିନ୍ନ ପ୍ରକାର ଭୋଗ ଲାଗି ହେବ। ପୂଜକ ଅକ୍ଷୟ କୁମାର ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ।

# ଏକତା ପାଇଁ ଗଣଦୌଡ଼



ଢେଙ୍କାନାଳ, ୩୧।୧୦(ସମିସ): ଢେଙ୍କାନାଳ ସହରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଏକତା ପାଇଁ ଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସର୍ଦ୍ଦାର ପଟେଲ ଏକ ସତ୍ୟ ସେବକ, ଏକ ସଂଗଠନଶୀଳ ନେତା ଓ ଦୃଢ଼ ଇଚ୍ଛାଶକ୍ତିର ପ୍ରତୀକ ଥିଲେ। ଏହି ଅବସରରେ ସେ ଦେଶର ସର୍ବ କନିଷ୍ଠ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସବୁଜ ପତକା ଦେଖାଇ ଏହି ଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ଦୌଡ଼ ବାଜି ଚୌକ ଠାରୁ ଆରମ୍ଭ ହୋଇ ମିନି ଷ୍ଟାଡିଅମ ପର୍ଯ୍ୟନ୍ତ ଯାଇଥିଲା। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦୀପ୍ତ କୁମାର ସାହୁ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପରିଚାଳନା ସତ୍ୟ ନାରାୟଣ କର କରିଥିଲେ।

# ଜିଲ୍ଲା ପୁଲିସ ପକ୍ଷରୁ ଏକତା ଦିବସ ପାଳିତ

ଢେଙ୍କାନାଳ/କଙ୍କଡ଼ାହାଡ଼, ୩୧।୧୦(ସମିସ): ଢେଙ୍କାନାଳ ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏସପି ଅଭିନବ ସୋନକର ମୁଖ୍ୟଅତିଥି ଭାବରେ ଯୋଗଦେଇ ଏକତା ଦିବସରେ ଶପଥପାଠ କରାଇଥିଲେ। ଉତ୍ସବରେ ଅତିରିକ୍ତ ଏସପି ସୂର୍ଯ୍ୟମଣି ପ୍ରଧାନ, ନିରଞ୍ଜନ ପାଢ଼ୀ, ସନ୍ଧ୍ୟାରାଣୀ ବେଉରିଆ, ଡିଏସପି ନନ୍ଦିତା ମୋଦୀ, ସୁଷମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। କଙ୍କଡାହାଡ ପୁଲିସ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବାବେଳେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା, ସମ୍ମାନିତ ଅତିଥି ଭାବେ ଏସ୍ଆଇ ମୀନକେତନ ପ୍ରଧାନ ଉପସ୍ଥିତ ଥିଲେ। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଗଣଦୌଡ଼ କରାଯିବା ପାଇଁ କଙ୍କଡ଼ାହାଡ଼ ପୁଲିସ ପକ୍ଷରୁ ସୂଚନା ଦିଆଯାଇ ଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଦୁର୍ନୀତି ନିବାରଣ ବିଭାଗ ତରଫରୁ ସଚେତନତା ସପ୍ତାହ
# ୫୨୮ ନିର୍ମାଣ ଶ୍ରମିକଙ୍କୁ ୨.୩୪ କୋଟି ପ୍ରଦାନ

ଢେଙ୍କାନାଳ, ୩୧।୧୦(ସମିସ): ଢେଙ୍କାନାଳ ଜିଲ୍ଲା ପରିଷଦ ସଭାଗୃହରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରରେ ୫୨୮ ଜଣ ନିର୍ମାଣ ଶ୍ରମିକଙ୍କୁ ୨କୋଟି ୩୪ଲକ୍ଷ ୧୭ହଜାର ଛଅ ଶହ ଟଙ୍କା ପ୍ରଦାନ କରାଯାଇଥିବାର ଜଣାପଡ଼ିଛି। ଶିବିରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦୀପ୍ତି ରଞ୍ଜନ ସେଠୀ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହିତ ଉପ-ଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ବିଭାଗର ଅନସୂୟା ସେନାପତି, ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସା ନାୟକ ମଧ୍ୟ ଉପସ୍ଥିତ ଥିଲେ। ଏହି ସମାରୋହରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ସ୍ୱାଗତ ଭାଷଣ ଦେବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ୧୫୦ ଜଣ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରମ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ମାଧ୍ୟମରେ କିଭଳି ଉପଯୁକ୍ତ ଶ୍ରମିକ ମାନଙ୍କୁ ପଞ୍ଜୀକରଣ କରାଯାଇ ଏବଂ ସଠିକ ସମୟରେ ବିଭିନ୍ନ ସହାୟତା ମାନ ସ୍ୱଚ୍ଛତାର ସହ ପ୍ରଦାନ କରାଯାଉଛି ବୋଲି ଆଲୋଚନା କରିଥିଲେ। ତତସହିତ ଉକ୍ତ ଶିବିରରେ ୨୧୨ ଜଣ ଆବେଦନକାରୀଙ୍କୁ ମୋଟ୨୦ଲକ୍ଷ୧୭ହଜାର୬୦୦ଟଙ୍କା (ଶିକ୍ଷା ସହାୟତା), ୨୪୩ ଜଣ ଆବେଦନକାରୀଙ୍କୁ ୧କୋଟି ୨୧ଲକ୍ଷ ବିବାହ ସହାୟତା, ୦୩ ଜଣ ଆବେଦନକାରୀଙ୍କୁ ୩୦ହଜାର ପ୍ରସୂତିକାଳୀନ ସହାୟତା, ୩୬ ଜଣ ମନୋନୀତ ବ୍ୟକ୍ତିଙ୍କୁ ୯୧ଲକ୍ଷ ମୃତ୍ୟୁକାଳୀନ ସହାୟତା ଓ ୩୪ ଜଣ ମନୋନୀତ ବ୍ୟକ୍ତିଙ୍କୁ ୧ଲକ୍ଷ ୭୦ହଜାର ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ସହିତ ସର୍ବ ମୋଟ ୫୨୮ ଜଣ ନିର୍ମାଣ ଶ୍ରମିକଙ୍କୁ ୨କୋଟି ୩୪ଲକ୍ଷ ୧୭ହଜାର ଛଅ ଶହ ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଶେଷରେ ଜିଲ୍ଲା ଶ୍ରମ ଅଧିକାରୀ ତପନ କୁମାର ସୂତାର ଧନ୍ୟବାଦ ଦେଇଥିଲେ।




# ସ୍ମାର୍ଟ ମିଟରକୁ ଢେଙ୍କାନାଳ ଓକିଲ ସଂଘର ତୀବ୍ର ବିରୋଧ



ଢେଙ୍କାନାଳ, ୩୧।୧୦(ସମିସ): ସ୍ଥାନୀୟ ଜିଲ୍ଲା ଓକିଲ ସଂଘ ସଭାଗୃହରେ ଟିପିସିଓଡିଏଲର ପକ୍ଷରୁ ସ୍ମାର୍ଟ ମିଟର ଲଗାଇବାକୁ ବାଧ୍ୟ କରିବା ଘଟଣାକୁ ନେଇ ତୀବ୍ର ବିରୋଧ କରାଯାଇଛି। ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଟିପିସିଓଡିଏଲର ମନମୁଖୀ କାର୍ଯ୍ୟ ଯଥା ଜିଲ୍ଲାର ପ୍ରତ୍ୟେକ ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ଲଗାଇବାକୁ ବାଧ୍ୟ କରିବା, ବିନା କାରଣରେ ପୂର୍ବରୁ ଲଗାଯାଇଥିବା ମିଟର ଡିଫେକଟିଭ ଦେଖାଇବା ଓ ଏଥିପାଇଁ ମୋଟା ଅଙ୍କର ଜରିମାନା ଲାଗୁ କରିବା, ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ କରିବା, ସ୍ମାର୍ଟ ମିଟର ଲଗାଇ ଲୋକଙ୍କୁ ଶୋଷଣ କରିବା, ସାଧାରଣ ଲୋକଙ୍କୁ ଭୟଭୀତ କରାଇ ଜବରଦସ୍ତ ସେମାନଙ୍କ ଘରେ ସ୍ମାର୍ଟ ମିଟର ବସାଇବା ଓ ଠିକ୍ ଭାବେ ସେବା ଯୋଗାଇବା ନ ଦେବା ବିରୋଧରେ ବାରମ୍ବାର ଜିଲ୍ଲାବାସୀଙ୍କଠାରୁ ଅଭିଯୋଗ ପାଇବା ପରେ ଆଜି ଜିଲ୍ଲା ଓକିଲ ସଂଘ ପକ୍ଷରୁ ଏହି ଜରୁରୀ ବୈଠକ କରାଯାଇଥିଲା। ଟିପିସିଓଡିଏଲକୁ କୌଣସି ମତେ ଏହି ମନମୁଖୀ ତଥା ଜନବିରୋଧି କାର୍ଯ୍ୟ କରାଇ ନ ଦେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଜିଲ୍ଲାର କୌଣସି ସାଧାରଣ ବିଦ୍ୟୁତ ଉପଭୋକ୍ତାଙ୍କୁ ଟିପିସିଓଡିଏଲ୍ କୌଣସି ପ୍ରକାରର ହଇରାଣ ହରକତ କରିବାକୁ ଚେଷ୍ଟା କଲେ ଜିଲ୍ଲା ଓକିଲ ସଂଘ ଏହାର ତୀବ୍ର ବିରୋଧ କରିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲ୍ଲା ଓକିଲ ସଂଘ ସଦାସର୍ବଦା ଜିଲ୍ଲାବାସୀଙ୍କ ସ୍ୱାର୍ଥ ପାଇଁ ଲଢି ଆସିଛି ଓ ଏଥର ମଧ୍ୟ ଜିଲ୍ଲାବାସୀଙ୍କ ସହିତ ଓକିଲ ସଂଘ ସର୍ବଦା ଛିଡାହୋଇ ରହିବ ଓ ଜିଲ୍ଲାବାସୀଙ୍କ ପ୍ରତି କୌଣସି ପ୍ରକାରର ଅନ୍ୟାୟକୁ ସଂଘ ବରଦାସ୍ତ କରିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଟିପିସିଓଡିଏଲର ସମସ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜିଲ୍ଲା ଓକିଲ ସଂଘକୁ ଡକାଯାଇ ସେମାନଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ସଂଘର ଉପସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କବିଶତପଥୀ, ସହସମ୍ପାଦକ ଉତ୍ତମ ଦାସ, କାର୍ଯ୍ୟକାରୀ ସଦସ୍ୟ ପ୍ରେମାନନ୍ଦ ବିହାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ସୁରଭିରେ 'ଶିଶୁବାଟିକା' ଷ୍ଟଲ
# ଶିଶୁର ସାମଗ୍ରୀକ ବିକାଶ ପାଇଁ ସହାୟକ ବ୍ୟବସ୍ଥା ପ୍ରଦର୍ଶିତ

ଢେଙ୍କାନାଳ, ୩୧।୧୦(ସମିସ) : ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ 'ଆଦର୍ଶ ଶିଶୁ ବାଟିକା' ଷ୍ଟଲ ଉଚ୍ଚ ପ୍ରଶଂସିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା ସେନାପତିଙ୍କ ନେତୃତ୍ୱରେ ଉଦଘାଟନୀ ସଭାର ମୁଖ୍ୟ ଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଏହି ଷ୍ଟଲ କୁ ଉଦଘାଟନ କରି ଡିଆଇଇଟିର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ଜିଲ୍ଲାର ୧୧୭୬ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଖୋଲିଥିବା ବେଳେ ଶିଶୁବାଟିକାରେ ୫/୬ ବର୍ଷର ପିଲାମାନେ ନାମ ଲେଖାଇଛନ୍ତି। ଏହି ଶିଶୁ ମାନଙ୍କର ସର୍ବାଙ୍ଗୀନ ବିକାଶ ଲାଗି ଶିଶୁବାଟିକାରେ ଯେଉଁ ସବୁ ଶିକ୍ଷଣ ସହାୟକ ବ୍ୟବସ୍ଥା ଆବଶ୍ୟକ ତାହାର ଏକ ପ୍ରତିକୃତି ଡାଏଟ ଦ୍ୱାରା ପ୍ରସ୍ତୁତ ହୋଇ ପ୍ରଦର୍ଶିତ ହୋଇଛି। ଏଥିରେ ସାକ୍ଷରତା କୋଣ, ସଂଖ୍ୟାଜ୍ଞାନ କୋଣ, ବାଲୁକା କୋଣ, ଖେଳନା କୋଣ, ଚିତ୍ରାଙ୍କନ କୋଣ, ସୃଜନଶୀଳତା କୋଣ, ବିଶ୍ରାମ କୋଣ, ଶିକ୍ଷଣ କୋଣ, ଚିଡିଆଖାନା ପରି ବ୍ୟବସ୍ଥା ରହିଥିବା ବେଳେ ଶିଶୁଙ୍କ ମନଲାଖି ଗପ ଓ ଗୀତ ଶିଖିବା ବ୍ୟବସ୍ଥା ରହିଛି। ଛୋଟ ପିଲାଙ୍କ ଉଚ୍ଚତା ଅନୁଯାୟୀ ଆସବାବ ପତ୍ର, ବିଭିନ୍ନ ରଙ୍ଗ, ବିଲଡିଂ ବ୍ଲକ, ଅକ୍ଷବାକ୍ସ, ଗୋଲି, କାଠି, ପଶୁ ପକ୍ଷୀ, ପରିବା, ଫଳ ଏବଂ ବିଭିନ୍ନ ପ୍ରକାର ବାଦ୍ୟ ଯନ୍ତ୍ର ରହିଛି। ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଜ ବ୍ଲକର ବିଦ୍ୟାଳୟ ଗୁଡିକରେ ଏପରି ବ୍ୟବସ୍ଥା କରିବା ନେଇ ଆଶା ବ୍ୟକ୍ତ କରିଥିବା ବେଳବ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ବେଶ ଅଭିପ୍ରେରିତ ହୋଇଥିବାର ଦେଖା ଯାଇଥିଲା। ଏହାର ଶୈକ୍ଷିକ ଦିଗକୁ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବୁଝାଇଥିବାବେଳେ ପ୍ରଶିକ୍ଷିକା ପ୍ରତିଭା ଦଳେଇ, ସୂଦୀପ୍ତା ମିଶ୍ର, ସ୍ୱାଗତିକା ଶରଣ, ବିନ୍ଧୁ ବେହୁରିଆ, ରାଜଶ୍ରୀ ଦକ୍ଷଶ ପ୍ରମୁଖ ପ୍ରସ୍ତୁତି ରେ ସହଯୋଗ କରିଥିଲେ।



# କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ କଳସଯାତ୍ରା



ଢେଙ୍କାନାଳ, ୩୧।୧୦(ସମିସ): ସ୍ଥାନୀୟ ପଦ୍ମ ବଜାର ମାଣ୍ଡବା ସାହିରେ ୨୭ତମ କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ଆଜି ପବିତ୍ର ଅଁଳା ନବମୀରେ ସ୍ଥାନୀୟ କମଗରା ଘାଟରୁ ପୂଜାର୍ଚ୍ଚନା କରାଯାଇ ୨୧ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ କଳସ ଧରି ବାଦ୍ୟ ଦ୍ୱାରା ସହର ପରିକ୍ରମା କରାଯାଇ ମଣ୍ଡପରେ ପହଞ୍ଚିଥିଲେ। ପରେ କାର୍ତ୍ତିକେଶ୍ୱରଙ୍କର ଅଧିବାସ ପୂଜା ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନ ସକାଳୁ ନୀତି ପୂଜା, ମଧ୍ୟାହ୍ନ ପୂଜା, ସନ୍ଧ୍ୟା ଆଳତି ସହିତ ବିଭିନ୍ନ ଭୋଗ କାର୍ତ୍ତିକେଶ୍ୱରଙ୍କ ପାଖରେ ଲାଗି କରାଯିବ। ପ୍ରତ୍ୟେକ ଦିନ ପ୍ରାତଃପୂଜା ଓ ହୋମ ସହିତ ଆସନ୍ତା ୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ମୁଖ୍ୟ ପୂଜକ ସିଦ୍ଧେଶ୍ୱର ମିଶ୍ର ଓ କର୍ତ୍ତା ସୁଜିତ୍ କୁମାର ସାହୁ, କର୍ତ୍ତା ଝୁନୁ ସାହୁ ସମସ୍ତ ପୂଜାକୁ ସମ୍ପାଦନ କରିଥିବାବେଳେ କର୍ମକର୍ତ୍ତା ଦେବବ୍ରତ ସାହୁ, ଶ୍ରୀନିବାସ ସାହୁ, ସାନୁ ପୃଷ୍ଟି, ସଞ୍ଜୟ ସାହୁ, ସ୍ୱାଗତ ସାହୁ, ବିଚିତ୍ର ସାହୁ, ଅନୀଲ ସାହୁ, ଲିଙ୍କୁ ସାହୁ ଓ ଜିଲୁ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ସାହାଯ୍ୟ କରିଥିଲେ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ



ଢେଙ୍କାନାଳ, ୩୧।୧୦(ସମିସ): ଜିଲ୍ଲା କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ୪୧ତମ ଶ୍ରାଦ୍ଧବାର୍ଷିକୀ ଓ ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାରତରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମତିଥିରେ ଉଭୟ ମହାପୁରୁଷଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି ଉଦ୍ଦେଶ୍ୟରେ ସ୍ଥାନୀୟ ଗାନ୍ଧୀ ମନ୍ଦିରଠାରେ ସଭା ଆୟୋଜିତ ହୋଇଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି କଂଗ୍ରେସ ସଭାପତି ଓ ନେତୃବୃନ୍ଦ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭାରତ ସ୍ୱାଧୀନତା ଲାଭ ପରେ ପ୍ରାୟ ୫୬୦ ଗଡ଼ଜାତ ରାଜ୍ୟର ରାଜାଙ୍କୁ ରାଜି କରାଇ ସବୁ ରାଜ୍ୟକୁ ଭାରତରେ ମିଶ୍ରଣ କରାଇବା ସର୍ଦ୍ଦାର ପଟେଲଙ୍କ ବଡ଼ ଅବଦାନ ବୋଲି ଇତିହାସରେ ଲିପିବଦ୍ଧ ଓ ସେଥିପାଇଁ ପଟେଲଙ୍କୁ 'ଲୌହମାନବ' ଆଖ୍ୟା ଦିଆଯାଇଛି। ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଶାସନର ପରାକାଷ୍ଠା, ଦୃଢ଼ ନେତୃତ୍ୱ ଓ ରାଜନୈତିକ ଇଚ୍ଛାଶକ୍ତିର ଏକ ପ୍ରତିକ ଥିଲେ। ତାଙ୍କର ଦୀର୍ଘ ୧୪ ବର୍ଷ ଶାସନ କାଳର ଇତିହାସ ତାଙ୍କୁ 'ଆଇରନ୍ ଲେଡି' ଆଖ୍ୟା ଦେଇଛି। ପଡୋଶୀ ଦେଶ ପାକିସ୍ତାନରୁ ପୂର୍ବଭାଗକୁ ଅଲଗା କରି ବାଂଲାଦେଶ ସୃଷ୍ଟି କରିବା ପଛରେ ଇନ୍ଦିରା ଗାନ୍ଧୀଙ୍କ ଉଦ୍ୟମ ଏକ୍ ଐତିହାସିକ ଘଟଣା ହୋଇ ରହିଥିବ। ପାକିସ୍ଥାନକୁ ୧୯୭୧ ଯୁଦ୍ଧରେ ପରାସ୍ତ କରି ତା' ସହିତ ସିମଳା ରାଜିନାମା, ସିକିମ୍ ରାଜ୍ୟକୁ ଭାରତରେ ସମିଶ୍ରଣ କରିବା, ବିଚ୍ଛିନ୍ନତାବାଦୀ ଖଲିସ୍ତାନ ଆତଙ୍କବାଦୀଙ୍କୁ ମୂଳପୋଛ କରିବା ଇନ୍ଦିରା ଗାନ୍ଧୀଙ୍କ ଦେଶ ନିମିତ୍ତ ମହାନ ଅବଦାନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଇନ୍ଦିରା ଗାନ୍ଧୀ ଢେଙ୍କାନାଳ ଜିଲ୍ଲାରେ ନାଲକୋ ଶିଳ୍ପ, ଏଫ୍‌ସିଆଇ ସାର କାରଖାନା, ସୁପର୍ ଥର୍ମାଲ୍, ରେଙ୍ଗାଲି ନଦୀବନ୍ଧ ଯୋଜନାକୁ କାର୍ଯ୍ୟକାରୀ କରି ଜିଲ୍ଲାର ଉନ୍ନତି ସହିତ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି। ଇନ୍ଦିରା ଗାନ୍ଧୀଙ୍କ ଆଦର୍ଶ, ଦେଶସେବା ଓ ଦେଶପାଇଁ ଜୀବନକୁ ବଳିଦାନ ଦେବା ସର୍ବଦା ଚିରସ୍ମରଣୀୟ ହୋଇରହିଥିବ ବୋଲି କଂଗ୍ରେସର ନେତୃବୃନ୍ଦ ପ୍ରକାଶ କରିଥିଲେ। ବରିଷ୍ଠ ନେତା ରବିନାରାୟଣ ମହାନ୍ତି, ପ୍ରେମଶଙ୍କର ମିଶ୍ର, ଡାକ୍ତର ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ନିଶାକର ସାହୁ, ଜିତେନ୍ଦ୍ର ସାହୁ, ପୂର୍ବତନ ଜିଲ୍ଲା ମହିଳା ସଭାନେତ୍ରୀ ସ୍ମିତାରାଣୀ ସାମଲ, ବିପ୍ରବର ସାହୁ, ରୁମେନା ବେଗମ୍, ନୁରୁଲ ଇସଲାମ, ସରୋଜ ଶତପଥୀ, ମିତାଲି ସାହୁ, ଶରତ ନନ୍ଦ, ଅନିମେଶ ବିଶ୍ୱାଳ, ସୂର୍ଯ୍ୟକାନ୍ତ ସାହୁ, ବିଟୁନ୍ ସାହୁଙ୍କ ସମେତ ବହୁ କଂଗ୍ରେସ୍ କର୍ମୀ ଯୋଗଦାନ କରିଥିଲେ।

# ମହିମା ଧର୍ମରେ ଅଗ୍ନିପୂଜାର ମହତ୍ୱ ସର୍ବାଧିକ

ଢେଙ୍କାନାଳ, ୩୧।୧୦(ସମିସ)



## ତପୋବନ ବାର୍ଷିକ ମେଳାରେ 'ତପୋବନ' ପତ୍ରିକା ଲୋକାର୍ପିତ

ବ୍ରାହ୍ମ ମୁହୂର୍ତ୍ତରୁ କପିଳାସ ମହିମାଶ୍ରମ ତପୋବନ ପୀଠରେ ବାର୍ଷିକ ମେଳା ଆରମ୍ଭ ହୋଇଥିଲା। ସୂର୍ଯ୍ୟୋଦୟ ପୂର୍ବରୁ ନୂତନ ହାଣ୍ଡିରେ ବିଭିନ୍ନ ଫଳ, ଚୂଡା ଓ ଅହ୍ଲଣିଆ ବୁନ୍ଦିଆ ଏକତ୍ର କରାଯାଇ ଶୂନ୍ୟବ୍ରହ୍ମଙ୍କୁ ସମର୍ପିତ ହେବା ପରେ ପିଲାଙ୍କ ମଧ୍ୟରେ ଏହା ବିତରଣ କରାଯାଇଥିଲା। ଧୂନି ମନ୍ଦିରରେ ବ୍ରହ୍ମଧୂନି ସଂସ୍ଥାପନ କରାଯାଇ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଘୃତାହୁତି ଦିଆଯାଇଥିଲା। ଭକ୍ତମାନଙ୍କ ଦ୍ୱାରା ଆନୀତ ନଡିଆ ଓ ଘୃତ ବ୍ରହ୍ମ ଧୂନୀରେ ସମର୍ପିତ ହେଉଥିଲା। ଜ୍ଞାନୀ ବାବା ବ୍ରହ୍ମଧୂନିରେ ଆହୁତି ପ୍ରଦାନ କରୁଥିଲେ। ମହିମା ଭଜନ କୀର୍ତ୍ତନରେ ତପୋବନ ପୀଠର ଗଗନପବନ ମୁଖରିତ ହେଉଥିଲା। ସେଠାରେ ଅନ୍ନଯଜ୍ଞ ପୂର୍ବାହ୍ନ ୯ଟାଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଚାଲିଥିଲା। କିନ୍ତୁ ଅହୋରାତ୍ର ଘୃତଯଜ୍ଞ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସାଙ୍ଗକାଳରେ ତପୋବନ ପୀଠର ଶିଖର ଦେଶରେ ଥିବା ଯଜ୍ଞସ୍ଥଳରେ ବ୍ରହ୍ମଧୂନି ସଂସ୍ଥାପନ କରାଯାଇ ପୀଠର ପ୍ରତିଷ୍ଠାତା ଶ୍ରୀମଦ ରଘୁନାଥ ବାବା ଅହୋରାତ୍ର ଘୃତାହୁତି ଦିଆଯାଇଥିଲା। ଯଜ୍ଞ ମଣ୍ଡପରେ ୨୧ ଶାଖା ବିଶିଷ୍ଟ ଝାଡବତୀ ପ୍ରଜ୍ୱଳନ କରାଯାଇ ସେଥିରେ ମଧ୍ୟ ଜଗତ ଭଗତଙ୍କ କଲ୍ୟାଣ ପାଇଁ ଘୃତାହୁତି ଦିଆଯାଉଥିଲା। ସାଂସଦ ରୁଦ୍ରନାରାୟଣ ପାଣି ତପୋବନ ପୀଠକୁ ଆସି ବ୍ରହ୍ମଜ୍ୟୋତି ଓ ବ୍ରହ୍ମଧୂନିକୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପୀଠର ଉନ୍ନତି ଦିଗରେ ସେ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅପରାହ୍ନ ୨ଟା ବେଳକୁ ଆୟୋଜିତ ଧର୍ମସଭାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟଅତିଥି ଭାବେ ଯୋଗଦେଇ 'ତପୋବନ ବାର୍ଷିକ ପତ୍ରିକା୨୦୨୫' କୁ ଲୋକାର୍ପିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନ୍‌କର ଯୋଗ ଦେଇଥିଲେ। ଉଭୟେ ପ୍ରଥମେ ପୀଠସ୍ଥିତ ଅଖଣ୍ଡ ଜ୍ୟୋତି ମନ୍ଦିର ଓ ବ୍ରହ୍ମଧୂନିଙ୍କର ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସଭାରେ ଅଧ୍ୟକ୍ଷତା କରି କୌପୀନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା ତପୋବନ ପୀଠର ମାହାତ୍ମ୍ୟ ଓ କାର୍ତ୍ତିକ ଶୁକ୍ଳ ଦଶମୀରେ ତପୋବନ ପୀଠରେ ମହିମାସ୍ୱାମୀ ଓ ତାଙ୍କର ପ୍ରମୁଖ ଶିଷ୍ୟ ଗୋବିନ୍ଦ ବାବା ଓ ନୃସିଂହ ବାବାଙ୍କ ଭେଟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଯୁବରାଜ ଅମରଜ୍ୟୋତି ସିଂହଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାରାଜା ଭଗିରଥଙ୍କ ରାଜତ୍ୱ ସମୟରୁ ମହିମାଧର୍ମ ପ୍ରତି ରାଜ ପରିବାରର ଶ୍ରଦ୍ଧା ଓ ନିଷ୍ଠା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ମହିମା ଜ୍ୟୋତିଯାତ୍ରାର ସଂଯୋଜକ ପ୍ରଦ୍ୟୁମ୍ନ ରଥ ମହିମା ଧର୍ମରେ ଅଗ୍ନି ପୂଜାର ମହତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ। ନିରାକାର ଶୂନ୍ୟବ୍ରହ୍ମଙ୍କର ଉପାସନାର ମାଧ୍ୟମ ହିଁ ଅଗ୍ନି ଦେବ ଅଟନ୍ତି। ସାଧୁ ମହାଦେବ ଦାସ କୃତ କାର୍ତ୍ତିକ ମାହାତ୍ମ୍ୟ ଚରିତରୁ ଉଦ୍ଧାର କରି ଅଗ୍ନିପୂଜାର ଆବଶ୍ୟକତା ଓ ମହତ୍ୱ ସମ୍ପର୍କରେ ଶ୍ରୀ ରଥ ସୂଚନା ଦେଇଥିଲେ। 'ତପୋବନ' ପତ୍ରିକା ସମ୍ପାଦକ ପ୍ରଶାନ୍ତ ମହାପାତ୍ର ସଭା ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ, ଶିଳ୍ପଦ୍ୟୋଗୀ ସୌମେନ୍ଦୁ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ମିଶ୍ର, ପ୍ରେମଶଙ୍କର ମିଶ୍ର, ସମ୍ବିତ୍ ରଥ, ମନୋରଞ୍ଜନ ମିଶ୍ର, କୈଳାସ ରାଉତ ଓ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଦର ବ୍ଲକ ପ୍ରତିନିଧି ଜ୍ଞାନରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। କରୁଣାକର ବାବା, କନ୍ଦର୍ପ ବାବା, ସନକ ବାବା, ଗୁଣନିଧି ବାବା, ଭଣ୍ଡାରଘରିଆ ସଞ୍ଜୟ ବାବା, ନିବାରଣ ବାବା, ବିଜୟଦାସ, ଚନ୍ଦ୍ରମଣି ସ୍ୱାଇଁ, ଧର୍ମାନନ୍ଦ ପୃଷ୍ଟି, କୈଳାସ ରାଉତ ଓ ବାସୁଦେବ ଦେହୁରୀ ପ୍ରମୁଖ ମେଳା ପରିଚାଳନା କରିବା ସହ ଆଗନ୍ତୁକ ସହସ୍ରାଧିକ ଭକ୍ତଙ୍କ ପାଇଁ ଅନ୍ନଯଜ୍ଞର ବ୍ୟବସ୍ଥା କରିଥିଲେ।

# କାମାକ୍ଷାନଗରର ଚିକିତ୍ସକ ଆର୍ତ୍ତବନ୍ଧୁ ସାହୁଙ୍କ ପରଲୋକ



କାମାକ୍ଷାନଗର, ୩୧।୧୦(ସମିସ): କାମାକ୍ଷାନଗରର ଜଣାଶୁଣା ହୋମିଓପାଥିକ୍ ଚିକିତ୍ସକ ଆର୍ତ୍ତବନ୍ଧୁ ସାହୁଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ହୃଦଘାତଜନିତ ରୋଗ ଚିହ୍ନଟ ହେବା ପରଠାରୁ ସେ ଚିକିତ୍ସାଧୀନ ଥିଲେ। ଗତ ସପ୍ତାହରେ ଆର୍ତ୍ତବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବାରୁ ଭୁବନେଶ୍ୱର ଏମ୍‌ସରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ୬ ଦିନ ଧରି ଚିକିତ୍ସା ହେବା ପରେ ଶୁକ୍ରବାର ଭୋର୍ ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ନିକଟରେ ସାନପୁଅ ଡାକ୍ତର ଅଜିତ ସାହୁ ଓ ନାତି ସ୍ନେହାଶିଷ ସାହୁ ଉପସ୍ଥିତ ଥିଲେ। ଡାକ୍ତର ଆର୍ତ୍ତବନ୍ଧୁ ସାହୁଙ୍କ ପାର୍ଥିବ ଶରୀର ପ୍ରଥମେ କାମାକ୍ଷାନଗର ବାସଭବନ ଓ ପରେ ଜଗନ୍ନାଥ ବଜାର ଛକରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ସେଠାରେ ବଜାର ତରଫରୁ ବିଭିନ୍ନ ବ୍ୟକ୍ତିବିଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପୈତୃକ ଗ୍ରାମ କଙ୍କଡାହାଡ଼ ବ୍ଲକର ରାଇବୋଲ ଗ୍ରାମକୁ ପାର୍ଥିବ ଶରୀରକୁ ଅଣାଯାଇଥିଲା। ସେଠାରେ ଅଞ୍ଚଳର ବ୍ୟକ୍ତିବିଶେଷ ଓ ଆତ୍ମୀୟସ୍ୱଜନ ଡାକ୍ତର ଆର୍ତ୍ତବନ୍ଧୁ ସାହୁଙ୍କ ଅନ୍ତିମ ଦର୍ଶନ କରି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ପ୍ରଦୀପ ଜେନା ଓ ଅନ୍ୟ ସହକର୍ମୀ ଡାକ୍ତରଙ୍କ ସମେତ କାମାକ୍ଷାନଗର ଜଗନ୍ନାଥ ବଜାରର ଅନେକ ବ୍ୟକ୍ତି ବିଶେଷ, ଡାକ୍ତର ସାହୁଙ୍କର ପୈତୃକ ଗାଁରେ ଶେଷ ଦର୍ଶନରେ ସାମିଲ ହୋଇଥିଲେ ଗ୍ରାମ ମଶାଣିରେ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ସାନ ନାତି ଆଶିଷ ସାହୁ ମୁଖାଗ୍ନି ଦେଇଥିଲେ। ୧୯୯୦ରୁ ଡାକ୍ତର ଆର୍ତ୍ତବନ୍ଧୁ ସାହୁଙ୍କ ହୋମିଓପାଥିକ ଚିକିତ୍ସା ଆରମ୍ଭ ହୋଇଥିଲା। କାମାକ୍ଷାନଗର ଜଗନ୍ନାଥ ବଜାରରେ ୧୯୯୫ରୁ କ୍ଲିନିକରେ ହୋମିଓପାଥିକ ଚିକିତ୍ସା ଜରିଆରେ ରୋଗୀ ସେବା ଦେଉଥିଲେ ଡାକ୍ତର ସାହୁ। ତାଙ୍କ ପରଲୋକରେ କାମାକ୍ଷାନଗର ଜଗନ୍ନାଥ ବଜାର ପକ୍ଷରୁ ଶୋକ ପ୍ରକାଶ ସହିତ ସକାଳ ୧୧ଟାରୁ ଅପରାହ୍ନ ୩ଟା ଯାଏଁ ଦୋକାନ ବଜାର ବନ୍ଦ ରହିଥିଲା।





## ଅଧାରେ ଅଟକିଲା ବିଏମ୍‌ସିର ସାଧାରଣ ବୈଠକ

# ଅସରନ୍ତି ଅଭିଯୋଗ, ମାଲମାଲ ସମସ୍ୟା



ଭୁବନେଶ୍ୱର, ୩୧।୧୦(ସମିସ): ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟରେ ଶନିବାର ମହାନଗର ନିଗମର ୩୫ତମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ହେଲେ ସମୟର ଅଭାବରୁ ବୈଠକକୁ ଅଧାରେ ବନ୍ଦ କରି ଦିଆଯାଇଛି। ପୁରୁଣା ଆଲୋଚନାରେ ସମୟ ପଳାଇଲା। ଗୋଟିଏ ଦିନରେ ସମସ୍ତ ଆଲୋଚନା ହୋଇପାରିଲା ନାହିଁ। ବୈଠକରେ କେବଳ ପ୍ରସ୍ତାବର ଆଲୋଚନା ହେଲା। ପ୍ରଶ୍ନ ଉତ୍ତର ଆଲୋଚନା ହେବାରୁ ରହିଗଲା। ସେପଟେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିଲା। ଏଣୁ ବିଏମ୍‌ସି ମେୟର ଏବଂ କମିସନର ସେଠାକୁ ଯିବେ ବୋଲି କହିଲେ। ଶେଷରେ ବିଏମ୍‌ସିର କର୍ପୋରେସନ ବୈଠକକୁ ଆସନ୍ତା ୬ତାରିଖ ଦିନ ଅପରାହ୍ଣରେ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବାକି ଥିବା ଆଲୋଚନା ହେବ।

- ବିଏମ୍‌ସି ହାତକୁ ଆସିବ ୩୧୬ କିମି ଡ୍ରେନ୍
- ଗୋଟିଏ ଦିନରେ ସରିଲାନି; ୬ ରେ ପୁଣି ବସିବ
- ପ୍ରସ୍ତାବର ଆଲୋଚନା, ପ୍ରଶ୍ନ ଉତ୍ତର ନୋହିଲା
- ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ୩ ଜୋନରେ ଦାୟିତ୍ୱ ନେବେ ୩ ଏଜେନ୍ସି

ତେବେ ପୂର୍ବରୁ ରାଜଧାନୀର ଡ୍ରେନ୍‌ଗୁଡ଼ିକ ଏକାଧିକ ବିଭାଗ ଅଧୀନରେ ରହିଥିଲା। ପଙ୍କୋଦ୍ଧାର ହେଉ କିମ୍ବା ମରାମତିକୁ ନେଇ କୌଣସି ଅବହେଳା ଯୋଗୁଁ ଅଘଟଣ ଘଟିଲେ ବିଏମ୍‌ସି ଏବଂ ଏକାଧିକ ବିଭାଗ ପରସ୍ପର ମଧ୍ୟରେ ଦୋଷ ଲଦାଲଦି ହେଉଥିଲେ। ତାଳମେଳ ଅଭାବରୁ ରାଜଧାନୀବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଣୁ ଏହି ଡ୍ରେନ୍‌ଗୁଡ଼ିକୁ ଗୋଟିଏ ସଂସ୍ଥା ଅଧୀନକୁ ଆଣିବାକୁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। ବିଏମ୍‌ସି ଅଧୀନକୁ ଏହି ଡ୍ରେନ୍ ଆଣିବାକୁ ବିଏମ୍‌ସି କର୍ଯ୍ୟାଳୟରେ ଭୁବନେଶ୍ୱର ମହାନଗର ନିଗମର ୩୫ତମ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଆର୍‌ଆଣ୍ଡବି ଅଧୀନରେ ଥିବା ୩୧୬ କିଲୋମିଟର ଡ୍ରେନ ବିଏମ୍‌ସି ଅଧୀନକୁ ଆସିବ। ସେହିପରି ବିଡିଏ ଓ ପଞ୍ଚାୟତରେ ଥିବା ଅନେକ ରାସ୍ତା ବିଏମ୍‌ସି ଅଧୀନକୁ ଆସିବ ବୋଲି ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଉପବିଭାଗ ଓ କର୍ପୋରେଟରଙ୍କ ପକ୍ଷରୁ ମୋଟ ୧୮ଟି ପ୍ରସ୍ତାବ ଆଗତ କରାଯାଇଥିଲା।

ଏହି ସାଧାରଣ ବୈଠକରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର ଚଞ୍ଚଳ ରାଣା, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ଅତିରିକ୍ତ କମିସନର ରତ୍ନାକର ସାହୁ, ସସ୍ମିତା ସାହୁ ଓ କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା ମଞ୍ଚାସୀନ ଥିଲେ। ଏଜେଣ୍ଡା ଅନୁଯାୟୀ ପୂର୍ବ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଓ ତା'ର କାର୍ଯ୍ୟାନ୍ୱୟ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଉନ୍ନତି ଓ ସହରୀ ବିକାଶ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ଆଉ ମଧ୍ୟ କିଛି ଅର୍ଥ ରାଜ୍ୟ ସରକାର ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଉଭୟ ମେୟର ଓ କମିସନର ଗୃହକୁ ଅବଗତ କରାଇଥିଲେ। ତେଣୁ ପ୍ରତ୍ୟେକ ୱାର୍ଡରେ କିଛି କିଛି କାମ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ମଧ୍ୟ କମିସନର ଅବଗତ କରାଇଛନ୍ତି। ସେହିପରି କର୍ପୋରେଟରଙ୍କ ପକ୍ଷରୁ ମୋଟ ୧୪ଟି ଲିଖିତ ପ୍ରଶ୍ନ ଗୃହରେ ଆଗତ କରାଯାଇଥିଲା। ସେ ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ବର୍ଜ୍ୟ ସଂଗ୍ରହ ଓ ପରିଚାଳନା ପାଇଁ ଏଜେନ୍ସି ଚୟନ ନିମନ୍ତେ ଆସିଥିବା ଏସ୍‌ଓପିକୁ କର୍ପୋରେସନ ମଞ୍ଜୁରୀ ମିଳିଛି। ସେହିପରି ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ତିନୋଟି ଜୋନରେ ତିନୋଟି ଏଜେନ୍ସିଙ୍କୁ ନିୟୋଜିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ। ଆସନ୍ତା ୬ତାରିଖ ଦିନ ମୁକ୍ତା ଓ ଜାଗା ମିଶନ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ କର୍ପୋରେସନର ସ୍ୱତନ୍ତ୍ର ବୈଠକ ଡକାଯିବ ବୋଲି ନିଷ୍ପତ୍ତି ହୋଇଛି। ଅତିରିକ୍ତ କମିସନର ରତ୍ନାକର ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### ମନଇଚ୍ଛା ଗଢ଼ାଇଲେ ଏଜେଣ୍ଡା

ବିଏମ୍‌ସିର ନିୟମ ଅନୁଯାୟୀ ଗୋଟିଏ ପରେ ଗୋଟିଏ ଏଜେଣ୍ଡା ଆସେ। ହେଲେ ବିଗତ କିଛି କର୍ପୋରେସନର ଘଟିଥିବା ଘଟଣାବଳୀ ଚଳିତ କର୍ପୋରେସନରେ ମଧ୍ୟ ଦେଖାଦେଇଥିଲା। ଅଧିକାରୀମାନେ ତରବରିଆ ଭାବେ ଏଜେଣ୍ଡା ଗଡ଼ାଇବାରେ ଏତେ ବ୍ୟସ୍ତ ହୋଇଗଲେ ସେ ଏକାବେଳେ ୨ଟି ଅଙ୍କ ଛାଡି ଯାଉଥିଲେ। ଅଧିକାରୀଙ୍କ ଏଭଳି ଚାଲାଖିକୁ ଆଜି କର୍ପୋରେଟରମାନେ ମାଡି ବସିଥିଲେ। ଏଜେଣ୍ଡାର ଆଲୋଚନା ଏଭଳି ଭାବେ ଚାଲିବ ନାହିଁ ପ୍ରତ୍ୟେକଟି କଥା ଉପରେ ଆଲୋଚନା ହେବ ବୋଲି କହିଥିଲେ।

### ୪୦୦କୋଟିର ଫିକ୍ସ ଡିପୋଜିଟ୍‌ର ଉତ୍ତର ପାଇଲିନି: ନୃପେସ୍

ବିଏମ୍‌ସିର ଜମାଖାତାରେ ଆନୁମାନିକ ପ୍ରାୟ ୬ଶହରୁ ୧ହଜାରେ କୋଟି ଟଙ୍କା ରହିଥିଲା। ଏଥିରୁ ନିୟମିତ ଭାବେ ସୁଧ ବି ମିଳୁଛି। ଆଉ ଫିକ୍ସ ଡିପୋଜିଟ୍‌କୁ ଭଙ୍ଗାଯାଇ ବିଭିନ୍ନ ସମୟରେ ବିଏମ୍‌ସି ଖର୍ଚ୍ଚ ବି କରୁଛି।ଏହି ଜମା ଟଙ୍କା ସମ୍ପର୍କରେ ବିଏମ୍‌ସିର କର୍ପୋରେଟରମାନେ ଜାଣିବାକୁ ଚାହିଁଥିଲେ। ବିଏମ୍‌ସିର ନିଜର ବ୍ୟାଙ୍କ ଖାତରେ କେତେ ଟଙ୍କା ଫିକ୍ସ ଡିପୋଜିଟ୍ ରଖିଛି। କେଉଁ କେଉଁ ବ୍ୟାଙ୍କରେ ଏହି ଫିକ୍ସ୍ ଡିପୋଜିଟ୍ ରହିଛି। ମୋଟ୍ କେତୋଟି ଆକାଉଣ୍ଟରେ ଫିକ୍ସ ଡିପୋଜିଟ୍ ରହିଛି ବୋଲି ପ୍ରଶ୍ନ କରାଯାଇଥିଲା। ସମୟକ୍ରମେ କେତେଟଙ୍କା ଉଠାଯାଇଛି। ଯଦି ଉଠାଯାଇଛି ତେବେ କେଉଁ ବାବଦରେ ଖର୍ଚ୍ଚ କରାଯାଇଛି ବୋଲି କର୍ପୋରେଟର ନୃପେସ ନାୟକ କର୍ପୋରେସନ ବୈଠକରେ ଲିଖିତ ଭାବେ ପ୍ରଶ୍ନ କରିଥିଲେ। ହେଲେ ତାଙ୍କୁ ମାତ୍ର ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଛି। ଏହି ତଥ୍ୟ ଅନୁଯାୟୀ, ଭୁବନେଶ୍ୱର ବିବେକାନନ୍ଦ ବ୍ରାଞ୍ଚ ସ୍ଥିତ ଏଚ୍‌ଡିଏଫ୍‌ସି ଶାଖାରେ ୨୧୪କୋଟି ମ୍ୟାଚ୍ୟୁରିଟି ଭ୍ୟାଲୁର ଟଙ୍କା ବିଏମ୍‌ସି ନାମରେ ଫିକ୍ସ ମରାଯାଇଛି। ଯେଉଁଥିରୁ ବାର୍ଷିକ ୧୫କୋଟି ଟଙ୍କା ସୁଧ ଆସୁଛି। ମେୟରରଙ୍କ ଅନୁମୋଦନ କ୍ରମେ ୩ବର୍ଷର୍ ମଧ୍ୟରେ ମୋଟ ୩ଟି ପର୍ଯ୍ୟାୟରେ ପ୍ରାୟ ୩୫, ୨୫ ଏବଂ ୩୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଜମା ଏବଂ ଖର୍ଚ୍ଚକୁ ମିଶାଇ ୩ଶହ କୋଟିରୁ ଉର୍ଦ୍ଧ୍ୱ ହେଉଛି। ଅନ୍ୟ ଟଙ୍କା ସବୁ କୁଆଡେ କଲା। ଏହାର ଉତ୍ତର କଣ ପାଇଁ ଦିଆଗଲା ନାହିଁ। ସେ ଟଙ୍କା ଅଛି ନାଆ ନାହିଁ। ଯଦି ନାହିଁ ତେବେ ସ୍ପଷ୍ଟ କରାଯାଉ। ଆସନ୍ତ ୬ତାରିଖ ଦିନ ବୈଠକରେ ଏସମ୍ପର୍କରେ ମୁଁ ଆଲୋଚନା କରିବି। ବିଗତ କିଛି କର୍ପୋରେସନରେ ୬ଶହ କୋଟି ବୋଲି କୁହାଯାଇଥିଲା। ଯଦି ୩ଶହ କୋଟିର ହିସବ ଦେଲେ ୪ଶହ କୋଟିର ଉତ୍ତର କଣପାଇଁ ଦେଉ ନ ଥିଲେ ବୋଲି ଶ୍ରୀ ନାୟକ କହିଛନ୍ତି।

### କିଣିଦେଲେ ଲାଇଟ୍, ଆରମ୍ଭ ଦିନଠାରୁ ଜଳୁନି

ବିଏମ୍‌ସିକୁ ଏକ ଠିକା ସଂସ୍ଥା ନିଜର ଲାଇଟ୍ ବିକ୍ରି କରିବାକୁ ଆସିଲା। ଏହି ସଂସ୍ଥା ନିଜ ଲାଇଟ୍‌କୁ ଭଲ ବୋଲି କହିଲା। ବିଏମ୍‌ସି ବି ଭଲ ବୋଲି ହଁ ମାରିଲା। କିଛି ଯାଞ୍ଚ କଲା ନାହିଁ। ଏଥିପାଇଁ ଆବଶ୍ୟକ ଯାଞ୍ଚ (ଲକ୍ସ୍ ଲେଭୁଲ୍ ମେଜରମେଣ୍ଟ) କଲା ନାହିଁ। ସଂସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଭରସାକୁ ନେଇ ତାହାର ସାର୍ଟିଫିକେଟ୍ ଆଧାରରେ ଉକ୍ତ ସଂସ୍ଥା ଠାରୁ ଜିନିଷ କିଣିଦେଲା। ଯାହାର ପରିଣାମ ଆଜି ବିଏମ୍‌ସି ଭୋଗୁଛି। ଲାଇଟ୍ ଗୁଡ଼ିକ ତୁରନ୍ତ ଫିଉଜ୍ ହୋଇଯାଉଛି। କାରଣ ଏହା ଅତ୍ୟନ୍ତ ନିମ୍ନ ମାନର ବୋଲି ଅଭିଯୋଗ ହେଉଛି। ଅଧିକାଂଶ ଲାଇଟ୍ ଲଗାହେବା ଦିନରୁ ଜଳୁ ନାହିଁ। ଲେକେ ଦିନ ଦିନ ଧରି ଅନ୍ଧାରରେ ରହୁଥିଲେ ମଧ୍ୟ ବିଏମ୍‌ସି ସେମାନଙ୍କ ଅଭିଯୋଗ ଶୁଣୁ ନାହିଁ। ସଂସ୍ଥା ଟଙ୍କା ପାଇ ମାଲାମାଲ ହୋଇଥିବା ବେଳେ ଲୋକେ ଦଣ୍ଡ ଭୋଗୁଛନ୍ତି। ଏହାକୁ ନେଇ କର୍ପୋରେଟରଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। କାହିଁକି ବିଏମ୍‌ସି ମାନ ଯାଞ୍ଚ କଲା ନାହିଁ ଏହା ଆଲୋଚନା କରାଯାଉ ବୋଲି କର୍ପୋରେଟରମାନେ କହିଛନ୍ତି।

## ନୂଆ ନିଷ୍ପତ୍ତି

### କୁବେରପୁରୀରେ ହେବ ଟ୍ରକ ପାର୍କିଂ ବ୍ୟବସ୍ଥା

ଆଇଗିଣିଆ ଆଲୁଗଦି ଅଞ୍ଚଳରେ ଟ୍ରକ୍ ପାର୍କିଂକୁ ନେଇ ସବୁସମୟରେ ଅସୁବିଧା ହେଉଛି। ରାସ୍ତା କଡ଼ରେ ଆଲୁ ଟ୍ରକ୍ ପାର୍କିଂ ହେବା ଯୋଗୁଁ ଏହି ଅଞ୍ଚଳରେ ଟ୍ରାଫିକ୍ ଜାମ୍ ହେଉଛନ୍ତି। ଲୋକେ ହଇରାଣ ହେଉଛନ୍ତି। ଟ୍ରକ୍‌ଗୁଡ଼ିକୁ ପାର୍କିଂ ନ ମିଳିବାକୁ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଠାରେ ଟ୍ରକ୍ ପାର୍କିଂ ବ୍ୟବସ୍ଥା କରିବାକୁ ବ୍ୟବସାୟୀମାନେ ବିଏମ୍‌ସି ନିକଟରେ ବାରମ୍ବାର ଦାବି କରି ଆସୁଥିଲେ। ଏବେ ସେମାନଙ୍କ ସମସ୍ୟାର ସମାଧାନ ହେବାକୁ ଯାଉଛି। କୁବେରପୁରୀରେ ଟ୍ରକ୍ ପାର୍କିଂ ବ୍ୟବସ୍ଥା ହେବ। ଏହା ସହିତ ୮ଟି ଅଞ୍ଚଳରେ ବିଏମ୍‌ସିର ମାର୍କେଟ ଖୋଲାଯିବ ବୋଲି ବୈଠକରେ ଆଲେଚନା ହୋଇଛି।

### ଯାନବାହନ ବାବଦକୁ ମିଳିବ ୫କୋଟି

କର୍ପୋରେସନ ବୈଠକରେ ପୁଣି ଯାନବାହନ ଟେଣ୍ଡର ତାତି। ୮ବର୍ଷ ଧରି ଗାଡି ଲଗାଉଥିବା ଗାଡି ଚାଳକଙ୍କ ୫କୋଟି ଟଙ୍କା ବିଏମ୍‌ସି ବକେୟା ରଖିଛି। ଏହାପରେ ମଧ୍ୟ ଏମାନେ ଦୁର୍ନୀତି କରିଛନ୍ତି ବୋଲି ଅନେକ ସମୟରେ ବିଏମ୍‌ସିର କିଛି ନେତା କହିଥିଲେ। ଏଣୁ ନୂଆ ଟେଣ୍ଡର କରାଗଲା। ଗାଡି ମାଲିକମାନେ ବକେୟା ଟଙ୍କା ପାଇଁ ବହୁବାର ବିଏମ୍‌ସିରେ ଧରଣାରେ ବସିଥିଲେ। ଆଜିର ବୈଠକରେ ସେମାନଙ୍କ ବକେୟା ଟଙ୍କା ଦେବାକୁ ନିଷ୍ପତ୍ତି ହୋଇଛି। ତେବେ କିଛିଦିନ ତଳେ ଯାହାକୁ ଦୁର୍ନୀତି ବୋଲି କୁହାଯାଉଥିଲା। ଆଜି ତାଙ୍କୁ ଟଙ୍କା କିପରି ଦିଆଯାଉଛି ବୋଲି କର୍ପୋରେଟରମାନେ ପ୍ରଶ୍ନ କରିଥିଲେ। ଦୁର୍ନୀତି ବାହାନାରେ ନୂଆ ସଂସ୍ଥାକୁ ବିଏମ୍‌ସିରେ ଭର୍ତ୍ତି କରିବା ଏକ ବାହାନା ବୋଲି କର୍ପୋରେସନ ବୈଠକ ଶେଷ ହେବା ପରେ କର୍ପୋରେଟରମାନେ ଆଲୋଚାନ କରିଥିଲେ।

### ଲାଗୁ ହେବ ବନାରସ ମଡେଲ୍ ରିସାଇକେଲିଂ

ଭୁବନେଶ୍ୱରରେ ଆଉ କୌଣସି ଅଳିଆ ରହିବ ନାହିଁ। ଏହା କୌଣସି ନାଆ କୌଣସି କାମରେ ଲାଗିବ। ପ୍ରତ୍ୟେକ ଅଳିଆର କିଛି ମୂଲ୍ୟ ବି ରହିବ। କିଛିଦିନ ତଳେ ବିଏମ୍‌ସିର ଟିମ୍ ବନାରସ ବୁଲିବାକୁ ଯାଇଥିଲା। ଏଠାରେ ଆପଣା ଯାଉଥିବା ମଡେଲକୁ ବିଏମ୍‌ସି ଆପଣାଇବ। ସେଠାରେ ଯେଉଁଳି ଭାବରେ ବର୍ଜ୍ୟ ପ୍ରକ୍ରିୟାକରଣ ଏବଂ ରିସାଇକେଲିଂ ହେଉଛି ବିଏମ୍‌ସିରେ ମଧ୍ୟ ସେଭଳି କାମ ହେବ। ଏହି ମଡେଲ ଅନୁଯାୟୀ ସମସ୍ତ ଅଳିଆରୁ କେବଳ ସିଆଣ୍ଡଡି ୱେଷ୍ଟକୁ ଅଲଗା କରାଯିବ। ଏଥିରେ ପେଭର ବ୍ଲକ ନିର୍ମାଣ କରାଯିବ। ଅନ୍ୟ ସମସ୍ତ ଅଳିଆକୁ ମିଶ୍ରଣ କରାଯାଇ ଚାରକୋଲ ପ୍ରସ୍ତୁତ କରାଯିବ। ଏହି ଚାରକେଲକୁ କୌଣସି ଇନ୍ଧନ ଯୋଗାଉଥିବା ସଂସ୍ଥାକୁ ବିକ୍ରି କରାଯିବ। ଏହି ମଡେଲକୁ କାର୍ଯ୍ୟକାରୀ କରିବାକୁ ବିଏମ୍‌ସି ଆଗେଇବ ବୋଲି କର୍ପୋରେସନ ବୈଠକରେ କମିସନର ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ଭୁବନେଶ୍ୱରରେ ବଢ଼ୁଥିବା ଅଳିଆ ସମସ୍ୟାକୁ ନେଇ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଚର୍ଚ୍ଚା ହେଉଛି। ବନାରସରେ ଏନ୍‌ଟିପିସି ସହାୟତାରେ ଏହା କରାଯାଉଥିଲା ବେଳେ ଏଠାରେ କାହା ସାହାର୍ଯ୍ୟରେ କରାଯିବ ସେନେଇ ସ୍ଥିର ହୋଇ ନାହିଁ।

### ସଫେଇ ପାଇଁ ଟେଣ୍ଡର

ଆଗାମୀ ଦିନରେ ବିଏମ୍‌ସି ସଫେଇ ପାଇଁ ଟେଣ୍ଡର କରିବାକୁ ଯାଉଛି। ଏହି ଟେଣ୍ଡର ପୂର୍ବରୁ ପରିମଳ ଏସ୍‌ଓପି ଆସିଛି। ଏହାକୁ ବିଏମ୍‌ସି କର୍ପୋରେସନ ବୈଠକରେ ଆଲୋଚନା କରାଯାଇଛି। ବିଏମ୍‌ସି ଅଞ୍ଚଳକୁ ମୋଟ୍ ୬ ଜୋନ୍‌ରେ ବଣ୍ଟା ଯାଇ ୬ଟି ପ୍ୟାକେଜ୍ ପସ୍ତୁତ କରାଯାଇଛି। ପ୍ରତ୍ୟେକ ପ୍ୟାକେଜ ପାଇଁ ଗୋଟିଏ ଗୋଟିଏ ସଂସ୍ଥାକୁ ନିୟୋଜିତ କରାଯିବ। ସେହିପରି ଭିନ୍ନ ଭିନ୍ନ କାମ ପାଇଁ ଏକାଧିକ ସଂସ୍ଥାକୁ ନିଯୁକ୍ତି ଦିଆଯିବ। ସଫେଇ ପାଇଁ ଗୋଟିଏ ସଂସ୍ଥା, ପଙ୍କୋଦ୍ଧାର ପାଇଁ ଆଉ ଗୋଟିଏ ସଂସ୍ଥା, ବୃସ୍ କଟିଂ ପାଇଁ ଗୋଟିଏ ଏହି ପରି ଏକାଧିକ ସଂସ୍ଥାକୁ ନିଯୁକ୍ତି ଦିଆଯିବ। ତେବେ ଏଭଳି ବ୍ୟବସ୍ଥାକୁ ଗୋଟିଏ ସଂସ୍ଥାକୁ ଦେବାକୁ କର୍ପୋରେଟରମାନେ କହିଥିଲେ। ଯାହାଦ୍ୱାରା କାମ ସହଜ ହେବ ଏବଂ ବିଏମ୍‌ସିର ଟଙ୍କା ବି ବଞ୍ଚିବ। ୨୦୨୦ ମସିହାରେ ଗୋଟିଏ ସଂସ୍ଥା ସମସ୍ତ ଦାୟିତ୍ୱ ନେଇଥିଲା। ଏହାପରେ ଏକାଧିକ ସଂସ୍ଥାଙ୍କ ପ୍ରବେଶ ହେଲା କିନ୍ତୁ ବିଏମ୍‌ସିର ଖର୍ଚ୍ଚ ୩ଗୁଣା ବଢ଼ିଗଲା। ଏଣୁ ବହୁ ଆଲୋଚନା ପରେ ଏଥିରେ ସମସ୍ତେ ରାଜି ହୋଇଥିଲେ ଏବଂ ଗୋଟିଏ ସଂସ୍ଥା ଅଧୀନରେ ସଫେଇ ପାଇଁ ଗୋଟିଏ ସଂସ୍ଥା, ପଙ୍କୋ ଉଦ୍ଧାର ପାଇଁ ଆଉ ଗୋଟିଏ ସଂସ୍ଥା, ବୃସ୍ କଟିଂ ପ୍ରଭୃତି ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। କେବଳ ସବୁଜ ଅଳିଆ ଏବଂ ସିଏନ୍‌ଡି ଦାୟିତ୍ୱକୁ ମୂଳ ସଂସ୍ଥା ଠାରୁ ଅଲଗା କରାଯିବ।

### ବନ୍ଦ ହେବ ଏମ୍‌ସିସି ଏମ୍‌ଆର୍‌ଏଫ୍

ବର୍ଜ୍ୟପ୍ରକ୍ରିୟାକରଣପାଇଁବହୁସଂଖ୍ୟାରେମାଇକ୍ରୋକମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି) ଏବଂ ମ୍ୟାଟେରିଆଲ୍ ରିକୋଭରି ଫ୍ୟାସିଲିଟି(ଏମ୍‌ଆର୍‌ଏଫ୍) ନିର୍ମାଣ କରାଯାଇଛି। ଏଥିପାଇଁ ବିଏମ୍‌ସି ନିଜ ରାଜକୋସରୁ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରିଛି। ବନାରସ ମଡେଲ ଲାଗୁ କରାଗଲେ ଏସବୁ ବନ୍ଦ ହୋଇଯିବ। କୋଟି କୋଟି ଟଙ୍କାର ମେସିନ୍ ଖତ ଖାଇବ। ତେବେ ଯଦି ବନାରସ ମଡେଲ ଲାଗୁ କରିବାର ଥିଲା ତେବେ ଏତେ ପରିମଣରେ ଏମ୍‌ସିସି, ଏମ୍‌ଆର୍‌ଏଫ୍ କଣ ପାଇଁ ଖୋଲାଯାଉଥିଲା ବୋଲି ପ୍ରଶ୍ନ କାଯାଇଛି।


### ମୁକ୍ତା ଓ ଜାଗା ମିଶନ ସଂକ୍ରାନ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ମୁକ୍ତା ଓ ଜାଗା ମିଶନ ଅଟକିଗଲା। ଏହାସହ ଏକାଧିକ ଉନ୍ନତିମୂଳକ କାମ ମଧ୍ୟ ବନ୍ଦ ହୋଇଗଲାଣି। କାରଣ ସରକାର ପରିବର୍ତ୍ତନ ହେବା ପରେ ଠିକାଦରମାନେ କାମ କରିଥିଲେ ମଧ୍ୟ ଟଙ୍କା ପାଉନାହାନ୍ତି। ଯାହାଫଳରେ କିଏ ରାସ୍ତା ଆଧା ଖୋଳି ଚାଲିଯାଉଛି। ଆଉ କିଏ ଧାରଣା ଦେଉଛନ୍ତି। ଲୋକେ ମଧ୍ୟ ଏଥିପାଇଁ ହଇରାଣ ହେଉଛନ୍ତି। ସମସ୍ତଙ୍କୁ ସେମାନେ କରିଥିବା କାମର ଭରଣା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ଚନ୍ଦକା ଜଙ୍ଗଲରୁ ୧୦ ବର୍ଷରେ ୪୦ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୩୧।୧୦(ସମିସ): ରାଜଧାନୀ ସହରଠାରୁ ଅନତି ଦୂରରେ ଅବସ୍ଥିତ ଚନ୍ଦକା ଜଙ୍ଗଲ ଅପରାଧୀଙ୍କ ପାଇଁ ପାଲଟିଛି ମୃତଦେହ ଫିଙ୍ଗିବାର ଉପଯୁକ୍ତ ସ୍ଥାନ। ଯିଏ ଯେଉଁଠି ହତ୍ୟା କରୁ ନା କାହିଁକି ଶବ ଲୁଚାଇବା ପାଇଁ ଚନ୍ଦକା ଜଙ୍ଗଲକୁ ସୁରକ୍ଷିତ ସ୍ଥାନ ବାଛି ନେଇଛନ୍ତି। କାରଣ ଏଠାରେ ଶବ ପୋତିବା ସମୟରେ ନା ଅଛି ସ୍ଥାନୀୟ ଲୋକଙ୍କ ଭୟ ନା ପୁଲିସର। ଗାଡିରେ ଶବ ଲୁଚାଇ ଆଣି ଜଙ୍ଗଲ ଭିତରକୁ ନେଇ ଫିଙ୍ଗି ଦେଉଛନ୍ତି। କିଏ ଅଖାରେ ଶବ ବାନ୍ଧି ଆଣି ଫିଙ୍ଗି ଦେଉଛି ତ, ଆଉ କିଏ ଘଞ୍ଚ ଜଙ୍ଗଲ ଭିତରକୁ ନେଇ ମାଟି ଖୋଳି ପୋତି ଦେଉଛନ୍ତି। ନା ପୁଲିସ ଏହାର ଟେର ପାଉଛି ନା ଦୁର୍ଗନ୍ଧ ହେଉଛି। କିନ୍ତୁ ବନ୍ୟ ଜନ୍ତୁ ମାଂସ ଖାଇବା ପାଇଁ ମାଟି ଖୋଳି ଶବର ବିଭିନ୍ନ ଅଂଶକୁ ବାହାରକୁ ଆଣୁଛନ୍ତି। ଜନ୍ତୁ ମାଂସ ଖାଇବା ପରେ କଙ୍କାଳ ଏଣେ ତେଣେ ଫିଙ୍ଗିବା ପରେ କଥା ପଦାକୁ ଆସୁଛି। ହେଲେ ସେତବେଳକୁ ଶବ ଚିହ୍ନଟ କରିବାରେ ସମସ୍ୟା ହୋଇପଡୁଛି। କାରଣ ଖାଲି କଙ୍କାଳକୁ ନେଇ ପୁଲିସ ପରୀକ୍ଷା କରିବା ପରିଚୟ ଚିହ୍ନଟ କରିବା ବହୁତ କଷ୍ଟ ହୋଇଥାଏ। ଯାହାକି ବିଗତ ୧୦ ବର୍ଷରେ ଦେଖିବାକୁ ମିଳିଛି। ବିଗତ ୧୦ ବର୍ଷରେ ଚନ୍ଦକା ଜଙ୍ଗଲରୁ ୪୦ରୁ ଅଧିକ ମୃତଦେହ ଉଦ୍ଧାର କରାଯାଇଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି। ଏହି ୪୦ ଜଣଙ୍କୁ ୧୭ ଜଣଙ୍କ ପରିଚୟ ଏପର୍ଯ୍ୟନ୍ତ ପୁଲିସ ପାଇନଥିବା ଜଣାପଡ଼ିଛି। ପରିଚୟ ମିଳିନଥିବା ମୃତକ ନ୍ୟାୟ ପାଇଁ ସେମାନଙ୍କ ଆତ୍ମା ଚନ୍ଦକା ଜଙ୍ଗଲରେ ଘୂରି ବୁଲୁଛନ୍ତି। ପୁଲିସ ସେମାନଙ୍କୁ କେବେ ନ୍ୟାୟ ଦେବ ସେହି ଅପେକ୍ଷାରେ ରହିଛନ୍ତି।

- ଏକାଧିକ ମୃତକଙ୍କ ମିଳୁନି ପରିଚୟ
- ସିସିଟିଭି ନ ଥିବାର ଫାଇଦା ନେଉଛନ୍ତି ଅପରାଧୀ



### ବାପାକୁ ମାରି ଜନ୍ତୁଙ୍କୁ ଖୁଆଇଲେ:

ଚନ୍ଦକା ଜଙ୍ଗଲରୁ ଶୁକ୍ରବାର ଏକ ନରକଙ୍କାଳ ଉଦ୍ଧାର କରିଛି ପୁଲିସ। ମୁଣ୍ଡ, ଖପୁରି, ମାଢ଼ି, ଜଙ୍ଘହାଡ, ହାତ ହାଡ଼ ଆଦି ଏଣେ ତେଣେ ପଡ଼ିଥିବା ବନ ବିଭାଗ ଦେଖିବାକୁ ପାଇଥିଲା। କଙ୍କାଳର ଅଧା ଅଂଶ ବାହାରେ ପଡ଼ିଥିବା ବେଳେ ଅନ୍ୟ ଅଂଶ ମାଟିରେ ପୋତା ହୋଇଥିଲା। ତେଣୁ ମୃତ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ପୁଲିସ ପାରିପାର୍ଶ୍ୱିକ ସ୍ଥିତିକୁ ଜାଣିବାକୁ ପାଇଛି। କଙ୍କାଳ ନିକଟରୁ ଉଦ୍ଧାର କପଡ଼ା ଏବଂ ମାଳିରୁ ସ୍ଥାନୀୟ ପିତା ଗାଡିଆର ବଳରାମ ବୋଲି ପୁଲିସ ଜାଣିବାକୁ ପାଇଛି। ତେଣୁ ନିଜ ପରିବାର ଲୋକ ତାଙ୍କୁ ହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ତେଣୁ ପୁଲିସ ଏହି ମାମଲାରେ ୫ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ଟ୍ୟାକ୍ସି ଡ୍ରାଇଭରଙ୍କ ମୃତଦେହ ଫିଙ୍ଗିଥିଲେ

ଗତ ସେପ୍ଟେମ୍ବର ୨୧ରେ ଟ୍ୟାକ୍ସ ଡ୍ରାଇଭର ବିଦ୍ୟାଧର ସାହୁଙ୍କ ମୃତଦେହ ଚନ୍ଦକା ବାରଙ୍ଗ ରାସ୍ତାର ଜଙ୍ଗଲ ଭିତରୁ ମିଳିଥିଲା। ବିଦ୍ୟାଧର ଏକାଧିକ ଲୋକଙ୍କୁ ଚାକିରି ଦେବ ବୋଲି କହି ଟଙ୍କା ନେଇଥିଲା। ହେଲେ ଟଙ୍କା ଦେଇ ନ ପାରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗତ ସେପ୍ଟେମ୍ବର ୧୫ରୁ ବଡ଼ଗଡ଼ ଅଞ୍ଚଳରୁ ଅପହରଣ କରି ଯାଜପୁରରେ ରଖିଥିଲେ। ସେଠାରେ ଏକ ଘରେ ନିର୍ଯାତନା ଦେବାରୁ ବିଦ୍ୟାଧର ଆତ୍ମହତ୍ୟା କରିଥିଲେ। ଅଭିଯୁକ୍ତମାନେ ଫସିବା ଭୟରେ ମୃତଦେହ ଆଣି ଚନ୍ଦକା ଜଙ୍ଗଲରେ ଫିଙ୍ଗିଥିଲେ।

### ସନ୍ଦେହଜନକ ଭାବେ ଗଛରୁ ମିଳିଲା ମୃତଦେହ

ସେହିପରି ଗତ ଅକ୍ଟୋବର ୧୫ ତାରିଖରେ ଚନ୍ଦକା ଜଙ୍ଗଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ମିଳିଥିଲା। ମୃତକଙ୍କୁ କେହି ହତ୍ୟା କରିବା ପରେ ଗଛରେ ଟାଙ୍ଗି ଦେଇଥିବା ସନ୍ଦେହ କରାଯାଉଥିଲା। କାରଣ ମୃତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିଲା। ମୃତଦେହ ପଚି ଯାଇଥିବାରୁ ପୁଲିସ ଏପର୍ଯ୍ୟନ୍ତ ମୃତଦେହର ପରିଚୟ ପାଇପାରିନି।

### ପ୍ରେମିକାକୁ ମାରି ଫିଙ୍ଗିଥିଲା ପ୍ରେମିକ

୨୦୧୮ ଡିସେମ୍ବର ୨୧ତାରିଖରେ ସତ୍ୟବାଦୀ ଅଞ୍ଚଳର ଜଣେ ଯୁବତୀଙ୍କୁ ତାର ପ୍ରେମିକ ହତ୍ୟା କରି ଚନ୍ଦକା ଜଙ୍ଗଲରେ ଫିଙ୍ଗିଥିଲା। ପ୍ରେମିକ ଯୁଧିଷ୍ଠିର ସ୍ୱାଇଁ ସତ୍ୟବାଦୀ ଅଞ୍ଚଳର ଯୁବତୀଙ୍କୁ ଭଲ ପାଉଥିଲେ। ଏପରିକି ଦୁଇ ଜଣ କୋର୍ଟରେ ବିବାହ ପାଇଁ ଆବେଦନ କରିଥିଲେ। କିନ୍ତୁ ଯୁଧିଷ୍ଠିର ବିବାହ କରିବାକୁ ଇଚ୍ଛା ନ ଥିବାରୁ ତାଙ୍କୁ ବୁଲାଇ ନେବା ବାହାନାରେ ଡାକି ହତ୍ୟା କରିଥିଲା। ସେହିପରି ୨୦୧୪ରେ କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ହତ୍ୟା କରି ଅଖାରେ ବାନ୍ଧି ଚନ୍ଦକା ଜଙ୍ଗଲରେ ଫିଙ୍ଗିଥିଲେ। ସେହିପରି ୨୦୨୧ ଫେବୃୟାରୀ ୪ରେ ଚନ୍ଦକା ଥାନା ଭରତପୁର-ଚନ୍ଦକା ରାସ୍ତାର ଜଙ୍ଗଲ ଭିତରୁ ଜଣେ ମହିଳାଙ୍କ ଏକ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର କରାଯାଇଥିଲା। ପୁଲିସ ତଦନ୍ତ କରି ପ୍ରେମିକ ସହ ୨ଜଣଙ୍କୁ ଗିରଫ କରିଥିଲା।

### ରାତି ୧୦ଟାରେ ଶୂନ୍‌ଶାନ

ରାତି ୯ ହେଲେ ଚନ୍ଦନା ଅଞ୍ଚଳ ହୋଇଯାଉଛି ଶୂନ୍‌ଶାନ। ସ୍ଥାନୀୟ କିଛି ଦୋକାନ ଖୋଲା ଥିବା ବେଳେ ବାକି ସବୁ ବନ୍ଦ ହୋଇଯାଉଛି। କାଁ ଭାଁ ଗାଡ଼ି ମଟର ଚାଲୁଥିବାର ଦେଖିବାକୁ ମିଳୁଛି। ଏହାର ଫାଇଦା ନେଉଛନ୍ତି ଅପରାଧୀ। ସେମାନେ ହତ୍ୟା କରି ମୃତଦେହ ଆଣି ଚନ୍ଦକା ଜଙ୍ଗଲରେ ଫିଙ୍ଗୁଛନ୍ତି। ଏପରିକି ଚନ୍ଦକା ଅଞ୍ଚଳରେ ସିସିଟିଭି କମ୍ ଥିବାରୁ ସେମାନଙ୍କ ପାଇଁ ସହଜ ହେଉଛି।

## ମହିଳାଙ୍କ ଭ୍ୟାନିଟି ଝାମ୍ପି ଲୁଟେରା ଗିରଫ

ଭୁବନେଶ୍ୱର, ୩୧।୧୦(ସମିସ): ଏଜି ଛକରୁ ମହିଳାଙ୍କ ଭ୍ୟାନିଟ୍ ଝାମ୍ପି ଜଣେ ଅଭିଯୁକ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲା ଲେପର୍ସ କଲୋନୀ ଦୀପକ ବେହେରା। ତା' ନିକଟରୁ ଚୋରି ସାମଗ୍ରୀକୁ ପୁଲିସ ଜବତ କରିଛି। ମହିଳା ମିନତୀ ପଣ୍ଡାଙ୍କ ଏତଲା ଆଧାରରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା।

ସୂଚନାଯୋଗ୍ୟ ଯେ, କଳିଙ୍ଗ ବିହାର କେ-୬ ସ୍ଥିତ ଏଚଆଇଜି-୧୦୫ରେ ରହୁଥିବା ମିନତୀ ଗତକାଲି ସାମଗ୍ରୀ କିଣିବା ପାଇଁ ମାର୍କେଟ ବିଲ୍ଡିଂକୁ ଯାଇଥିଲେ। ସେଠାରୁ ମାର୍କେଟିଂ ସାରି ଭାଇଙ୍କ ସହ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ଦୀପକ ଏକ ମୋଟର ସାଇକେଲ ଯୋଗେ ତାଙ୍କର ପିଛା କରି ଆସିବା ସହ ଠିକ ଏଜି ଛକ ପୂର୍ବରୁ ହଠାତ ତାଙ୍କ ହାତରୁ ତାଙ୍କ ଭ୍ୟାନିଟି ବ୍ୟାଗକୁ ବଳପୂର୍ବକ ଛଡାଇ ନେଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ଭ୍ୟାନିଟି ବ୍ୟାଗରେ ଦୁଇଟି ମୋବାଇଲ ଫୋନ, ଆଧାର କାର୍ଡ, ପ୍ୟାନ କାର୍ଡ, ଏଟିଏମ କାର୍ଡ, ଗାଡିର ରେଜିଷ୍ଟ୍ରେଶନ କାର୍ଡ ଏବଂ ସ୍କୁଲ ଚାବି ସହିତ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ମଧ୍ୟ ଥିଲା। ଏନେଇ ଥାନାରେ ମାମଲା ହେବା ପରେ ପୁଲିସ ସିସିଟିଭି ଆଧାରରେ ଅଭିଯୁକ୍ତକୁ ଚିହ୍ନଟ କରି ଗିରଫ କରିଛି।

ସକାଳ THE SAKALA



www.sakalaepaper.com

### ମୟୂରଭଞ୍ଜ ବିଭାଜନ ବିରୋଧରେ ଗର୍ଜିଲା ପେସା

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ



ଉଦଳା, ୩୧।୧୦(ସମିସ): ଦୀର୍ଘ ୨୯ବର୍ଷ ଧରି ସରଳ ଆଦିବାସୀଙ୍କୁ ପ୍ରତାରିତ କରିଆସୁଥିବା ରାଜନୈତିକ ଦଳଗୁଡିକୁ ଆଦିବାସୀ ବିରୋଧୀ କହି ଶୁକ୍ରବାର ମୟୂରଭଞ୍ଜ ପେସା କାଉନ୍ସିଲ କମିଟି ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାରେ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଉଦଳାରେ ଏକତ୍ରିତ ହୋଇଥିଲେ। ଉଦଳା କଲେଜ ନିକଟରୁ ହଜାର ହଜାର ମହିଳା ପୁରୁଷ ବାହାରି ସହର ପରିକ୍ରମା ପୂର୍ବକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ବିକ୍ଷୋକାରୀମାନେ ବିଭିନ୍ନ ସରକାରୀ ବିରୋଧୀ ନାରା ଦେଇ ସରକାର ଆଦିବାସୀ ବିରୋଧୀ ବୋଲି ବର୍ଷିଥିଲେ। ଏପରିକି ବିଧାୟକ ଓ ସାଂସଦ ଆଦିବାସୀ ବିରୋଧୀ ବୋଲି ନାରା ଦେଇ ପ୍ରକମ୍ପିତ କରିଥିଲେ ପରିସର। ମୟୂରଭଞ୍ଜ ଜିଲ୍ଲାକୁ ବିଭାଜନର ସ୍ୱପ୍ନ ଦେଖୁଥିବା ବାହ୍ୟ ଶକ୍ତିଙ୍କୁ ବରଦାସ୍ତ କରାଯିବନି ବୋଲି ଚେତାବନୀ ଦେଇଥିଲେ। ଏପରିକି ଉଦଳାକୁ ପୌରପରିଷଦ ଘୋଷଣାକୁ ମଧ୍ୟ ତୀବ୍ର ବିରୋଧ କରିଥିଲେ। ବିଭିନ୍ନ ପଞ୍ଚାୟତକୁ ଭାଙ୍ଗି ପୌରପରିଷଦ ଗଠନ କରିବା ସମ୍ବିଧାନ ଏବଂ ଆଦିବାସୀ ବିରୋଧୀ ଗର୍ଜିଥିଲେ। ଶେଷରେ ୩ ଦଫା ସମ୍ବଳିତ ଏକ ଦାବିପତ୍ର ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଥିଲେ। ପେସା କାଉନ୍ସିଲ କମିଟି ଜିଲ୍ଲା ସଭାପତି ପାଣ୍ଡୁରାମ ହେମ୍ବ୍ରମଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ସମ୍ପାଦକ ନାନୁରାମ ମୁର୍ମୁ, ଉଦଳା ବ୍ଲକ ସଭାପତି ରବୀନ୍ଦ୍ର ନାଥ ଟୁଡୁ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ଅଗମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି ନେତୃମଣ୍ଡଳୀ।

## ମଦ ଦୋକାନରୁ ଚୋରି ଉଦ୍ୟମ; ଜଣେ ଗିରଫ

ପୁରୁଣାବାରିପଦା/କୁଆମରା, ୩୧।୧୦(ସମିସ): ରାତିରେ ମଦ ଦୋକାନ ସଟର କାଟି ଚୋରି ଉଦ୍ୟମ କରୁଥିବା ଜଣେ ଲୁଟେରାକୁ ପୁଲିସ ଗିରଫ କରିବା ସହିତ ଏକ ପିକଅପକୁ ମଧ୍ୟ ଜବତ କରିଛି। ଖୁଣ୍ଟା ଥାନା ଅଧୀନ ପୁରୁଣାବାରିପଦା ବିଦେଶୀ ମଦ ଦୋକାନରେ ଗତକାଲି ରାତିରେ ୩ ଜଣ ଲୁଟେରା ଆସି ସଟର କାଟି ଲୁଟ କରିବାକୁ ଦୋକାନ ଭିତରକୁ ପଶିଥିଲେ। ଏହି ସମୟରେ ଅନ୍ୟ ରୁମରେ ଥିବା କର୍ମଚାରୀ ଏହା ଜାଣି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚିବାରୁ ଦୁଇ ଜଣ ଲୁଟେରା ଚମ୍ପଟ ମାରିଥିଲେ; ହେଲେ ଜଣକୁ ପୁଲିସ କାବୁ କରିଥିଲା। ଏଥିସହିତ ଲୁଟେରାମାନେ ଚୋରି ମଦ ନେବା ପାଇଁ ଆଣିଥିବା ପିକଅପ ସହିତ କଟର, ଶାବଳ ଆଦି ଜବତ କରିଛି। ଫେରାର ଦୁଇ ଲୁଟେରା ମଦ ଦୋକାନରୁ ୧୨ ହଜାର ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ଲୁଟେରାମାନେ ପୂର୍ବରୁ ଡୁକୁରା, ଗଡ଼ଦେଉଳିଆ ମଦ ଦୋକାନରୁ ଚୋରି କରିଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି। ଗିରଫ ଲୁଟେରା ହେଲେ ଯାଜପୁର ଟାଉନ ଥାନା ଅଞ୍ଚଳର ଦେବେନ୍ଦ୍ର ପରିଡ଼ା।

## ପ୍ଲାଷ୍ଟିକ ପାଇପ୍ ଚୋରି ଅଭିଯୋଗ; ଜଣେ ଗିରଫ

ବୈଶିଙ୍ଗା, ୩୧।୧୦(ସମିସ): ବୈଶିଙ୍ଗା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ମେଗା ଜଳ ପ୍ରକଳ୍ପ ପାଇଁ ଗଚ୍ଛିତ ରହିଥିବା ମୂଲ୍ୟବାନ ପ୍ଲାଷ୍ଟିକ ପାଇପ ଚୋରି ଅଭିଯୋଗରେ ଜଡିଡା ଗ୍ରାମର ମନୋରଞ୍ଜନ ବେହେରାଙ୍କ ପୁଅ ନିଲୁ ଔରଫ ସୁବାସ ଚନ୍ଦ୍ର ବେହେରାକୁ ପୁଲିସ ଗିରଫ କରିଛି। ତାଙ୍କ ଘରୁ ୧୮ ଖଣ୍ଡ ପାଇପ ଜବତ କରିଛି ପୁଲିସ। ସୂଚନା ଅନୁଯାଇ ମେର୍ଦାନୂଆଗାଁ ଗ୍ରାମର ଜନୈକ ଠିକାଦାର ରାଜକିଶୋର ସାମଲ ମେଗା ପାନୀୟ ଜଳ ପ୍ରକଳ୍ପରେ କାମ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଉକ୍ତ କାମରେ ବ୍ୟବହୃତ ପ୍ଲାଷ୍ଟିକ ପାଇପ ସବୁ ଗଚ୍ଛିତ ରଖିଛନ୍ତି। ତେବେ କିଛିଦିନ ଧରି ଜଡିଡା ଅଞ୍ଚଳରେ ଗଚ୍ଛିତ ବିଭିନ୍ନ ସ୍ଥାନରୁ ବାରମ୍ବାର ପାଇପ ଚୋରି ହୋଉଥିବାର ସେ ଜାଣିବାକୁ ପାଇଥିଲେ। ଏ ନେଇ ଅନୁସନ୍ଧାନ କରି ସେ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲେ କି ନିଲୁ ବିଭିନ୍ନ ସମୟରେ ଏକାଧିକ ପାଇପ ଚୋରି କରିବା ସହିତ ସେସବୁକୁ ନେଇ ନିଜ ଘର ଛାତ ଉପରେ ଲୁଚାଇ ରଖିଛି। ରାଜକିଶୋର ଥାନାରେ ଲିଖିତ ଅଭିଯୋଗ ଦେବାପରେ ଏଏସଆଇ ଲମ୍ବୋଦର ବାରିକ ଏକ ମାମଲା ରୁଜୁ କରି ତଦନ୍ତ ପୂର୍ବକ ନିଲୁ ଘର ଛାତ ଉପର ସମେତ ସେ ବିଲରେ ପୋତି ଲୁଚେଇ ରଖିଥିବା ୧୮ ଟି ପାଇପ ଜବତ କରିଥିଲେ। ଅଭିଯୁକ୍ତ ନିଲୁକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ୫୬ ବର୍ଷରେ ସାଇଁକୁଳା ଜଗଦ୍ଧାତ୍ରୀ ପୂଜା



କୁଆମରା, ୩୧।୧୦(ସମିସ): ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳାଠାରେ ଅନୁଷ୍ଠିତ ସାର୍ବଜନୀନ ଜଗଦ୍ଧାତ୍ରୀ ପୂଜା ୫୬ ବର୍ଷରେ ପଦାର୍ପଣ କରିଛି। ସୋନ ନଦୀରୁ ଘଟ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ଚଳିତ ବର୍ଷ ରାଜେନ୍ଦ୍ର ମହାନ୍ତି, ପ୍ରଦ୍ୟୁମ୍ନ ମହାନ୍ତି ଓ ଅଜୟ ପ୍ରଧାନ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ମୁକ୍ତିପ୍ରୀୟ ମିଶ୍ର ଚଣ୍ଡୀପାଠ କାର୍ଯ୍ୟ କରିଥିବା ବେଳେ କିଶୋର ସୁବୁଦ୍ଧି ଓ ପ୍ରଶାନ୍ତ କୁମାର ମିଶ୍ର ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପୂଜା କମିଟିର ସଭାପତି ଅଶ୍ୱିନୀ କୁମାର ଦେ, ସମ୍ପାଦକ ଯୋଗେଶ୍ୱର ପରିଡ଼ାଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଏକମାସ ହେଲା ବୃଦ୍ଧ ନିଖୋଜ

ବେତନଟୀ, ୩୧।୧୦(ସମିସ): ବେତନଟୀ ଉପକଣ୍ଠ ପଣ୍ଡୁଗଡ଼ିଆ ଗ୍ରାମର ଜନୈକ ବୃଦ୍ଧ କାମ କରିବାକୁ ଯାଉଛି କହି ଘରୁ ଫେରିନାହାନ୍ତି। ଗ୍ରାମର ରାମେଶ୍ୱର ମହାନ୍ତ (୬୯) ସେହି ଗାଁର ସୁଦର୍ଶନ ବେହେରାଙ୍କ ଘରକୁ ସେପ୍ଟେମ୍ବର ୧୪ ତାରିଖରେ କାମ କରିବାକୁ ଯାଇଥିଲେ। ତେବେ କାମରୁ ଘରକୁ ନ ଫେରିବାରୁ ଘରଲୋକେ ବ୍ୟସ୍ତ ହୋଇ ଖୋଜାଖୋଜି ଆରମ୍ଭ କରିଥିଲେ; କିନ୍ତୁ ପାଇନଥିଲେ। ରାମେଶ୍ୱର ନିଜ ସାଙ୍ଗରେ ଦୁଇଟି ହାପ ପ୍ୟାଣ୍ଟ ନୀଳ ରଙ୍ଗର ଓ ନାଲି ରଙ୍ଗର ସମେତ ନିଜର ନାମରେ ଥିବା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ବେତନଟୀ ଶାଖାର ପାସବୁକ ସାଙ୍ଗରେ ନେଇଯାଇଛନ୍ତି। ଅନେକ ଖୋଜା ଖୋଜି କରି ନପାଇବାରୁ ନିରାଶ ହୋଇ ବେତନଟୀ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିଲେ ମଧ୍ୟ ଏକମାସ ହେବ କୌଣସି ପତ୍ତା ମିଳିନାହିଁ। ଫଳରେ ପରିବାର ଚିନ୍ତାରେ ଅଛନ୍ତି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



କୁଆମରା, ୩୧।୧୦(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ କଲେଜରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ଅଧ୍ୟକ୍ଷ ସୁବଳ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧ୍ୟାପକ ପ୍ରଭାତ ସେନାପତି, ଅଧ୍ୟାପକ ଅବନୀ ମହାନ୍ତି, ପ୍ରଦୀପ କୁମାର ପଣ୍ଡା, ଜାତୀୟ ସେବା ଯୋଜନା ଅଧିକାରୀ ଗୋପିନାଥ ପଣ୍ଡା, ଯୁବ ରେଡକ୍ରସ୍ ଅଧିକାରୀ ଅଧ୍ୟାପକ ବିଶ୍ୱନାଥ ବେହେରା, ଗୋପବନ୍ଧୁ ନଗର ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇ ସମାଜରୁ ଦୁର୍ନୀତି ହଟିଲେ ବିକଶିତ ଭାରତ ଗଠନ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଅବନୀ କୁମାର ମହାନ୍ତି ଉପସ୍ଥିତ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ।

## ଖୁଣ୍ଟାପୋଷିରେ ମା' ଜଗଦ୍ଧାତ୍ରୀ ପୂଜା



ମହୁଲଡିହା, ୩୧।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ଦିଗିଧର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟାପୋଷି ଗ୍ରାମରେ ମା' ଜଗଦ୍ଧାତ୍ରୀ ପୂଜା ପାଳିତ ହୋଇଯାଇଛି। ଦୀର୍ଘ ୩୦ ବର୍ଷ ଧରି ସ୍ଥାନୀୟ ସାହୁ ପରିବାର ପକ୍ଷରୁ 'ମା ଜଗଦ୍ଧାତ୍ରୀ'ଙ୍କ ପୂଜା ଅନୁଷ୍ଠିତ ହେଉଛି। ମା'ଙ୍କ ପୂଜା ପ୍ରଥମେ ସୁରତ ସାହୁ ଆରମ୍ଭ କରିଥିବା ବେଳେ ଏବେ ପରିବାରର ବଡ ପୁଅ ସତିନ ସାହୁ ପ୍ରତିବର୍ଷ ଜଗଦ୍ଧାତ୍ରୀ ପୂଜା କରିଆସୁଛନ୍ତି। ଚଳିତ ବର୍ଷ ମା'ଙ୍କ ପୂଜାରେ ପୁଅବୋହୂ କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ପୂଜକ ନିରାକର ତ୍ରିପାଠୀ, ବିଶ୍ୱଜିତ ପଣ୍ଡା ଓ ଶ୍ୟାମସୁନ୍ଦର ପଣ୍ଡା ପ୍ରମୁଖ ପୂଜା ବିଧି ସମ୍ପାଦନ କରିଛନ୍ତି। ପ୍ରତ୍ୟେକ ବର୍ଷ ପରି ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକେ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ପରିବାର ତରଫରୁ ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା ହୋଇଥିଲା।

## ଶିଶୁ ମହୋତ୍ସବ ମୟୂରୀ ଥିମ୍ ସଙ୍ଗ୍ ଲୋକାର୍ପିତ

ବାରିପଦା ୩୧।୧୦(ସମିସ): ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ସଂସ୍କାର ଶିଶୁ ମହୋତ୍ସବ ମୟୂରୀର ଥିମ୍ ସଙ୍ଗ ଭରପୂର ଦର୍ଶକଙ୍କ ଉପସ୍ଥିତିରେ ଲୋକାର୍ପିତ ହୋଇଛି। ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଫେସର ଡଃ ବନଜା ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏମଏସସିବି ବିଶ୍ୱବିଦ୍ୟାଳୟର କୁଳପତି ଡ଼ଃ ପ୍ରମୋଦ କୁମାର ଶତପଥୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାରିପଦା ଉପଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡ଼ା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସିଡିଏମ୍ଓ ଡାକ୍ତର କେସି ମହାନ୍ତି ଯୋଗ ଦେଇଥିଲେ। ସଂସ୍କାର ଶିଶୁ ମହୋତ୍ସବ କମିଟିର ସ୍ଥାୟୀ ସଭାପତି ତଥା ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଶିଶୁ ମହୋତ୍ସବର ଆୟୋଜକ ତଥା ପ୍ରତିଷ୍ଠାତା ଗୀତିକାର ସଞ୍ଜୟ କୁମାର ଚୌଧୁରୀ ଏବଂ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ କୁମାର ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। କମିଟିର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ସନ୍ଦୀପ କୁମାର ଚାନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଶିଶୁ ଶିଳ୍ପୀ ଆୟୁକ୍ତା ତ୍ରିପାଠୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଥିମ ସଙ୍ଗରେ କି ବୋର୍ଡ ଓ ରିଦିମରେ ଅଂଶ ଗ୍ରହଣ କରିଥିବା ବାଦ୍ୟ ଶିଳ୍ପୀ ବିଭୂତି ଭୂଷଣ ବେହେରା ଓ ସେକ ସରଫତୁଲ୍ଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠ ଶିଳ୍ପୀ ହିମାଦ୍ରୀ ତନୟା, ଶୁଭମ ମାଇତି, ଆରାଧ୍ୟା ସିଂହ, ତନିଷା ମହାନ୍ତି, ଜହ୍ନବୀ ନାଏକ, ଜ୍ୟୋତିରାଦିତ୍ୟ ଜେନା, ସ୍ମିତ ପ୍ରଜ୍ଞା ଜେନା ଓ ଆୟୁକ୍ତା ତ୍ରିପାଠୀଙ୍କୁ ସ୍ୱତନ୍ତ୍ର ଭାବେ ମେଡାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କବି ଗୋପାଳ ସାଓ ଧନ୍ୟବାଦ ଦେଇଥିଲେ।



## ପାଣିଟାଙ୍କି ବିପଦସଂକୁଳ; ଭୁଶୁଡ଼ିବା ଆଶଙ୍କା

ରାସଗୋବିନ୍ଦପୁର, ୩୧।୧୦(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ତକଡିଦ ଗ୍ରାମରେ ବ୍ରିଟିଶ ଅମଳର ପାଣିଟାଙ୍କି ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ତେବେ ପାଣିଟାଙ୍କି ଏଭଳି ଅବସ୍ଥାରେ ରହିଛି ଯେ କେତେବେଳେ ଅଘଟଣ ଘଟିବ କହିହେବନାହିଁ। ଏ ନେଇ ଗ୍ରାମବାସୀ ଓ ଗଣମାଧ୍ୟମ ପ୍ରତିନିଧି ବାରମ୍ବାର ବିଡିଓ ଏବଂ ତହସିଲଦାରଙ୍କ ଦୃଷ୍ଟିଗୋଚର ସହ ମୌଖିକ ଅବଗତ କରାଇଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବା ବିଡ଼ମ୍ବନାର ବିଷୟ। ସୂଚନା ଥାଉକି ୧୦୦ ବର୍ଷ ପୂର୍ବରୁ ତକଡ଼ିଦା ଗ୍ରାମରେ ବ୍ରିଟିଶ ଅମଳରେ ନିର୍ମାଣାଧୀନ ୬୦ରୁ ୭୦ ଫୁଟ ଉଚ୍ଚତା ବିଶିଷ୍ଟ ପାଣି ଟାଙ୍କି ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ପାଣି ଟାଙ୍କିଟି ମୁଖ୍ୟ ରାସ୍ତାର ୧୦ ମିଟର ଦୂରରେ ଥିବା ସହ ପାର୍ଶ୍ୱରେ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ତେଣୁ ଶିଶୁଙ୍କ ପାଇଁ ଏହି ପାଣିଟାଙ୍ଗି ବିପଦ ସାଜିପାରେ। ଏପରିକି ସମୟ ସମୟରେ ପାଣି ଟାଙ୍କି ଉପରୁ ଛୋଟ ବଡ ପଥର ଖଣ୍ଡ ମଧ୍ୟ ଖସୁଛି। ଏପରିକି ଟାଙ୍କିର ବିଭିନ୍ନ ସ୍ଥାନରେ ଫାଟ ଦେଖାଗଲାଣି। ତେଣୁ ଭୁଶୁଡି ପଡ଼ିବା ଆଶଙ୍କା ଦେଖାଦେଇଛି। ଏ ନେଇ ପ୍ରଶାସନ ତୁରନ୍ତ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧନ ଜୀବନ କ୍ଷତି ଘଟିବା ପୂର୍ବରୁ ବିହିତ ପଦେକ୍ଷପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ପ୍ରଶାସନ କୌଣସି ଦୃଷ୍ଟି ଦେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଛି।



## ଜମିଜମା ବିବାଦରୁ ଗଣ୍ଡଗୋଳ

ବଡ଼ସାହି, ୩୧।୧୦(ସମିସ): ବଡ଼ସାହି ଥାନା ଅଧୀନ ହରିପୁର ଗ୍ରାମରେ ଦୁଇ ପରିବାର ମଧ୍ୟରେ ଜମିଜମା ବିବାଦରୁ ଗଣ୍ଡଗୋଳ ଘଟି ଦୁଇଟି ମାମଲା ରୁଜୁ ହୋଇଛି। ଗ୍ରାମର ଯଶୋଦା କାଣ୍ଡଙ୍କ ପୁଅ କମଳାକାନ୍ତ ସହିତ ସେହି ଗ୍ରାମର ସମ୍ପର୍କୀୟ ମାମୁଁ ଆକୁଳେଶ୍ୱର ବାଡ଼ି ଓ ଆଶିଷ କୁମାର ବାଡ଼ିଙ୍କ ସହିତ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା, ଏଥିରେ ଦୁଇ ଭାଇ କମଳାକାନ୍ତକୁ ଗାଳିଗୁଲଜ କରିବା ସହିତ ମାଡ ମାରିବା ଓ ଜୀବନରୁ ମାରି ଦେବାର ଧମକ ଦେଇଥିବା ଅଭିଯୋଗରୁ ଜଣାଯାଇଛି। ସେହିପରି ଆଶିଷ କୁମାର ବାଡ଼ିଙ୍କ ଅଭିଯୋଗକୁ ଭିତ୍ତିକରି କମଳାକାନ୍ତ, ତାଙ୍କ ଭିଣୋଇ ଯୋଗେନ୍ଦ୍ର ଓଝା, ଭଉଣୀ ଶକୁନ୍ତଳା ଓଝା ଓ ଯଶୋଦା କାଣ୍ଡଙ୍କ ବିରୋଧରେ ଅନ୍ୟ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ବ୍ଲକସ୍ତରୀୟ ସୁରଭି ଉଦ୍‌ଯାପିତ



କୁଆମରା, ୩୧।୧୦(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଶଳଦା ପଞ୍ଚାୟତ ଆମ୍ବଯୋଡା ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅରୁଣ କୁମାର ସାତୁଆଙ୍କ ତତ୍ତ୍ୱାବଧାନରେ ୧୨ଟି କ୍ଲଷ୍ଟରର ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କନିଷ୍ଠ ଓ ବରିଷ୍ଠ ଦୁଇ ବିଭାଗକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୋଟ ୩୩ଟି ବିଭାଗକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ୯୩ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିମଧ୍ୟରୁ ୩୫ ଜଣ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ବିଆରସିସି କୁଳମଣି ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ଡ଼ଃ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ରାମଚନ୍ଦ୍ର ସିଂ, ସିଆରସିସି କରୁଣାକର ମଣ୍ଡଳ, ପ୍ରଧାନ ଶିକ୍ଷକ ତଥା ସଂଗଠନର ସମ୍ପାଦକ ଅରୁଣ କୁମାର ସାତୁଆ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୁଦ୍ଧାନ ମାରାଣ୍ଡି ପ୍ରମୁଖ ଯୋଗ ଦେଇ ଶିଶୁ ପ୍ରତିଭା ଅନ୍ୱେଷଣ ଏକ ଅନନ୍ୟ ଆନ୍ଦୋଳନ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ରଘୁପୁରରେ ନୂତନ ମୁଣ୍ଡାରୀ ବିଦ୍ୟାଳୟ ପ୍ରତିଷ୍ଠା

ରଘୁପୁର, ୩୧।୧୦(ସମିସ): ମୁଣ୍ଡାରୀ ଭାଷାର ସାମାଜିକ ଓ ସାମ୍ବିଧାନିକ ସ୍ୱୀକୃତି ହାସଲ ଏବଂ ମୁଣ୍ଡାରୀ ଭାଷାର ସୁରକ୍ଷା ଉଦ୍ଦେଶ୍ୟରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ରଘୁପୁର ଗ୍ରାମରେ ମୁଣ୍ଡାରୀ ରବିବାରିଆ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଆଜି ବେତନଟୀ ବ୍ଲକ ଅନ୍ତର୍ଗତ ରଘୁପୁର ପଞ୍ଚାୟତର ରଘୁପୁରଠାରେ ଏକ ନୂତନ ମୁଣ୍ଡାରୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ଗ୍ରାମବାସୀଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ବେତନଟୀ ବ୍ଲକ ଆବାହକ ତପନ ସିଂ, ସମ୍ପାଦିକା ଜୟନ୍ତି ସିଂ, ସଠିଲ ପଞ୍ଚାୟତ ଆବାହକ ବୈଷ୍ଣବ ସିଂ, ରଘୁପୁର ଗ୍ରାମପଞ୍ଚାୟତର ସରପଞ୍ଚ ବତି ସିଂ, ଠାକୁରଟୋଟା ମୁଣ୍ଡାରୀ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସବିତା ସିଂ, ସହଶିକ୍ଷୟିତ୍ରୀ ପାର୍ବତୀ ସିଂ ପ୍ରମୁ ବକ୍ତବ୍ୟ ପ୍ରଦାନ କରିଥିଲେ। ସୋମବାରି ସିଂଙ୍କୁ ଉକ୍ତ ମୁଣ୍ଡାରୀ ରବିବାରିଆ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାବେ ସର୍ବସମ୍ମତିକ୍ରମେ ଚୟନ କରି ଦାୟିତ୍ୱ ଅର୍ପଣ କରାଯାଇଛି। ପାର୍ବତୀ ସିଂ ଉକ୍ତ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ମୁଖ୍ୟ ସଂଯୋଜିକା ଥିଲେ। ଶେଷରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି, ବେତନଟୀ ବ୍ଲକ ସମ୍ପାଦିକା ଜୟନ୍ତୀ ସିଂ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ମୁଣ୍ଡାରୀ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଥିଲା।



### ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ

# ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳୀର ହେବ ବିକାଶ

ମୋରଡା, ୩୧।୧୦(ସମିସ): ମୋରଡା ବ୍ଲକ ଚିତ୍ରଡାର ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମକୁ ମୋରଡା ବିଇଓ ବିଜୟ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ମୋରଡା ବ୍ଲକ ଅଧ୍ୟକ୍ଷ ପିଥନାଥ ସୋରେନ, ମୁଖ୍ୟ ବକ୍ତା ଭାବେ ମୋରଡା ବ୍ଲକର ପୂର୍ବତନ ବିଇଓ ସତୀଶଚନ୍ଦ୍ର ମହାପାତ୍ର, ହଳଦୀପାଳ ସରପଞ୍ଚ ମାଳତୀ ମାର୍ଣ୍ଡି, ରଣଜିତ କୁମାର ସାହୁ, ଏବିଇଓ ପାଲୁ ହାଁସଦା, ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦୀ, ବିଦ୍ୟାଳୟ ସଭାପତି ଅଶେଷ କୁମାର ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଅଥିତିଙ୍କୁ ଛାତ୍ରଛାତ୍ରୀମାନେ ଝୁମର ସଙ୍ଗୀତ ନାଚର ତାଳେ ତାଳେ ମଞ୍ଚ ଉପରକୁ ପାଛୋଟି ନେଇଥିଲେ। ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଅର୍ନ୍ତନିହିତ ଗୁଣାବଳୀର ବିକାଶ ସାଧନ ହେବ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପରେ ବ୍ଲକର ୧୫ଟି କ୍ଲଷ୍ଟରରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଏବଂ ୪ଟି ମହାବିଦ୍ୟାଳୟର ମୋଟ ୩୯୦ଜଣ ଛାତ୍ରଛାତ୍ରୀ ୨୬ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଡ଼ିଓ ଅଣାକର ନାଏକ ମୁଖ୍ୟ ଅତିଥି, ଚିତ୍ରଡା ମହାବିଦ୍ୟାଳୟର ଅଧ୍ୟାପିକା ସୌଦାମିନୀ ସିଂ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ଏବିଇଓ ପୃଥୁନାଥ ବାସ୍କେ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଗଦାଧର ମହାନ୍ତ ଏବଂ ରମାକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଜିତ ବେହେରା, ଶିକ୍ଷୟତ୍ରୀ ମମତା ବେହେରା, ଅନିତା ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଆରଆଇଙ୍କୁ ୨ ବର୍ଷ କାରାଦଣ୍ଡ

ଅନୁଗୋଳ,୩୧।୧୦(ସମିସ): ଲାଞ୍ଚ ନେବା ଅଭିଯୋଗରେ ଜଣେ ରେଭେନ୍ୟୁ ଇନ୍ସପେକ୍ଟର (ଆରଆଇ)ଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଅନୁଗୋଳ ସ୍ୱତନ୍ତ୍ର ଜଜ୍। ସୂଚନା ଅନୁସାରେ ଅଞ୍ଜନା ବେହେରା ନାମକ ଜଣେ ମହିଳାଙ୍କ ମ୍ୟୁଟେସନ କେସ୍ ଥିଲା। ଏହି କେସ୍ ପାଇଁ ସେ କୁମୁରିସିଂହା ରେଭେନ୍ୟୁ ଅଫିସକୁ ବାରମ୍ବାର ଦୌଡୁଥିଲେ ମଧ୍ୟ ରେଭେନ୍ୟୁ ଇନ୍ସପେକ୍ଟର ଲାଞ୍ଚ ନଦେଲେ ତାଙ୍କ କାମ କରୁ ନଥିଲେ। ଏଥିପାଇଁ ଅଞ୍ଜନା ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ବିଭାଗ ରେଭେନ୍ୟୁ ଇନ୍ସପେକ୍ଟର ଗୁଣନିଧିଙ୍କୁ କାବୁ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ଶୁଣାଣି କରି ଆଜି ଅନୁଗୋଳ ସ୍ପେସିଆଲ ଜଜ ତଥା ଭିଜିଲାନ୍ସ କୋର୍ଟ ଦୁଇ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଏକ ହଜାର ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି।

## ପାନ ଦୋକାନରେ ପୁଲିସର ଚଢ଼ଉ



ନାଲକୋ ନଗର,୩୧।୧୦(ସମିସ): ନାଲକୋ ଥାନା ଅଞ୍ଚଳର ବିଭିନ୍ନ ସ୍କୁଲ କଲେଜ ଆଦି ଶିକ୍ଷାନୁଷ୍ଠାନ ନିକଟବର୍ତ୍ତୀ ଅଞ୍ଚଳରେ ତମାଖୁ, ସିଗାରେଟ ଭଳି ମାଦକ ଦ୍ରବ୍ୟ ବିକ୍ରି ଉପରେ ରୋକ୍ ଲଗାଇବାକୁ ଏସ୍‌ପିଙ୍କ ନିର୍ଦ୍ଦେଶରେ ନାଲ୍‌କୋ ପୁଲିସ ପକ୍ଷରୁ ଚଢ଼ଉ ହୋଇଛି। ଏହି ଚଢ଼ଉ ଅବକାରୀ ବିଭାଗ, ଖାଦ୍ୟ ନିରାପତ୍ତା ବିଭାଗ ଓ ନାଲକୋ ପୁଲିସ ମିଳିତ ଉଦ୍ୟମରେ ନାଲକୋ ଥାନା ଇଲାକାରେ ବିଭିନ୍ନ ପାନ ଦୋକାନରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ମଧ୍ୟାହ୍ନ ସମୟରେ ନାଲକୋ ଟାଉନସିପ୍‌ଠାରୁ ଆରମ୍ଭ କରି ନାଲ୍‌କୋ ମେନ ଗେଟ ଛକ, ଏଫ୍‌ସିଆଇ ଛକ, ସେଣ୍ଟ୍ରାଲ ମାର୍କେଟ, ଗିରାଙ୍ଗ ଛକ, ବଳରାମ ପ୍ରସାଦ ଛକ, ସିପିପି ରୋଡ୍, ସିପିପି ଛକ, କୁଲାଡ ଛକ ଆଦି ଅଞ୍ଚଳ ଛୋଟ ମୋଟ ଖୁଚୁରା ତେଜରାତି, ପାନ ଦୋକାନରେ ଚଢ଼ଉ କରି ବିଭିନ୍ନ ପ୍ରକାରର ମାଦକ ଦ୍ରବ୍ୟ ନିକୋଟିନ ଯୁକ୍ତ ଗୁଟ୍‌ଖା ବିକ୍ରି କରିବା ଅଭିଯୋଗ ଆଧାରରେ ଫାଇନ କଟାଯାଇଛି। ସେହିଭଳି ଗୋଟିଏ ଦୋକାନରୁ ସମ୍ମୁଖରେ ଜଣେ ଗ୍ରାହକ ଗଞ୍ଜେଇ ଭର୍ତ୍ତି ସିଗାରେଟ୍ ଟାଣୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ଫାଇନ୍ ମଧ୍ୟ କରାଯାଇଥିଲା। ଏଭଳି ମାଦକ ଦ୍ରବ୍ୟ ଓ ନିକୋଟିନ ଯୁକ୍ତ ଗୁଟ୍‌ଖା ବିକ୍ରି କରିବା ଅଭିଯୋଗ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଦୋକାନୀଙ୍କଠାରୁ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଫାଇନ୍ ଆଦାୟ କରାଯାଇଥିବା ଜଣାଯାଇଛି। ତମାଖୁ ବିରୋଧୀ ସ୍କ୍ୱାଡ୍‌ରେ ନାଲକୋ ପୁଲିସ ଅଧିକାରୀ ଏଏସ୍‌ଆଇ ଦୀପକ ସିଂ, ଅବକାରୀ ବିଭାଗ ଅଧିକାରୀ ସୌରଭ ଗୌତମ ଓ ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରିଣୀ ହରପ୍ରିୟା ବେହେରାଙ୍କ ମିଳିତ ଉଦ୍ୟମରେ ଚଢ଼ଉ ହୋଇଥିଲା। ଆଗକୁ ଚଢ଼ଉ ଜାରି ରହିବ ବୋଲି ମଧ୍ୟ ପ୍ରକାଶ କରିଥିଲେ।

# ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ, ଗଣଦୌଡ଼






ନାଲ୍‌କୋ ନଗର

ଅନୁଗୋଳ,୩୧।୧୦(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଅନୁଗୋଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକତା ଗଣ ଦୌଡ଼ ଓ ଶପଥ ପାଠ କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ ଜିଲ୍ଲାପାଳ ଅବଦାଲ୍ ମହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଦେଶର, ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ସହ ନିଜକୁ ଦେଶ ପ୍ରତି ସମର୍ପିତ କରିବା ଏବଂ ଦେଶର ଏକତା ଅକ୍ଷୁର୍ଣ୍ଣ ରଖିବା ସହ ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ନେଇ ଜିଲ୍ଲାପାଳ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ। ସେହିପରି ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସକାଳେ ଅନୁଗୋଳ ଷ୍ଟାଡିୟମଠାରୁ ମାରାଥନ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ସାଂସଦଙ୍କ ପ୍ରତିନିଧି ଦିଲେଶ୍ୱର ପ୍ରଧାନ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ ଓ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡାବିତ୍ ଓ ଜନସାଧାରଣ ଯୋଗ ଦେଇଥିଲେ। ଅକ୍ଷୟ କୁମାର ସିଠ ପରିଚାଳନା କରିଥିଲେ।

**ନାଲ୍‌କୋ ନଗର:** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଇଛି। ଏହିକ୍ରମରେ ଅନୁଗୋଳ ଜିଲ୍ଲା ନାଲକୋ ନଗର ଆଦର୍ଶ ଥାନା ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଥାନା ଆଇଆଇସି ଶ୍ୟାମଲାଲ ଓରାମଙ୍କ ତତ୍ତ୍ୱାବଧାନରେ ଏହି ଗଣ ଦୌଡ଼ ଥାନା ପରିସରରୁ ବାହାରି ଜାତୀୟ ରାଜପଥ ଦେଇ ଡେଲିମାର୍କେଟ, ମାଛ ମାର୍କେଟ, ସ୍ମେଲ୍ଟର ମେନ ଗେଟ, ଏଫ୍‌ସିଆଇ ଛକଦେଇ ସେଣ୍ଟ୍ରାଲ ମାର୍କେଟଠାରୁ ନାଲକୋ କଲୋନୀ ୩ନଂ ଗେଟ, ଟାଉନ ସିପ, ଗେଟ ନଂ୧ରେ ବାହାରି ବଜାର ଦେଇ ଥାନା ଠାରେ ପହଞ୍ଚିଥିଲା। ଏହି ଗଣ ଦୌଡ଼ରେ ନାଲକୋ ବିଦ୍ୟୁତ ମଜଦୂର ସଂଘ ସଭାପତି ଶ୍ରମିକ ନେତା ପ୍ରକାଶ ସିଂହ, ସମ୍ପାଦକ ସୁଜିତ ସେଠ, କୁଲାଡ଼ ଟ୍ରକ୍ ମାଲିକ ସଂଘର ତରୁଣ ସ୍ୱାଇଁ, ତାପସ ସ୍ୱାଇଁ, ନାଲ୍‌କୋ ପ୍ରୋଗ୍ରେସିଭ ଏମ୍ପ୍ଲଇଜ ୟୁନିୟନ କାର୍ଯ୍ୟକର୍ତ୍ତା ଜଗନ୍ନାଥ ସେଠ, କାଣ୍ଡସର ପଞ୍ଚାୟତ ନାଏବ ସରପଞ୍ଚ ନଗେନ ପ୍ରଧାନ, ଅମିତ ବିଶୋଇ, ପୁଲିସ ଅଧିକାରୀ ଗଙ୍ଗାଧର ବେହେରା, ଦୀପକ କୁମାର ସିଂ, ପବିତ୍ର କୁମାର ବାଗ, ସୁବ୍ରତ ପାଢ଼ୀଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ ଏବଂ ସାମ୍ବାଦିକ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।

**ତାଳଚେର:** ତାଳଚେର ଏନ୍‌ଟିପିସି ପକ୍ଷରୁ ଥର୍ମାଲ ପରିସର ମଧ୍ୟରେ ରହିଥିବା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ନିକଟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଏକଜୁକ୍ୟୁଟିଭ ଡାଇରେକ୍ଟର ବିଜୟ ଚାନ୍ଦ, ଜିଏମ୍ ପ୍ରୋଜେକ୍ଟ ଜେପି ରାଏ, ଜିଏମ୍ ମେକାନିକାଲ ଇରେକସନ୍ ରୋହିତ କୁମାର, ଏଜିଏମ୍ (ଏଚ୍‌ଆର୍) ରୋହିତ କୁମାର ଏବଂ ଏନ୍‌ଟିପିସି ଟିଟିପିଏସର ସମସ୍ତ ଅଧିକାରୀ, ପଦାଧିକାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ତାଳଚେର

**ଆଠମଲ୍ଲିକ:** ଆଠମଲ୍ଲିକ ଥାନା ପକ୍ଷରୁ ଶୁକ୍ରବାର ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଶାନ୍ତ କୁମାର ତଡ଼ିଆ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଠମଲ୍ଲିକ ଥାନାର ସମସ୍ତ ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଯୁବକମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଆଠମଲ୍ଲିକ ଥାନାରୁ ଏକ ମାରାଥନ ଦୌଡ଼ରେ ସାମିଲ୍ ହୋଇଥିଲେ।



ଆଠମଲ୍ଲିକ

**କାମାକ୍ଷାନଗର:** କାମାକ୍ଷାନଗର ପୁଲିସ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଆଦର୍ଶ ଥାନା ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଥାନା ଅଧିକାରୀ ଆଶିଷ କୁମାର ଜେନାଙ୍କ ନେତୃତ୍ୱରେ ବହୁ ସ୍ଥାନୀୟ ଯୁବକ, ଏନସିସି କ୍ୟାଡେଟ୍, ବୁଦ୍ଧିଜୀବୀ ଓ ଆଇନଜୀବୀ ସାମିଲ ହୋଇଥିଲେ।

**ଓ.ପି.ଜିନ୍ଦଲ ସ୍କୁଲ:** ଅନୁଗୋଳର ଜିନ୍ଦଲ ନଗରରେ ଥିବା ଓ.ପି. ଜିନ୍ଦଲ ସ୍କୁଲ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଜାତୀୟ ଏକତା ଦିବସ ପାଳନ କରାଯାଇଛି। ଏହିଅବସରରେ ଇଣ୍ଟର ହାଉସ୍ ଦୌଡ଼ "ରନ୍ ଫର୍ ୟୁନିଟି' ଆୟୋଜନ କରାଯାଇଥିଲା। ଜିନ୍ଦଲ ଷ୍ଟିଲର ପ୍ରଶାସନ ବିଭାଗ ମୁଖ୍ୟ କର୍ଣ୍ଣେଲ ସୁଦୀପ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଜେତା ଏବଂ ଉପବିଜେତାଙ୍କୁ ପଦକ ଏବଂ ପ୍ରମାଣପତ୍ର ମଧ୍ୟ ବଣ୍ଟନ କରାଯାଇଥିଲା। ରାଷ୍ଟ୍ରର ଏକତା ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ଶପଥ ପାଠ କରାଯାଇଥିଲା।

**ବଇଣ୍ଡା:** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ହଣ୍ଡପା ଓ ବଇଣ୍ଡା ଫାଣ୍ଡି ପୁଲିସ ପକ୍ଷରୁ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଇଣ୍ଡା ଛକ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଣ୍ଡପା ଆଇଆଇସି ନମିତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବଇଣ୍ଡା ଅଞ୍ଚଳବାସୀ ଓ ନାଇସ କମ୍ପ୍ୟୁଟର ସେଣ୍ଟରର ଛାତ୍ରଛାତ୍ରୀ ଗଣ ଦୌଡ଼ରେ ସାମିଲ ହୋଇଥିଲେ। ବଇଣ୍ଡାଠାରୁ ଏହି ଦୌଡ଼ ବାହାରି କଲେଜ ଦେଇ ବଇଣ୍ଡା ପର୍ଯ୍ୟନ୍ତ ଯାଇଥିଲା। ଅନ୍ୟତମ ଅତିଥି ଭାବେ ବଇଣ୍ଡା ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ଆଇନଜୀବୀ ଉଗ୍ରେସନ ସେଠୀ, ସଞ୍ଜୟ ସାହୁ, ବୁବୁନ ପ୍ରଧାନ, ଗିରିଶ ଚନ୍ଦ୍ର ବେହେରା, ଶ୍ରୀଧର ବେହେରା, ରାଜେନ୍ଦ୍ର ସାହୁ, ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ ପ୍ରମୁଖ ଯୋଗ ଦେଇଥିଲେ।



କାମାକ୍ଷାନଗର


କାମାକ୍ଷାନଗର


ବଇଣ୍ଡା

## ବସ୍ ମାଲିକ ସଂଘର ସ୍ୱନକ୍ଷତ୍ର



ଅନୁଗୋଳ,୩୧।୧୦(ସମିସ): ଅନୁଗୋଳ ଜିଲ୍ଲା ବସ୍ ମାଲିକ ସଂଘର ୩୧ତମ ସ୍ୱନକ୍ଷତ୍ର ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଅନୁଗୋଳ ଡାକ୍ତରଖାନାର ମାତୃ ଓ ଶିଶୁ ଯତ୍ନ ୱାର୍ଡରେ ଫଳ ବଣ୍ଟନ କରାଯାଇଥିଲା। ଅନୁଗୋଳ ସିଡିଏମଓ ଡା. ମଦନ ମୋହନ ପ୍ରଧାନ, ଏଡିଏମ୍‌ଓ ଡା ଦିଲ୍ଲୀପ ପଟ୍ଟନାୟକ, ଡା. ଅନ୍ତର୍ଯ୍ୟାମୀ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ଅପରାହ୍ଣରେ ଟ୍ରକ୍ ମାଲିକ ସଂଘ ସଭା କକ୍ଷରେ ଏକ ବନ୍ଧୁ ମିଳନ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ବସ୍ ମାଲିକ ସଂଘ ସଦସ୍ୟ ଯୋଗଦେଇ ଯାତ୍ରୀ ପରିବହନ ସମସ୍ୟା ଓ ଏହାର ନିରାକରଣ ନେଇ ଆଲୋଚନା କରିଥିଲେ। ଏହି ସମାବେଶରେ ଅନୁଗୋଳ ସଂଘ ସଭାପତି ମାନସ ସାମଲ, ଉପ ସଭାପତି କଲ୍ଲୋଳ କାନ୍ତ ସାହୁ, ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ସହ ସମ୍ପାଦକ ସୁଦୀପ୍ ଗଡ଼ନାୟକ ଓ କୋଷାଧ୍ୟକ୍ଷ ଉପେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବସ୍ ମାଲିକଙ୍କୁ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ପୁଲିସକୁ ମାଡ଼ ଘଟଣାରେ ଜଣଙ୍କୁ ଗିରଫ କଲା ପୁଲିସ

ଛେଣ୍ଡିପଦା,୩୧।୧୦(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ପୁଲିସକୁ ନିର୍ଘୁମ ମାଡ଼ ଘଟଣାରେ ପୁଣି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗିରଫ ଯୁବକ ଜଣଙ୍କ ହେଲେ ମେଟା କମ୍ପାନୀରେ କାର୍ଯ୍ୟ କରୁଥିବା ନିଶା ଶିଳ୍ପାଞ୍ଚଳ ଥାନା ଡାବରଧୂଆ ଗ୍ରାମର ସତ୍ୟବ୍ରତ ଦେବତା। ସୂଚନା ଯେ ଜରପଡା ଷ୍ଟେସନରେ ଟ୍ରେନ ମାଧ୍ୟମରେ ଘରୋଇ କୋଇଲା ପରିବହନକୁ ନେଇ ମେଟା ଓ ଯସୁଜା ବିବାଦକୁ ନେଇ ଗତ ୨୪ ତାରିଖ ଅପରାହ୍ନରେ ଜରପଡ଼ା ଥାନାର ଏସ୍‌ଆଇ ଲଳିତ ମୋହନ ବିଶ୍ୱାଳ ଓ କନେଷ୍ଟବଳ ରମାକାନ୍ତ ମାଝୀ ସେଠାରେ କାମ ହେଉଥିବା ଖବର ପାଇ ଘଟଣା ସମ୍ପର୍କରେ ବୁଝିବାକୁ ଯାଇଥିଲେ। ସେହି ସମୟରେ ମେଟା କମ୍ପାନୀର ସୁପରଭାଇଜର ଅମ୍ଳାନ ଓ ମେସନ ଅପରେଟର ସୁଦର୍ଶନ, ସତ୍ୟବ୍ରତ ଦେବତାଙ୍କ ସହିତ ୧୦ ଜଣରୁ ଉର୍ଦ୍ଧ୍ୱ ଯୁବକ ହକିଷ୍ଟିକ୍, ଲୁହାଛଡ଼ ଆଦିରେ ମାଡ଼ ମାରିବା ସହିତ ବାଇକ୍ ଭାଙ୍ଗି ଦେଇଥିଲେ। ଫଳରେ ଏସ୍‌ଆଇ ଲଳିତ ମୋହନ ବିଶ୍ୱାଳ ଆହତ ହୋଇଥିବାବେଳେ କନେଷ୍ଟବଳ ରମାକାନ୍ତ ମାଝୀ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ଜରପଡ଼ା ଥାନାରେ ୪୩୭/୨୫ରେ ଏକ ମାମଲା ରୁଜୁ କରାଯିବା ସହିତ ଏହି ଘଟଣାରେ ପୁଲିସ ପୂର୍ବରୁ ମେଟା କମ୍ପାନୀର ସୁପରଭାଇଜର ଭାବେ କାମ କରୁଥିବା ଅମ୍ଳାନ ଓ ପୋକଲିନ ଅପରେଟର ସୁଦର୍ଶନଙ୍କୁ ପୁଲିସ ଗିରଫ କରିଥିବା ବେଳେ ଶୁକ୍ରବାର ସତ୍ୟବ୍ରତ ଦେବତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଜରପଡ଼ା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

## ତୁବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ମେଳା



ଅନୁଗୋଳ,୩୧।୧୦(ସମିସ); ବଣ୍ଟପାଳ ବ୍ଲକ ଅନ୍ତର୍ଗତ ତୁବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି ବିଦ୍ୟାଳୟରୁ ୭୪ଟି ପ୍ରକଳ୍ପ ନେଇ ୧୫୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ତୁବେ ଗ୍ରାମ ପଞ୍ଚାୟତର ସରପଞ୍ଚ ଅନୀଲ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ତଥା ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ସରୋଜ ଦେବତା ଏବଂ ଅବଜରଭର୍ ଭାବେ ଜରଡ଼ା ଉଚ୍ଚ ବିଦ୍ୟାଳୟର ମନୋଜ କୁମାର ସାହୁ, ତୁବେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସାହୁ, କଞ୍ଚୀରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ ଭୂଷଣ ସାହୁ, ତୁବେ ସ୍କୁଲର ଚେୟାରମ୍ୟାନ ପପୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମେଳାରେ ସଡ଼କ ସାହି ପ୍ରାଥମିକ ବିଦ୍ୟାଳୟ, ତୁବେ ଉଚ୍ଚ ବିଦ୍ୟାଳୟ, ବ୍ରଜମୋହନ ସାହି ପ୍ରାଥମିକ ବିଦ୍ୟାଳୟ, ଡେରଜାଙ୍ଗ ପ୍ରାଥମିକ ବିଦ୍ୟାଳୟ, ଯୋକୁବ ପ୍ରାଥମିକ ବିଦ୍ୟାଳୟ ଢିପସାହି ପ୍ରାଥମିକ ବିଦ୍ୟାଳୟ ଇତ୍ୟାଦିର ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ। ସିଆରସିସି ଧୀରେନ୍ କୁମାର ସାହୁ ଓ ତୁବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟଜିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ କିପରି ବିଜ୍ଞାନ ପ୍ରତି ଆକର୍ଷିତ ହୋଇ ଉତ୍ତମ ଜ୍ଞାନ ଆହରଣ କରିପାରିବେ ସେ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଅତିଥି ତଥା କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଚେତନା ମିଶନ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଓ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ

ଅନୁଗୋଳ ୩୧।୧୦(ସମିସ): ଅନୁଗୋଳର ଚେତନା ମିଶନ ଫାଉଣ୍ଡେସନ ଦ୍ୱାରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ବସଲାଠାରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ସଚେତନତା ଓ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯକ୍ରମ ପ୍ରାରମ୍ଭରେ




ଚେତନା ମିଶନର ପ୍ରତିଷ୍ଠାତ୍ରୀ ବାଣୀ ଦେବ ଉଭୟ କର୍ମଶାଳା ସମ୍ପର୍କରେ ଉପସ୍ଥିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ବିଷଦ ଭାବରେ ଅବଗତ କରାଇଥିଲେ। ଏହି ଅବସରରେ ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ "ସ୍ୱାସ୍ଥ୍ୟ ସଖୀ' ମାଧ୍ୟମରେ ନାଲ୍‌କୋ ଡାକ୍ତରଖାନାର ଅବସରପ୍ରାପ୍ତ ବରିଷ୍ଠ ଡାକ୍ତର ସୁଷମା ଚୌଧୁରୀଙ୍କ ଦ୍ୱାରା ଛାତ୍ରୀଙ୍କ ନିମନ୍ତେ ମାସିକ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା ଦିଆଯାଇଥିଲା। ସେ ବୁଝାଇଥିଲେ ଯେ ମାସିକ ଋତୁଶ୍ରାବ ମହିଳା ଶରୀର ଦ୍ୱାରା ଭବିଷ୍ୟତ ମାତୃତ୍ୱ ନିମନ୍ତେ ପ୍ରାକ ପ୍ରସ୍ତୁତି ଓ ଏହା ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ଶାରୀରିକ ପ୍ରକ୍ରିୟା। ଏଥି ନିମନ୍ତେ ଶରୀରରେ ହେଉଥିବା ପ୍ରକ୍ରିୟାକୁ ଭିଡିଓ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ବାଣୀ ଦେବ ଛାତ୍ରୀଙ୍କୁ ଶରୀରର ଯତ୍ନ, ପରିଚ୍ଛନ୍ନତା ଓ ସୁଷମ ଖାଦ୍ୟର ଆବଶ୍ୟକତା ଇତ୍ୟାଦି ବିଷୟରେ ଅବଗତ କରାଇଥିଲେ।

ସ୍ୱାବଲମ୍ବୀ କାର୍ଯ୍ୟକ୍ରମ ମାଧ୍ୟମରେ ବକ୍ତା ଭାବେ ଜେସିଆଇ ଜୋନାଲ ଅଧ୍ୟକ୍ଷ ଅମନ୍ ଶୁକ୍ଳା ଛାତ୍ରଛାତ୍ରୀଙ୍କୁ ସ୍ୱଳ୍ପ ନିବେଶରେ ଉତ୍ତମ ରୋଜଗାରର ବିଭିନ୍ନ ପନ୍ଥା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଏସ୍‌ଡିଆଇ ଶିକ୍ଷା ଅନୁଷ୍ଠାନରେ ସ୍ୱଳ୍ପ ଖର୍ଚ୍ଚରେ ଛାତ୍ରଛାତ୍ରୀ ଉନ୍ନତମାନର ପ୍ରଶିକ୍ଷଣ ହାସଲ କରି ଭବିଷ୍ୟତରେ ସ୍ୱାବଲମ୍ବୀ ହୋଇପାରିବା ବିଷୟରେ ସେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସ୍ୱାଇଁ ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ।

## ବୁଲା ଗାଈଗୋରୁଙ୍କ ସମସ୍ୟା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର




ଅନୁଗୋଳ,୩୧।୧୦(ସମିସ): ଅନୁଗୋଳ ଜିଲ୍ଲାର ବିଭିନ୍ନ ରାସ୍ତାଘାଟ ଓ ଛକ ଜାଗାମାନଙ୍କରେ ଗୋରୁଗାଈଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଯାହା ଫଳରେ ଅଧିକାଂଶ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବିଶେଷ କରି ଅନୁଗୋଳ ସଦର ମହକୁମାର ଅନୁଗୋଳଠାରୁ ବଡ଼କେରା ରାସ୍ତାରେ ଓ ଅନୁଗୋଳ ଠାରୁ ମହୀଧରପୁର ରାସ୍ତାରେ ପ୍ରାୟ ସବୁ ସମୟରେ ବୁଲା ଗାଈ ଓ ଷଣ୍ଢ ରାସ୍ତା ଉପରେ ବିଚରଣ କରୁଥିବା ଦେଖିବାକୁ ମିଳୁଛି। ଅନୁଗୋଳ ସହରରେ ମଧ୍ୟ ଗାଈଗୋରୁ ସବୁ ଛକ ଓ ଗଳିର ରାସ୍ତାଘାଟରେ ବୁଲୁଛନ୍ତି। ଯାହାଫଳରେ ପ୍ରାୟ ସମୟରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବାସହ ଅକାରଣେ ଦୁର୍ଘଟଣା ମଧ୍ୟ ଘଟୁଛି। ଏହି ସମସ୍ୟାକୁ ତୁରନ୍ତ ଦୃଷ୍ଟି ଦେଇ ତୁରନ୍ତ ସମାଧାନ ନିମନ୍ତେ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ। ପୂର୍ବତନ କାଉନସିଲର ବଳବୀର ସିଂଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ଧର୍ମେନ୍ଦ୍ରନାଥ ମିଶ୍ର, ନୀଳକଣ୍ଠ ନାଏକ, କମ୍ବୁ ଦେହୁରୀ, ଦିଲ୍ଲୀପ ସାହୁ, ସଂଗ୍ରାମ ବେହେରା ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିରକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନାରେ ଜିଲ୍ଲା ପ୍ରଶାସନ ଏଥିନିମନ୍ତେ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ପ୍ରଥମ ପର୍ଯ୍ୟାୟରେ ଅନୁଗୁଳ ଜିଲ୍ଲାରେ ଥିବା ପୌରପାଳିକା ଗୁଡ଼ିକରୁ ଗାଈଗୋରୁଙ୍କୁ ସ୍ଥାନାନ୍ତର କରି ରକ୍ଷଣାବେକ୍ଷଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ଦିନରେ ଏହି ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କଂଗ୍ରେସ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଚେତାବନୀ ଦିଆଯାଇଅଛି।

# ସଂକଟାପନ୍ନ ନବଜାତକଙ୍କ ଚିକିତ୍ସାରେ ଘୋର ଅବହେଳା

# ସିଟି ହସ୍ପିଟାଲ୍ ଶିଶୁ ବିଭାଗ ଡାକ୍ତରଶୂନ୍ୟ




## ବିପଦରେ ଏସଏନସିୟୁରେ ଚିକିତ୍ସିତ ଶିଶୁ

## ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ଡିଆର୍‌ପି ଡାକ୍ତର

ବ୍ରହ୍ମପୁର,୩୧।୧୦(ସମିସ)

ସିଟି ହସ୍ପିଟାଲ୍ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନବଜାତ ଶିଶୁଙ୍କ ଚିକିତ୍ସାରେ ଘୋର ଅବହେଳା ହେଉଥିବା ଦେଖିବାକୁ ମିଳିଛି। ହସ୍ପିଟାଲର ଶିଶୁ ବିଭାଗରେ କୌଣସି ଡ଼ାକ୍ତର ନ ଥିବାରୁ ନବଜାତ ଶିଶୁର ଚିକିତ୍ସାରେ ବିଭିନ୍ନ ସମସ୍ୟା ରହିଥିବା ଅଭିଯୋଗ ହୋଇଛି। ଦୀର୍ଘ ଏକ ସପ୍ତାହ ଧରି ଏଭଳି ସମସ୍ୟା ଲଗି ରହିଥିବା ବେଳେ ଏହାକୁ ସମାଧାନ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଉପଯୁକ୍ତ ଚିକିତ୍ସା ନ ପାଇ ବର୍ତ୍ତମାନ ରୋଗୀ ସିଟି ହସ୍ପିଟାଲରୁ ମୁହଁ ଫେରାଉଛନ୍ତି। ହସ୍ପିଟାଲ ନିକଟରେ ହିଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ରହିଥିବା ବେଳେ କାହିଁକି ସମସ୍ୟାର ତୁରନ୍ତ ସମାଧାନ କରାଯାଉ ନାହିଁ, ସେନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ସିଟି ହସ୍ପିଟାଲରେ କାର୍ଯ୍ୟରତ ଶିଶୁରୋଗ ବିଶେଷଜ୍ଞ ଡ଼ା. ଅଲେଖ ପ୍ରଧାନଙ୍କୁ ପଦୋନ୍ନତି ଦିଆଯାଇ ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଗଲା। ଫଳରେ ଶିଶୁ ବିଭାଗରେ ଥିବା ଜଣେ ମାତ୍ର ଡାକ୍ତରଙ୍କ ବଦଳି ପରେ ବର୍ତ୍ତମାନ ଏହି ବିଭାଗରେ ଡାକ୍ତରଙ୍କ ସଂଖ୍ୟା ଶୂନ ହୋଇପଡ଼ିଛି। ଏଭଳି କ୍ଷେତ୍ରରେ ସିଟି ହସ୍ପିଟାଲ ଶିଶୁ ବିଭାଗ ଅଧିନରେ ଥିବା ଇନ୍‌ଡୋର, ଓପିଡି ଏବଂ ୧୨ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ନବଜାତ ଶିଶୁ ଚିକିତ୍ସା କେନ୍ଦ୍ର(ଏସଏନସିୟୁ)ରେ ଚିକିତ୍ସିତ ହେଉଥବା ଶତାଧିକ ଶିଶୁ ଓ ନବଜାତ ଉପଯୁକ୍ତ ଚିକିତ୍ସା ନପାଇ ହନ୍ତସନ୍ତ ହେଉଛନ୍ତି। ଏହାସହ ଡାକ୍ତର ନଥିବାରୁ ପୁଷ୍ଟି ପୁନର୍ବାସ କେନ୍ଦ୍ର ପରିଚାଳନରେ ମଧ୍ୟ ସମସ୍ୟା ହେଉଛି। ଏଭଳି କ୍ଷତ୍ରରେ ଡିଆରପି(ଜିଲ୍ଲା ଆବାସ କାର୍ଯ୍ୟକ୍ରମ) ଡାକ୍ତର ଓ ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର(ଏଲଟିଆରଏମଓ)ଙ୍କ ଭରସାରେ ହସ୍ପିଟାଲର ଶିଶୁ ବିଭାଗ। ସଂକଟାପନ୍ନ ନବଜାତ ଏବଂ ବିଭାଗକୁ ଆସୁଥିବା ରୋଗୀଙ୍କ ନିମନ୍ତେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ରୋଗୀଙ୍କ ଚିକିତ୍ସାରେ ଅବହେଳା ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଗତ ଏକସପ୍ତାହ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ସମସ୍ୟା ଲାଗି ରହିଥିବା କୌଣସି ପଦକ୍ଷେପ ନ ନିଆଯିବା ପରିତାପର ବିଷୟ। ଜିଲ୍ଲାର ଅନ୍ୟ ହସ୍ପିଟାଲରେ ଶିଶୁରୋଗ ବିଶେଷଜ୍ଞ ଥିବାବେଳେ ସିଟି ହସ୍ପିଟାଲରେ କର୍ଯ୍ୟତର ଶିଶୁରୋଗ ବିଶେଷଜ୍ଞଙ୍କ ବଦଳି ପରେ ଦୀର୍ଘଦିନ ଧରି ଡାକ୍ତର ପଦ ଖାଲି ପଡ଼ିବା ଘଟଣାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ବିରକ୍ତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଡାକ୍ତରଙ୍କ ପଦୋନ୍ନତି ପରେ ଶିଶୁ ବିଭାଗରେ ଡିଆରପି ଓ ଏଲ୍‌ଟିଆରଏମଓ ଡାକ୍ତର ରୋଗୀ ଚିକିତ୍ସା କରୁଥିବା ସିଟି ହସ୍ପିଟାଲ ଅଧୀକ୍ଷକ ଡ଼ା. ବିଶ୍ୱମ୍ବର ବେହେରା କହିଥିବା ଜଣାପଡ଼ିଛି।

## ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର

ସିଟି ହସ୍ପିଟାଲର ବିଭିନ୍ନ ସମସ୍ୟା ନେଇ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ସିଟି ହସ୍ପିଟାଲ୍ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସିଟି ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କ ମଧ୍ୟରୁ ବହୁ ରୋଗୀ ଅଲଟ୍ରାସାଉଣ୍ଡରୁ ବଞ୍ଚିତ ହେଉଛନ୍ତି। ଏଭଳି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିଦାନ ଯୋଜନା ସଠିକ୍ ଭାବେ ରୋଗୀଙ୍କ ନିକଟେ ପହଞ୍ଚୁ ନାହିଁ ବୋଲି ମଞ୍ଚ ଅଭିଯୋଗ କରିଛି। ଫଳରେ ରୋଗୀମାନେ ଘରୋଇ ଡାଏଗ୍ନୋଷ୍ଟିକ କେନ୍ଦ୍ରକୁ ଯାଇ ପରୀକ୍ଷା କରିବାକୁ ବାଧ ହେଉଛନ୍ତି। ସେହିପରି ଫିଜିଓଥେରାପି ଚିକିତ୍ସା ପ୍ରଦାନ ଓ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ କର୍ମଚାରୀଙ୍କୁ ମନମୁଖୀ କାର୍ଯ୍ୟ ନିମନ୍ତେ ରୋଗୀ ହନ୍ତସନ୍ତ ହେଉଛନ୍ତି। ଗତବର୍ଷ ନଭେମ୍ବର ମାସରେ ଆବେଦନ କରିଥିବା ବ୍ୟକ୍ତି ବର୍ତ୍ତମାନ ପ୍ରମାଣପତ୍ର ପାଉଛନ୍ତି। ଅର୍ଥାତ୍ ପ୍ରାୟ ୧୧ମାସ ବିଳମ୍ବରେ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରାଯାଉଛି ବୋଲି ଅଭିଯୋଗ ହୋଇଛି। ପୂର୍ବ ସରକାର ସମୟରେ ମାତ୍ର ଏକ ସପ୍ତାହ ମଧ୍ୟରେ ପ୍ରମାଣପତ୍ର ଦିଆଯାଇପାରୁଥିବା ବେଳେ ବର୍ତ୍ତମାନ ଲୋକଙ୍କୁ ହଇରାଣ କରାଯାଉଛି ବୋଲି ମଞ୍ଚ ଅଭିଯୋଗ କରିଛି। ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ ବରିଷ୍ଠ ନାଗରିକ ଏବଂ ମାତ୍ରାଧିକ ଭିନ୍ନକ୍ଷମ ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରମାଣପତ୍ର ପ୍ରଦାନ କରାଯିବାକୁ ଦାବି କରିଛି। ଏନେଇ ମଞ୍ଚ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭରେ ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ମନୋଜ ତରାଇ, ସମାଜସେବୀ ସାଲ୍ଲା. କେଶବ ଲିଙ୍ଗମ, ଅଲ୍ ଇଣ୍ଡିଆ ଖେତ ମଜଦୂର କିଶାନ୍ ସଭାର ରାଜ୍ୟ ସମ୍ପାଦକ ନିରାକାର ନାୟକ, ଜିଲ୍ଲା ସଭାପତି ଆଇନଜୀବୀ ଅବନୀ ଗୟାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।




## ଗଜପତିନଗରରୁ ଆହତ ବ୍ଲାକ୍ ବିଟେନ୍ ଉଦ୍ଧାର



ବ୍ରହ୍ମପୁର,୩୧।୧୦(ସମିସ): ସ୍ଥାନୀୟ ଗଜପତିନଗରରୁ ଏକ କଳା ବଗୁଲା ବା ବ୍ଲାକ୍ ବିଟେନ ଆହତ ଅବସ୍ଥାରେ ଉଦ୍ଧାର ହୋଇଛି। ସ୍ଥାନୀୟ ବାସିନ୍ଦା ଏହାକୁ ଦେଖିବା ପରେ ପରିବେଶପ୍ରେମୀ ପି. ଅରବିନ୍ଦ ଦେଶୀବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ପହଞ୍ଚି ଆହତ ପକ୍ଷୀକୁ ଉଦ୍ଧାର କରିଥିଲେ। ଏହା କଳା ବଗୁଲା ପକ୍ଷୀ ଭାରତୀୟ ବନ୍ୟପ୍ରାଣୀ ସୁରକ୍ଷା ଆଇନ-୧୯୭୨ର ସୂଚୀରେ ତାଲିକାଭୁକ୍ତ। ଏହି ପ୍ରଜାତିର ପକ୍ଷୀ ସାଧାରଣତଃ ଏସିଆ, ଅଷ୍ଟ୍ରେଲିଆ ମହାଦେଶ ମାନଙ୍କରେ ଦେଖାଯାଏ। ମୁଖ୍ୟତଃ ଘଞ୍ଚ ଆଦ୍ରଭୂମି ଜଙ୍ଗଲ, ଆଦ୍ରଭୂମି, ହ୍ରଦରେ ଏମାନେ ବସା କରିଥାନ୍ତି। ବ୍ରହ୍ମପୁର ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଏହା ପ୍ରଥମ ଦେଖାଯାଇଛି। ଲାଜକୁଳା ଏବଂ ଏକାନ୍ତ ସ୍ୱଭାବର ହୋଇଥିବାରୁ ଏମାନଙ୍କୁ ଦେଖିବା ବହୁତ ବିରଳ। ବହୁତ କମଥର ଓଡିଶାର ଭିତରକନିକା, ମଙ୍ଗଳାଯୋଡି ଓ ସୋନପୁରରେ ଏହି ପକ୍ଷୀ ଦୃଶ୍ୟମାନ ହୋଇଛି ବୋଲି ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର କହିଛନ୍ତି। ଆଜି ଶ୍ରୀ ପାତ୍ରଙ୍କ ସମେତ ଆଞ୍ଚଳିକ ବିକାଶ ପରିଷଦର ସମ୍ପାଦକ ବିଜେନ୍ଦ୍ର ମାଝୀ, ଅରବିନ୍ଦ ଦେଶୀବେହେରା ଆହତ ପକ୍ଷୀକୁ ଚିକିତ୍ସା କରି ବ୍ରହ୍ମପୁର ବନାଞ୍ଚଳ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ବନରକ୍ଷୀ ଶୁଭାସିନୀ ପ୍ରଧାନ, ଆରତୀ ପାତ୍ରୀ, ଜ୍ୟୋତି ରଞ୍ଜନ ପରିଡା, ପିଙ୍କି ସାହୁ, ଅଶ୍ୱିନୀ ନାହାକ, କିଶୋର ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ୧୨କିଲୋ ଗଞ୍ଜେଇ ଜବତ; ୨ ଗିରଫ



ବ୍ରହ୍ମପୁର,୩୧।୧୦(ସମିସ): ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଗୋପାଳପୁର ଜନକ୍ସନ ନିକଟରେ ୧୨କିଲୋ ଗଞ୍ଜେଇ ସହ ଗୋଟିଏ ବାଇକ୍ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦାରିଙ୍ଗବାଡି ଅଞ୍ଚଳର ପ୍ରଭାତ ଦିଗାଲ ଓ ତୁଇଲା ସୁନାମାଝୀ। ଜବତ ଗଞ୍ଜେଇ ଓ ଗାଡ଼ିର ଆନୁମାନିକ ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଚଢ଼ଉରେ ଏସ୍‌ଆଇ ଅଜିତ କୁମାର ନାୟକ, କପିଳାସ ଭତ୍ରା, ବିବେକାନନ୍ଦ ଖେତି, କୁମୁଦ ପ୍ରଧାନ ଓ ସନ୍ତୋଷ ନାୟକ ସାମିଲ ଥିଲେ।

## ମହିଳାଙ୍କ ବେକରୁ ଚେନ୍ ଲୁଟ୍ ଉଦ୍ୟମ

ବ୍ରହ୍ମପୁର,୩୧।୧୦(ସମିସ): ମନ୍ଦିରରୁ ଘରୁ ଫେରୁଥିବା ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ଉଦ୍ୟମ ହୋଇଛି। ୨ଜଣ ଦୁର୍ବୃତ୍ତ ବାଇକରେ ଆସି ଚେନ ଝାମ୍ପି ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇନାହାନ୍ତି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସିଂ ନିକଟ ବିରଞ୍ଚିନଗର ପ୍ରଥମ ଲାଇନର ବୟସ୍କ ମହିଳା ସନ୍ଧ୍ୟାରାଣୀ ଧର ଗତକାଲି ସକାଳ ୭ଟା ରେ ଘରଠାରୁ ଦୂରରେ ଥିବା ମନ୍ଦିରକୁ ପୂଜା କରିବାକୁ ଯାଇ ଚାଲି ଚାଲି ଫେରୁଥିବା ବେଳେ ୨ଜଣ ଯୁବକ ଏକ ବାଇକରେ ଆସି ପହଞ୍ଚିଥିଲେ। ବାଇକ ଚଳାଉଥିବା ଯୁବକ ମୁଣ୍ଡରେ ହେଲ୍‌ମେଟ ପିନ୍ଧିଥିବା ବେଳେ ପଛରେ ବସିଥିବା ଯୁବକ ଜଣଙ୍କ ମୁଣ୍ଡରେ ଏକ ନାଲି ଟୋପି ପିନ୍ଧିଥିଲେ। ଉଭୟ ସନ୍ଧ୍ୟାରାଣୀଙ୍କ ନିକଟକୁ ଆସି ତାଙ୍କ ବେକରୁ ସୁନା ଚେନ ଝାମ୍ପିବାକୁ ଉଦ୍ୟମ କରିଥିଲେ। ସନ୍ଧ୍ୟାରାଣୀଙ୍କ ସ୍ୱାମୀ ବଡ଼ପାଟି କରିବାରୁ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ଘଟଣାକୁ ନେଇ ସନ୍ଧ୍ୟାରାଣୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ-ଆଇଏଡବ୍ଲ୍ୟୁଏସ୍ ଚୁକ୍ତିପତ୍ର ସ୍ୱାକ୍ଷର

ବ୍ରହ୍ମପୁର,୩୧।୧୦(ସମିସ)




ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ କକ୍ଷରେ ଆଜି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ଆଇଏଡ଼ବ୍ଲୁ ଏସ (ଭାରତୀୟ ନାରୀ ଅଧ୍ୟୟନ ସଂଘ) ସହ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ସ୍ୱାକ୍ଷର ବେଳେ ଆଇଏଡ଼ବ୍ଲୁ ଏସ ପୂର୍ବାଞ୍ଚଳର ସାଧାରଣ ସମ୍ପାଦିକା ମାୟା ଜୋହନ, ସଂଯୋଜିକା ଇସିତା ମୁଖୋପାଧ୍ୟାୟ ରହିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ଆଇକ୍ୟୁଏସିର ଯୁଗ୍ମ ନିର୍ଦ୍ଦେଶକ ଲକ୍ଷ୍ମୀଧର ରାଉତ, କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଏହି ଚୁକ୍ତିପତ୍ର ଆଦାନ ପ୍ରଦାନ କରିଥିଲେ। ଏହି ଚୁକ୍ତିପତ୍ରରେ ଉଭୟ ପକ୍ଷରେ ଶିକ୍ଷାଦାନ, ଉନ୍ନତମାନର ଜ୍ଞାନକୌଶଳ, ଅନଲାଇନ ଓ ଅଫ୍‌ଲାଇନରେ ଭାଗିଦାରୀ ରହିବେ, ସେମିନାର, ୱେବିନାର, ସମ୍ମିଳନୀ ମିଳିତରେ କରିପାରିବେ। ଲିଙ୍ଗ ଉପରେ ଗବେଷଣା ଓ କର୍ମଶାଳା ମିଳିତରେ ଆୟୋଜନ କରିପାରିବେ। ଲିଙ୍ଗ ଅଧ୍ୟୟନ ଉପରେ ଗବେଷଣା ଆଦାନପ୍ରଦାନ, ଲାଇବ୍ରେରୀ ଓ ପରୀକ୍ଷାଗାର ମିଳିତରେ ବ୍ୟବହାର କରିବେ। ଚୁକ୍ତିପତ୍ର ସ୍ୱାକ୍ଷର ଦ୍ୱାରା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଉନ୍ନତମାନର ଜ୍ଞାନକୌଶଳ ଆହରଣ କରି ଭବିଷ୍ୟତ ଉଜ୍ଜଳ ହୋଇପାରିବ ଏବଂ ଏହି ଚୁକ୍ତି ୫ବର୍ଷ ପାଇଁ ହୋଇଥିବା କୁଳପତି ପ୍ରଫେସର ଦାଶ ସୂଚନା ଦେଇଛନ୍ତି।

## ଟ୍ରକ୍ କ୍ରୟ ପରେ ଠକେଇ ଅଭିଯୋଗ

ବ୍ରହ୍ମପୁର,୩୧।୧୦(ସମିସ): ଜଣେ ମାଲିକଙ୍କଠାରୁ ଏକ ଟ୍ରକ୍ କ୍ରୟ କରିବା ପରେ ଠକେଇ ଅଭିଯୋଗ ହୋଇଛି। ଶଙ୍କରପୁର ସାହିର ସୁନୀଲ କୁମାର ପାତ୍ରଙ୍କ ଏକ ୧୪ ଚକିଆ ଟ୍ରକ ରହିଥିଲା। ଗତବର୍ଷ ସେ ଉକ୍ତ ଟ୍ରକକୁ ରମହରି ମହାରଣା ନାମକ ଜଣେ ବ୍ୟକ୍ତିଙ୍କୁ ୨୨ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। କିସ୍ତିରେ ଟଙ୍କା ପରିଶୋଧ କରିବେ ବୋଲି ଉଭୟଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ହେଲେ ରାମହରି ୭ ମାସର ମୋଟ ୧ଲକ୍ଷ ଟଙ୍କା ଦେବାପରେ ଆଉ ଦେଉନଥିବା ସୁନୀଲ ଅଭିଯୋଗ କରିଛନ୍ତି। ଏପରିକି ଟଙ୍କା ମାଗିଲେ ରାମହରି ହତ୍ୟା ଧମକ ଦେଉଥିବା ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗପ୍ରକାରେ ବଡବଜାର ଥାନାରେ ଏକ ମାମଲା ରୁଜୁ ହୋଇଛି।

## ପଥପ୍ରାନ୍ତ ଶୋଭାଯାତ୍ରାରେ ଦୁର୍ନୀତି ନିବାରଣ ସଚେତନତା

ବ୍ରହ୍ମପୁର,୩୧।୧୦(ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଶୁକ୍ରବାର ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ବିରୁଦ୍ଧରେ ସଚେତନତା ସୃଷ୍ଟି ନିମନ୍ତେ ପଥପ୍ରାନ୍ତ ମାଧ୍ୟମରେ ଶୋଭାଯାତ୍ରା ସହିଦ ଲକ୍ଷ୍ମଣ ନାୟକ ସ୍କୁଲ ନିକଟରୁ ବାହାରି ଏମ୍‌କେସିଜି ମେଡିକାଲ ଛକ ଯାଏଁ ପହଞ୍ଚି ସେଠାରୁ ପୁଣି ସହିଦ ଲକ୍ଷ୍ମଣ ନାୟକ ସ୍କୁଲଠାରେ ଶେଷ ହୋଇଥିଲା। ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ପ୍ରଦୀପ ପ୍ରଧାନ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଏହି ସମୟରେ ଏଏସ୍‌ପି ସନ୍ଧ୍ୟାରାଣୀ ସାହୁ, ଡ଼ିଏସ୍‌ପି ଶରତ ଚନ୍ଦ୍ର ସାହୁ, ସବିତା ଅଞ୍ଜଳି ନାୟକ, ସରିତା ତ୍ରିପାଠୀ, ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ନାୟକ, ସୌମ୍ୟକାନ୍ତ ପଣ୍ଡା, ଲିଶାରାଣୀ ସେଠୀ, ଶରତ ଚନ୍ଦ୍ର ପାଠୀ, ଯୁଗଳକିଶୋର ପ୍ରଧାନ, ଏସ୍‌ଆଇ ସନ୍ତୋଷ କୁମାର ଶତପଥୀ ଓ ଏଏସ୍‌ଆଇ ଦୁର୍ଗା ପ୍ରସାଦ ହୋତା ଓ ସନ୍ଦୀପ କୁମାର ରେଡିଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ୧ ତାରିଖରେ ଅର୍ଥାତ ଶନିବାର ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନ ସପ୍ତାହ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ରାଜ୍ୟସ୍ତରୀୟ ଭାରୋତ୍ତୋଳନ: ଗଞ୍ଜାମ ଚାମ୍ପିଅନ

ବ୍ରହ୍ମପୁର,୩୧।୧୦(ସମିସ)

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମର ଭାରୋତ୍ତୋଳନ ପ୍ରଶିକ୍ଷଣ କେନ୍ଦ୍ରରେ ଚାଲିଥିବା ରାଜ୍ୟସ୍ତରୀୟ ଭାରଉତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ୨୦ଟି ଜିଲ୍ଲାରୁ ମୋଟ ୨୫୦ରୁ ଅଧିକ ମହିଳା ଏବଂ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୟୁଥ୍ ଜୁନିଅର ଏବଂ ସିନିୟରରେ ଗଞ୍ଜାମ ଜିଲ୍ଲା ଚାମ୍ପିଅନ୍ ହୋଇଥିବା ବେଳେ ୟୁଥ୍ ଏବଂ ଜୁନିଅର ଢେଙ୍କାନାଳ ରନର୍ସଅପ୍ ହୋଇଛି। ସେହିପରି ଖୋର୍ଦ୍ଧା ସିନିୟରରେ ରନର୍ସଅପ୍ ହୋଇଥିଲା। ଏବଂ ଗଞ୍ଜାମ ଜିଲ୍ଲା ସିନିୟର୍ ବିଭାଗରେ ବେଷ୍ଟ ଲିଫ୍ଟର ହୋଇଛି। ଉଦଯାପନୀ ଉତ୍ସବରେ ଓଡିଶା ଅଲିମ୍ପିକ୍ସ ସଂଘର ସଭାପତି ସମୀର ମହାନ୍ତି, ସ୍ପୋର୍ଟସ ଡାଇରେକ୍ଟର ଡ. ବିଜୟ ଯେଦୁଲା ଯୋଗଦେଇ ସମସ୍ତଙ୍କୁ ପୁରସ୍କୃତ କରିଥଲେ। ବ୍ରହ୍ମପୁର ରେଳ ଷ୍ଟେସନରେ ସମସ୍ତ ଖେଳାଳିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଭାରୋତ୍ତୋଳନର ସଭାପତି ସଚ୍ଚିଦାନନ୍ଦ ଦାସ ଏବଂ ସମ୍ପାଦକ ସୁଧୀର କୁମାର ପାତ୍ର, ଉପ ସଭାପତି ଗାଗରିନ ନାୟକ, କୋଚ କୁରୁମା ରଓ, ବୁଲୁ ସୁବୁଦ୍ଧି, ଦାମିନି ସାହୁ, ସଂଯୁକ୍ତା ସାହୁ, ବିଷ୍ଣୁ ପ୍ରିୟା ନାୟକ, ଓ ଲକ୍ଷ୍ମୀ ଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ବାଘ ଗଣନା ପ୍ରଶିକ୍ଷଣ ଶିବିର



ବ୍ରହ୍ମପୁର,୩୧।୧୦(ସମିସ): ବ୍ରହ୍ମପୁର ବନଖଣ୍ଡରେ ଶୁକ୍ରବାର ବାଘ ଗଣନା ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ(ଆର୍‌ସିସିଏଫ୍)ଙ୍କ କାର୍ଯ୍ୟାଳୟ ବୈଠକ ଗୃହରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ଆର୍‌ସିସିଏଫ୍ ବିଶ୍ୱନାଥ ଏନ୍ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଡିଏଫ୍‌ଓ ସନି ଖୋଖର, ଏସିଏଫ୍ ସସ୍ମିତା ବିଶ୍ୱାଳ ଯୋଗ ଦେଇଥିଲେ। ଶିବିରରେ ପ୍ରଥମେ ଭିଜିଲାନ୍ସ ସପ୍ତାହ ଓ ରାଷ୍ଟ୍ରୀୟ ଏକତା ଦିବସ ପାଇଁ ସମସ୍ତ କର୍ମଚାରୀ ଶପଥ ନେଇଥିଲେ। ଏହାପରେ ବାଘ ଗଣନା ନେଇ ପ୍ରଶିକ୍ଷଣ ନେଇଥିଲେ। ସାମନ୍ତିଆପଲ୍ଲୀ ବନାଞ୍ଚଳ ଅଧିକାରୀ ଏସିଏଫ୍ ମନୋଜ ପାତ୍ର ପ୍ରଶିକ୍ଷକ ଭାବେ ଯୋଗଦେଇ କିପରି ଟ୍ରାଞ୍ଜେକ୍ଟ ଲାଇନ୍, ଟ୍ରେଇଲ୍ ସର୍ଭେ ସପ୍ତାହେ ମଧ୍ୟରେ ସାରିବା ପରେ ୧୫ ଦିନିଆ କ୍ୟାମେରା ଟ୍ରାପ୍ ଓ ଇତି ମଧ୍ୟରେ ମେଗା ହେରବିଭୋର୍ସ ସର୍ଭେ, କାର୍ନିଭୋର୍ସ ସାଇନ ନ ସର୍ଭେ କରିବେ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ୪ଟି ବନାଞ୍ଚଳର ବନପାଳ, ବନରକ୍ଷୀ ଅଂଶଗ୍ରହଣ କରିଥିଲେ। ଏସିଏଫ୍ ମାଣିକେଶ୍ୱରୀ ହଂସଦା ଓ ଦିବ୍ୟ ଶଙ୍କର ବେହେରା, ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ଦିବ୍ୟ ରଞ୍ଜନ ସାହୁ, ବନ୍ୟ ସୋମନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ

# ଜେଲ୍‌ରୁ ମୁକୁଳିଲେ ଆଉ ୧୮ ଚାକିରି ଆଶାୟୀ

ବ୍ରହ୍ମପୁର,୩୧।୧୦(ସମିସ)

ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ୧୧୪ଜଣ ଚାକିରି ଆଶାୟୀଙ୍କୁ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଗୁରୁବାର ୯୪ଜଣ ଆଶାୟୀ ଜେଲରୁ ମୁକୁଳିଥିବା ବେଳେ ଶୁକ୍ରବାର ପୁଣି ୧୮ଜଣ ମୁକୁଳିଛନ୍ତି। ଅବଶିଷ୍ଟ ୨ଜଣଙ୍କ ରିଲିଜ ଅର୍ଡର ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିନଥିବା ଜଣାପଡିଛି। ୧୧୪ଜଣ ଆଶାୟୀଙ୍କୁ ଗୋଳନ୍ଥରା ଥାନା ପୁଲିସ ଗତ ସେପ୍ଟେମ୍ବର ୩୦ ଧରି ସେମାନଙ୍କ ବିରୁଦ୍ଧରେ ପୁଲିସ ପରୀକ୍ଷା ନିବାରଣ ଆଇନର ଧାରା ୨୦୨୩-୧୧୧/୩(୫)/୩୧୮(୪)/୩୧୯(୨)/୩୩୬(୩)/୩୩୮/୩୪୦(୨)/୬୧(୨) ଦଫା ଲଗାଇ ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଏହି ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲେ ହେଁ ଆବଶ୍ୟକ ପ୍ରମାଣପତ୍ର ଯୋଗାଡ଼ କରି ପାରିନଥିଲା। ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଦାଖଲ ସିଡିରେ ମଧ୍ୟ କୌଣସି ଠୋସ୍ ପ୍ରମାଣ ଦେଇପାରିନଥିଲେ। ଯଦ୍ୱାରା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ସମସ୍ତ ଚାକିରି ଆଶାୟୀଙ୍କ ଜାମିନ ଆବେଦନକୁ ମଞ୍ଜୁର କରିଥିଲେ। ବର୍ତ୍ତମାନ ୧୧୪ଜଣଙ୍କ ମଧ୍ୟରୁ ୧୧୨ଜଣ ଚାକିରି ଆଶାୟୀ ସର୍ତ୍ତମୂଳକ ଜାମିନରେ ଜେଲରୁ ମୁକୁଳିଛନ୍ତି। ବର୍ତ୍ତମାନ ଏହି ମାମଲାର ତଦନ୍ତ ଭାର ସିବିଆଇ ହାତରେ ନ୍ୟସ୍ତ କରାଯାଇଛି। ତେଣୁ ସର୍ତ୍ତମୂଳକ ଜାମିନରେ ଥିବା ଆଶାୟୀଙ୍କୁ ସିବିଆଇ ଖୁବଶୀଘ୍ର ଜେରା କରିବ ବୋଲି ଜଣାପଡ଼ିଛି। ସେପଟେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଆଉ ଜଣେ ଗିରଫ ଦଲାଲ୍ ଅରବିନ୍ଦ ଦାସ ଜାମିନ ଆବେଦନ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ନିଯୁକ୍ତି ଜାଲିଆତି ଘଟଣାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି ଫେରାର ରହିଛି।

### ପରୀକ୍ଷା ନିବାରଣ ଦଫା ଲଗାଇଲେ; ହେଲେ ଦେଇପାରିଲେନି ପ୍ରମାଣ

# ଶ୍ରୀକ୍ଷେତ୍ର ସିଟି

୩୧/୧୦/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୯୭,୫୮୭/- ସୁନା: ୦୪.୨୦୦ ଗ୍ରାମ୍ ରୁପା: ୨୪.୩୦୦ ଗ୍ରାମ୍



## ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ



**ପୁରୀ,୩୧ା୧୦(ସମିସ):** ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଶୁକ୍ରବାର ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଯାଇଥିଲା। ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଲୌହ ମାନବଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ ସହ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜକୁ ସମର୍ପିତ କରିବା ନିମିତ୍ତ ଶପଥ ପାଠ କରାଇଥିଲେ। ଏହି ଶପଥ ପାଠରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା, ଆଦ୍ୟାଶା ରଥ, ପ୍ରିୟଦର୍ଶିନୀ ମଲ୍ଲିକ, ଅନୁସ୍ରବ ଗନ୍ତାୟତ, ସହଦେବ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ରାଷ୍ଟ୍ରୀୟ ଏକତା ଦିବସରେ ଏକତା ଦୌଡ଼



**ପୁରୀ,୩୧ା୧୦(ସମିସ):** ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦେଶପ୍ରେମ, ବୀରତ୍ୱ, ସାହସ ଓ ବୁଦ୍ଧିମତା ତାଙ୍କୁ ଚିର ଅମର କରି ରଖିଥିବ ବୋଲି କହିଛନ୍ତି ସାଂସଦ ଡା. ସମ୍ବିତ ପାତ୍ର। ଶୁକ୍ରବାର ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ଜୟନ୍ତୀ ବା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଏକତା ଦୌଡ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡା. ପାତ୍ର ସ୍ୱାଧୀନତା ଆନ୍ଦୋଳନରେ ଲୌହ ମାନବଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ବିଭିନ୍ନ ରାଜା ରାଜୁଡା ଶାସନକୁ ଅଖଣ୍ଡ ଭାରତରେ ଯୋଡିବା ଉଦ୍ୟମ ତାଙ୍କୁ ମହାନ କରିଥିଲା। ୫୬୫ଟି ଏହିଭଳି ରାଜା ଶାସିତ ଅଞ୍ଚଳକୁ ସେ ଭାରତ ବର୍ଷରେ ମିଶାଇଥିଲେ। ତାଙ୍କ ଅବଦାନକୁ କୃତଜ୍ଞ ଦେଶ ସର୍ବଦା ମନେ ରଖିଥିବ ବୋଲି ସେ କହିଥିଲେ। ପରେ ସାଂସଦ ଡା. ପାତ୍ର ପତାକା ଦେଖାଇ ଏହି ଏକତା ଦୌଡର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ସମେତ ବିଭିନ୍ନ କ୍ରୀଡା କୋଚ ଓ କ୍ରୀଡାବିତମାନେ ଯୋଗଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ

**ପୁରୀ,୩୧ା୧୦(ସମିସ):** ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ଋଣ ଓ ବ୍ୟବସାୟ ବିବିଧକରଣ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସମବାୟ ସମିତି ସମୂହ ପୁରୀ ବିଭାଜନର ଉପନିବନ୍ଧକ ସୁନୀତା ପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ସଶକ୍ତ ସମବାୟ, ସୁଦୃଢ଼ ସମାଜ ଓ ସମୃଦ୍ଧ ଜୀବନର ବାର୍ତ୍ତା ନେଇ ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରୁଦ୍ର ପ୍ରସାଦ ଦାସ, ଅଭିଜିତ୍ କୁଲକର୍ଣ୍ଣୀ, ଦୀକ୍ଷା ମଜୁମ୍‌ଦାର, ଅକ୍ଷୟ କୁମାର ଦଳାଇ, ଅନିନ୍ଦିତା ଗୁହା, ସାରଥୀ ଶତପଥୀ, ସସ୍ମିତା ପୃଷ୍ଟି, ସନାତନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆର୍ôଥକ ସମୃଦ୍ଧିରେ ସମବାୟର ଭୂମିକା ରହିଛି। ଏହା ଜନ ଆନ୍ଦୋଳନରେ ପରିଣତ ହୋଇ ଆର୍ôଥକ କ୍ଷେତ୍ରରେ ବହୁ ବ୍ୟକ୍ତିବିଶେଷଙ୍କ ଅଭିବୃଦ୍ଧିରେ ସହାୟକ ହୋଇଛି। ବହୁ ପରିବାର ମୁହଁରେ ହସ ଫୁଟାଇପାରିଛି। ଏହି ଧାରା ଅବ୍ୟାହତ ରଖିବା ପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ୍‌ରୁ ସମବାୟ ଅଧିକାରୀ, ସଭାପତି ଓ ସମ୍ପାଦକଙ୍କ ସମେତ ପୁରୀ ନିମାପଡ଼ା କୋ-ଅପରେଟିଭ୍ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ। ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୧.୫ କିଗ୍ରା ଗଞ୍ଜେଇ ଜବତ, ଜଣେ ଗିରଫ

**ପୁରୀ,୩୧ା୧୦(ସମିସ):** ପୁରୀ ସହରରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ଏହି କ୍ରମରେ କୁମ୍ଭାରପଡ଼ା ଥାନା ପୁଲିସ ୧କିଗ୍ରା ୫୩୫ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଚନ୍ଦନପୁର ଥାନା ସମୟାଜପୁରର ବଳଭଦ୍ର ସାହୁ। ତାଙ୍କଠାରୁ ଏକ ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ବଳଭଦ୍ର ଏକ ଜରି ବ୍ୟାଗ୍‌ରେ ଗଞ୍ଜେଇ ଧରି ଅଠରନଳା ପାର୍କ ନିକଟରେ ଛିଡା ହୋଇଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା କୁମ୍ଭାରପଡ଼ା ଥାନା କର୍ମଚାରୀ ତାଙ୍କୁ କାବୁ କରିଥିଲେ। ତାଙ୍କଠାରୁ ଗଞ୍ଜେଇ ଏବଂ ମୋବାଇଲ ଫୋନ ଜବତ କରି ଥାନାକୁ ଆଣିଥିଲେ। ଏ ନେଇ ଏକ ମାମଲା (ନଂ.୫୧୦/୨୫) ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି ପୁଲିସ।

### ବିଶ୍ୱମ୍ଭର ବିଦ୍ୟାପୀଠରେ 'ଛାୟା ବିଧାନସଭା'

# ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡ଼ା ପ୍ରସଙ୍ଗରେ ତମ୍ବିତୋଫାନ

**ପୁରୀ,୩୧ା୧୦(ସମିସ):** ପବିତ୍ର ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଶୁକ୍ରବାର ପିଏମ୍‌ଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଏକ ଅଭିନବ "ଛାୟା ବିଧାନସଭା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥିରେ ଶାସକ ଓ ବିରୋଧୀ ଦଳର ନେତା ଭାବେ ଅଂଶଗ୍ରହଣ କରି ସାମ୍ପ୍ରତିକ ସମସ୍ୟାବଳୀ ଉପରେ ଏକ ଜୀବନ୍ତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ କିଛି ସମୟ ପାଇଁ ବାସ୍ତବ ବିଧାନସଭାର ଭ୍ରମ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବର୍ତ୍ତମାନ ସମୟର ବିଭିନ୍ନ ଜ୍ୱଳନ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବିଶେଷକରି ରାଜ୍ୟର ନୂତନ ଶିକ୍ଷା ନୀତି, ସ୍କୁଲ ସୁରକ୍ଷା, ସରକାରୀ ଡାକ୍ତରଖାନାର ସ୍ଥିତି ଏବଂ ଜଳବାୟୁ ପରିବର୍ତ୍ତନ ଜନିତ ପରିବେଶ ସମସ୍ୟା ଉପରେ ଗୃହ ସରଗରମ ହୋଇଉଠିଥିଲା। ବିରୋଧୀ ଦଳର ଭୂମିକାରେ ଥିବା ଛାତ୍ର ନେତାମାନେ ତଥ୍ୟଭିତ୍ତିକ ପ୍ରଶ୍ନ ଉଠାଇ ଶାସକ ଦଳ ଉପରେ "ପ୍ରଶ୍ନ ବାଣ' ବର୍ଷଣ କରିଥିଲେ। ସ୍କୁଲମାନଙ୍କରେ ସୁରକ୍ଷା ଅବ୍ୟବସ୍ଥାଠାରୁ ଆରମ୍ଭ କରି ସହରାଞ୍ଚଳ ସ୍ୱାସ୍ଥ୍ୟ ସେବାର ଦୁର୍ବଳତା ପର୍ଯ୍ୟନ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଅପରପକ୍ଷେ ଶାସକ ଦଳର ଛାତ୍ର ମନ୍ତ୍ରୀମାନେ ମଧ୍ୟ ଧୈର୍ଯ୍ୟର ସହ ସମସ୍ତ ପ୍ରଶ୍ନର ଉତ୍ତର ରଖି, ନିଜ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ସଫଳତା ବିଷୟରେ ଗୃହକୁ ଅବଗତ କରାଇଥିଲେ। ବାଚସ୍ପତିଙ୍କ ନିର୍ଦ୍ଦେଶ, ବିରୋଧୀଙ୍କ ଗଠନମୂଳକ ସମାଲୋଚନା ଏବଂ ଶାସକ ଦଳର ସ୍ପଷ୍ଟୀକରଣ ମଧ୍ୟରେ ସମଗ୍ର ପରିବେଶ ଏକ ପ୍ରକୃତ ଗଣତାନ୍ତ୍ରିକ ପୀଠର ରୂପ ନେଇଥିଲା। ପିଲାମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ନେତୃତ୍ୱ ନେବାର ଦକ୍ଷତା ଏବଂ ସାମ୍ପ୍ରତିକ ସମସ୍ୟା ଉପରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।



### ସୃଷ୍ଟି ହେଲା ବାସ୍ତବ ଗୃହର ପରିବେଶ

ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସକ୍ରିୟ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଏହି ପ୍ରୟାସକୁ ଅଭିଭାବକ ମହଲରେ ବେଶ୍ ପ୍ରଶଂସା କରାଯାଇଛି।

### ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ବୈଠକ

## ଦୁର୍ନୀତିର ଗନ୍ତାଘର ପାଲଟିଛି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

**ପୁରୀ,୩୧ା୧୦(ସମିସ):** ମା' ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ବୈଠକ ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କର୍ମଚାରୀମାନେ କହିଥିଲେ, ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି। ପେନ୍‌ସନଭୋଗୀ ଶିକ୍ଷକ କର୍ମଚାରୀମାନେ ଲାଞ୍ଚ ନ ଦେଲେ କୌଣସି କାର୍ଯ୍ୟ ହେଉନାହିଁ। ବର୍ଷବର୍ଷ ଧରି ଫାଇନାଲ ପେନ୍‌ସନ ହେଉନାହିଁ। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ବାରମ୍ବାର ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ପେନ୍‌ସନ ପେପର ଠିକରେ ପଠାଯାଉ ନ ଥିବାରୁ ଶିକ୍ଷକମାନେ ୨-୩ବର୍ଷରେ ଫାଇନାଲ ପେନ୍‌ସନ ପାଇପାରୁନାହାଁନ୍ତି। ଦରମାରୁ କଟାଯାଇଥିବା ଭବିଷ୍ୟନିଧି ପାଣ୍ଠି ମିସିଙ୍ଗ କ୍ରେଡିଟ ଟଙ୍କା ପାଇଁ ଦରଖାସ୍ତ କରାଯାଇଥିଲେ ମଧ୍ୟ ଲେଖା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟକୁ ପଠା ନ ଯାଇ ମାସମାସ ଧରି ପକାଇ ରଖାଯାଉଛି। ନକଲି ସାର୍ଟିଫିକେଟ ଦେଇ ଚାକିରି କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିକା ରାଜ୍ୟ ସରକାରଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଶିକ୍ଷା ବିଭାଗକୁ ଦିଆଯାଉନାହିଁ। ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ କାର୍ଯ୍ୟ କରାଯାଉଛି ବୋଲି ସଙ୍ଗଠନର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି। ଏହାର ବିରୋଧ ପୂର୍ବକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରାଯିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ବେହେରା ଓ ସଭାପତି ଶ୍ରୀ ମିଶ୍ର କହିଛନ୍ତି। ବୈଠକରେ ପ୍ୟାରୀମୋହନ ପଟ୍ଟନାୟକ, ସନ୍ତୋଷ କୁମାର ମହାନ୍ତି, ମନୋଜ କୁମାର ସାମନ୍ତରାୟ, ବ୍ରହ୍ମାନନ୍ଦ ଦାସ, ନିରଞ୍ଜନ ପତି, ମିନତୀ ଓତା, ଆଶାଲତା ପ୍ରଧାନ, ଅଞ୍ଜଳି ରଥ, ବାଇଧର ଜେନା, ରମେଶ ଚନ୍ଦ୍ର ପଣ୍ଡା, ବିଜୟ କୁମାର ପଣ୍ଡା, ସୁରେନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରମେଶ ଚନ୍ଦ୍ର ବଳିୟାରସିଂହ ସଭା ପରିଚାଳନା କରିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ପୁରୀ,୩୧ା୧୦(ସମିସ):** ତାଳବଣିଆ ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ଡ୍ରେନ୍‌ରେ ପଡ଼ିଥିବାବେଳେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣଙ୍କ ହେଲେ ସିଦ୍ଧମହାବୀର ଅଞ୍ଚଳର ଜିତେନ୍ଦ୍ର ମହାପାତ୍ର। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ଜିତେନ୍ଦ୍ର ସିଦ୍ଧମହାବୀର ଦାଦାବାଡ଼ି ଅଞ୍ଚଳରେ ଏକ ଡ୍ରେନ୍‌ରେ ପଡ଼ିଥିଲେ ବୋଲି କୁହାଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରାଯାଇଥିଲା ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ତାଙ୍କ ପରିବାର ପକ୍ଷରୁ ତାଳବଣିଆ ଥାନାରେ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଥାନାଧିକାରୀ କହିଛନ୍ତି, ଜିତେନ୍ଦ୍ରଙ୍କ ମୃତ୍ୟୁ ନେଇ ତାଙ୍କ ପରିବାର ପକ୍ଷରୁ ଏତଲା ଦିଆଯାଇଛି। ସେ ଡ୍ରେନ କଡ଼ ରାସ୍ତାରେ ପଡିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ତାଙ୍କର କିପରି ମୃତ୍ୟୁ ଘଟିଛି ଏହାର ତଦନ୍ତ କରି ସତ୍ୟାସତ୍ୟ ବାହାର କରିବାକୁ ପରିବାର ପକ୍ଷରୁ ଏତଲା ଦିଆଯାଇଥିବା ଥାନାଧିକାରୀ କହିଛନ୍ତି।

## ଶହୀଦ ଜୟୀ ରାଜଗୁରୁ ଥିଲେ ସାହସ ଓ ବୀରତ୍ୱର ପ୍ରତୀକ



**ପୁରୀ,୩୧ା୧୦(ସମିସ):** ଶହୀଦ ଜୟୀ ରାଜଗୁରୁ ସାହସ, ଶୌର୍ଯ୍ୟ ଓ ଅଦମ୍ୟ ବୀରତ୍ୱର ପ୍ରତୀକ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜୟୀ ରାଜଗୁରୁଙ୍କ ଜନ୍ମସ୍ଥାନ ବୀର ହରେକୃଷ୍ଣପୁର ଛକ ନିକଟସ୍ଥ ପ୍ରତିମୂର୍ତ୍ତି ଓ ବୀର ହରେକୃଷ୍ଣପୁର ଗ୍ରାମରେ ଥିବା ଜୟୀ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ଶୁକ୍ରବାର ଅଁଳା ନବମୀ ତିଥିରେ ଶହୀଦଙ୍କ ଜନ୍ମ ଦିବସ ଅବସରରେ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଜୟୀ ରାଜଗୁରୁଙ୍କ ସ୍ମୃତିଚାରଣ କରି ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସଦର ଥାନାଧିକାରୀ ସୁନିଲ କୁମାର ପ୍ରଧାନ, ଏବିଡିଓ ମନୋଜ କୁମାର ବେହେରା, ବୀରହରେକୃଷ୍ଣପୁର ଗ୍ରାମ କମିଟି ସଭାପତି ଭାସ୍କର ନାରାୟଣ ରଥ, ସମ୍ପାଦକ ପ୍ରକୃତି ମିଶ୍ର, ଉପ ସଭାପତି ପ୍ରକାଶ ଚନ୍ଦ୍ର ରଥ, ସଦସ୍ୟ ଅଜୟ ତ୍ରିପାଠୀ, ହରିଶଙ୍କର ମିଶ୍ର, ଦେବୀ ପ୍ରସାଦ ମହାପାତ୍ର, ରାଜେଶ ରଥ, ରବି ନାରାୟଣ ମିଶ୍ର, ଆଶୁତୋଷ ମିଶ୍ର, ହିମାଂଶୁ ମିଶ୍ର, ସତ୍ୟଜିତ ତ୍ରିପାଠୀ, ବିଷ୍ଣୁ ପ୍ରସାଦ ମିଶ୍ର, ଶକ୍ତି ପ୍ରସାଦ ମିଶ୍ର ପ୍ରମୁଖ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ମାଲ୍ୟାର୍ପଣ ଓ ସ୍ମୃତିଚାରଣ କରିଥିଲେ। ପୂର୍ବରୁ ପୁରୀ ରେଳ ଷ୍ଟେଶନଠାରେ ଥିବା ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ଶ୍ରୀ ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ।

## ଇନ୍ଦିରାଙ୍କ ନେତୃତ୍ୱ ଭାରତକୁ ବିଶ୍ୱରେ ଅଗ୍ରଣୀ ରାଷ୍ଟ୍ରର ମାନ୍ୟତା ଦେଇଥିଲା

**ପୁରୀ,୩୧ା୧୦(ସମିସ):** ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଇନ୍ଦିରା ଭବନରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୪୧ତମ ବଳିଦାନ ଦିବସ ଓ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା।

ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଦେଶ ମାତୃକା ପ୍ରତି ଅଦମ୍ୟ କାର୍ଯ୍ୟକ୍ରମ ତଥା ଦୃଢ ନେତୃତ୍ୱ ଭାରତକୁ ସାମରିକ ତଥା ଅର୍ଥନୈତିକ ଏବଂ ସାମାଜିକ ଉତ୍ତରଦାୟୀତ୍ୱ ରାଷ୍ଟ୍ର ଭାବେ ବିଶ୍ୱରେ ଏକ ଅଗ୍ରଣୀ ରାଷ୍ଟ୍ରର ମାନ୍ୟତା ପ୍ରଦାନ କରିଥିଲା। ଆମେରିକାର ଚାପକୁ ଭ୍ରୂକ୍ଷେପ ନ କରି ଭାରତରେ ଆଣବିକ ପରୀକ୍ଷଣ କରି ବିଶ୍ୱ ନେତୃତ୍ୱଙ୍କୁ ଚକିତ କରିଦେଇଥିଲେ। ସେହିପରି ପାକିସ୍ତାନର ଅତ୍ୟାଚାର ବିରୁଦ୍ଧରେ ସ୍ୱତନ୍ତ୍ର ବାଂଲାଦେଶ ଗଠନ କରି ବାଙ୍ଗଲାଦେଶର ଅଧିବାସୀମାନଙ୍କୁ ନ୍ୟାୟ ପ୍ରଦାନ କରିଥିଲେ। ସେ ଜଣେ ମହିଳା ହୋଇ ଏପରି ବଳିଷ୍ଠ ଏବଂ ଦୃଢ ନେତୃତ୍ୱ ପାଇଁ ଅଟଳ ବିହାରୀ ବାଜପେୟୀ ତାଙ୍କୁ ମା ଦୁର୍ଗା ରୂପେ ସଂସଦରେ ଅଭିଭାଷଣରେ ଅଭିହିତ କରିଥିଲେ। ସେହିପରି ସର୍ଦ୍ଦାର ବଲ୍ଲଭ ଭାଇଙ୍କ ଜୀବନାଦର୍ଶନ ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଉତ୍ତମ ଆଚାର୍ଯ୍ୟ, ବିଶ୍ୱନାଥ ଦାଶ, ସରସ୍ୱତୀ ପାତ୍ର, କାଳୀ ପ୍ରସାଦ ନାୟକ, ବିଦ୍ୟୁତଲତା ଆଚାର୍ଯ୍ୟ, ବିଭୁଦତ୍ତ ମିଶ୍ର, ସିତାକାନ୍ତ ମହାନ୍ତି, ରାଜା ମହାନ୍ତି, ଅବିନାଶ ମିଶ୍ର, ଅମରେନ୍ଦ୍ର ପାଇକରାୟ, ରଜତ ସାହୁ, ସ୍ୱାଧୀନ କୁମାର ପଣ୍ଡା, ସୁକାନ୍ତ କୁମାର ପ୍ରଧାନ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ସୌମ୍ୟକାନ୍ତ ପ୍ରଧାନ, ଉମାକାନ୍ତ ବେହେରା, ଦୁର୍ଗାପ୍ରସାଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।




ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ଦିଲ୍ଲୀରେ ଅନୁଷ୍ଠିତ ଅନ୍ତଃରାଷ୍ଟ୍ରୀୟ ଆର୍ଯ୍ୟ ମହାସମ୍ମିଳନୀରେ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ବାଲୁକା କଳା ତିଆରି କରିଛନ୍ତି।

## ହାପିନେସ୍ ଫାଉଣ୍ଡେସନ୍‌ର ସେବା ଶିବିର

**ପୁରୀ,୩୧ା୧୦(ସମିସ):** ପବିତ୍ର ଅଁଳା ନବମୀରେ ସାକ୍ଷୀଗୋପାଳସ୍ଥିତ ଶ୍ରୀଗୋପାଳଜୀ ମନ୍ଦିରରେ ରାଧାପାଦ ଦର୍ଶନ ଅବସରରେ ହାପିନେସ୍ ଫାଉଣ୍ଡେଶନ ତରଫରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଭୁଷି, ନାଣ୍ଡି ବଗୁଲି ଓ ମିଶ୍ରି ଆଦିରେ ପ୍ରସ୍ତୁତ ସର୍ବତ ବଣ୍ଟନ କରାଯାଇଛି। ଏହି ବ୍ୟବସ୍ଥା ୨୦ ହଜାର ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ କରାଯାଇଥିଲା। ଏହି ସେବାରେ ଅନୁଷ୍ଠାନର ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସାମିଲ ଥିଲେ। ସେହିପରି ଶ୍ରଦ୍ଧାଳୁଙ୍କୁ ଖରାରୁ ରକ୍ଷା ଦେବା ପାଇଁ ଅନୁଷ୍ଠାନ ତରଫରୁ ଜଳ ସିଞ୍ଚନ କରୟାଇଥିଲା। ମନ୍ଦିର ପରିସର ସଫେଇ କରାଯାଇ ପଡ଼ିଥିବା ପ୍ଲାଷ୍ଟିକ ବୋତଲ ଓ ଦୀପଗୁଡିକ ବାହାରକୁ କଢାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ପ୍ରଦୀପ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ଶମ୍ଭୁ ମହାନ୍ତି, ସଂଯୋଜକ ଟି. ମନୋଜ କୁମାର ପ୍ରଧାନ, ମାନସ ବେହେରା, ନରେଶ ଚନ୍ଦ୍ର ପାଲ୍, ଯଜ୍ଞବ୍ରତ ମହାରଣା ଓ ସଂଯୋଜିକା ମାମିନା ପ୍ରଧାନ, ବିଷ୍ଣୁପ୍ରିୟା ସାହୁ, ଚିନ୍ମୟୀ ଲେଙ୍କା, ରୋଜାଲିନ ସାହୁ, ଆରତୀ ନାୟକ, ସଦସ୍ୟ ଶକ୍ତିପ୍ରସାଦ ଦାଶ, ଚନ୍ଦନ ମହାପାତ୍ର, ନଳିନୀକାନ୍ତ ମିଶ୍ର, ଆଲୋକ ବିଶ୍ୱାସ, ରାକେଶ ପରିଡ଼ା, ପ୍ରିତମ ଦାସ, ସୁଶାନ୍ତ ଜେନା, ଯଯାତ କେଶରୀ ନାୟକ, ସୁଜାତା ସାହୁ, ସୋନାଲି ସାହୁ, ସ୍ୱର୍ଣ୍ଣ ଶ୍ରୋତା ପ୍ରିୟଦର୍ଶିନୀ ମୁଦୁଲି କାର୍ଯ୍ୟକ୍ରମ ସୁପରିଚାଳନା କରିବାରେ ସହଯୋଗ କରିଥିଲେ।



## ସଦାଶିବ ପରିସରରେ ଦୁର୍ନୀତି ନିବାରଣ ଶପଥ ପାଠ

**ପୁରୀ,୩୧ା୧୦(ସମିସ):** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଶୁକ୍ରବାର ଦୁର୍ନୀତି ନିବାରଣ ସପ୍ତାହ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାପାତ୍ର ଯୋଗଦେଇ ସତ୍ୟ ନିଷ୍ଠାର ସଂସ୍କୃତି ହିଁ ରାଷ୍ଟ୍ରର ସମୃଦ୍ଧି। ଏହି ମନ୍ତ୍ରକୁ ପାଥେୟ କରି ସମାଜରୁ ଦୁର୍ନୀତି ନିବାରଣ ପାଇଁ ସାଧାରଣ ଜନତାଙ୍କୁ ଶିକ୍ଷା ଦେବା ଲକ୍ଷ୍ୟରେ ସାରା ଭାରତରେ ବର୍ଷରେ ସଚେତନତା ସପ୍ତାହ ପାଳନ କରାଯାଏ ବୋଲି କହିଥିଲେ। ଏଥିସହ ପରିସରର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ କାର୍ଯ୍ୟାଳୟ କର୍ମଚାରୀମାନଙ୍କୁ ଦୁର୍ନୀତି ନିବାରଣର ଶପଥପାଠ କରାଇଥିଲେ। ଏଥିରେ ଧର୍ମଶାସ୍ତ୍ର ବିଭାଗର ବିଭାଗ ମୁଖ୍ୟ ପ୍ରଫେସର ଲଳିତ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଫେସର ଗୌରପ୍ରିୟା ଦାଶ।

ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ଡ. ସନ୍ଦିପ ଚାଟାର୍ଜୀ ଓ ଅଧ୍ୟାପିକା ପଦ୍ମଜା ଶତପଥୀ ମଞ୍ଚ ପରିଚାଳନା କରିଥିଲେ।





# ଭୁବନେଶ୍ୱର ସିଟି

## ଚାକିରିରୁ ତଡ଼ା ଖାଇବା ପରେ ପ୍ରତିଶୋଧ

# ଡକାୟତି ଯୋଜନା କରି ଡ୍ରାଇଭର୍ ସମେତ ୮ ଗିରଫ

ଭୁବନେଶ୍ୱର, ୩୧।୧୦(ସମିସ): ପ୍ରତିଶୋଧ ନେବା ପାଇଁ କମ୍ପାନୀରୁ ତଡ଼ା ଖାଇଥିବା ଡ୍ରାଇଭର ଚରିଥିଲା ଡକାୟତି ଯୋଜନା। ଶେଷରେ ପୁଲିସ ତଦନ୍ତ କରି ୨ ଡ୍ରାଇଭର ସମେତ ୮ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲ୍ଲା କୋଦଳାର ସାଗର କୁମାର ସାହୁ, ଶାସ୍ତ୍ରନଗରର ହର୍ଷ ରାଉତ, ପୁରୁଷୋତ୍ତମପୁର ବିପିନ୍ ବେହେରା, କାଳୁଚରଣ ପ୍ରଧାନ, ପୁରୁଣା ଭୁବନେଶ୍ୱରର ନିରଞ୍ଜନ ନନ୍ଦ, ରାଜେନ୍ଦ୍ର ରାଉତ, ରମାକାନ୍ତ ପାତ୍ର ଏବଂ ବିଶିକେଷନ ସ୍ୱାଇଁ। ସେମାନଙ୍କ ଠାରୁ ପୁଲିସ ଏକ ଖେଳନା ବନ୍ଧୁକ, ୭୦ ହଜାର ଟଙ୍କା, ଗୋଟିଏ କାର ଏବଂ ୭ଟି ମୋବାଇଲ୍ ଫୋନ୍‌କୁ ଜବତ କରିଛି।

ପୁଲିସ ସୂଚନା ଅନୁସାରେ, ନୂଆପଲ୍ଲୀ ଉତ୍ତି ନର୍ସିଂ ହୋମ୍ ପାଖରେ ଫର୍ଟିସ କେମିକାଲ ପ୍ରାଇଭେଟ ଲିମିଟେଡ୍ ନାମରେ ଏକ କମ୍ପାନୀ ରହିଛି। ଏହି କମ୍ପାନୀରେ ପୂର୍ବରୁ କାମ କରୁଥିବା ଡ୍ରାଇଭର ରମାକାନ୍ତକୁ କମ୍ପାନୀ ବିଦା କରିଥିଲା। ମନମୁଖୀ କାର୍ଯ୍ୟ କରିବା କାରଣ ପାଇଁ ତାଙ୍କୁ ବିଦା କରିବା ପରେ ନୂଆ ଡ୍ରାଇଭର ଭାବେ ନିରଞ୍ଜନକୁ କମ୍ପାନୀ ରଖିଥିଲେ। ହେଲେ ନିରଞ୍ଜନର କାମ ସେହିପରି ରହିବାରୁ ତାଙ୍କୁ ମଧ୍ୟ କମ୍ପାନୀ ବିଦା କରି ଦେଇଥିଲା। ଉଭୟ ଡ୍ରାଇଭର କମ୍ପାନୀରେ ଡିଲ ହେଉଥିବା ଟଙ୍କା କାରବାର ସମ୍ପର୍କରେ ଜାଣିଥିଲେ। ଏପରିକି ନଗଦ କ୍ୟାସ୍ କେଉଁଠି ରହୁ ତାହା ମଧ୍ୟ ଜାଣିଛନ୍ତି। ତେଣୁ ଦୁଇ ଜଣ ଡ୍ରାଇଭର ମିଶିଯିବା ପରେ ଏହି ଡକାୟତି ପାଇଁ ଯୋଜନା କରିଥିଲେ। ଏଥିଲାଗି ବିଶିକେଶନକୁ



ଖେଳନା ବନ୍ଧୁକ, ଟଙ୍କା ଓ କାର୍ ଜବତ

ଯୋଜନା ସମ୍ପର୍କରେ କହିଥିଲେ। ସେ ଗ୍ରାମର କିଛି ପିଲାଙ୍କୁ ନେଇ ଡକାୟତି ପାଇଁ ଯୋଜନା କରିଥିଲେ। ଗତ ୩ ତାରିଖ ସନ୍ଧ୍ୟା ପ୍ରାୟ ୦୭.୩୦ ସମୟରେ ସେମାନେ କମ୍ପାନୀ ପରିଚାଳକ କୌଶଳ କୁମାର ସିଂହଙ୍କୁ ଅନୁସରଣ କରିଥିଲେ। ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ କମ୍ପାନୀ ଅଫିସ୍‌ରେ ପ୍ରବେଶ କରିଥିଲେ। ଉପରୋକ୍ତ ଦୁଇ ଜଣ ଦୁର୍ବୃତ୍ତ ଗେଟ୍ ଭିତରକୁ ପ୍ରବେଶ କରି ଆରଟିଆଇରୁ ଆସିଥିବା ମ୍ୟାନେଜରଙ୍କୁ କହିଥିଲେ। ଏହି ସମୟରେ କୌଶଳ ତାଙ୍କ ମୋବାଇଲ୍ ବାହାର କରିବାକୁ ଚେଷ୍ଟା କରିଥିଲେ, ଏଥିରେ ସେମାନେ ଚାବି ଏବଂ ମୋବାଇଲ୍ ଛଡ଼ାଇ ନେଇଥିଲେ। ସେମାନେ କୌଶଳଙ୍କୁ ବାହାରେ ଅପେକ୍ଷା କରିଥିବା ଧଳା କାରରେ ସେମାନଙ୍କ ସହିତ ଯିବାକୁ ଅନୁରୋଧ କଲେ। ଯେତେବେଳେ କୌଶଳ ପଛ ସିଟରେ ବସିଲେ। ଜଣେ ଡ୍ରାଇଭର ଏବଂ ପଛ ସିଟ୍‌ରେ ଥିବା ଜଣେ ବ୍ୟକ୍ତି ଏକ ପିସ୍ତଲ ରଖି ଅଧା ଓଡ଼ିଆ ଅଧା ହିନ୍ଦୀ ଗାଳିଗୁଲଜ କରିବାକୁ ଲାଗିଲେ। କିଛି ଦୂର ଯିବା ପରେ ସେମାନେ ଗାଡ଼ି ଅଟକାଇ କାହା ସହିତ ଫୋନ୍‌ରେ କଥାବାର୍ତ୍ତା କରିବାକୁ ଲାଗିଲେ। କିଛି ସମୟ ପରେ ସେମାନେ କୌଶଳଙ୍କୁ ଅଫିସ୍ ଏବଂ କମ୍ପାନୀକୁ ଫେରାଇ ଆଣିଲେ। ଫେରିବା ପରେ ଦେଖିଥିଲେ ଯେ, ବାହାର ହଲ ଲାଇଟ୍ ବନ୍ଦ ଥିଲା ବେଳେ କେବଳ ତୃତୀୟ କୋଠରୀ ଭିତରେ ଲାଇଟ୍ ଜଳୁଥିଲା। ଆଉ ୩ ଜଣ ବ୍ୟକ୍ତି ଅଫିସ୍ ଏବଂ ଗେଷ୍ଟ ହାଉସ୍ ଭିତରେ ଥିଲେ। ସେମାନଙ୍କ ମଧ୍ୟରୁ ଚାରି ଜଣ ମାସ୍କ ପିନ୍ଧିଥିଲେ ଏବଂ ଜଣେ ମାସ୍କ ବିନା ଥିଲେ। କୌଶଳଙ୍କୁ ଭିତର କୋଠରୀକୁ ନେଇ ମାଡ଼ ମାରିବା ଆରମ୍ଭ କଲେ ଏବଂ ଟଙ୍କା କେଉଁଠାରେ ରଖାଯାଇଛି ତାହା ପଚାରିଥିଲେ। ଏହି ସମୟରେ କର୍ମଚାରୀ ମୋହିତ ମିଶ୍ର କମ୍ପାନୀକୁ ଆସିଲେ। କିଛି ସନ୍ଦେହ ନକରି ଭିତରକୁ ପ୍ରବେଶ କଲେ। ତାଙ୍କୁ ମଧ୍ୟ ଧରି ସେହି କୋଠରୀକୁ ନେଇଗଲେ ଏବଂ ଜଣେ ଦୁର୍ବୃତ୍ତ ପିସ୍ତଲ ମଧ୍ୟ ଦେଖାଇଲେ। ଜଣେ ବ୍ୟକ୍ତି ପିସ୍ତଲ ଧରି ଜଗି ରହିଥିଲେ, ଅନ୍ୟମାନେ ସମ୍ପୂର୍ଣ୍ଣ ଅଫିସ୍ ଏବଂ ଗେଷ୍ଟ ହାଉସ୍ ଭାଙ୍ଗିବା ଆରମ୍ଭ କଲେ। ସେମାନେ ଟଙ୍କା କେଉଁଠାରେ ଅଛି ତାହା ପଚାରିଲେ ଏବଂ ପୁଣି ମାଡ଼ ମାରିଥିଲେ। ଏହାର କିଛି ସମୟ ପରେ ୩ଲକ୍ଷ ଟଙ୍କା, ଲାପ୍‌ଟପ, ମୋବାଇଲ୍, ପର୍ସ୍ ଏବଂ ଏଟିଏମ୍ କାର୍ଡ ନେଇ ସମସ୍ତଙ୍କୁ ବାଥରୁମ୍‌ରେ ପୁରାଇ ପଳାଇ ଯାଇଥିଲେ।

# ବିଏମ୍‌ସିର ଅଙ୍ଗୀକାର-୨୦୨୫ ଓ ଗୃହ ପ୍ରବେଶ



ଭୁବନେଶ୍ୱର, ୩୧।୧୦(ସମିସ): ବିଏମ୍‌ସି ପକ୍ଷରୁ ଅଙ୍ଗୀକାର-୨୦୨୫ ଓ ଗୃହ ପ୍ରବେଶ କାର୍ଯ୍ୟକ୍ରମ ରଙ୍ଗମାଟିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ପକ୍ଷରୁ ସମଗ୍ର ଦେଶ ବ୍ୟାପି ପାଳିତ ହେଉଛି ଅଙ୍ଗିକାର-୨୦୨୫। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମିଶନ-"ସମସ୍ତଙ୍କ ପାଇଁ ପକ୍କା ଘର' ଅଭିଯାନର ଏହି କାର୍ଯ୍ୟକ୍ରମ ହେଉଛି ଅଂଶସ୍ୱରୂପ। ଏହି କ୍ରମରେ ୯ ନମ୍ବର ୱାର୍ଡର ଜାପାନୀ ନାୟକ ଓ ଇନ୍ଦ୍ରମଣି ପରିଡ଼ା, ୬୦ ନମ୍ବର ୱାର୍ଡ ବାସିନ୍ଦା ତିଲୋତ୍ତମା ଦାସ, ୬୪ ନମ୍ବର ୱାର୍ଡର ତବରକ୍ ଖାନଙ୍କୁ ନବ ନିର୍ମିତ ଗୃହ ଚାବି ପ୍ରଦାନ ସହ ୯ ନମ୍ବର ୱାର୍ଡର ଅନ୍ୟତମ ବାସିନ୍ଦା କଳ୍ପନା ନାୟକଙ୍କୁ ଗୃହ ପ୍ରବେଶ କରାଯାଇଥିଲା। ସମସ୍ତ ଅତିଥିଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଅର୍ବାନ ୨.୦ରେ ନିର୍ମିତ ଗୃହରେ ସପରିବାରେ ପ୍ରବେଶ କରିଥିଲେ। ସାଧାରଣ ଲୋକଙ୍କୁ ସରକାରଙ୍କର ବିଭିନ୍ନ ଯୋନଜା ସମ୍ପର୍କରେ ଅବଗତ କରାଇବା ପାଇଁ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇଥିଲା। ଅତିଥିମାନେ ଏହି ସବୁ ଷ୍ଟଲ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଲମ ସେଟଲମେଣ୍ଟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ମହାମାୟା ସ୍ୱାଇଁ, ସ୍ଥାନୀୟ କର୍ପୋରେଟର ସୁଷମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କେନାଲରେ ବୁଡ଼ି ବରିଷ୍ଠ ନାଗରିକ ମୃତ

ବାଲିଅନ୍ତା, ୩୧।୧୦(ସମିସ): ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ମୁଦୁଲି ସାହିର ବଇ ମୁଦୁଲି (୮୫) ଶୁକ୍ରବାର ସକାଳେ ଗୋପ ବ୍ରାଞ୍ଚ କେନାଲକୁ ଶୌଚ ହେବାକୁ ଯାଇଥିବା ବେଳେ ଭାସି ଯାଇଥିଲେ। ବଇ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ବହୁ ଖୋଜା ଖୋଜି କରିଥିଲେ। ହେଲେ ତାଙ୍କର କିଛି ପତ୍ତା ମିଳିନଥିଲା। ୧ ଘଣ୍ଟା ପରେ ସିଙ୍ଗଡ଼ା ଭୋଇ ସାହି ନିକଟରେ ବଇଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପାଇ ପରିବାର ଲୋକେ ପହଞ୍ଚି ବଇଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଅନ୍ତା ଥାନା ପୁଲିସ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ଜବତ କରିଥିଲା। ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା




ଭୁବନେଶ୍ୱର, ୩୧।୧୦(ସମିସ): ଅକ୍ଟୋବର ୨୭ ତାରିଖରୁ ନଭେମ୍ବର ୨ତାରିଖ ଯାଏ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ପାୱାର ହାଉସ ଛକ ଠାରୁ ବାହାରି କଳିଙ୍ଗ ଷ୍ଟାଡିୟମ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସରକାରୀ ଅଧିକାରୀ ଓ ଜନସାଧାରଣଙ୍କ ମଧ୍ୟରେ ଲାଞ୍ଚ ନେବା ଓ ଦେବା ଏକ ଦଣ୍ଡନୀୟ ଅପରାଧ ସମ୍ପର୍କରେ ସଚେତନତା ସୃଷ୍ଟି ସ୍ୱରୂପ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନର ଅଂଶ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ନିର୍ଦ୍ଦେଶକ ଯଶୋବନ୍ତ କୁମାର ଜେଠୱା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ଦେଢ଼ ହଜାର ଛାତ୍ରଛାତ୍ରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌଶଳ, ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଆରକ୍ଷୀ ଅଧିକ୍ଷକ ସରୋଜ କୁମାର ସାମଲ, ୟୁକୋ ବ୍ୟାଙ୍କ ଯୋନାଲ ମୁଖ୍ୟ ଭଗୱତ ସିଂ ଭାକୁନି, ୟୁକୋ ବ୍ୟାଙ୍କର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

# ଜାତୀୟ କମିସନରଙ୍କୁ ଭେଟିଲା ଖଣ୍ଡାୟତ କ୍ଷତ୍ରୀୟ ପାଇକ ମହାସଂଘ

ଭୁବନେଶ୍ୱର, ୩୧।୧୦(ସମିସ): ଖଣ୍ଡାୟତଙ୍କୁ କେନ୍ଦ୍ରୀୟ ପଛୁଆବର୍ଗ ଶ୍ରେଣୀଭୁକ୍ତ କରିବା ପାଇଁ ନିଖିଳ ଓଡ଼ିଶା ଖଣ୍ଡାୟତ କ୍ଷତ୍ରୀୟ ପାଇକ ଓ ଚଷା ମହାସଂଘ ପକ୍ଷରୁ ସ୍ମାରକପତ୍ର ଜାତୀୟ କମିଶନରଙ୍କ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହୀରଙ୍କ ସମେତ ସଭ୍ୟ ଭବନ ଭୂଷଣ କମାଲ ଓ କମିଶନ ସଚିବ ମୀତା ରାଜିବଲୋଚନଙ୍କୁ ରାଜ୍ୟ ଅତିଥି ଭବନଠାରେ ପ୍ରଦାନ କରାଯାଇଛି। ମହାସଂଘର ସ୍ଥାୟୀ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପରାମର୍ଶକ୍ରମେ, ଏକ ସ୍ମାରକପତ୍ର କରାଯାଇଥିଲା। 'ଖଣ୍ଡାୟତ' ସମାଜର ସାମାଜିକ, ରାଜନୈତିକ, ଅର୍ଥନୈତିକ ସ୍ଥିତି ତଥା ଶିକ୍ଷା, ଐତିହ୍ୟ, ସଂସ୍କୃତି ଓ ପରମ୍ପରା ବିଷୟକୁ ଉପସ୍ଥାପନ କରିଥିଲେ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ଛୋଟରାୟ।

# ଏଆଇଟିୟୁସିର ୧୦୬ ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୩୧।୧୦(ସମିସ): ଭାରତର ସର୍ବ ପ୍ରଥମ ଟ୍ରେଡ଼ ୟୁନିୟନ ସଙ୍ଗଠନ ଏଆଇଟିୟୁସି ଶ୍ରମିକ ଶ୍ରେଣୀ ସଂଘର୍ଷରେ ଅସୀମ ତ୍ୟାଗ, ଆତ୍ମବଳୀଦାନର ୧୦୬ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଠାରେ ପାଳିତ ହୋଇଯାଇଛି। ନେହେରୁ ପାର୍କଠାରେ ଏଆଇଟିୟୁସି ଜିଲ୍ଲା ସଭାପତି ସୁର ଜେନା ଲାଲ୍ ପତାକା ଉତ୍ତୋଳନ କରିଥିଲେ। ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଏଆଇଟିୟୁସିର ବିଗତ ୧୦୫ ବର୍ଷରେ ଶ୍ରମିକ ଶ୍ରେଣୀ ସଂଘର୍ଷରେ ଏଆଇଟିୟୁସିର ତ୍ୟାଗ, ନିଷ୍ଠା ଓ ବଳିଦାନର ଗୌରବୋଜ୍ଜ୍ୱଳ ଇତିହାସର ସୂଚନା ଦେଇ ଶ୍ରମିକଶ୍ରେଣୀ ଉପରେ ଡବଲ ଇଞ୍ଜିନ ସରକାରଙ୍କ ଆକ୍ରମଣକୁ ଶ୍ରମିକ ଆନ୍ଦୋଳନ ହିଁ ମୁକାବିଲା ଏବଂ ଶ୍ରମିକ ଏକତା ବୃଦ୍ଧି ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜଧାନୀ ଅଟୋ ଚାଳକ ସଂଘର କାର୍ତ୍ତିକ ଭୁଜବଳ, ସୂର୍ଯ୍ୟକାନ୍ତ ସାମନ୍ତରାୟ, ଇଷ୍ଟ କୋଷ୍ଟ ରେଲୱେ ପୋର୍ଟର୍ସ ୟୁନିୟନର ଶିବ ବେହେରା, ପଞ୍ଚାନନ ସାହୁ, ଗନ୍ଧର୍ବ ବେହେରାଙ୍କ ସମେତ ସକ୍ରିୟ ସଦସ୍ୟମାନେ ଯୋଗ ଦେଇଥିଲେ।

# ନାବାଳକକୁ ସଂଘବଦ୍ଧ ଆକ୍ରମଣ; ୭ ଗିରଫ

ଧଉଳି, ୩୧।୧୦(ସମିସ): ଜଣେ ନାବାଳକକୁ ସଂଘବଦ୍ଧ ହୋଇ ମାରପିଟ୍ କରିବା ଓ ତାର ଭିଡ଼ିଓ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ମାହାଙ୍ଗା ପଡ଼ିଛି। ନମିତା ମଲ୍ଲିକଙ୍କ ଲିଖିତ ଅଭିଯୋଗ ଆଧାରରେ ଧଉଳି ଥାନା ପୁଲିସ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଧଉଳି ଥାନା ଅଧୀନ ଶିଶୁପାଳଗଡ଼ ଅଞ୍ଚଳର ସତ୍ୟଜିତ ମଲ୍ଲିକ, କାଣ୍ଡି



ସାହିର ବିଶ୍ୱନାଥ କାଣ୍ଡି ଓ ରାଜା ନାଇକ, ସରଦେଇପୁର ଗ୍ରାମର ଶୁଭ୍ରଜିତ ପ୍ରଧାନ, କୁଶୁପଦା ଗ୍ରାମର ଜସ୍ମିନ ଭୋଇ, ପିପିଲି ଥାନା ପୁବାଶାସନ ଗ୍ରାମର ସ୍ୱରୂପ ପ୍ରକାଶ ତ୍ରିପାଠୀ ଏବଂ ବାଲିପାଟଣା ଥାନା ଝିଣ୍ଟିଶାସନ ଗ୍ରାମର ସିବୁନା ବେହେରା। ଏହି ମାମଲାରେ ଜଣେ ନାବାଳକଙ୍କୁ କାବୁ କରି ଜୁଭେନାଇଲ ଜଷ୍ଟିସ ବୋର୍ଡଙ୍କ ନିକଟରେ ହଜାର କରାଯାଇଛି। ଅଭିଯୋଗ ଅନୁଯାୟୀ ୧୪ ବର୍ଷୀୟ ନାବାଳକ ପରିବାର ସହ ଧଉଳି ଥାନା ଅନ୍ତର୍ଗତ କୃଷ୍ଣପୁରରେ ରୁହନ୍ତି। ସେ ଧଉଳି ପାହାଡ଼କୁ ବୁଲିବା ପାଇଁ ଯାଉଥିବା ସମୟରେ ବସ୍ ଷ୍ଟାଣ୍ଡ ନିକଟରେ ଅନ୍ୟ ଜଣେ ନାବାଳକ ତାଙ୍କୁ କୌଣସି ଏକ କାରଣକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଯାହାକୁ ନେଇ ସେଠାରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା ଏବଂ ପରସ୍ପର ମଧ୍ୟରେ ମାରଧର ମଧ୍ୟ ହୋଇଥିଲା। ତା ପରଦିନ ଅଭିଯୁକ୍ତ ବିଶ୍ୱନାଥ କାଣ୍ଡିଙ୍କ ନେତୃତ୍ୱରେ ଅନ୍ୟ ୬ଜଣ ଅଭିଯୁକ୍ତ ନାବାଳକଙ୍କୁ ଧଉଳି ପାହାଡ ନିକଟସ୍ଥ ଏକ ପାନ ଦୋକାନ ନିକଟରୁ ଅପହରଣ କରିନେଇ ପାମସରା କେନାଲବନ୍ଧ ନିକଟକୁ ନେଇଯାଇଥିଲେ ଏବଂ ତାଙ୍କୁ ସେଠାରେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିବା ସହ ଘଟଣାର ଭିଡିଓ କରି ଭାଇରାଲ କରିଥିଲେ। ଏହା ବ୍ୟତୀତ, ପୋଲିସ ନିକଟରେ ଅଭିଯୋଗ କଲେ ସେମାନେ ତାଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ମଧ୍ୟ ଦେଇଥିଲେ। ଘଟଣା ଦିନଠାରୁ ପ୍ରଦୀପ ଚୁପ୍ ରହିବା ସହ କାହାକୁ କିଛି ଜଣାଇ ନ ଥିଲେ। କିନ୍ତୁ ଗତ ୩୦ ତାରିଖରେ ଅଭିଯୋଗକାରିଣୀ ସରଦେଇପୁର ବଜାରକୁ ଯାଇଥିବା ବେଳେ, ସେଠାରେ ତାଙ୍କ ସମ୍ପର୍କୀୟଙ୍କ ଠାରୁ ଘଟଣାର ଭିଡିଓ ଦେଖିବାକୁ ପାଇଥିଲେ। ପରେ ସେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୁଲିସ ଏହି ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧଉଳି ଥାନା ଅଞ୍ଚଳରୁ କାବୁ କରିଥିଲେ। ପଚରାଉଚରା ବେଳେ, ଅଭିଯୁକ୍ତମାନେ ନିଜର ଦୋଷ ସ୍ୱୀକାର କରିଥିଲେ। ଏହି ମାମଲାର ବର୍ତ୍ତମାନ ଅଧିକ ତଦନ୍ତ ଚାଲୁ ରହିଛି।

# ଯୁବଶ ି କୁ ସଶ କରିବା ପାଇ ତ୍ରିଶାଙ୍କର ନଆ ଅଭିଯାନ ଟିଏଏସି



ଭୁବନେଶ୍ୱର, ୩୧।୧୦(ସମିସ): ବର୍ତ୍ତମାନ ସମୟରେ ଯେତେବେଳେ ନୂଆ ପିଢ଼ି ଶୈଶବକୁ ଗଢ଼ି ତୋଳିବାରେ ସମସ୍ତେ ବ୍ୟସ୍ତ। ସେମାନଙ୍କର ଭବିଷ୍ୟତ କଣ ହେବ ଏ ନେଇ ସମସ୍ତେ ଚିନ୍ତିତ ସେହି ସମୟରେ ଏକ ବ୍ୟତିକ୍ରମ ସାମନାକୁ ଆସିଥିଲା। ଧୀରୁଭାଇ ଅମ୍ବାନୀ ଇଣ୍ଟରନ୍ୟାସନାଲ ସ୍କୁଲର ଷୋହଳ ବର୍ଷୀୟ ଛାତ୍ରୀ ତ୍ରିଶା ରୂପାନୀ ଉଦ୍ୟୋଗ, ଟିଜ୍ ଫର୍ ଏ କଜ୍ (ଟିଏଫ୍‌ଏସି) ଆରମ୍ଭ କରିଛନ୍ତି। ଯାହା ଯୁବପିଢ଼ିଙ୍କ ଦ୍ୱାରା ପରିଚାଳିତ ଏକ ଅଭିଯାନ। ଟିଏଫ୍‌ଏସି ଦିନେ ଏକ ଆନ୍ତଃ ସ୍କୁଲ ପ୍ରତିଯୋଗିତାରେ ଏକ ଷ୍ଟାର୍ଟ ଅପ୍ ଭାବେ ଉଭା ହୋଇଥିଲା। ଯାହା ଦୁଇବର୍ଷର ନିରବଚ୍ଛିନ୍ନ ଉଦ୍ୟମ ପରେ ଆଜିର ସମୟରେ ଏହା ସମଗ୍ର ଦେଶର ଯୁବପିଢ଼ିଙ୍କୁ ଏଥିରେ ଯୋଡ଼ିବାର ଗୌରବ ଅର୍ଜନ କରିଛି। ନିଜର ପାଠପଢ଼ା ସହିତ ସନ୍ତୁଳନ ରକ୍ଷା କରି ତ୍ରିଶା ଏହା ସଫଳତାର ସହ କରି ଦେଖାଇଛନ୍ତି ଏବଂ ପ୍ରମାଣ କରିଛନ୍ତି ଯେ ନିଜର ପାଠପଢ଼ା ସହିତ ସ୍ୱପ୍ନକୁ ବି ସାକାର କରାଯାଇ ପାରେ।

# ଓୟୁଟିଆରରେ ନିଯୁକ୍ତି ପାଇବାର କଳା ଆଲୋଚନାଚକ୍ର



ଭୁବନେଶ୍ୱର, ୩୧।୧୦(ସମିସ): ଓୟୁଟିଆରର ସ୍କୁଲ ଅଫ୍ ମେକାନିକାଲ ସାଇନ୍ସ ଦ୍ୱାରା 'ନିଯୁକ୍ତି ପାଇବାର କଳା' ବିଷୟରେ ଏକ ବିଶେଷ ଆଲୋଚନା ସଭା ଆୟୋଜିତ ହୋଇଯାଇଛି। ଏହି ସଭାରେ ପୋଲାଣ୍ଡରୁ ଆସିଥିବା ବିଶିଷ୍ଟ ଅତିଥି ମୋନିକା ସିଏନିକ ଓ ଚେକ୍ ରିପବ୍ଲିକର ମାରେକ ବେର୍କା ନିଜ ଅନୁଭବ ଓ ଜ୍ଞାନ ବାଣ୍ଟିଥିଲେ। ସେମାନେ ନିଯୁକ୍ତି ଜଗତରେ ସଫଳ ହେବା ପାଇଁ ଆବଶ୍ୟକ ଦକ୍ଷତା, ସଠିକ୍ ସିଭି ତିଆରି ଓ ସାକ୍ଷାତକାର କୌଶଳ ବିଷୟରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ସଭାରେ ଓୟୁଟିଆରର ବିଭିନ୍ନ ବିଭାଗର ବିଟେକ ଓ ଏମବିଏ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନେ କ୍ୟାରିୟର ଗଢିବାର ବିଭିନ୍ନ ଉପାୟ ଓ ବୈଶ୍ୱିକ ନିଯୁକ୍ତି ବିଷୟରେ ବହୁମୂଲ୍ୟ ତଥ୍ୟ ଜାଣିବାକୁ ପାଇଛନ୍ତି। ଏହି ଆଲୋଚନା ସଭା ଛାତ୍ରଛାତ୍ରୀଙ୍କ ମନୋଭାବକୁ ପ୍ରେରିତ କରି ନିଯୁକ୍ତି ଜଗତରେ ସଫଳ ହେବା ପାଇଁ ନୂତନ ଦିଗ ଦେଇଥିଲା।

# ପର୍ବତନ ପୁଲିସ ଅ କାରୀ କାଶୀନା ପାତ୍ରଙ୍କ ପରଲୋକ



ଭୁବନେଶ୍ୱର, ୩୧।୧୦(ସମିସ): ପୂର୍ବତନ ପୁଲିସ ଅଧିକାରୀ ତଥା ସମାଜସେବୀ ଏବଂ ହରିରାଜପୁର ମେଳଣ କମିଟିର ପୂର୍ବତନ ସଦସ୍ୟ କାଶୀନାଥ ପାତ୍ରଙ୍କ ବ୍ରେନ ଷ୍ଟ୍ରୋକ ଯୋଗୁଁ ଶୁକ୍ରବାର ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ଅବସର ପରେ ସେ ସାମାଜିକ କାର୍ଯ୍ୟକଳାପ ପ୍ରାୟତଃ ଜନ୍ମମାଟି ଗାଁରେ ସାଂସ୍କୃତିକ ଏବଂ ସମାଜ ସେବାର ନେତୃତ୍ୱ ନେଉଥିଲେ। ପତ୍ନୀଙ୍କ ସମେତ ସ୍ୱର୍ଗତ ପାତ୍ରଙ୍କର ତିନି ଝିଅ ଓ ଦୁଇ ପୁଅ ଅଛନ୍ତି। ସେ କିଛି ଦିନ ହେଲାଣି ଶଯ୍ୟାଶାୟୀ ହୋଇ ପଡ଼ିଥିଲେ। ହରିରାଜପୁର ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ବଡ଼ ପୁଅ ସଂଗ୍ରାମ କେଶରୀ ପାତ୍ର ମୁଖାଗ୍ନି ଦେଇଥିଲେ। ଶେଷଶଯ୍ୟା ନିକଟରେ ଝିଅ ସସ୍ମିତା, ଦୁଇ ପୁଅ ସଂଗ୍ରାମ ଓ ସମର, ଜ୍ୱାଇଁ, ନାତି, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ସ୍ୱର୍ଗତ ପାତ୍ର ହେଉଛନ୍ତି ସ୍ତମ୍ଭକାର ଓ ସମାଜବିଜ୍ଞାନୀ ଅବଶ ପରିଡ଼ାଙ୍କ ମଉସା।


# ଆସୁଛି ୫ ହଜାର ଛେଳି, ୫ ଲକ୍ଷ କୁକୁଡ଼ା

ଭୁବନେଶ୍ୱର, ୩୧।୧୦(ସମିସ): କାର୍ତ୍ତିକ ମାସରେ ଅଧିକାଂଶ ଲୋକେ ଆମିଷ ଖାଇ ନ ଥାନ୍ତି। ମାସ ସାରା ଆମିଷ ନଖାଇ କାର୍ତ୍ତିକ ପୂର୍ଣ୍ଣିମା ପରଦିନ ଛାଡ଼ଖାଇ ପାଳନ କରିଥାନ୍ତି। ଏହି ଦିନରେ ଘରେ ଘରେ ଆମିଷ ସମେତ ଭୋଜିର ମଧ୍ୟ ଆୟୋଜନ ହୋଇଥାଏ। ତେବେ ଚଳିତବର୍ଷ ଗୁରୁବାର ଛାଡ଼ଖାଇ ପଡୁଥିବାରୁ ଶୁକ୍ରବାର ସହରର ପ୍ରତ୍ୟେକ ଆମିଷ ବଜାରରେ ଭିଡ଼ ହେବ ବୋଲି ବ୍ୟବସାୟୀମାନେ କହିଛନ୍ତି। ଏଥିପାଇଁ ମାଛ, ମାଛ, ଚିକେନ୍, ମଟନ୍ ଆଦି ବରାଦ ଦେଇଛନ୍ତି। ଚଳିତ ବର୍ଷ ଛାଡ଼ଖାଇ ପାଇଁ ପ୍ରାୟ ୫ ହଜାର ଛେଳି, ଲକ୍ଷାଧିକ କୁକୁଡା ଆମଦାନୀ ପାଇଁ ବରାଦ ହୋଇଥିବା ଜଣାପଡ଼ିଛି।

ଧର୍ମର ମାସରେ ଅନେକ ଲୋକେ ଆମିଷ ବର୍ଜନ କରି ନିରାମିଷ ଖାଦ୍ୟ ଖାଇଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇ ପରଦିନ ଆମିଷ ଖାଇଥାନ୍ତି। ଚଳିତ ବର୍ଷ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ପଡ଼ିଥିବା ବେଳେ ପରଦିନ ଆମିଷ ଉପରେ ଚାହିଦା ରହିଥାଏ। ତେବେ ଶନିବାର ଅନେକ ଲୋକେ ଆମିଷ ଖାଇ ଛାଡ଼ଖାଇ ପାଳନ କରିଥାନ୍ତି ସମସ୍ତେ। ତେବେ ଏଥର ଗୁରୁବାର ଛାଡ଼ଖାଇ ପଡୁଥିବାରୁ ଅନେକଙ୍କ ଘରେ ଆମିଷ ରୋଷେଇ ତ ଦୂରର କଥା ମହିଳାମାନେ ଆମିଷ ଛୁଇଁ ନ ଥାନ୍ତି। ତେଣୁ ଏଥର ଛାଡ଼ଖାଇ ଶୁକ୍ରବାର ପାଳନ କରିବେ ବୋଲି ବ୍ୟବସାୟୀମାନେ କହିଛନ୍ତି। ଏଥିପାଇଁ ୧୦ଦିନ ଆଗରୁ ମାଛ, କୁକୁଡ଼ା, ଛେଳି ପାଇଁ ବ୍ୟବସାୟୀମାନେ ବରାଦ ଦେଇଥିବା ଜଣାପଡ଼ିଛି। ଗ୍ରାହକଙ୍କ ଚାହିଦାକୁ ଲକ୍ଷ୍ୟ କରି ରାଜ୍ୟ ତଥା ରାଜ୍ୟ ବାହାରୁ ଛେଳି ଆମଦାନୀ ସହ ପୂର୍ବଭଳି ଆନ୍ଧ୍ରରୁ ମାଛ ବରାଦ ହୋଇଛି। ମାସ ସାରା ଆମିଷ ଛାଡ଼ି ଥିବା ଲୋକେ ପ୍ରଥମେ ମାଛ ଖାଇବା ପରେ ଅନ୍ୟାନ୍ୟ ଆମିଷ ଖାଇବା ଉପରେ ଅନେକ ବିଶ୍ୱାସ କରନ୍ତି। ତେଣୁ ଛାଡ଼ଖାଇରେ ମାଛ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ବ୍ୟବସାୟୀମାନେ ମତ ଦେଇଛନ୍ତି। ଆନ୍ଧ୍ରରୁ ରୋହି ମାଛ ସମେତ ବିଭିନ୍ନ ପ୍ରକାର ମାଛ ଆମଦାନୀ କରାଯିବା ସହ ଚିଲିକା, ବାଲେଶ୍ୱର, ଧାମରା, ପାରାଦୀପ ଆଦି ସ୍ଥାନରୁ କଙ୍କଡ଼ା, ଚିଙ୍ଗୁଡ଼ି ଆମଦାନୀ ପାଇଁ ବରାଦ ହୋଇଛି। ପୂର୍ବପେକ୍ଷା ୫ଗୁଣ ଅଧିକ ମାଛ ଆମଦାନୀ କରାଯାଇଥିବା ଜୟ ଯବାନ ମତ୍ସ୍ୟ ସଂଘର ସାଧାରଣ ସମ୍ପାଦକ ଏସ୍‌କେ ତସ୍‌ବୀର କହିଛନ୍ତି। ସେହିପରି ପିପିଲି, ଖୋର୍ଦ୍ଧା, କଟକ ଆଦି ସ୍ଥାନରୁ ୫ଲକ୍ଷ କୁକୁଡ଼ା ଅଣାଯିବାର ଯୋଜନା ରହିଛି ବୋଲି ୟୁନିଟ୍-୪ ଚିକେନ୍ ଆସୋସିଏସନ୍ ପକ୍ଷରୁ କୁହାଯାଇଥିବା ବେଳେ ରାଜଧାନୀକୁ ୫ ହଜାରରୁ ଅଧିକ ଛେଳି ଆମଦାନୀ କରାଯିବାର ଯୋଜନା ରହିଥିବା ଖାସି ମାଂସ ବ୍ୟବସାୟୀ ସଂଘ ପକ୍ଷରୁ କୁହାଯାଇଛି। ତେବେ ଛାଡ଼ଖାଇ ଦିନ ଆମିଷ ଦରରେ କୌଣସି ପରିବର୍ତ୍ତନ ହେବନି କିମ୍ବା ଦର ବୃଦ୍ଧି କରାଯିବ ନାହିଁ ବୋଲି ଆସୋସିଏସନ୍ ପକ୍ଷରୁ କୁହାଯାଇଛି।



ଗୁରୁବାର ମାଡ଼ଖାଇବ; ଶୁକ୍ରବାର ଛାଡ଼ ଭିଡ଼



# ଶିଳ୍ପୀଙ୍କ ପାଇଁ ସୁଯୋଗ ନାହିଁ କି ପ୍ରୋତ୍ସାହନ

■ ଅନ୍ୟ ରାଜ୍ୟ ଏବଂ ଦେଶରେ ଆସୁଛି ଅଧିକ ଅର୍ଡର
■ ବିକ୍ରି ପାଇଁ ବିଦେଶ ପଠାଉଛନ୍ତି କଳାକୃତି

ଭୁବନେଶ୍ୱର, ୩୧।୧୦(ସମିସ): ବର୍ତ୍ତମାନ ସମୟରେ ଚିତ୍ରକଳା ତଥା ଭାସ୍କର୍ଯ୍ୟ କଳା, ସ୍ଥାପତ୍ୟ କଳା, ହସ୍ତଶିଳ୍ପ ଏବଂ ସେରାମିକ୍ ଆଦି ଚାହିଦା ବଢୁଥିବା ଦେଖିବାକୁ ମିଳୁଛି। ଏହିସବୁ କଳା ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ମଧ ଦେଇଛି। ହେଲେ ଆଜିର ସମୟରେ ଆମ ରାଜ୍ୟର କଳା ସଂସ୍କୃତିକୁ ବଞ୍ଚାଇ ରଖିଥିବା ସେହି ଶିଳ୍ପୀମାନେ ଅଣଦେଖା ହୋଇ ରହି ଯାଉଛନ୍ତି। ଯେଉଁମାନେ ଜୀବିକା କରି ନାଁ କମେଇ ପାରୁଛନ୍ତି, ସେମାନେ ମଧ ନିଜ ଚିତ୍ରକଳାକୁ ଅନ୍ୟ ରାଜ୍ୟ ବା ଦେଶରେ ବିକ୍ରି କରିବା ପସନ୍ଦ କରୁଛନ୍ତି।



ରାଜଧାନୀରେ ୩ଟି ସରକାରୀ ଚିତ୍ରକଳା ଶିକ୍ଷାନୁଷ୍ଠାନ ରହିଥିବା ବେଳେ ପାଖାପାଖି ୧୫ଟି ଘରୋଇ ଚିତ୍ରକଳା ଶିକ୍ଷାନୁଷ୍ଠାନ ରହିଛି। ଯେଉଁଠି ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର କଳାର ତାଲିମ ନେଉଛନ୍ତି। ପ୍ରତିବର୍ଷ ଏହି ଅନୁଷ୍ଠାନଗୁଡିକରୁ ମୋଟ ୩ ଶହରୁ ୪ ଶହ ପିଲା ପାଖାପାଖି ନାମ ଲେଖାଉଛନ୍ତି। ବିଧିବଦ୍ଧ ଭାବରେ ପାଠ ମଧ ପଢୁଛନ୍ତି। ହେଲେ ପଢ଼ା ସରିବା ପରେ ତାକୁ ବେଶୀ ଦିନ ଯାଏଁ ଜୀବିକା କରି ରଖିପାରୁ ନାହାନ୍ତି। ତ ଆଉ କିଛି ଶିଳ୍ପୀ ନିଜ ଜୀବିକା ନିର୍ବାହ ପାଇଁ ବାହାର ରାଜ୍ୟ ତଥା ଦେଶକୁ ନିଜ କଳାକୃତି ବିକ୍ରି ପାଇଁ ପଠାଉଛନ୍ତି।

ଏନେଇ କିଛି ଶିଳ୍ପୀଙ୍କ ମତରେ ପାଠପଢ଼ାପରେ ଚିତ୍ରଶିଳ୍ପୀ, ଡିଜାଇନର, ଆର୍ଟ ହିଷ୍ଟୋରିଆନ, ଭାସ୍କର୍ଯ୍ୟ ଶିଳ୍ପୀ, ଶିକ୍ଷକ ବା ପ୍ରଶିକ୍ଷକ, ଫ୍ରି ଲ୍ୟାନ୍ସିଙ୍ଗ ଶିଳ୍ପୀ ଭଳି ବିକଳ୍ପ ଥଲେ ମଧ ଏଥିରେ ସମସ୍ୟା ସାଜୁଛି ନିଯୁକ୍ତି ବା ସରକାରୀ ପ୍ରୋତ୍ସାହନର ଅଭାବ। ବର୍ତ୍ତମାନ କିଛି ମାତ୍ରାରେ ସରକାରୀ କାର୍ଯ୍ୟରେ ଶିଳ୍ପୀଙ୍କୁ ନିୟୋଜିତ କରାଯାଉଥିଲେ ହେଁ ତାହା ଯଥେଷ୍ଟ ହେଉ ନାହିଁ। ତେଣୁ କିଛି ଶିଳ୍ପୀ ପେସା ବଦଳାଉଛନ୍ତି ତ ଆଉ କିଛି ନିଜ କଳାକୃତିକ ଦୁବାଇ, ଅଷ୍ଟ୍ରେଲିଆ, ଆମେରିକା ଭଳି ଦେଶରେ ବିକ୍ରି ପାଇଁ ପଠାଉଛନ୍ତି। କାରଣ ସେଠାରେ ଓଡ଼ିଶା ଅପେକ୍ଷା ସେହିସବୁ କଳାକୃତିର ଅଧିକ ଚାହିଦା ଏବଂ ନିୟମିତ ଅର୍ଡର ରହୁଛି।

## କାହା ମୁହଁରେ କେଉଁ କଥା



ଗତ କିଛିବର୍ଷ ମଧ୍ୟରେ ଆଗ ଅପେକ୍ଷା କଳା କ୍ଷେତ୍ରରେ ବିକାଶ ହେଉଥିବା ଦେଖିବାକୁ ମିଳୁଛି। ଅଧିକାଂଶ ଘର ସାଜସଜ୍ଜା ପାଇଁ ମଧ ପେଣ୍ଟିଂ ହେଉ କିମ୍ବା ଟେରାକୋଟା ଏବଂ ସେରାମିକ୍ କଳାକୃତିକୁ କିଣୁଛନ୍ତି। ହେଲେ ଓଡ଼ିଶାର ଲୋକଙ୍କ ମଧ୍ୟରେ ଚିତ୍ରକଳା ଏବଂ ଅନ୍ୟ କଳାକୃତି ଆଦିର ଚାହିଦା ଅନ୍ୟ ରାଜ୍ୟ କିମ୍ବା ଦେଶ ତୁଳନାରେ ଟିକେ କମ୍ ଦେଖିବାକୁ ମିଳିଥାଏ। ଅନ୍ୟପଟେ ବାହାର ରାଜ୍ୟରେ ଓଡ଼ିଶାର କଳା ପ୍ରତି ଅଧିକ ଚାହିଦା ଓ ଅର୍ଡର ଆସେ। ତେଣୁ ଶିଳ୍ପୀ ସେଠାରେ ବିକ୍ରି କରିବା ସ୍ୱାଭାବିକ କଥା। ସରକାର ଯଦି ଶିଳ୍ପୀମାନଙ୍କୁ ରାଜ୍ୟରେ ଅଧିକ ନିଯୁକ୍ତିର ସୁଯୋଗ ଦେବେ, ଅଧିକ କଳା ପ୍ରଦର୍ଶନୀ ଆୟୋଜିତ କରିବେ ଏବଂ ଶିକ୍ଷା କ୍ଷେତ୍ରରେ ଅସ୍ଥାୟୀ ବଦଳରେ ସ୍ଥାୟୀ ନିଯୁକ୍ତି ବଢ଼ାଇବେ ତେବେ ରାଜ୍ୟର ଏହି ଶିଳ୍ପୀମାନଙ୍କୁ ଜୀବିକା ଗଢିବାରେ ସୁବିଧା ହୋଇପାରନ୍ତା।

-ପ୍ରଫେସର ଚନ୍ଦନ ସାମଲ, ଧଉଳି ଆର୍ଟ କଲେଜ



ଆମ ରାଜ୍ୟରେ ଚିତ୍ରକଳା ବା ଅନ୍ୟ କଳାକୃତି ସଂଗ୍ରାହକ ଏବଂ ଫ୍ରଂଶସକଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ କମ। ତଥାପି କରୋନା ପରଠାରୁ ଚାହିଦା ଆଗ ଅପେକ୍ଷା କିଛି ପରିମାଣରେ ବଢ଼ିଛି। ହେଲେ ଯେଉଁଭଳି ଭାବେ ଏହାର ପ୍ରଚାର ପ୍ରସାର ହେବା କଥା, ତାହା ସଠିକ୍ ଭାବେ ହୋଇପାରୁ ନାହିଁ। ଫଳରେ ଲୋକ କଳାକୃତିଗୁଡିକୁ କିଣିବାକୁ ଏତେ ଆଗ୍ରହୀ ହେଉନାହାନ୍ତି। ତେଣୁ ସେମାନେ କୌଣସି ପ୍ରଦର୍ଶନୀରେ ଏକ ଆର୍ଟ ପିସ ଦେଖିଥାନ୍ତି ତାର ମୂଲ୍ୟ ଶୁଣି ଟିକେ ପଛାଇଥାନ୍ତି। ସେହି କଳାକୃତିକୁ ଯେତେବେଳେ ଅନ୍ୟ ରାଜ୍ୟ କି ଦେଶରେ ବିକ୍ରି ହୁଏ, ସେଠାକାର ଲୋକ ମୂଲ୍ୟ ଅପେକ୍ଷା କଳାକୁ ଗୁରୁତ୍ୱ ଦିଆନ୍ତି। ପରବର୍ତ୍ତୀ ସମୟରେ ସେମାନେ ନିୟମିତ ଅର୍ଡର ମଧ କରନ୍ତି। ରାଜ୍ୟର କଳା ସଂସ୍କୃତିକୁ ପରିଚିତ କରାଉଥିବା ଶିଳ୍ପୀ ଏବଂ କଳା ପ୍ରଚାର ପ୍ରସାର କରିବା ଆବଶ୍ୟକ।

-ଶିଳ୍ପୀ ଭବାନୀ ଶଙ୍କର, ଖଲିକୋଟ ଆର୍ଟ କଲେଜର ପୁରାତନ ଛାତ୍ର

● ଐତିହାସିକ ବାଲିଯାତ୍ରା କଟକ - ୨୦୨୫

## ଗଡ଼ଗଡ଼ିଆ ଘାଟରୁ କଳିଙ୍ଗ ତରଙ୍ଗିଣୀର ଶୁଭାରମ୍ଭ



କଟକ, ୩୧।୧୦(ସମିସ): ଐତିହାସିକ ବାଲିଯାତ୍ରା କଟକ ୨୦୨୫ ପାଇଁ ଆଉ ମାତ୍ର ୪ ଦିନ ରହିଥିବାବେଳେ ଆଜି ମହାନଦୀର ଗଡ଼ଗଡ଼ିଆ ଘାଟଠାରେ କଳିଙ୍ଗ ତରଙ୍ଗିଣୀର ଶୁଭାରମ୍ଭ କରାଯାଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନସଚିବ ଅନୁ ଗର୍ଗ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ମିତ ଏହି ନୂତନ ବୋଇତର ଶୁଭାରମ୍ଭ କରିଛନ୍ତି। ପାରମ୍ପରିକ ରୀତିମତେ ପୂଜାର୍ଚ୍ଚନା କରାଯାଇ ବୋଇତର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ କିରନଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା ଓ ଜିଲ୍ଲାର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପ୍ରେମ ବ୍ୟାପାରକୁ ନେଇ ଯୁବକଙ୍କ ଆତ୍ମହତ୍ୟା ସନ୍ଦେହ

ଭୁବନେଶ୍ୱର, ୩୧।୧୦(ସମିସ): ଖାରବେଳନଗର ଥାନା ଅଞ୍ଚଳରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଯୁବକ ହେଲେ ଜଗତସିଂହପୁରର ବିକ୍ରମ ପ୍ରଧାନ। ପୁଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ପ୍ରେମ ବ୍ୟାପାରକୁ ନେଇ ସେ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ପୁଲିସ କହିବା ମୁତାବକ, ୟୁନିଟ୍- ୩ ବିକ୍ରମ ଓ ତାଙ୍କ ବାପା ବାସୁଦେବ ଭଡ଼ାରେ ରହୁଥିଲେ। ବିକ୍ରମ ରିଲିଆନ୍ସ କାର୍ଯ୍ୟ କରୁଥିବା ବେଳେ ତାଙ୍କ ବାପା ଅନ୍ୟ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ବାପା କାର୍ଯ୍ୟକ୍ଷେତ୍ରକୁ ଯାଇଥିବା ବେଳେ ବିକ୍ରମ ଘରେ ଥିଲେ। କୌଣସି କାରଣକୁ ନେଇ ବିକ୍ରମ ମାନସିକ ଚିନ୍ତାରେ ରହୁଥିଲେ। ଶୁକ୍ରବାର ରାତିରେ ବିକ୍ରମ ଫ୍ୟାନ୍‌ରେ ଗାମୁଛା ଲଗାଇ ଝୁଲିପଡ଼ିଥିଲେ।

## ପିସିସି ପକ୍ଷରୁ ଇନ୍ଦିରା ଓ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୩୧।୧୦(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଏବଂ ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନଠାରେ ପାଳିତ ହୋଇଛି। ଏହି ଅବସରରେ କଂଗ୍ରେସ ଭବନ କାର୍ଯ୍ୟାଳୟଠାରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ଓ ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଇନ୍ଦିରା ଗାନ୍ଧୀ ପାର୍କସ୍ଥିତ ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ସୁରେଶ କୁମାର ରାଉତରାୟ, ପ୍ରକାଶ ଜେନା, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଜୟଶ୍ରୀ ପଟ୍ଟନାୟକ, ପୃଥିବୀ ବଲ୍ଲଭ ପଟ୍ଟନାୟକ, ପ୍ରକାଶ ମିଶ୍ର, ସୁଦର୍ଶନ ଦାସ, ଅମୀୟ ପଟ୍ଟନାୟକ, ରଜନୀ ମହାନ୍ତି, ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ହିମାଂଶୁ ଲେଙ୍କା, ଖଗେଶ୍ୱର ମଲ୍ଲିକ, ପ୍ରସନ୍ନ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଲୌହ ମାନବୀଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୩୧।୧୦(ସମିସ): ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ତଥା ଲୌହ ମାନବୀ ଭାବେ ପରିଚିତ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜୟଦେବ ଭବନ ପରିସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତାଙ୍କ ସ୍ମୃତିରେ ସମଗ୍ର ଦେଶ ଶ୍ରଦ୍ଧା ସୁମନ ଅର୍ପଣ ସହିତ ତାଙ୍କ ଆଦର୍ଶକୁ ସ୍ମରଣ କରୁଛୁ ବୋଲି ମତ ପ୍ରକାଶ ପାଇଥିଲା। ବିଭାଗୀୟ ନିର୍ଦ୍ଦେଶକ ଅନୁପ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ ବୈଷୟିକ ଗୁରୁବିର ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଏବଂ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି, ଭୁବନେଶ୍ୱରର ଅଧକ୍ଷ ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସାଧାରଣ ସମ୍ପାଦକ ଅମୀୟ କୁମାର ପଟ୍ଟନାୟକ, ସମ୍ପାଦକ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ପି ଦେବେନ୍ଦ୍ର ରାୟ, ଦାଶରଥି ସାହୁ, ବସନ୍ତ କୁମାର ମହାରଣା ପ୍ରମୁଖ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ



ଭୁବନେଶ୍ୱର, ୩୧।୧୦(ସମିସ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ସମବାୟ ବିଭାଗ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ଏକତା ଦିବସ ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶପଥ ପାଠ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଲୋକସେବା ଭବନସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜକୁ ସମର୍ପିତ କରିବା ଏବଂ ଦେଶବାସୀଙ୍କ ମଧ୍ୟରେ ଏହି ସନ୍ଦେଶ ପ୍ରସାର କରିବା ନିମନ୍ତେ ସମ୍ପୂର୍ଣ୍ଣ ପ୍ରୟାସ କରିବା ପାଇଁ ଶପଥ ପାଠ କରାଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଶପଥ ପାଠ କରାଯାଇଛି। ବିଭାଗର ସମ୍ମିଳନୀ କକ୍ଷରେ ନିର୍ଦ୍ଦେଶିକା ସୁଶ୍ରୀ ପାରୁଲ ପଟାୱରି ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ।

## ଶ୍ରୀରାମଚରିତ ମାନସ ଉଦ୍‌ଯାପିତ



ହଂସପାଳ, ୩୧।୧୦(ସମିସ): ଶ୍ରୀ ଶ୍ରୀ ନିକୁଞ୍ଜ ବିହାରୀ ଦେବ ଓ ଗାଦି ଗୋସାଇଁ ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ୯ ଦିନବ୍ୟାପୀ ଚାଲିଥିବା ୨୮ ତମ ବାର୍ଷିକ ଶ୍ରୀ ରାମଚରିତ ମାନସ କାର୍ଯ୍ୟକ୍ରମ ମନ୍ଦିର ପରିସରରେ ଉଦଯାପିତ ହୋଇଯାଇଛି। ପ୍ରତ୍ୟେହ ସନ୍ଧ୍ୟାରେ ରାମ ଚରିତ ମାନସ ପାରାୟଣ ସମେତ ନାମ ଯଜ୍ଞ, ଭଜନ କୀର୍ତ୍ତନ ଓ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥିଲା। ସେହିପରି ଅଁଳା ନବମୀ ଉପଲକ୍ଷେ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିରରେ ମା ରାଧାଙ୍କ ପାଦ ଦର୍ଶନ ପାଇଁ ଦିନ ତମାମ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ନିକୁଞ୍ଜ ବିହାରୀ ମନ୍ଦିରର ପୂଜକ ଶ୍ରୀଧର ଦାସ, ମନ୍ଦିର ଟ୍ରଷ୍ଟ ବୋର୍ଡ ର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ମୁଖ୍ୟ ଲକ୍ଷ୍ମୀଧର ସାହୁ ଏହି କାର୍ଯ୍ୟକ୍ରମକୁ ସଠିକ୍ ଭାବେ ପରିଚାଳନା କରିଥିଲେ।

## ଏକାମ୍ରକ୍ଷେତ୍ରରେ ରାଧାପାଦ ଦର୍ଶନ

ଭୁବନେଶ୍ୱର, ୩୧।୧୦(ସମିସ): ଏକାମ୍ର କ୍ଷେତ୍ରରେ ଅଁଳା ନବମୀ ପାଇଁ ଭୋର ୫ଟାରୁ ଆରମ୍ଭ ହୋଇଥିଲା ରାଧାପାଦ ଦର୍ଶନ। ଏଥିପାଇଁ ରାଜଧାନୀରେ ଥିବା ବିଭିନ୍ନ ଦେବାଦେବୀ ପୀଠଗୁଡିକରେ ସ୍ୱତନ୍ତ୍ର ପୂଜା ନୀତି ଆରମ୍ଭ ହୋଇଥିଲା। ଇସ୍କନ ମନ୍ଦିରରେ ରାଧା ପାଦ ଦର୍ଶନର ବ୍ୟବସ୍ଥା ସହ ରାମମନ୍ଦିରରେ ମଧ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଏହାସହ ରାଜଧାନୀର ବିଭିନ୍ନ ସ୍ଥାନରେ ରାଧାକୃଷ୍ଣଙ୍କ ପୂଜା ମହୋତ୍ସବ ଅନୁଷ୍ଠିତ ହେଉଛି। ଏପେଟ ହବିଷ୍ୟାଳିମାନେ ମଧ ରାଧାକୃଷ୍ଣଙ୍କ ପୂଜା ପରେ ଚଉରା ମୂଳେ ରାଧାକୃଷ୍ଣ, ଗରୁଡ଼, ଅଁଳା ପତ୍ରର ଝୋଟି ଆଙ୍କି ବ୍ରତ କଥା ପାଠ କରିବା ସହିତ ଅଁଳା ବୃକ୍ଷ ମୂଳେ ପୂଜାପାଠ କରିଥିଲେ। ଶନିବାର ଠାରୁ ଆରମ୍ଭ ହେବ ପଞ୍ଚୁକ। ଏଥିପାଇଁ ପାଇଁ ମଧ ଚାରିଆଡ଼େ ରଙ୍ଗବେରଙ୍ଗର ମୁରୁଜ ଦୋକାନ ଦେଖିବାକୁ ମିଳିଛି।

## ବାଲିପାଟଣାରେ ଏକତା ଦିବସ



ବାଲିପାଟଣା, ୩୧।୧୦ (ସମିସ) : ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଓ ଏକତା ଦିବସ ଅବସରରେ ବାଲିପାଟଣାରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା। ବାଗଲପୁର ସ୍ଥିତ ବିପିନ୍ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ଡ.ପ୍ରଭାତ କୁମାର ରଥ ଦେଶର ଏକତା ଓ ସୁରକ୍ଷା ପାଇଁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ସାଇବର ସଚେତନତା ପାଇଁ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ତପନ କୁମାର ରାଉତ, ଏବିଇଓ ବିଜୟ କୁମାର ବେହେରା, ଯଶୋଦା ସାହୁ ଓ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ସାମ୍ବାଦିକ ଅରୁଣ କୁମାର୍ ଶତପଥୀ ଓ ପୋଲିସ ଅଧିକାରୀ ଦିନେଶ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଦୀନବନ୍ଧୁ ମହାନ୍ତି, ମମିତା ଦଳାଇ ଓ ଝୁନି ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବାଲିପାଟଣା ଥାନା ତରଫରୁ ଆୟୋଜିତ ଏକତା ଶୋଭାଯାତ୍ରାରେ ଶତାଧିକ ଆରକ୍ଷୀ ଅଧିକାରୀ ଯୋଗଦେଇଥିଲେ। ଥାନା ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ଏହାର ନେତୃତ୍ୱ ନେଇଥିଲେ।

## ନନ୍ଦନକାନନ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ




ନନ୍ଦନକାନନ, ୩୧।୧୦(ସମିସ): ନନ୍ଦନକାନନ ଥାନାରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ଦିବସ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଥାନା ଅଧିକରୀ ଦୟାନିଧି ନାୟକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଛାତ୍ରଛାତ୍ରୀ ଓ ଜନସାଧାରଣ ଥାନା ପରିସରରେ ଏକତ୍ର ହୋଇଥିଲେ। ଏହି ପରିପେକ୍ଷୀରେ ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ଦିବସ ପାଇଁ ସପଥ ପାଠ କରାଇଥିଲେ। ଥାନା ପରିସରରୁ ଛାତ୍ରଛାତ୍ରୀ ଏକ ବ୍ୟାନର ଧରି ନନ୍ଦନକାନନ ଛକ, ବଜାର ପରିକ୍ରମା କରିଥିଲେ। ପୂର୍ବରୁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ କରାଯାଇଥିବା କୁଇଜ, ବକୃକ୍ତା ଓ ଚିତ୍ରାଙ୍କନ ପ୍ରତିଯୋଗୀତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦିବସରେ ପୂର୍ବତନ ଜିଲ୍ଲାପରିଷଦ କୁନାଲ ରାଉତ, ଦାଢା ସରପଞ୍ଚ ନିଶିପଦ୍ମା କାଣ୍ଡି, ରଘୁନାଥପୁର ସରପଞ୍ଚ ଖୁଲଣା ମାଝୀ, ସୋମନାଥ ମଣ୍ଡଳ ସଭାପତି ସଞ୍ଜୟ ପତି, ଉମାକାନ୍ତ ହାତୀ, ନାରୀନେତ୍ରୀ ଲକ୍ଷ୍ମୀ ପଢ଼ିହାରୀ, ମିତାଲି ମାଝୀ, ତୁନୁଜା ପ୍ରିୟଦର୍ଶୀନୀ, ବେବିଶ୍ରୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ପାହାଳ ଓ ବାଲିଅନ୍ତା ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ




ହଂସପାଳ, ୩୧।୧୦(ସମିସ): ପାହାଳ ଥାନା ପକ୍ଷରୁ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ପଞ୍ଚବଟି ସରକାରୀ ବିଦ୍ୟାଳୟ ପରିସରରେ ଏକ ସୁନ୍ଦର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ଥାନା ଅଧିକାରୀ ଅଶ୍ୱିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚବଟୀ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅତସି ମିଶ୍ରଙ୍କ ଆହ୍ୱାନରେ ଏକ ପଦଯାତ୍ରାରେ ମନ୍ଦାରିଆ ପାଟଣା ଓ ପଞ୍ଚବଟୀ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା ଓ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ସେହିପରି ବାଲିଅନ୍ତା ଥାନା ପକ୍ଷରୁ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସରରେ ପଟେଲଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡ଼ା ଯୋଗଦେଇ ନିକୁଞ୍ଜବିହାରୀ ମନ୍ଦିର ପରିସର ସଫେଇ କରିଥିଲେ। ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ, ଏସଆଇ କବିତା ନାୟକ, ମାନସ ରଞ୍ଜନ ମଲ୍ଲିକ, ଏଏସଆଇ ଦୀପ୍ତିରଞ୍ଜନ ରାୟ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ




ରାଜ୍ୟସ୍ତରୀୟ ଜୟନ୍ତୀରେ ମହାନ ବିପ୍ଳବୀଙ୍କୁ ଶ୍ରଦ୍ଧାଞ୍ଜଳି

ଶ୍ରଦ୍ଧାଞ୍ଜଳି ଜଣାଇଲେ ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୧୦(ସମିସ): ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ଗଜପତି ଦିବ୍ୟସିଂହ ଦେବ କହିଲେ ଯେ ଜାତି ଉଦେଶ୍ୟରେ ଯେଉଁ ମହାନ ବ୍ୟକ୍ତିମାନେ ତାଙ୍କ ତ୍ୟାଗ, ବଳିଦାନ ସହିତ କୀର୍ତ୍ତି ଓ ସଂସ୍କୃତିକୁ ଉଜ୍ଜୀବିତ କରିଛନ୍ତି ତାଙ୍କ ମହିମା ଗାନ କରିବାର ଆବଶ୍ୟକତା ରହିଛି। ବୀର ପାଇକମାନଙ୍କୁ ଏକାଠି କରି ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ସାରା ଇଂରେଜ ଶାସନକୁ ହତବାକ୍ କରିଦେଇଥିଲା। ତେଣୁ ଏହି ବୀରତ୍ୱର ଗାଥାକୁ ସମଗ୍ର ଭାରତ ବର୍ଷ ଜାଣିବାର ଆବଶ୍ୟକତା ରହିଛି। ଏଥିପାଇଁ ଗବେଷକମାନେ ଆଗେଇ ଆସିବା ଦରକାର। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଶିକ୍ଷାବିତ ତଥା ଗବେଷକ ଅନିଲ ଧୀର ପ୍ରମୁଖ ଯୋଗଦେଇ ଜୟୀ ରାଜଗୁରୁଙ୍କୁ ଜଣେ ବିଶିଷ୍ଟ ଦେଶଭକ୍ତ, ରାଜଭକ୍ତ ଓ ଜାତିଭକ୍ତ ବୋଲି କହିବା ସହ ଜୟଗୁରୁଙ୍କ ଉପରେ ଅଧିକ ଗବେଷଣା ଆବଶ୍ୟଜ ବୋଲି ମତବ୍ୟକ୍ତ କରିଥିଲେ। ସେହିଭଳି ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ ବୋଲି ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଜୟୀ ରାଜଗୁରୁଙ୍କ ବଳିଦାନ ସମ୍ପର୍କିତ ଏକ ଇଂରାଜୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହାସହ ଗବେଷଣା ଓ ଅନୁସନ୍ଧାନ କ୍ଷେତ୍ରରେ ୫ ଜଣ ବରିଷ୍ଠ ଐତିହାସିକମାନଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ 'ଜୟୀ ରାଜଗୁରୁଙ୍କ ଜୀବନୀ ଓ କାର୍ଯ୍ୟାବଳୀ' ସମ୍ପର୍କିତ ଆଲୋଚନାଚକ୍ରରେ ପ୍ରାକ୍ତନ କୁଳାଧିପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର, ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, କୁଜଙ୍ଗ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ସସ୍ମିତା ସାହୁଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଜୟୀ ରାଜଗୁରୁଙ୍କ ଜୀବନଆଦର୍ଶ ଉପରେ ଆଲୋଚନା କରିଥିଲେ। ଶେଷରେ ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ସେହିଭଳି ମହାନ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ସହିଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ପାର୍ଶ୍ୱ ଗେଟ ନଂ-୧ ସ୍ଥିତ ସହିଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମାଲ୍ୟାର୍ପଣ ପୂର୍ବକ ସହିଦଙ୍କ ସ୍ମୃତିଚାରଣ କରିଛନ୍ତି। ଏଥିସହ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏଜି ଛକସ୍ଥିତ ସହିଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏଥିରେ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁରବୀର ସିଂ, ଉପନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ଜଟାଧାରୀ ମିଶ୍ର ସ୍ମୃତିଚାରଣ କରିଥିଲେ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



**ରିଆମାଳ, ୩୧।୧୦(ସମିସ):** ରିଆମାଳ କଲ୍ୟାଣ ମଣ୍ଡପଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷ ରୁ ଆଜି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥିଭାବେ ସାଂସଦଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ ଜ୍ଞାନରଞ୍ଜନ ସାମଲ ମଞ୍ଚାସୀନ ରହିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ପ୍ରିୟଦର୍ଶିନୀ ସାହୁ ସଂଯୋଜନା କରିଥିଲେ। ରିଆମାଳ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ସଞ୍ଜୀବ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଙ୍କୀର୍ତ୍ତନ ମାଧ୍ୟମରେ ମତ୍ସ୍ୟ, ଗାଈ, ଘୁଷୁରୀ, ଛେଳି ଚାଷ ଉପରେ ସଚେତନତା କରାଯିବା ସହ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଷ୍ଟଲ କରାଯାଇଥିଲା। ସରକାରଙ୍କ ଠାରୁ ସହାୟତା ନେଇ ମତ୍ସ୍ୟ, ଗାଈ, ଛେଳି, ଘୁଷୁରୀ ଆଦି ଚାଷ କରି ରିଆମାଳ ବ୍ଲକକୁ ବିକାଶ କରିବା ପାଇଁ ଚାଷୀମାନଙ୍କୁ ଆମନ୍ତ୍ରିତ ଅତିଥିମାନେ ପରାମର୍ଶ ଦେଇଥିଲେ। ଡା. ସ୍ୱନ୍ଦନ କୁମାର ନାୟକ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ରମାକାନ୍ତ ଶତପଥୀ, ଡା. ପ୍ରଣତୀ ବେହେରା, ତରୁଣ କୁମାର ନାୟକ, ଦେବାଶିଷ ଅଡା, ଦୀପ୍ତି ବାଳା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

# 'ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳୀ ବିକାଶର ମାଧ୍ୟମ 'ସୁରଭି'

**ଦେବଗଡ଼, ୩୧।୧୦(ସମିସ)**

ଶିଶୁ ମହୋତ୍ସବ 'ସୁରଭି' ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳୀ ବିକାଶର ଏକ ପ୍ରମୁଖ ମାଧ୍ୟମ। ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଦେବଗଡ଼ ମହାବିଦ୍ୟାଳୟ ଅଡିଟୋରିଅମଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ଯୋଗଦେଇ ଅତିଥିମାନେ ଏପରି କହିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ ଗେନ୍ଦେରା କୁଜୁରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଦେବଗଡ଼ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଦାମ ଚରଣ ପରିଡ଼ା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ଗୁଣାବଳୀ ବିକାଶର ସୁରଭି ଏକ ମାଧ୍ୟମ ବୋଲି ପ୍ରକାଶ କରିବା ସହ ପ୍ରତିଯୋଗିତାରେ ଆଗକୁ ବଢ଼ି ଜିଲ୍ଲାର ନାମକୁ ରାଜ୍ୟସ୍ତରରେ ମଣ୍ଡନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପ୍ରାରମ୍ଭ ହୋଇଥିଲା। ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ ସୁରଭିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡ଼େଇ ଏହାକୁ ପରିଚାଳନା କରିଥିବାବେଳେ ରିଆମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନିତା ବେହେରା ଧନ୍ୟବାଦ ଦେଇଥିଲେ। ବ୍ଲକସ୍ତରରୁ ମନୋନୀତ




ହୋଇ ଆସିଥିବା କୃତି ପ୍ରତିଯୋଗୀଙ୍କ ମଧ୍ୟରେ କନିଷ୍ଠ, ବରିଷ୍ଠ, ବରିଷ୍ଠ ଉଚ୍ଚ ମାଧ୍ୟମିକସ୍ତରରେ ଜଣା ଅଜଣା, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ଚିତ୍ରକଳା, ହସ୍ତକଳା ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ବରିଷ୍ଠ ପ୍ରଶିକ୍ଷକ ଗୁରୁ ଚରଣ ବୋଦ୍ରା, ବରିଷ୍ଠ ପ୍ରଶିକ୍ଷିକା ନିବେଦିତା ବେହେରା, ପ୍ରଶିକ୍ଷିକା ସୁରମା ମିର୍ଦ୍ଧା, ପାର୍ଥିବୀ ପ୍ରିୟଦର୍ଶିନୀ, ଅଧ୍ୟାପକ ସୁରେନ୍ଦ୍ର ଦାସ, ଡ. ଭାରତ ଭୂଷଣ ନନ୍ଦ, ଚିତ୍ତରଞ୍ଜନ ଦାସ, ଜନ୍ମେଜୟ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଟିକେଶ୍ୱର ସାହୁ, ରମାକାନ୍ତ ପ୍ରଧାନ, ଦୁଷ୍ମନ୍ତ କୁମାର ସାମଲ, ସୌରଭ କୁମାର ନାୟକ, ଶିବାଶିଷ ଝାଙ୍କର, ରୁପେନ୍ଦ୍ର ଗୁମାନ ସିଂ, ପ୍ରଭାତ କୁମାର ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁରଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ଅତିଥି ପରିଚୟ ସହ ମଞ୍ଚ ସଂଯୋଜନା କରିଥିଲେ। ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବରୁଣ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, କ୍ଷୀରୋଦ କୁମାର ପ୍ରଧାନ, ମହେଶ୍ୱର ବେହେରା, ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା, ଯୋଜନା ସଂଯୋଜକ ତପନ କୁମାର ସାହୁ, କାର୍ଯ୍ୟାଳୟ ସହାୟିକା ଦୀପିକା ମିଶ୍ର, ଝରଣା ବେହେରା, ସହାୟକ ଶଶାଙ୍କ ଚୌଧୁରୀ, ଆକାଉଣ୍ଟାଣ୍ଟ ସଞ୍ଜୀବ ମିଶ୍ର, ସୁଜିତ ମୁଖି, ଦେବେନ୍ଦ୍ର ଦାସ, ସିଆରସିସି ଭେନସ କୁମାର ପ୍ରଧାନ, ଚୂଡ଼ାମଣି ସାହୁ, ଅଶୋକ କୁମାର ସାହୁ, କୁମୁଦବନ୍ଧୁ ପ୍ରଧାନ, ଉଦୟ କୁମାର ପ୍ରଧାନ, ପ୍ରଭାତ କୁମାର ପ୍ରଧାନ, ଠଣସୁନ୍ଦର ପ୍ରଧାନ, ଦାଶରଥି ସାହୁ, ପ୍ରଦୀପ କୁମାର ଅଙ୍ଗୀ, ହିମାଂଶୁ ଶେଖର ଦେହୁରୀ, ଅମିତା ନାୟକ, କାଦମ୍ବିନୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲାସ୍ତରରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ଭାଗ ନେବେ।

# ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଝାରସୁଗୁଡା, ୩୧।୧୦(ସମିସ):** ଝାରସୁଗୁଡା ଜିଲ୍ଲା କିର୍ମିରା ଗୋଷ୍ଠୀ ଶିକ୍ଷା କେନ୍ଦ୍ରର ଅତିରିକ୍ତ ଶିକ୍ଷା ଅଧିକାରୀ ଘନଶ୍ୟାମ ଚାନ୍ଦଙ୍କୁ କିର୍ମିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାର୍ଯ୍ୟାଳୟର କିରାଣୀ ସମୀର କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା ମୁଖ୍ୟଅତିଥି, ଏବିଇଓ ହିରନ୍ୟ ରୋହିଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଅବସର ନେଉଥିବା ଏବିଇଓ ଚାନ୍ଦଙ୍କୁ ସମ୍ମାନିତ କରି ପେନସନ କାଗଜ ଦେଇଥିଲେ। ଏଥିସହ ଅତିରିକ୍ତ ଶିକ୍ଷା ଅଧିକାରୀ ଭାବରେ ଯୋଗଦେଇଥିବା ହିରନ୍ୟ ରୋହିଦାସଙ୍କୁ ମଧ୍ୟ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କର୍ମଚାରୀ ରମାକାନ୍ତ ଶବର, ରାଜେନ୍ଦ୍ର ସିଂ, ପ୍ରଦ୍ୟୁମ୍ନ ଦାସ, ରମାକାନ୍ତ ବୁଡା, ମୀତାରାନୀ ନାଏକ, ଛବିଲତା ସେଟ୍, ମନ୍ଦାକିନୀ ନାଏକ ସହ ରମେଶ ଜାମୁଡୁଳିଆ, ଚକ୍ର ପରୁଆ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ତାଙ୍କ ସହିତ କାର୍ଯ୍ୟ କରିବାର ଅନୁଭୂତି ବର୍ଣ୍ଣନା କରିଥିଲେ। ହିମଗିରି ବ୍ଲକ ଶିକ୍ଷା ଅଧିକାରୀ କରୁଣାସାଗର ପଟେଲ, ଶିକ୍ଷକ ସଂଘ ସଭାପତି ଶଶିକାନ୍ତ ନାଏକ ଉପସ୍ଥିତ ଥିଲେ। ଦିଲିପ କୁମାର ମେହେର ଧନ୍ୟବାଦ ଦେଇଥିଲେ।

# ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡା, ୩୧।୧୦(ସମିସ):** ଲଖନପୁର ବ୍ଲକ ଅନ୍ତର୍ଗତ ପଞ୍ଚଗାଁ ଗ୍ରାମ ପଞ୍ଚାୟତ ସ୍ଥିତ ବିଜାପାଲି ମହିମା ସ୍ନାତକ ମହାବିଦ୍ୟାଳୟଠାରେ ଗୁରୁବାର ଭିଜିଲାନ୍ସ ସପ୍ତାହ ପାଳନ ଅବସରରେ ରିଜର୍ଭ ବ୍ୟାଙ୍କ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ, ପଞ୍ଚଗାଁ ଶାଖାର ମିଳିତ ସହଯୋଗରେ ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିମା ଡିଗ୍ରୀ କଲେଜ ଅଧ୍ୟକ୍ଷ ରମଣୀ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ଶାଖାର ଏଲଡିଓ ଶ୍ରଦ୍ଧା ଟପନୋ ଯୋଗଦେଇ ସାଇବର ଅପରାଧୀମାନଙ୍କ ଠାରୁ ଦୂରେଇ ରହିବା ଓ ବ୍ୟାଙ୍କ ମାଧ୍ୟମରେ ବିଭିନ୍ନ ଯୋଜନାର ସୁବିଧା, ବୀମା, ପେନସନ ଆଦି ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ରିଜର୍ଭ ବ୍ୟାଙ୍କର ଏଲବିଓ ଶିରପାଣି ନାୟକ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଷ୍ଟେଟ ବ୍ୟାଙ୍କର ବିତ୍ତୀୟ ସାକ୍ଷରତା ସଂଯୋଜକ ମୁକୁନ୍ଦ ମାଝୀ ସରକାରୀ ବୀମା ଓ ପେନସନ ଯୋଜନା ବିଷୟରେ କହିଥିଲେ। ପଞ୍ଚଗାଁ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅନନ୍ତ ପ୍ରସାଦ ଦେହେରି ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଅଧ୍ୟାପକ ସୁବ୍ରତ ବଡ଼ାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୀନକେତନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ଡିଏଭିରେ ସ୍ୱାସ୍ଥ୍ୟ ଶିବିର

**ବନ୍ଧବାହାଲ/ଝାରସୁଗୁଡ଼ା, ୩୧।୧୦(ସମିସ):** ଡିଏଭି ପବ୍ଲିକ ସ୍କୁଲ ବନ୍ଧବାହାଲ ଆନୁକୂଲ୍ୟରେ ତ୍ରିଦିବସୀୟ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ୨୯ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ନର୍ସରୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ବନ୍ଧବାହାଲ, ଲଖନପୁର କ୍ଷେତ୍ର ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଅଙ୍କିତ ଶର୍ମା ଏବଂ ଡାକ୍ତର ଗାୟତ୍ରୀ ଓଝାର ତାଙ୍କ ସହକର୍ମୀଙ୍କ ସହିତ ଏହି ଶିବିରରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେଇଥିଲେ। ଏଥିସହିତ ଛାତ୍ରଛାତ୍ରୀଙ୍କୁ ସୁଷମ ଖାଦ୍ୟ ଗ୍ରହଣ, ପର୍ଯ୍ୟାପ୍ତ ପାଣି ପିଇବା ଓ ଶାରୀରିକ ବ୍ୟାୟାମ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପର୍ଯ୍ୟାୟକ୍ରମେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ସାଇବର କ୍ରାଇମ ସଚେତନତା




**କୋଲାବିରା, ୩୧।୧୦ (ସମିସ):** ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ପତ୍ରାପାଲି ବଜାରଠାରେ ଶୁକ୍ରବାର ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସାବର କ୍ରାଇମ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଲାବିରା ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ମୁଖ୍ୟାଳୟ ଡିଏସ୍‌ପି ଜ୍ୟୋତ୍ସ୍ନାମୟୀ ପ୍ରଧାନ ଯୋଗଦେଇ ସାଇବାର ସଚତେନତା ଉପରେ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବରେ ପରମାଣପୁର ସରପଞ୍ଚ ଜାହ୍ନବୀ ପ୍ରଧାନ, ନିରୀକ୍ଷକ ବନ୍ଦନା ନାୟକ, ଏଏସ୍‌ଆଇ ସୁଶିଲ କୁମାର ଦାସ ପ୍ରମୁଖ ଯୋଗଦେଇ ସାଇବର କ୍ରାଇମ୍‌ର ବିଭିନ୍ନ ଦିଗ ବିଷୟରେ ସଚେତନ କରାଇଥିଲେ। ଏହି ଅବସରରେ ସୃଜନୀ କଳା ପରିଷଦର କଳାକାରମାନେ ନିଶାମୁକ୍ତ ଓ ଦୁର୍ନୀତି ନିବାରଣ ସମ୍ପର୍କରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ।

# ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ ଓ ଗଣଦୌଡ଼

**ଦେବଗଡ଼, ୩୧।୧୦(ସମିସ):** ଜିଲ୍ଲା କ୍ରୀଡ଼ା ବିଭାଗ, ଜିଲ୍ଲା ସଂସ୍କୃତି ବିଭାଗ ଓ ଭାରତ ସରକାର ଯୁବ ବେପାର କ୍ରୀଡ଼ା ମନ୍ତ୍ରାଳୟ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ବରେଣ୍ୟ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ସମ୍ବଲପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ର ଶେଖର ଭୁକ୍ତା, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ ଯୋଗଦେଇଥିଲେ। ସଭା ପରେ ମଞ୍ଚାସିନ ଅଧିକାରୀ ପତାକା ଦେଖାଇ ଏକତା ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଏଥିରେ ଦେବଗଡ଼ ମହାବିଦ୍ୟାଳୟର ଏନସିସି ଛାତ୍ରଛାତ୍ରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ପୋଲିସ୍ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ, ବରିଷ୍ଠ ନାଗରିକ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସାମିଲ ହୋଇ ଏକତା ଗଣଦୌଡ଼ରେ ସହର ପରିକ୍ରମା କରି ଇଣ୍ଡର ଷ୍ଟାଡିୟମ୍ ଠାରେ ପହଞ୍ଚିଥିଲେ। ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଏକତା ସମ୍ପର୍କିତ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତ, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଈଶ୍ୱର ଗୁରୁ, ଭାରତ ସରକାର ଯୁବ ବେପାର କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ପ୍ରଦୀପ କୁମାର ବିଶ୍ୱାଳ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ, ଦୁର୍ନୀତି ନିବାରଣ ଇନ୍ସପେକ୍ଟର ସାବିତ୍ରୀ ଖାକା, ଡିପିଏମ ଓଏଲଏମ୍ ଶିଶିର କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।







**ଝାରସୁଗୁଡ଼ା:** ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏକତା ଦୌଡ : ଏକ ଭାରତ, ଆତ୍ମନିର୍ଭର ଭାରତର ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ପତାକା ଦେଖାଇ ଦୌଡ଼ର ଶୁଭାରମ୍ଭ କରିଥିଲେ। ଝାରସୁଗୁଡ଼ା ପୁରୁଣା ବସ୍ଷ୍ଟାଣ୍ଡସ୍ଥିତ ଗାନ୍ଧୀ ଛକଠାରୁ ମନମୋହନ ସ୍କୁଲ ପଡ଼ିଆ ପର୍ଯ୍ୟନ୍ତ ଆୟୋଜିତ ଏକତା ଦୌଡ଼ରେ ପୋଲିସ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ, ନାଗରିକ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ସେହିପରି ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ପାଇଁ ସତ୍ୟନିଷ୍ଠ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ବନ୍ଧବାହାଲ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ହୋତା ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟର ପ୍ରାତଃ ବନ୍ଦନା ପରେ ଲୌହମାନବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବେଲପାହାଡ ପୁଲିସ ପକ୍ଷରୁ ବେଲପାହାଡରେ ଏକ ପଦଯାତ୍ରା କରାଯାଇ ଏକାତା, ସାର୍ବଭୌମତ୍ୱ, ରାଷ୍ଟ୍ର ପ୍ରେମର ବାର୍ତ୍ତା ଦିଆଯାଇଥିଲା। ଝାରସୁଗୁଡା ଜିଲ୍ଲା ବେଲପାହାଡ ଫାଟକରୁ ଗୁମାଡେରା ସହିଦ ସ୍ତମ୍ଭ ଯାଏଁ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବେଲପାହାଡ ପୁଲିସ, ବେଲପାହାଡର ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ଆନ୍ତଃ ଜିଲ୍ଲା ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# କଳା ହାଇସ୍କୁଲ ଓ ବୁଢ଼ାପାଳ ଆଦର୍ଶ ବିଦ୍ୟାଳୟ ବିଜୟୀ

**ଦେବଗଡ଼, ୩୧।୧୦(ସମିସ)**

ଦେବଗଡ଼ ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଆନ୍ତଃ ଜିଲ୍ଲା ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଆଜି ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ଦେବଗଡ଼ ଚିନ୍ମୟ ବିଦ୍ୟାଳୟ ଓ କଳା ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚିନ୍ମୟ ବିଦ୍ୟାଳୟକୁ ୫ ୱିକେଟ୍‌ରେ ପରାସ୍ତ କରି କଳା ହାଇସ୍କୁଲ ବିଜୟୀ ହୋଇଛି। କଳା ଦଳ ଟସ ଜିଣି ପ୍ରଥମେ ଦେବଗଡ଼ ଚିନ୍ମୟ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଚିନ୍ମୟ ଦଳ ନିର୍ଦ୍ଧାରିତ ୨୦ ଓଭରରୁ ୯ଟି ଉଇକେଟ ହରାଇ ୧୩୪ ରନ କରିଥିଲା। ଦଳ ପକ୍ଷରୁ ତନ୍ମୟ ସାହୁ ୨୭ ଓ ଧର୍ମେନ୍ଦ୍ର ଗିରି ଅପରାଜିତ ୧୮ ରନ୍ କରିଥିବାବେଳେ କଳା ଦଳର ଶ୍ରିତମ୍ ସାହୁ ୩ଟି ଉଇକେଟ ନେଇଥିଲେ। ଏହାର ଜବାବରେ କଳା ଦଳ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୪ ଓଭରରେ ୫ଟି ୱିକେଟ୍ ହରାଇ ୧୩୭ ରନ୍ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ଚିକୁନ ପ୍ରଧାନ ଅପରାଜିତ ରହି ୫୬ ରନ୍ କରିଥିବା ବେଳେ ଦେବଗଡ଼ ଦଳର ପ୍ରତ୍ୟୁଷ ଖଡିରତ୍ନ ୩ଟି ୱିକେଟ୍ ନେଇଥିଲେ। ଦ୍ୱିତୀୟ ମ୍ୟାଚ୍ ବୁଢ଼ାପାଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ବାରକୋଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରକୋଟ ଦଳକୁ ୩୧ ରନ୍‌ରେ ପରାସ୍ତ କରି ବୁଢ଼ାପାଳ ଦଳ ବିଜୟୀ ହୋଇଛି। ବାରକୋଟ ଦଳ ଟସ ଜିଣି ପ୍ରଥମେ ବୁଢ଼ାପାଳ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ବୁଢ଼ାପାଳ ଦଳ ନିର୍ଦ୍ଧାରିତ ୨୦ ଓଭରରୁ ସମସ୍ତ ଉଇକେଟ ହରାଇ ୧୨୧ ରନ କରିଥିଲା। ଦଳ ପକ୍ଷରୁ ଆକାଶ କୁମାର ସାହୁ ୨୧ ଓ ପ୍ରଭାତ ପାତ୍ର ଅପରାଜିତ ୧୯ ରନ୍ କରିଥିବା ବେଳେ ବାରକୋଟ ଦଳର ଅଧିନାୟକ ଆକାଶ ସାହୁ ଓ ଅଗ୍ନିସ ପ୍ରସାଦ ସାହୁ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଏହାର ଜବାବରେ ବାରକୋଟ ଦଳ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୬.୫ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୯୦ ରନ୍ କରି ପରାଜିତ ହୋଇଛି। ଦଳ ପକ୍ଷରୁ ମିଥୁନ ପାତ୍ର ୧୮ ଓ ପ୍ରଶାନ୍ତ ମାଝୀ ୧୫ ରନ୍ କରିଥିବା ବେଳେ ବୁଢ଼ାପାଳ ଦଳର ସମୀର କିଶାନ ୩ ଟି ୱିକେଟ୍ ନେଇଥିଲେ। ଉଭୟ ମ୍ୟାଚ୍‌କୁ ଅମ୍ପାୟାର ମିଥଲେସ ପ୍ରସାଦ ଓ ରାଜା ରାଣା ପରିଚାଳନା କରିଥିବାବେଳେ ରମି ନାୟକ ଓ ରିତିକ୍ ଦେହୁରୀ ସ୍କୋରର ଓ ବେଣୁଧର ଗଡ଼ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ।



# ସଞ୍ଚୟ ଓ ଆର୍ଥିକ ସେବା ବିଭାଗର ଆଲୋଚନାଚକ୍ର



**ଝାରସୁଗୁଡା, ୩୧।୧୦(ସମିସ):** ବିଶ୍ୱ ମିତବ୍ୟୟୀତା ଦିବସ ପାଳନ ଉପଲକ୍ଷେ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ସଂସ୍କୃତି ଭବନ ପରିସରରେ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଝାରସୁଗୁଡାର ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଡେପୁଟି ସୁପରିଟେଣ୍ଡେଣ୍ଟ ଅଫ ପୋଲିସ ବନିତା ମାଝୀ ସାଇବର ଅପରାଧ ଉପରେ କହିଥିଲେ। ଝାରସୁଗୁଡା ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ ସ୍ୱଳ୍ପ ସଞ୍ଚୟ ଯୋଜନା ଏବଂ ଡାକଘରର ଜୀବନ ବୀମା ସମ୍ପର୍କରେ ବୁଝାଇଥିଲେ। ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଶିରପାଣି ନାୟକ ଚିଟଫଣ୍ଡ ଅନୁଷ୍ଠାନ ସମ୍ପର୍କରେ ଆଲୋଚନା କରିଥିଲେ। ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ ହରିଶ ସଜନାପୁ ଭାରତ ସରକାରଙ୍କ ଜୀବନବୀମା ଓ ପେନସନ ଯୋଜନା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଞ୍ଚୟ ଓ ଆର୍ଥିକ ସେବା ବିଭାଗର ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ ପରିଚାଳନାରେ ସହଯୋଗ କରିଥିଲେ।

## ୨୪ ଘଣ୍ଟାରେ ସମ୍ବଲପୁରରେ ଦ୍ୱିତୀୟ ହିଟ୍ ଆଣ୍ଡ ରନ୍ ଘଟଣା

# କାର୍ ଧକ୍କାରେ ଚାଲିଗଲା ମହିଳାଙ୍କ ଜୀବନ

**ସମ୍ବଲପୁର, ୩୧।୧୦(ସମିସ)**

ପୁଣି ସମ୍ବଲପୁରରେ ହିଟ୍ ଆଣ୍ଡ ରନ ଘଟଣାରେ ଚାଲିଗଲା ଜଣେ ମହିଳାଙ୍କ ଜୀବନ। ପ୍ରତିଦିନ ପରି ଆଜି ମଧ୍ୟ ସନ୍ଧ୍ୟାରେ ଚାଲିବାକୁ ଯାଇଥିଲେ। ହେଲେ ଘରକୁ ଆଉ ଫେରିପାରିଲେନି। ଗୋଟାଏ କାର୍ ଧକ୍କାରେ ଘଟଣାସ୍ଥଳରେ ହିଁ ଚାଲିଗଲା ଜୀବନ। କାର୍ ଧକ୍କାଦେବା ପରେ ଘଟଣାସ୍ଥଳରୁ ଫେରାର ମାରିଛି। ଏଭଳି ଘଟଣା ମହାନଦୀ ଦ୍ୱିତୀୟ ସେତୁ ବୋଲାଉଥିବା ଚାଉଁରପୁର ବ୍ରିଜରେ ଘଟିଯାଇଛି। ଏହି ଦୁର୍ଘଟଣାରେ ସମ୍ବଲପୁର ବିଜେପି ନେତା ଶିବ କୁମାର ଅଗ୍ରୱାଲଙ୍କ ପୁତ୍ର ବଧୂ ଶ୍ୱାତି ଅଗ୍ରୱାଲ(୪୦)। ଆଜି ସନ୍ଧ୍ୟାରେ ବୁର୍ଲା ଡାକ୍ତରଖାନାରେ ତାଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ସମ୍ବଲପୁର ସହର ଏକ ଜନଗହଳି ଅଞ୍ଚଳ। ରାସ୍ତା ଗୁଡ଼ିକ ସଂକର୍ଣ୍ଣ। ପ୍ରାୟ ସମୟରେ ଜାମ ପରିସ୍ଥିତି ଲାଗିଥାଏ। ସହରକୁ ଲାଗି ଦୁର୍ଗାପାଲି ଓଭରବ୍ରିଜ ଓ ଚାଉଁରପୁର ବ୍ରିଜ ରହିଛି। ବର୍ତ୍ତମାନ ଏହି ରାସ୍ତା ଏକପ୍ରକାରର ଷ୍ଟଣ୍ଟ ପଏଣ୍ଟ ପାଲଟିଛି। କାରଣ ଏହି ଦୁଇ ରାସ୍ତାରେ ଧ୍ରୁତ ଗତିରେ ଗାଡ଼ି ଚାଳନା ହେଉଛି। ଚାଉଁରପୁର ବ୍ରିଜରେ ସକାଳେ ଓ ସନ୍ଧ୍ୟା ଦୁଇ ବେଳେ ସହରବାସୀ ଚାଲିବାକୁ ଯାଉଛନ୍ତି। ଅନେକ ଯୁବପିଢୀ ରିଲ୍ସ ନିଶାରେ ମଧ୍ୟ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ଏହି ରାସ୍ତାରେ ଧ୍ରୁତ ଗତିରେ କାର୍ ବାଇକ୍ ଯିବା ଆସିବା କରୁଛି। ଏଥିରେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ପ୍ରତିଦିନ ପରି ଆଜି ମଧ୍ୟ ଶ୍ୱାତି ଚାଲିବାକୁ ଯାଇଥିଲେ। ଏହି ସମୟରେ କାରଟି ଧକ୍କା ଦେଇ ଫେରାର ମାରିଥିଲା। ଗୁରୁବାର ମଧ୍ୟ ଦୁର୍ଗାପାଲି ଓଭରବ୍ରିଜରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ମହିଳା ଓ ନାବାଳିକାଙ୍କ ମୃତ୍ୟୁ ହୋଇଥିଲା।

**ସନ୍ଧ୍ୟା ଭ୍ରମଣରେ ଯାଇଥିଲେ**

**୨ ଦିନରେ ୨ ଦୁର୍ଘଟଣା, ୩ ମୃତ**

**ଦ୍ରୁତଗତି ଗାଡ଼ି ଚାଳନାରେ ଲାଗୁନି ଅଙ୍କୁଶ**

### ଦୁର୍ଗାପାଲି ଫ୍ଲାଏ ଓଭରରେ ଦୁର୍ଘଟଣା ମାମଲା

## ଜେଲଗଲା ଅଭିଯୁକ୍ତ କାର୍ ଚାଳକ

**ସମ୍ବଲପୁର, ୩୧।୧୦(ସମିସ):** ଗୁରୁବାର ସନ୍ଧ୍ୟାରେ ଦୁର୍ଗାପାଲି ଓଭରବ୍ରିଜରେ ଦୁର୍ଘଟଣା ଘଟାଇଥିବା କାର୍ ଚାଳକଙ୍କୁ କ୍ଷେତରାଜପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। କାର୍ ଚାଳକ ଗୋଲବଜାରର ପ୍ରବୀଣ ଦୁବେ ଧ୍ରୁତ ଗତିରେ ଗାଡି(ଓଡି୧୫ଏକ୍ସ୫୩୧୫) ଆସି ଏକ ବାଇକକୁ ଧକ୍କା ଦେଇଥିଲେ। ବେଗ ଏତେ କ୍ଷିପ୍ର ଥିଲା ଯେ ବାଇକ୍‌ରେ ବସିଥିବା ମାଉସି ବ୍ରିଜ ତଳକୁ ଖସି ପଡ଼ିଥିଲେ। ଏହି ଦୁର୍ଘଟଣାରେ ମାଉସୀ ଓ ୪ ବର୍ଷିଆ ଝିଅାରୀଙ୍କ ମୃତ୍ୟୁ ହୋଇଥିବା ବେଳେ, ମାମୁଁ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

## ଟ୍ରକ୍ ଧକ୍କାରେ ଛାତ୍ରୀ ମୃତ

**ସମ୍ବଲପୁର, ୩୧।୧୦ (ସମିସ):** ଟ୍ରକ୍ ଧକ୍କାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ସମ୍ବଲପୁର-ବରଗଡ଼ ୫୩ନଂ ଜାତୀୟ ରାଜପଥର ମହାନଦୀ ପୋଲ ନିକଟରେ ଏକ ଧ୍ରୁତଗାମୀ ଟ୍ରକ୍ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଛାତ୍ରୀ ଜଣକ ତଳେ ପଡ଼ିଯାଇଥିଲେ। ପରେ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ ଜଣକ ହେଉଛନ୍ତି ସମ୍ବଲପୁର ଜିଲ୍ଲା ନାକଟିଦେଉଳର ଚନ୍ଦ୍ରମଣି ବିଶ୍ୱାଳଙ୍କ ଝିଅ କାଜଲ ବିଶ୍ୱାଳ (୨୨)। କାଜଲ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ପାଠ



ପଢୁଛନ୍ତି। ସେ ଆଜି ମଧ୍ୟାହ୍ନ ସମୟରେ ଜଣେ ଯୁବକଙ୍କ ସହିତ ବାଇକ (ଓଡି-୦୮-ଇ-୫୯୯୦)ରେ ବୁର୍ଲା ଅଭିମୁଖେ ଆସୁଥିଲେ। ମହାନଦୀ ବ୍ରିଜ ନିକଟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ବାଇକକୁ ଧକ୍କା ଦେଇଥିଲା। ଏଥିରେ କାଜଲ ଟ୍ରକ ଚକ ତଳେ ପଡ଼ିଯାଇଥିବା ବେଳେ ଯୁବକ ଜଣକ ଛିଟିକି ହୋଇ ରାସ୍ତା କଡରେ ପଡ଼ିଥିଲେ। ଏହାପରେ କାଜଲଙ୍କ ଗୋଟିଏ ଗୋଡ ଛଣ୍ଡି ଯାଇ ପ୍ରଚୁର ରକ୍ତ ସ୍ରାବ ହୋଇଥିବା ବେଳେ ଅନ୍ୟଗୋଡ ମଧ୍ୟ ଗୁରୁତର ଭାବେ ଆହତ ହୋଇଥିଲା। ପରେ କିଛିଲୋକ ବୁର୍ଲା ମେଡିକାଲକୁ ପଠାଇଥିଲେ। କାଜୁଆଲ୍ଟିରେ ଚିକିତ୍ସା ଚାଲିଥିବା ବେଳେ ତାଙ୍କ ମୃତ୍ୟୁ ଘଟିଛି।ସେପଟେ ଛାତ୍ରୀଙ୍କ ସହିତ ବାଇକରେ ଥିବା ଯୁବକ ଜଣକ ଘଟଣା ସ୍ଥଳରୁ ଫେରାର ରହିଥିବା ସୂଚନା ରହିଛି। ସେ କିଏ ଏବଂ କେଉଠି ଅଛି ତାହା ଜଣାପଡ଼ିନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି।



ହାଟପଡ଼ାରେ କାର୍ତ୍ତିକେଶ୍ୱର ପୂଜା

## ହୀରାକୁଦ ଜଳସ୍ତର ୬୨୯ ଫୁଟ୍

**ସମ୍ବଲପୁର, ୩୧।୧୦ (ସମିସ):** ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ପାଖପାଖି ରହିଛି। ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୬, ୦୫୯ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ପାୱାର ଚେନାଲରେ ୧୨, ୫୨୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ, କେନାଲ ପାଇଁ ୪, ୨୯୭ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୭.୧୪ ମିମି ଏବଂ ତଳମୁଣ୍ଡରେ ୦.୩୪ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୬.୨୯ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ୯୦ ଇଞ୍ଜେକ୍ସନ ଜବତ, ୨ ଗିରଫ

**ସମ୍ବଲପୁର, ୩୧।୧୦(ସମିସ):** ବୁର୍ଲା ଅଞ୍ଚଳରୁ ମିଳିଛି ନିଶା ଇଞ୍ଜେକ୍ସନ। ଏହି ଇଞ୍ଜେକ୍ସନକୁ ନିଶା ପାଇଁ ବ୍ୟବହାର କରାଯାଉଥିଲା। ସଦର ଅବକାରୀ ପୁଲିସ ଚଢଉ କରି ଗାନ୍ଧୀପଡ଼ାରୁ ୯୦ ପେଣ୍ଟାଜଓସିନ ଇଞ୍ଜେକ୍ସନ, ୧୧୦



ବୋତଲ କଫ ସିରପ ଜବତ କରି ୨ ଜଣକୁ ଗିରଫ କରିଛି। ସେମାନେ ହେଲେ ଗାନ୍ଧୀପଡ଼ାର ରାଜା ନାଏକ(୨୫) ଓ ଗୌଡପାଲିର କରମସାନି ଲୁହା(୨୨)। ବୁର୍ଲା ଅଞ୍ଚଳରେ ବେଆଇନ ନିଶା କାରବାର ହେଉଥିବା ଅବକାରୀ ଖବର ପାଇଥିଲା। ପରେ ଚଢଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବ୍ରାଉନସୁଗର କାରବାରରେ ୨ ଗିରଫ



**ସମ୍ବଲପୁର, ୩୧।୧୦(ସମିସ):** ବରେଇପାଲି ପୁଲିସ ବ୍ରାଉନସୁଗର କାରବାରରେ ଦୁଇ ଜଣକୁ ଗିରଫ କରିଛି। ସେମାନେ ହେଲେ ଶାସନ ଥାନା ସିକ୍ରାପାଲିର ରିତିକ ଛଚାନ(୨୩) ଓ ସଦରଥାନା ଧନକଉଡ଼ାର ଗୋପାଲ ଭୋସାଗର(୨୨)। ସେମାନଙ୍କ ନିକଟରୁ ୧୦.୪୦ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଗୁରୁବାର ବରେଇପାଲି ଥାନା ଅନ୍ତର୍ଗତ ମାଲିପଡ଼ା ଅଞ୍ଚଳରେ ବେଆଇନ ଭାବେ ନିଶାକାରବାର ହେଉଥିବା ପୁଲିସ ଖବର ପାଇ ଚଢଉ ବେଳେ ବ୍ରାଉନସୁଗର ବାହାରିଥିଲା। ପୁଲିସ ଗିରଫ ପରେ ଉଭୟଙ୍କୁ କୋର୍ଟ ଚାଲଣ କରିଛି।

## ଆକାଶବାଣୀରେ ବିଦାୟକାଳୀନ ସଭା



**ସମ୍ବଲପୁର, ୩୧।୧୦(ସମିସ):** ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ସହାୟକ ନିର୍ଦ୍ଦେଶକ (ଅଭିଯାନ୍ତ୍ରିକୀ) ସୁବୋଧ କୁମାର ପାଲ ଶୁକ୍ରବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ୧୯୯୧ ମସିହା ସେପ୍ଟେମ୍ବର ମାସରୁ ରେଡିଓ କାଶ୍ମୀରରୁ ଚାକିରୀ ଆରମ୍ଭ କରି ରେଡିଓ ଶ୍ରୀନଗର ଏବଂ ଆକାଶବାଣୀ, ଗୋରଖପୁର, ରାଞ୍ଚି ଏବଂ ଇମ୍ଫାଲ ଆଦି କେନ୍ଦ୍ରମାନଙ୍କରେ ବିଭିନ୍ନ ପଦବୀରେ ରହି କାର୍ଯ୍ୟ କରିଥିଲେ। ୨୦୨୪ ଡିସେମ୍ବର ମାସରେ ସେ ଆକାଶବାଣୀ, ସମ୍ବଲପୁର କେନ୍ଦ୍ରକୁ ବଦଳି ହୋଇ ଏପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ। କେନ୍ଦ୍ର ପରିସରରେ ଆଜି ଆକାଶବାଣୀ ରିକ୍ରିଏସନ୍ କ୍ଲବ ଦ୍ୱାରା ଏକ ବିଦାୟକାଳୀନ ସଭା ଆୟୋଜିତ ହୋଇଯାଇଛି। ସଭାରେ ଶ୍ରୀ ପାଲଙ୍କୁ କେନ୍ଦ୍ରର ଅଭିଯାନ୍ତ୍ରିକୀ ନିର୍ଦ୍ଦେଶକ ସନ୍ତୋଷ ପ୍ରଧାନ ଏବଂ କାର୍ଯ୍ୟକ୍ରମ ମୁଖ୍ୟ ମନିଷ ଭଟ୍ଟାଚାର୍ଜୀ ସମ୍ବର୍ଦ୍ଧିତ କରିଥିଲେ। ରିକ୍ରିଏସନ କ୍ଲବ ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ପ୍ରଦାନ ଏବଂ କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ ପିଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। କୈବର୍ତ୍ତ ସାହୁ, ଜ୍ୟୋତି ପ୍ରକାଶ ମିଶ୍ର, ପ୍ରକାଶ ଚନ୍ଦ୍ର ଛତ୍ରିଆ, ବୃନ୍ଦାବନ ସେଠୀ, ସୋମନାଥ ଜାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ମାମଲା

## ପ୍ରଧାନଶିକ୍ଷକଙ୍କୁ ୪ ବର୍ଷ ଜେଲ

**ସମ୍ବଲପୁର, ୩୧।୧୦ (ସମିସ):** ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଲାଷ ସେନାପତି ନାବାଳିକା ଛାତ୍ରୀ ଅସଦାଚରଣ ମାମଲାର ବିଚାରକରି ଅଭିଯୁକ୍ତ ଶିକ୍ଷକ ବେଦବ୍ୟାସ ପଟେଲ (୫୫)କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

ଘଟଣାଟି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅଞ୍ଚଳରେ ୧୨.୨.୨୦୧୮ରେ ହୋଇଥିଲା। ପୀଡ଼ିତା ଧୁଡ଼ିପାଲି ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲା ଓ ରହୁଥିଲା। ଦେହ ଅସୁସ୍ଥ ହେବାରୁ ସେ ନିଜ ଗାଁକୁ ଯାଇ ଇଞ୍ଜେକସନ ନେଇ ସ୍କୁଲକୁ ଫେରିଥିଲା। ଅଭିଯୁକ୍ତ ବେଦବ୍ୟାସ ପଟେଲ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଅଟନ୍ତି। ସେ ପୀଡ଼ିତାକୁ ଆଉଥରେ ଇଞ୍ଜେକସନ ନେବାପାଇଁ ମୋନାପାଲି ଗାଁକୁ ଯିବାକୁ ବାଧ କଲେ ଏବଂ ଜୋରଜବରଦସ୍ତି ନିଜ ଗାଡ଼ିରେ ବସାଇ ଏକ ଜଙ୍ଗଲିଆ ଅଞ୍ଚଳକୁ ନେଇ ଅସଦାଚରଣ କରିଥିଲେ। ପୀଡ଼ିତା ବିରୋଧ କରିବାରୁ ତାକୁ ଗାଳିଗୁଲଜ କରିଥିଲେ ଏବଂ ଅଭିଯୁକ୍ତ ବେଦବ୍ୟାସ ପଟେଲ ଆଣି ସ୍କୁଲରେ ଛାଡ଼ି ଚାଲିଯାଇଥିଲେ। ଏହି ଘଟଣା ବିଷୟରେ ପିଡ଼ିତା ପ୍ରଥମେ ସ୍କୁଲର ମେଟ୍ରନଙ୍କୁ ଜଣାଇଥିଲେ। ମେଟ୍ରନ ପିଡ଼ିତାର ବାପା ଓ ସ୍କୁଲର ଅନ୍ୟ ସଭ୍ୟମାନଙ୍କୁ ଡକାଇଥିଲେ। ସମସ୍ତେ କୁଚିଣ୍ଡା ଥାନାରେ ଅଭିଯୋଗ କରିବା ପାଇଁ ନିଷ୍ପତ୍ତି ନେଲେ। ଏହାପରେ ୧୮.୨.୨୦୧୮ ଦିନ ପୀଡ଼ିତାର ବାପା କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କଲେ। କୁଚିଣ୍ଡା ପୁଲିସ କେସ ନଂ. ୪୯/୨୦୧୮ରେ ମାମଲା ରୁଜୁ କଲା। ଥାନାଧିକାରୀ ମାମଲାର ତଦନ୍ତ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଆଜି ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଲାଷ ସେନାପତି ଅଭିଯୁକ୍ତ ବେଦବ୍ୟାସ ପଟେଲଙ୍କୁ ପୋକ୍‌ସୋ ଆକ୍ଟରେ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପିଡ଼ିତାଙ୍କୁ ଅନୁକମ୍ପା ରାଶି ପ୍ରଦାନ କରିବାକୁ ବିଚାରପତି ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସମ୍ବଲପୁର ଜିଲ୍ଲା ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା

**ଜମନକିରା, ୩୧।୧୦(ସମିସ):** ସମ୍ବଲପୁର ଜିଲ୍ଲା ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ଇନ୍ଦିରାଗାନ୍ଧୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ମୁଣ୍ଡେନପାଲିରେ ଶୁକ୍ରବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସରକାରୀ ଶାରୀରିକ ମହାବିଦ୍ୟାଳୟ କୁଲୁଣ୍ଡିର ଅଧ୍ୟକ୍ଷ ଅଂଶୁମାନ ମିଶ୍ର, ଦୟାନନ୍ଦ ପବ୍ଲିକ ସ୍କୁଲ ଚେୟାରମ୍ୟାନ ଇଶ୍ୱର ପାଣିଗ୍ରାହୀ, ଜିଲ୍ଲା ଶାରୀରିକ କ୍ରିଡ଼ା ଅଧିକାରୀ ସୁଜାତା ପଟ୍ଟନାୟକ ଯୋଗଦାନ କରିଥିଲେ।ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀରଞ୍ଜନ ନାଥ ସ୍ୱାଗତ କରିଥିଲେ।କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାର ୯ଟି ବ୍ଲକରୁ ୨୦୨ ଜଣ ଛାତ୍ରଛାତ୍ରୀ ଏବଂ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିଲ୍ଲା କ୍ରୀଡ଼ା ରିପୋର୍ଟ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅବସରପ୍ରାପ୍ତ ଖେଳ ଶିକ୍ଷକ ଲକ୍ଷ୍ମଣ କୁମାର ନାଥ, ନାରାୟଣ ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ ସହ ବିଭିନ୍ନ ସ୍କୁଲର ଖେଳ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକ ସରୋଜ କୁମାର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଡାଇକ୍‌ରେ ପୁଲିସର ଚେକିଂ କଡାକଡ଼ି

## ୟୁନିଫର୍ମରେ ଥିବା ପୁଅଝିଅ ବୁଲିପାରିବେନି

**ସମ୍ବଲପୁର, ୩୧।୧୦ (ସମିସ):** ବୁର୍ଲା ଡାଇକ ଆଡ଼େ ସ୍କୁଲ କଲେଜ ଛାତ୍ରଛାତ୍ରୀ କୌଣସି ଅନୈତିକ କାମ କରିପାରିବେନି।



କଲେଜ କିମ୍ବା ସ୍କୁଲ ଡ୍ରେସ ପିନ୍ଧି ପୁରୁଷ ବନ୍ଧୁ ସହ ଏକୁଟିଆ ଥିଲେ ପୁଲିସ ଡାଇକ ଭିତରକୁ ଛାଡୁନାହିଁ। ଡାଇକ ଆଡେ ଯେ କେହିବି ବୁଲିବାକୁ ଗଲେ ପୁଲିସ ତଥ୍ୟ ସଂଗ୍ରହ କରୁଛି। ଆଗକୁ ଭୋଜି ଋତୁ ଆରମ୍ଭ ହେବ। ତେଣୁ ଲୋକଙ୍କ ସୁରକ୍ଷାକୁ ଦେଖି ବୁର୍ଲା ପୁଲିସ ପକ୍ଷରୁ ଏଭଳି ପ୍ରସ୍ତୁତି ଆରମ୍ଭ କରାଯାଇଛି। ଡାଇକ୍ ଦେଇ ଯାଉଥିବା ସମସ୍ତ ଗାଡ଼ିର ନମ୍ବର, ଠିକଣା, ଚାଳକର ନାମ ମୋବାଇଲ ନମ୍ବର, ଗନ୍ତବ୍ୟ ସ୍ଥଳ ସବୁ ରେକର୍ଡରେ ଲେଖାଯାଉଛି। ଏହାସହ କୌଣସି ନିଶା କାରବାର ପାଇଁ ମଧ୍ୟ ରୋକ ଲଗାଯାଉଛି। ଗାଡ଼ିରେ ନିଶା ସାମଗ୍ରୀ ମଧ୍ୟ ଯାଞ୍ଚ କରାଯାଉଛି। ଭୋଜି ବେଳେ ନିଶାସେବନ କରି ଝଗଡ଼ା ମାଡିପିଟ ଘଟିଥାଏ। ଏଥି ପାଇଁ ପୁଲିସ ପକ୍ଷରୁ ଏହାକୁ କଡାକଡି ରୋକ ଲଗାଯାଇଛି। ବିଶେଷ ଭାବେ ଅଧିକାଂଶ କଲେଜ ଛାତ୍ରଛାତ୍ରୀ ଅନୈତିକ କାମ କରିବା ଉଦେଶ୍ୟରେ ଯାଇଥାନ୍ତି। ଯଦିସେମାନେ ୟୁନିଫର୍ମରେ ରହିଥିବେ ଏବଂ ଏକୁଟିଆ ଥିଲେ ସେମାନଙ୍କ ଭିତରକୁ ଛଡାଯାଉନାହି। ଏହି ଯାଞ୍ଚ ପକ୍ରିୟା ମାସେ ହେଲାଣି ଆରମ୍ଭ ହୋଇଛି। ପ୍ରତିଦିନ ସକାଳୁ ସନ୍ଧ୍ୟା ୭ଟା ଯାଏଁ ଏହା ଜାରି ରହୁଛି। ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ବୁର୍ଲା ଥାନାଧିକାରୀ ସୌମ୍ୟକାନ୍ତ ବଳିଆର ସିଂ କହିଛନ୍ତି।

**ନିଶା କାରବାର ରୋକିବାକୁ ଉଦ୍ୟମ**

**ରେକର୍ଡ କରାଯାଉଛି ସମସ୍ତଙ୍କ ତଥ୍ୟ**

## ସାଇବର ଅପରାଧ ସଚେତନତା ଶିବିର

**ଜମନକିରା, ୩୧।୧୦ (ସମିସ):** ଜମନକିରା ବ୍ଲକ ଷଣ୍ଢପଥର ଏସଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଜମନକିରା ପୁଲିସ ପ୍ରଶାସନ ପକ୍ଷରୁ ସାଇବର କ୍ରାଇମ୍ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏସଚେତନତା ରଥ ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନ ପରିଭ୍ରମଣ କରି ପ୍ରଜେକ୍ଟର ମାଧ୍ୟମରେ ସଚେତନତା ସୃଷ୍ଟି କରିଛି। ଗୁରୁବାର ଉକ୍ତ ରଥକୁ ଷଣ୍ଢପଥର ଏସଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ସ୍ୱାଗତ କରାଯାଇ ସାଇବର କ୍ରାଇମ୍ ନେଇ ସଚେତନତା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାଶ ଯୋଗ ଦେଇଥିବା ବେଳେ ସ୍କୁଲର





ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱରୂପା ମାଝୀ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବରେ ଷଣ୍ଢପଥର ହାଇ ସ୍କୁଲର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ, ସମ୍ମାନିତ ଅତିଥି ଭାବରେ ଷଣ୍ଢପଥର ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ତିର୍ଥରାଜ ନାୟକ, ଅଧ୍ୟାପିକା ଉପମା ନାଏକ, ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ବିନାୟକ ପଣ୍ଡା ପ୍ରମୁଖ ଯୋଗଦେଇ ବିଭିନ୍ନ ସଚେତନତା ବାର୍ତ୍ତା ଦେଇଥିଲେ। ରଥ ପରିଚାଳନାରେ ଏସ୍‌ଆଇ ବିଶ୍ୱରଞ୍ଜନ ରାଉତରାୟ, ଏଏସଆଇ ପଦ୍ମନାଭ ଅଗସ୍ତି, ନାରାୟଣ ନାଏକ, କନଷ୍ଟେବଳ ସୁରଜ କୁମାର ସାହୁ ଏବଂ ଯତୀନ କୁମାର ସାହୁ ଥିବା ବେଳେ ଜମନକିରା ଥାନା ଏସ୍‌ଆଇ ମନୋରଞ୍ଜନ ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏସଆଇ ସନ୍ତୋଷ ସ୍ୱାଇଁ, ଏଏସ୍‌ଆଇ କିଶୋର କୁମାର ସାହୁ, ଏଏସ୍‌ଆଇ ନିରଞ୍ଜନ ପ୍ରଧାନ, ହାବିଲଦାର ସ୍ୱାଧୀନ କୁମାର ବେହେରାଙ୍କ ସମେତ ସମସ୍ତ ପୋଲିସ କନଷ୍ଟେବଳ ସହ ହାଇସ୍କୁଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼

**ସମ୍ବଲପୁର, ୩୧।୧୦(ସମିସ)**

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁରରେ ଜିଲ୍ଲାସ୍ତରୀୟ ଏକତା ଗଣଦୌଡ଼ ଏବଂ ସମୂହ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗଣଦୌଡ଼ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରୁ ବାହାରି ଗୋଲବଜାର ପର୍ଯ୍ୟନ୍ତ ଯାଇଥିଲା। ଗଣଦୌଡ଼କୁ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।'ଏକ ଭାରତ, ଆତ୍ମନିର୍ଭର ଭାରତ' ଉପରେ ଆଧାରିତ ଏହି ଗଣଦୌଡ଼ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଚାରଧାରା ସମ୍ପର୍କରେ ଲୋକଙ୍କ ମଧ୍ୟରେ ଅଖଣ୍ଡତା ଓ ଏକତାର ସଚେତନତା ବାର୍ତ୍ତା ସୃଷ୍ଟି କରିବ। ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ସମୂହ ଶପଥପାଠ କରାଇଥିଲେ।



ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଜାତୀୟ ଏକତାର ଭାବନାକୁ ଉଜାଗର କରି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ।ସୂଚନା ଅନୁଯାୟୀ ଆଗାମୀ ଦିନରେ ସମ୍ବଲପୁର ସଦର ଏବଂ କୁଚିଣ୍ଡାରେ ଏକତା ପଦଯାତ୍ରା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାଧାରଣ ସମାବେଶ ଅନୁଷ୍ଠିତ ହେବ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନ ଓ ଅବଦାନକୁ ଉଦ୍ଧାର କରୁଥିବା କାର୍ଯ୍ୟକ୍ରମ, ସାମାଜିକ ସଚେତନତା ଅଭିଯାନ, ସ୍ୱଚ୍ଛତା କାର୍ଯ୍ୟକ୍ରମ ଆଦି ମଧ୍ୟ ଅନୁଷ୍ଠିତ ହେବ। ଏଥିନିମନ୍ତେ ଜିଲ୍ଲାପାଳ ଶ୍ରୀ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

### ସମ୍ବଲପୁର ରେଳମଣ୍ଡଳ

**ସମ୍ବଲପୁର:** ପୂର୍ବତଟ ରେଳପଥ, ସମ୍ବଲପୁର ରେଳମଣ୍ଡଳ ଦ୍ୱାରା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ପାଳନ କରାଯାଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ସୁବାସ ଚନ୍ଦ୍ର ଚୌଧୁରୀ ରେଳନଗରସ୍ଥିତ ରେଳ ଷ୍ଟାଡିୟମରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ। ଏହି ଅବସରରେ ସମ୍ବଲପୁରର ରେଳନଗରରେ ଡିଆରଏମ୍ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ନେତୃତ୍ୱରେ ଏକ 'ରନ୍ ଫର୍ ୟୁନିଟି' (ଏକତା ପାଇଁ ଦୌଡ଼) ମଧ୍ୟ ଆୟୋଜନ କରାଯାଇଥିଲା। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ, ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।

### ସରକାର ମହିଳା ମହାବିଦ୍ୟାଳୟ

**ସମ୍ବଲପୁର:** ସରକାରୀ ମହିଳା ମହାବିଦ୍ୟାଳୟରେ ଏକତା ଦିବସ ପାଳନ ପରିପ୍ରେକ୍ଷୀରେ ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ପୌରୋହିତ୍ୟ କରିବାସହ ଏହି ଦିବସର ମହତ୍ତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଦେଶର ଅଖଣ୍ଡତା, ସୁରକ୍ଷା ଓ ଏକତା ସର୍ବୋପରି ବୋଲି ଉଲ୍ଲେଖ କରି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସକାଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏକତା ଦିବସ ଗଣଦୌଡ଼ରେ ମହାବିଦ୍ୟାଳୟର ଛାତ୍ରୀମାନେ ସାମିଲ ହୋଇଥିଲେ।

### ଏକତା ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ

**ସମ୍ବଲପୁର:** ଶାସନ ଥାନା ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପଦଯାତ୍ରା ଓ ବିଭିନ୍ନ କାର୍ଯ୍ୟକ୍ରମ ଶାସନ ଥାନାର ଭାରପ୍ରାପ୍ତ ଆରକ୍ଷୀ ନୀରିକ୍ଷକ ପ୍ରବୀର କିଶୋର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟଅତିଥି ଭାବେ ସମାଜସେବୀ ପ୍ରକୃତିବନ୍ଧୁ ବଂଶୀଧର କର, ମୁଖ୍ୟବକ୍ତା ଭାବେ ସେଣ୍ଟ ଜାଭିୟର ହାଇସ୍କୁଲର ଶିକ୍ଷୟିତ୍ରୀ ଦେବହୂତି ସାହୁ, ସମ୍ମାନିତ ଅତିଥି ଭାବେ ମିଥୁନ ହୋତା ଓ ଇଂ. ପ୍ରଦୀପ ମହାରଣା ଯୋଗ ଦେଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆଦର୍ଶ ତଥା ରାଷ୍ଟ୍ରପ୍ରତି ଅବଦାନ ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ। ପଦଯାତ୍ରା ଅଞ୍ଚଳ ପରିକ୍ରମା କରିବାପରେ ଶ୍ରୀ ତ୍ରିପାଠୀ ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ଅକ୍ଷୁର୍ଣ୍ଣ ରଖିବାକୁ ଶପଥପାଠ କରାଇଥିଲେ।

# ନବୀନଙ୍କ ବିକାଶର ରଥକୁ ଆଗେଇନେବି: ସ୍ନେହାଙ୍ଗିନୀ





**ନୂଆପଡ଼ା, ୩୧ ।୧୦(ସମିସ)**

ନୂଆପଡ଼ା ଜିଲ୍ଲାରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିକାଶର ଧାରାକୁ ଆଗକୁ ନେଇଥିବା ବେଳେ ଏବଂ ସାରା ରାଜ୍ୟରେ ବିକାଶର ରଥକୁ ଟାଣିଛନ୍ତି ନବୀନ ପଟ୍ଟନାୟକ। ତାକୁ ଆପଣ ମାନଙ୍କ ଆଶୀର୍ବାଦରୁ ମୁଁ ବି ଆଗକୁ ନେବାକୁ ସମର୍ଥ ହେବି ବୋଲି ବିଜେଡିର ବିଧାୟକ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ରାଜନୈତିକ ସଭାକୁ ସମ୍ବୋଧନ କରି କହିଛନ୍ତି। ଛୁରିଆ ଗୋଟିଏ ଦିନରେ ନୂଆପଡ଼ା ବ୍ଲକର ଭିନ୍ନ ଜାଗାରେ ୭ରୁ ଊର୍ଦ୍ଧ୍ୱ ନିର୍ବାଚନୀ ସଭାରେ ଯୋଗ ଦେଇ ବିସ୍ଫୋରକ ବକ୍ତବ୍ୟ ରଖିଥିଲେ। ତାଙ୍କ ଭାଷଣରେ ଲୋକମାନଙ୍କୁ ବାନ୍ଧି ରଖିଥିଲେ।ପୂର୍ବାହ୍ନରେ ପ୍ରଥମେ ସ୍ଥାନୀୟ ଜିଲ୍ଲାପରିଷଦ ଜୋନ ୯ ଅନ୍ତର୍ଗତ ଦର୍ଲିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଧାନମଣ୍ଡି ପଡ଼ିଆରେ ନିର୍ବାଚନୀ ସଭା ହୋଇଥିଲା। ଦାୟୀତ୍ୱରେ ଥିବା ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ନେତୃତ୍ୱ ନେଇଥିଲେ। ସଭାରେ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ସମର୍ଥକମାନେ ଯୋଗ ଦେଇଥିଲେ। ଏଥିରେ ବହୁ କଂଗ୍ରେସ ଓ ବିଜେପିର କର୍ମୀ ମାନେ ଯୋଗ ଦେଇଥିଲେ।ସେହିଭଳି ସାହିପଲା ସାପ୍ତାହିକ ବଜାରରେ ଆୟୋଜିତ ସଭାରେ ଦେବୀ ରଞ୍ଜନ ତ୍ରିପାଠୀ ନେତୃତ୍ୱ ନେଇଥିଲେ।ପରେ ଖଇରାନୀ, କୋଟେନ ଚୁଆଁ, ଭରୁଆ ମୁଣ୍ଡା, ଧରମ ବନ୍ଧା, ଖୁଟବନ ଭେରା ପଞ୍ଚାୟତର ପତୋରା ଛକରେ ସଭା ହୋଇଥିଲା। ସଭା ଗୁଡିକରେ ବହୁ ସମର୍ଥକ ଯୋଗଦେଇ ବିଜେଡିକୁ ସମର୍ଥନ ଜଣାଇଛନ୍ତି।

■ ବିକାଶକୁ ଅଟକାଇ ରଖିଛନ୍ତି ବିଜେପି ସରକାର

## ମୁଁ ବିଧାନସଭାରେ ନୂଆପଡ଼ାର ହକ୍ ମାଗିବି: ସ୍ନେହାଙ୍ଗିନୀ

**ନୂଆପଡ଼ା, ୩୧ ।୧୦(ସମିସ):** ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବା ପର ଠାରୁ, ପଞ୍ଚାୟତକୁ ଟଙ୍କା ଆସୁନି, ରାଜ୍ୟରେ ଚାଲିଥିବା ଉନ୍ନୟନମୂଳକ କାମ ବନ୍ଦ ହୋଇଯାଇଛି। ନୂଆପଡ଼ା ସମେତ ସାରା ରାଜ୍ୟରେ ମହିଳା ସଶକ୍ତିକରଣ, ଆଦିବାସୀ କଲ୍ୟାଣ, ଆଜି ଇତିହାସ ପାଲଟି ଯାଇଛି। ନବୀନ ବାବୁଙ୍କ ନେତୃତ୍ୱରେ, ମୁଁ ନୂଆପଡ଼ାବାସୀଙ୍କ ସ୍ୱର ସାଜିବି, ପୂର୍ବ ଥର ଭଳି ଏଥର ମଧ୍ୟ ବିଜୁ ଜନତା ଦଳକୁ ଆଶୀର୍ବାଦ କରନ୍ତୁ ବୋଲି ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି। ଶୁକ୍ରବାର ନୂଆପଡ଼ା ନିର୍ବାଚନମଣ୍ଡଳୀରେ ବିଭିନ୍ନ ସ୍ଥାନରେ ଘମାଘୋଟ ପ୍ରଚାର କରି ଜନତାଙ୍କୁ ଏହି ନିର୍ଭର ଆଶ୍ୱାସନା ଦେଇଛନ୍ତି ଶ୍ରୀମତୀ ଛୁରିଆ। ସକାଳୁ ଶ୍ରୀମତୀ ଛୁରିଆ ନିର୍ବାଚନ ବାଇକ୍ ରାଲି ଓ ରୋଡ ଶୋ'ମାଧ୍ୟମରେ ପ୍ରଚାର ଆରମ୍ଭ କରି ଦର୍ଲିମୁଣ୍ଡ ସ୍ଥିତ ବିଜୁ ଏକ୍ସପ୍ରେସୱେ, ସାହିପଲା ସାପ୍ତାହିକ ହାଟ, ଖଇରାନୀ ଗ୍ରାମ, କୋଟେନଚୁଆଁ, ଭରୁଆମୁଣ୍ଡା ହାଟପଦା, ଧରମବନ୍ଧ ମାଟି ଘର ଦୁର୍ଗାମଣ୍ଡପ ଏବଂ ଖୁଟବେନ୍ ଭୀରା ପତୋରା ଛକରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା କରି ଲୋକଙ୍କ ଆଶୀର୍ବାଦ କାମନା କରିଥିଲେ। ସବୁ ସ୍ଥାନରେ ଶ୍ରୀମତୀ ଛୁରିଆଙ୍କୁ ଭରପୁର ସମର୍ଥନ ଓ ଅତୁଟ ବିଶ୍ୱାସର ଆଶ୍ୱାସନା ମିଳୁଛି। ଲୋକେ ପାରମ୍ପରିକ ବାଦ୍ୟ ବଜାଇ ତାଙ୍କୁ ସ୍ୱାଗତ କରୁଛନ୍ତି। ନୂଆପଡ଼ାରେ ମହିଳା ସଶକ୍ତିକରଣ, ଏସଏଚ୍‌ଜିକୁ ଆହୁରି ମଜଭୁତ କରିବା, ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ଉଦ୍ୟମ କରିବେ ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି। ଶ୍ରୀମତୀ ଛୁରିଆଙ୍କ ସହ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ସ୍ୱର୍ଗତ ରାଜୁ ଭାଇ ଯେପରି ନୂଆପଡ଼ାର ବିକାଶ ପାଇଁ ଲଢେଇ କରୁଥିଲେ ତାହା ଆଗକୁ ବି ଜାରି ରହିବ। ପୁଣି ଥରେ ବିଜେଡିକୁ ଆଶୀର୍ବାଦ ଦିଅନ୍ତୁ ବୋଲି ଆହ୍ୱାନ ଜଣାଇଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡାଇ, ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ପୂର୍ବତନ ସାଂସଦ ଝିନ୍ନ ହିକକା, ଲତିକା ପ୍ରଧାନ, ବିଧାୟିକା ବର୍ଷା ସିଂ ବରିହା, ରଘୁରାମ ପୋଡାଲ, ମାନସ ମାଡକାମି, ସଞ୍ଜିତ୍ ମହାନ୍ତି, ପ୍ରମୋଦ ପାଢ଼ୀ, ସୁଶାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ନବୀନ ବାବୁଙ୍କ ଉନ୍ନୟନମୂଳକ କାମକୁ ସ୍ୱୀକୃତି ଦେଇ ବିଜେଡିକୁ ବିପୁଳ ଭୋଟରେ ଜିତାଇବାକୁ ନିବେଦନ କରିଛନ୍ତି। ସବୁ ଜନସଭାରେ ବହୁ ସଂଖ୍ୟାରେ ମହିଳା, ଯୁବ ଓ ଆଦିବାସୀ ଯୋଗ ଦେଇଥିଲେ।








## ବିଜେଡି ପାଇଁ ଭୋଟ ମାଗିଲେ ଅତନୁ

**ନୂଆପଡ଼ା, ୩୧ ।୧୦ (ସମିସ):** ନୂଆପଡ଼ା ଏନ୍‌ଏସିର ୱାର୍ଡ ନଂ ୧ରେ ବିଜେଡି ପ୍ରାର୍ଥୀନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଲାଗି ପଦଯାତ୍ରା କରି ଭୋଟ ଭିକ୍ଷା କରିଥିଲେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ବରଗଡ଼ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ। ଆଜି ନୂଆପଡ଼ାରେ ଯାହା ସବୁ କାମ ହୋଇଛି ତାହା କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ହୋଇଛି ବୋଲି ଶ୍ରୀ ନାୟକ କହିଛନ୍ତି। ଏଥର ମଧ୍ୟ ଆପଣମାନେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଭୋଟ ଦେଇ ବିଜେଡିକୁ ଜୟଯୁକ୍ତ କରନ୍ତୁ।



ସିଇଓଙ୍କୁ ଆପତ୍ତି ଜଣାଇଲା ଦଳ

## ବିଜେଡି ପ୍ରଚାର ଭିଡିଓକୁ ମିଳୁନି ଅନୁମତି

**ଭୁବନେଶ୍ୱର, ୩୧।୧୦(ସମିସ):** ବିଜେଡି ନିର୍ବାଚନୀ ପ୍ରଚାର ଭିଡିଓକୁ ଅନୁମତି ଦେଉ ନାହାନ୍ତି ନୂଆପଡ଼ା ଜିଲ୍ଲାପାଳ ତଥା 'ମେଡିଆ ସାର୍ଟିଫିକେସନ୍ ଓ ମନିଟରିଂ କମିଟି' (ଏମ୍‌ସିଏମସି) ଅଧ୍ୟକ୍ଷ। ଯାହାକୁ ନେଇ ବିଜେଡି ଆପତ୍ତି ଉଠାଇବା ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ଦଳ ପକ୍ଷରୁ ନୂଆପଡ଼ା ଉପନିର୍ବାଚନରେ କ୍ୟାମ୍ପେନ୍ ପାଇଁ ୨ ଟି ଭିଡିଓ ଅନୁମୋଦନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପାଖକୁ ପଠାଯାଇଥିଲା। ଏଥିମଧ୍ୟରୁ ଗୋଟିଏ ଭିଡିଓକୁ ଅନୁମୋଦନ ମିଳିଥିବା ବେଳେ ଆଉ ଗୋଟିଏ ଭିଡିଓକୁ ଜିଲ୍ଲାପାଳ ଅନୁମୋଦନ ଦେଉ ନାହାନ୍ତି। ଏହି ଭିଡିଓରେ ପୂର୍ବତନ ବିଜେଡି ବିଧାୟକ ତଥା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଚେହେରା ଓ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ସମେତ ଅନ୍ୟ ରାଜନୈତିକ ଦଳର ଏକାଧିକ ନେତାଙ୍କ ଫଟୋ ରହିଥିବାରୁ ଜିଲ୍ଲାପାଳ ଭିଡ଼ିଓକୁ ଅନୁମତି ଦେଇ ନାହାନ୍ତି। ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି।

ଦଳ ପକ୍ଷରୁ କୁହାଯାଇଛି ଯେ ନୂଆପଡ଼ା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା 'ଏମ୍‌ସିଏମ୍‌ସି' ଅଧ୍ୟକ୍ଷ ଦୁଇଟି ପ୍ରସଙ୍ଗରେ ମନମୁଖୀ, ପକ୍ଷପାତପୂର୍ଣ୍ଣ ଏବଂ ଅଯୌକ୍ତିକ ନିଷ୍ପତ୍ତି ନେଇଛନ୍ତି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଜେଡି ସରକାରରେ ମନ୍ତ୍ରୀଥିଲେ, ତାଙ୍କ ଜୀବନର ଶେଷ ନିଶ୍ୱାସ ନେବା ପର୍ଯ୍ୟନ୍ତ ସେ ବିଜେଡିର ବିଧାୟକ ଥିଲେ। ତାଙ୍କର ଅକାଳ ବିୟୋଗ ଯୋଗୁଁ ଉପନିର୍ବାଚନ ଅନୁଷ୍ଠିତ ହେଉଛି ଏବଂ ନୂଆପଡ଼ାବାସୀଙ୍କ ନିକଟରେ ତାଙ୍କ ଅବଦାନ ଉପସ୍ଥାପନ କରିବାର ବିଜେଡିର ବୈଧ ଅଧିକାର ରହିଛି। ସେଥିପାଇଁ ଭିଡିଓରେ ତାଙ୍କର ଫଟୋ ନ୍ୟାୟସଙ୍ଗତ ଏବଂ ବୈଧ। ଏହି ଭିଡିଓର ବିଷୟବସ୍ତୁର ମୂଲ୍ୟାଙ୍କନ କରିବା ସମୟରେ ଏମ୍‌ସିଏମ୍‌ସି ଏହାର ନ୍ୟାୟିକ ମାନସିକତାକୁ ପ୍ରୟୋଗ କରିନାହିଁ ବୋଲି ଦଳ ଅଭିଯୋଗ କରିଛି। ସେହିପରି ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ସମୟରେ ନୂଆପଡ଼ାର ବିଭିନ୍ନ ରାଜନୈତିକ ଦଳର ନେତାମାନେ ବିଜେଡିର ଏହି ମହାନ ନେତାଙ୍କୁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ସୂର୍ଯ୍ୟଚନ୍ଦ୍ର ପରି ସତ, କିନ୍ତୁ ଜିଲ୍ଲାପାଳ ଏହାକୁ ବୁଝି ପାରୁ ନାହାନ୍ତି ବା ଅନ୍ୟକାହାରି ଚାପର ବଶବର୍ତ୍ତୀ ହୋଇ ଅବୁଝା ହେଉଛନ୍ତି। ତାଙ୍କର ଆପତ୍ତି ସମ୍ପୂର୍ଣ୍ଣ ଭିତ୍ତିହୀନ। ଉପ-ନିର୍ବାଚନ ପରିଚାଳନା କରିବାରେ ନିର୍ବାଚନ ଆୟୋଗ ସ୍ୱାଧୀନ ଏବଂ ନିରପେକ୍ଷ ହେବା କଥା; ମାତ୍ର ନୂଆପଡ଼ା ଜିଲ୍ଲା ନିର୍ବାଚନ ଅଧିକାରୀ ଶାସକ ଦଳର ରାଜନୈତିକ ଚାପରେ ପକ୍ଷପାତ ଆଚରଣ କରୁଛନ୍ତି। ତେଣୁ ଉପରୋକ୍ତ ତଥ୍ୟକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଭିଡିଓର ବିଷୟବସ୍ତୁକୁ ଯଥାଶୀଘ୍ର ଅନୁମୋଦନ କରିବା ପାଇଁ ବିଜେଡି ସିଇଓଙ୍କ ନିକଟରେ ଦାବି କରିଛି।

ପ୍ରାର୍ଥୀ ଚୋରି ପାଇଁ ଲୋକେ ବିଜେପିକୁ ଶାସ୍ତି ଦେବେ: କଂଗ୍ରେସ

## ନୂଆପଡ଼ା ଫଳାଫଳ ଓଡ଼ିଶା ରାଜନୀତିକୁ ନୂଆ ଦିଶା ଦେଖାଇବ

**ଭୁବନେଶ୍ୱର, ୩୧।୧୦(ସମିସ):** ଉପନିର୍ବାଚନରେ ସରକାରୀ କଳ ଓ କର୍ମଚାରୀଙ୍କୁ କାମରେ ଲଗାଇଛନ୍ତି ଡବଲ ଇଞ୍ଜିନ ସରକାର। ଏମାନଙ୍କର ନୂଆପଡ଼ାବାସୀଙ୍କ ସହ କୌଣସି ସମ୍ପର୍କ ନାହିଁ। ତେଣୁ ଲୋକମାନେ ସହଜରେ ଏମାନଙ୍କୁ ଗ୍ରହଣ କରୁନାହାନ୍ତି। ପ୍ରାର୍ଥୀ ଚୋରି ପାଇଁ ଲୋକେ ବିଜେପିକୁ ଶାସ୍ତି ଦେବେ ଓ ନୂଆପଡ଼ା ଉପନିର୍ବାଚନ ଫଳାଫଳ ଓଡ଼ିଶା ରାଜନୀତିକୁ ଏକ ନୂଆ ଦିଶା ଦେଖାଇବ ବୋଲି କହିଛି କଂଗ୍ରେସ। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି ଯେ ନୂଆପଡ଼ା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପୁଲିସ ଚଢ଼ଉ କରିଛି। କିଛି ନ ପାଇ ନିରାଶ ହୋଇ ଫେରିଛି। ଏହା ସମ୍ପୂର୍ଣ୍ଣ ରୂପେ ଶାସକ ବିଜେପି ପ୍ରାୟୋଜିତ ଚଢ଼ଉ ଏବଂ ସରକାରୀ କର୍ମଚାରୀ ଓ ପୁଲିସ ମାଧ୍ୟମରେ ନିର୍ବାଚନ ପ୍ରଚାର ଚଳାଇଛି। କଂଗ୍ରେସ ଜଣେ ସ୍ଥାନୀୟ ଆଦିବାସୀ ଶିକ୍ଷିତ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଛି। ଦୁର୍ନୀତି ବିରୋଧରେ ଲଢେଇ କରି ସେ ନିଜ କାମ ମାଧ୍ୟମରେ ଲୋକଙ୍କ ମନରେ ନିଜ ପ୍ରତି ଦୃଢ଼ ବିଶ୍ୱାସ ସୃଷ୍ଟି କରିଛନ୍ତି। ଗତ ତିନୋଟି ନିର୍ବାଚନର ଫଳାଫଳ ଦେଖିଲେ କ୍ରମାଗତ ଭାବେ ଘାସିରାମଙ୍କ ଭୋଟ ସଂଖ୍ୟା ବଢ଼ି ଚାଲିଥିବା ଦେଖିବାକୁ ମିଳିଛି। ତେଣୁ ତାଙ୍କର ବିଜୟ ହେବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।



ସେ ଆହୁରି କହିଛନ୍ତି ଯେ ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦ୍ରରେ ରେଳମନ୍ତ୍ରୀ ଥିବା ବେଳେ ଖୋର୍ଦ୍ଧା ଓ ବଲାଙ୍ଗୀର ରେଳପଥ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ ଦେଇଥିଲେ। ଇତିମଧ୍ୟରେ ଅନେକ ବର୍ଷ ବିତି ଯିବା ସତ୍ତ୍ୱେ ଏହି କାର୍ଯ୍ୟ ଶେଷ ହୋଇନାହିଁ। ଏବେ ରେଳମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିଲେ ବି ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରେ କୌଣସି ଏକ୍ସପ୍ରେସ ଟ୍ରେନର ରହଣି ବ୍ୟବସ୍ଥା ଏ ଯାଏଁ ହୋଇନାହିଁ। ଏବେ ରାଜ୍ୟ ସରକାର ଛାତ୍ର, ଯୁବକ, ଚାଷୀ ଓ ମହିଳାଙ୍କ ପାଇଁ କୌଣସି ଦୃଷ୍ଟି ଦେଇନାହାନ୍ତି। ଏବେ ବି ନୂଆପଡ଼ା ଜିଲ୍ଲାରୁ ସର୍ବାଧିକ ଶିକ୍ଷିତ, ବେକାରୀ ଯୁବକ ଯୁବତୀ ମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ସଭାରେ ଲୋକ ହେଲେ ନାହିଁ, ସେଠାକାର ଖାଦ୍ୟ ନଷ୍ଟ ହେଲା। ବାସୀ ଖାଦ୍ୟ ଖାଇ ୧୭ଟି ଗାଇ ମଲେ। ଏହାର ପ୍ରଭାବ ଆଗାମୀ ଦିନରେ ନୂଆପଡ଼ା ନିର୍ବାଚନ ବିଜେପି ଦେଖିବ ବୋଲି ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି।

## କଂଗ୍ରେସ ପ୍ରାର୍ଥୀ ଘାସିରାମଙ୍କ ପ୍ରଚାର

**ନୂଆପଡ଼ା, ୩୧ ।୧୦(ସମିସ):** ଶୁକ୍ରବାର ନୂଆପଡ଼ା ବ୍ଲକ ଜିଲ୍ଲା ପରିଷଦ ଜୋନ ୭ରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ମାରାଥନ ପ୍ରଚାର କରିଛନ୍ତି। ଆଜି ଆମାନାରା, ଖଲନା, ପାତାଲଘୁଟକୁରି, ମୋହରାଡ଼ିହି, ଘଇଁଶାତାଳ, କେନ୍ଦୁବାହାରା, ବ୍ରାହ୍ମଣୀ, ସିରିବିଡ଼ି, ମୁଷରଙ୍ଗୀ, ଡାଲିପଖନା ଗାଁରେ ଭୋଟ ଭିକ୍ଷା କରିଥିଲେ। ତାଙ୍କ ସହ ରାଜ୍ୟ ପ୍ରଭାରୀ ଅଜୟ ଲଲଲୁ, ରାଜ୍ୟ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଷ୍ଟାର ପ୍ରଚାରକ ଅନିତା ବିଶ୍ୱାଳ ଓ ସୁନିତା ବିଶ୍ୱାଳ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ତୁଲେଶ୍ୱର ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସିଦ୍ଧେଶ୍ୱରୀ ଠାକୁର, ବିଜୟାନନ୍ଦ ଚଉଲିଆ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ଚନ୍ଦ୍ର ଶଗରିଆ, ଯୁବନେତା କମଳ ଚରଣ ତାଣ୍ଡି, ଜିଲ୍ଲା ମିଡ଼ିଆ ସେଲ ସଂଯୋଜକ ସୁଧୀର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଆସନ୍ନ ପରାଜୟକୁ ନେଇ ବିଜେପି ଭୟଭୀତ: ପ୍ରୀତିରଞ୍ଜନ

## ଆମକୁ ଡରାଇ ଭୋଟ ହାତେଇବା ରାଜନୀତିକୁ ଲୋକେ ଜବାବ ଦେବେ

**ନୂଆପଡ଼ା, ୩୧ ।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ଏକ ସମ୍ବେଦନଶୀଳ ନିର୍ବାଚନ। ବିଜେପି ଜାଣିସାରିଲାଣି ନୂଆପଡ଼ାରେ ବିଜେଡିର ବିଜୟ ସୁନିଶ୍ଚିତ। ସେଥିପାଇଁ ପୁଲିସ ପ୍ରଶାସନକୁ ରାଜନୈତିକ ଅସ୍ତ୍ର ଭାବେ ଶାସକ ଦଳ ବ୍ୟବହାର କରୁଛି ବୋଲି ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ କହିଛନ୍ତି। ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଘଡେଇ କହିଛନ୍ତି ଯେ, ନୂଆପଡ଼ା ଭୋଟ ଗ୍ରହଣ ପୂର୍ବରୁ ବିଜେପି ଦେଖାଇଦେଲା ଯେ ଓଡ଼ିଶାରେ ଗଣତନ୍ତ୍ର ଆଉ ସୁରକ୍ଷିତ ନୁହେଁ। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ବେଳେ, ରାତି ଅଧିଆ ଏପରି ଜଣେ ଆଇପିଏସ୍ ଅଧିକାରୀଙ୍କୁ ଏଠି ନିର୍ବାଚନ ଦାୟୀତ୍ୱ ଦିଆ ଯାଉଛି ଯାହାଙ୍କ ସ୍ୱଚ୍ଛତା ଉପରେ ବିରାଟ ପ୍ରଶ୍ନବାଚୀ ଲାଗିଛି। ଆଉ ନୂଆପଡ଼ାର ଆରକ୍ଷୀ ଅଧିକ୍ଷକ ତାଙ୍କୁ ସହଯୋଗ କରି ବିରୋଧୀ ଦଳ ନେତାଙ୍କୁ ନିର୍ଯାତନା ଦେଉଛନ୍ତି।ବିନା ଆଦେଶରେ ଚଢ଼ଉ କରୁଛନ୍ତି। ବିଜେପି ପ୍ରତି ନିଜ ଆନୁଗତ୍ୟ ପ୍ରମାଣ କରିବା ପାଇଁ ବିଜେଡି ନେତାଙ୍କୁ ହଇରାଣ କରୁଛନ୍ତି।ଆଜି ବେଆଇନ ଭାବେ ମୁଁ ରହୁଥିବା ସ୍ଥାନରେ ଯେପରି ଚଢ଼ଉ କରାଗଲା ତାହା ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶା ଇତିହାସରେ କୁପରମ୍ପରା ଆରମ୍ଭ କରୁଛି ବିଜେପି।ଶ୍ରୀ ଘଡେଇ କହିଛନ୍ତି ନିର୍ବାଚନ କମିଶନ ସବୁ ଦେଖୁଛନ୍ତି। ତୁରନ୍ତ ଏହି ଆଇପିଏସ ଅଧିକାରୀଙ୍କୁ ନିର୍ବାଚନ ଦାୟୀତ୍ୱରୁ ହଟାନ୍ତୁ। ଗଣତନ୍ତ୍ରକୁ ସୁରକ୍ଷା ନଦେଲେ ଏହି ଅନୁଷ୍ଠାନ ଉପରୁ ଲୋକଙ୍କ ବିଶ୍ୱାସ ଭାଙ୍ଗିଯିବ। ନୂଆପଡ଼ାର ଲୋକେ ଶାନ୍ତି, ସମ୍ମାନ ଓ ସୁରକ୍ଷା ଚାହୁଁଛନ୍ତି। ବିଜେପି ସରକାର ଜାଣି ରଖନ୍ତୁ ଆମକୁ ଭୟଭୀତ କରି ଭୋଟ ନିଜ ସପକ୍ଷରେ ନେବା ପାଇଁ ହୀନ ଉଦ୍ୟମ କରିବା କଦାପି ଗ୍ରହଣୀୟ ନୁହେଁ। ଲୋକେ କ୍ଷମା ଦେବେନି ବୋଲି ଶ୍ରୀ ଘଡେଇ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ବିଧାୟକ ଗୌତମବୁଦ୍ଧ ଦାସ ଉପସ୍ଥିତ ଥିଲେ।



# ୩ ବର୍ଷରେ ୧୭ ନବଜାତ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର

ବାଲେଶ୍ୱର, ୩୧ା୧୦(ସମିସ)




କେତେବେଳେ ହସ୍ପିଟାଲ ତ କେତେବେଳେ ମେଡିକାଲ କଲେଜରୁ ପରିତ୍ୟକ୍ତ ଅବସ୍ଥାରେ ନବଜାତ ଶିଶୁ ଉଦ୍ଧାର ହୋଇଛନ୍ତି। ନିକଟ ଦୁଇ ମାସରେ ଦୁଇ ଜଣ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ଡିଏଚ୍‌ଏଚ୍‌ରୁ ଉଦ୍ଧାର ହୋଇଥିବା ସୂଚନା ମିଳିଛି। ଏହି ଖବର ପାଇବା ପରେ ଉତ୍କଳ ବାଳାଶ୍ରମ ପକ୍ଷରୁ ଉଦ୍ଧାର କରାଯାଇ ଯତ୍ନ ଗୃହରେ ରଖାଯାଉଛି। ମିଳିଥିବା ତଥ୍ୟ ଅନୁସାରେ, ତିନି ବର୍ଷ ମଧ୍ୟରେ ହସ୍ପିଟାଲ ଏବଂ ମେଡିକାଲ କଲେଜରୁ ପ୍ରାୟ ୧୭ ଜଣ ନବଜାତ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। କେତେବେଳେ ହସପିଟାଲର ଲେବର୍ ରୁମ୍‌ରୁ ତ ପୁଣି କେତେବେଳେ ଶୌଚାଳୟ ପରିସରରୁ। ଏ ବାବଦରେ ହସପିଟାଲ ତଥା ମେଡିକାଲ କଲେଜ କର୍ତ୍ତୃପକ୍ଷ ଉତ୍କଳ ବାଳାଶ୍ରମକୁ ସୂଚନା ଦେବା ପରେ ସେମାନଙ୍କ ଟିମ୍ ଶିଶୁକୁ ଉଦ୍ଧାର କରନ୍ତି। ଏହିପରି ପ୍ରତି ମାସରେ କେହି କେହି ଶିଶୁ ଏପରି ଅବସ୍ଥାରେ ଉଦ୍ଧାର ହେଉଛନ୍ତି। ତେବେ ଏହି ପରିତ୍ୟକ୍ତ ଶିଶୁମାନଙ୍କୁ ସୁରକ୍ଷିତ ପରିବେଶ ଯୋଗାଇ ଦେବା ପାଇଁ ଜିଲ୍ଲାରେ ଦୁଇଟି ବେବି କ୍ରାଡଲ୍ ପଏଣ୍ଟ(ପରିତ୍ୟକ୍ତ ଶିଶୁଙ୍କ ପାଇଁ ଝୁଲା) ସ୍ଥାପନ ବାଧ୍ୟତାମୂଳକ ବୋଲି ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଡିସିପିଓଙ୍କୁ ଚିଠି ହୋଇଥିଲା। ତେବେ ମୁଖ୍ୟ ଚିକିତ୍ସାଳୟର ଏମ୍ ସି ଏଚ୍ ବିଲଡିଂ ନିକଟରେ ଦୀର୍ଘ ବର୍ଷ ଧରି ଏକ ଝୁଲା ରହିଥିବା ସୂଚନା ମିଳିଛି। ହେଲେ ଏହାକୁ ଆଜିଯାଏଁ କେହି ବ୍ୟବହାର କରିନଥିବା ଜଣାପଡିଛି। ଝୁଲା ବ୍ୟବହାର ନେଇ କାହାକୁ ସଚେତନ ମଧ୍ୟ କରାଯାଇନାହିଁ। ଝୁଲା ନିକଟରେ ନା କିଛି ସଚେତନତା ବାର୍ତ୍ତା ଅଛି ନା ଝୁଲାରେ କିଛି ବେଡ଼ ସିଟ୍ ପଡିଛି। ଏକପ୍ରକାର ଝୁଲାର ବ୍ୟବହାର ମଧ୍ୟ ଅନେକ ଜାଣିନାହାନ୍ତି।

ନିଷ୍ପାପ ଶିଶୁମାନେ ସତେ ଯେମିତି ଅଲୋଡ଼ା ହୋଇପଡୁଛନ୍ତି। ଯାହାଫଳରେ ପରିତ୍ୟକ୍ତ ଅବସ୍ଥାରେ କେତେବେଳେ ରାସ୍ତା କଡରେ ତ ପୁଣି କେତେବେଳେ ଜଙ୍ଗଲରୁ ଉଦ୍ଧାର ହେଉଛନ୍ତି। ପୁଣି କେତେବେଳେ ହସପିଟାଲର ଲେବର୍ ରୁମ୍ ନ ହେଲେ ଶୌଚାଳୟ ନିକଟରୁ ଉଦ୍ଧାର ହେଉଛନ୍ତି। ଏଭଳି ଘଟଣା ଅନେକ ସମୟରେ ଘଟୁଛି। ଯାହାଫଳରେ ଏଭଳି ଘଟଣା ଗୋଟେ ପରେ ଗୋଟେ ଦିନକୁ ଦିନ ବୃଦ୍ଧି ପାଇଚାଲିଛି। ଅନେକ ସମୟରେ ଦେଖିବାକୁ ମିଳେ ଯେ ଶିଶୁ କନ୍ୟା ଜନ୍ମ ହୋଇଥିଲେ କେହି କେହି ଅଳିଆ ଗଦାରେ କିମ୍ବା ଜଙ୍ଗଲରେ ଫିଙ୍ଗି ଦିଅନ୍ତି। ଅନେକ ସମୟରେ ମୁଖ୍ୟ ଚିକିତ୍ସାଳୟ ଏବଂ ମେଡିକାଲ କଲେଜ ପରିସରରୁ ପରିତ୍ୟକ୍ତ ନବଜାତ ଶିଶୁକୁ ଉଦ୍ଧାର କରାଯାଇ ଉତ୍କଳ ବାଳାଶ୍ରମରେ ଯତ୍ନ ପାଇଁ ହସ୍ତାନ୍ତର କରାଯାଇଛି। ଚଳିତ ବର୍ଷ ମାର୍ଚ୍ଚ ମାସ ୨୪ ତାରିଖରେ ଡିସିପିଓଙ୍କୁ ଏସ୍ ଏ ଏ ପକ୍ଷରୁ ବେବି କ୍ରାଡଲ୍ ପଏଣ୍ଟ ସ୍ଥାପନ ପାଇଁ ଚିଠି ଆସିଥିଲା। ପରିତ୍ୟକ୍ତ ଶିଶୁ ଗ୍ରହଣ ତଥା ଉଦ୍ଧାର ପାଇଁ ଜିଲ୍ଲାରେ ଦୁଇଟି ବେବି କ୍ରାଡଲ୍ ପଏଣ୍ଟ ସ୍ଥାପନ ପାଇଁ ନିର୍ଦ୍ଦେଶ ହୋଇଥିଲା। ସେହି ଅନୁସାରେ ସହଦେବଖୁଣ୍ଟାସ୍ଥିତ ଉତ୍କଳ ବାଳାଶ୍ରମ ମୁଖ୍ୟ ଫାଟକ ନିକଟରେ ବେଡି କ୍ରାଡଲ୍ ପଏଣ୍ଟ ଅଗଷ୍ଟ ୧୫ରେ ଉଦଘାଟିତ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ସେଠାରେ କେହି ଶିଶୁ ରଖିନଥିବା ଜଣାପଡିଛି। ତେବେ ଅଧିକାଂଶ ସମୟରେ ହସପିଟାଲ ତଥା ମେଡିକାଲରୁ ପରିତ୍ୟକ୍ତ ଶିଶୁ ଉଦ୍ଧାର ହେଉଥିବା କାରଣରୁ ହସପିଟାଲରେ ମଧ୍ୟ ଏକ ବେବି କ୍ରାଡଲ୍ ପଏଣ୍ଟ ସ୍ଥାପନର ଗୁରୁତ୍ୱତା ରହିଛି। ହେଲେ ହସପିଟାଲ ପରିସରରେ ଏକ ଝୁଲଣା ରହିଥିଲେ ହେଁ ଏହାର କିଛି ବ୍ୟବହାର ହେଉନାହିଁ। ଲୋକମାନଙ୍କୁ ଏନେଇ ସଚେତନ କରାଯାଇନାହିଁ। ସେଥିପାଇଁ ସେଠାରେ କେହି ଶିଶୁ ରଖୁନାହାନ୍ତି। ବିଗତ ତିନି ବର୍ଷ ମଧ୍ୟରେ ହସପିଟାଲରୁ ୧୫ରୁ ୧୭ ଜଣ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଶିଶୁ ଯତ୍ନ ଗୃହକୁ ପଠାଯାଇଛି। ଏଥିମଧ୍ୟରୁ ୮ ଜଣ ଶିଶୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ ହୋଇସାରିଛନ୍ତି। ଆଉ କିଛି ପ୍ରକ୍ରିୟାରେ ସାମିଲ୍ ରହିଛନ୍ତି। ତେବେ ଏହି ସେପ୍ଟେମ୍ବର ଓ ଅକ୍ଟୋବର ମାସ ମଧ୍ୟରେ ଦୁଇ ଜଣ ଶିଶୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଉଦ୍ଧାର ହୋଇଛନ୍ତି। ଏ ବାବଦରେ ଉତ୍କଳ ବାଳାଶ୍ରମ ସୁପରିଟେଣ୍ଡେଣ୍ଟ ସୁବ୍ରତ ମହାପାତ୍ରଙ୍କୁ ପଚାରିବାରୁ କହିଥିଲେ, ଅନେକ ସମୟରେ ହସପିଟାଲ ତଥା ମେଡିକାଲ କଲେଜରୁ ନବଜାତ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହେଉଛନ୍ତି। ସେମାନେ ଆମକୁ ଖବର ଦେଲେ ଆମେ ଉଦ୍ଧାର କରି ଯତ୍ନ ଗୃହରେ ରଖୁ। ଅନେକ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ ହୋଇସାରିଛନ୍ତି। ତେଣୁ ପରିତ୍ୟକ୍ତ ଶିଶୁଙ୍କୁ ଏତେ ତେଣେ ନ ଫୋପାଡି ବେଡି କ୍ରାଡଲ୍ ପଏଣ୍ଟରେ ରଖିବା ପାଇଁ ମୁଁ ନିବେଦନ କରୁଛି। ଏଥିସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମେଡିକାଲ କଲେଜରେ ବେବି କ୍ରାଡଲ୍ ପଏଣ୍ଟ ବ୍ୟବହାରର ଆବଶ୍ୟକତା ରହିଛି। ଯେଉଁଠି ସିସିଟିଭି କ୍ୟାମେରା ନ ଥିବ। ଏ ନେଇ ସମସ୍ତଙ୍କୁ ସଚେତନ କରାଯିବାର ଆବଶ୍ୟକତା ରହିଛି। ଜିଲ୍ଲାରେ ଦୁଇଟି ବେବି କ୍ରାଡଲ୍ ପଏଣ୍ଟ ସ୍ଥାପନ ବାଧ୍ୟତାମୂଳକ। ବିଶେଷକରି ହସପିଟାଲରୁ ଅନେକ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ଥିବାର ଆମକୁ ସୂଚନା ଆସେ। ଏ ବାବଦରେ ଡିସିପିଓ ଖୁସିରାମ ଗହିର କହିଛନ୍ତି, ହସପିଟାଲରେ ବେବି କ୍ରାଡଲ୍ ପଏଣ୍ଟ ସ୍ଥାପନ ହୋଇନି। ପୁରୁଣା ଗୋଟେ ଝୁଲା ଥିଲା। ନୂଆ ହୋଇନାହିଁ। ଏ ନେଇ ହସପିଟାଲକୁ ଚିଠି ହୋଇନି। ଆମେ ଏ ବାବଦରେ କଥାବାର୍ତ୍ତା ହେଉଛୁ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ



ବାଲେଶ୍ୱର, ୩୧ା୧୦(ସମିସ): ସ୍ଥାନୀୟ ବହୁମୁଖି ଇଣ୍ଡୋର୍ ଷ୍ଟାଡିୟମ୍‌ଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ "ଆସନ୍ତୁ ଏକତା ପାଇଁ ଦୌଡ଼ିବା, ରାଷ୍ଟ୍ର ନିର୍ମାଣରେ ସଜାଗ ହେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମାନ୍ୟବର ରେମୁଣା ବିଧାୟକ ତଥା ସରକାରଙ୍କ ଉପ-ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ଅତିଥିମାନଙ୍କ ମଧ୍ୟରେ ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର, ପୌର ପରିଷଦ ଅଧ୍ୟକ୍ଷା ସବିତା ସାହୁ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜୀତ ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିରଞ୍ଜନ ବେହେରା, ସଦର ଉପଜିଲ୍ଲାପାଳ ଶିବ ମାଲବ୍ୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ଉପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ପୌରହିତ୍ୟ କରିଥିଲେ। ସ୍ଥାନୀୟ ବହୁମୁଖି ଇଣ୍ଡର ଷ୍ଟାଡିୟମ୍ ଠାରୁ ଆରମ୍ଭ କରି ପୁଲିସ ଲାଇନ ଛକ, ସେଣ୍ଟ୍ରାଲ ସ୍କୁଲ ଦେଇ ଇଣ୍ଡୋର ଷ୍ଟାଡିୟମ ଠାରେ ସମାପନ ପଦଯାତ୍ରା "ଏକତା ପାଇଁ ଦୌଡ଼ିବା, ରାଷ୍ଟ୍ର ନିର୍ମାଣର ସଜାଗ ହେବା"କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ଅତିଥିବୃନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ବାଲେଶ୍ୱର, ୩୧ା୧୦(ସମିସ): କୁରୁଡା ଛକଠାରେ ଭାରତବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ, ଲୌହମାନବୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୪୧ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଶ୍ରାଦ୍ଧ ବାର୍ଷିକୀ ଉତ୍ସବର ମୁଖ୍ୟ ଉଦ୍ୟୋକ୍ତା ଗଣେଶ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ଅନ୍ୟତମ ଅତିଥି ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତ୍ରୀ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, ବିଧାନ ଚନ୍ଦ୍ର ରାୟ, ରଞ୍ଜନ ଦାସ, ଦେବଦତ୍ତ ଦାସ, ପ୍ରଫୁଲ୍ଲ ନାୟକ, ପ୍ରତିମା ପଣ୍ଡା, ପ୍ରଜ୍ଞା ପାରମିତା ବିଶ୍ୱାଳ, ହେମଲତା ଦାସ, ତୁଷାରକାନ୍ତ ମହାପାତ୍ର, ଗୋପୀନାଥ ବାରିକ, କେଶବ ନାୟକ, ମଙ୍ଗୁ ସିଂ, ବାସନ୍ତୀ ନାୟକ, ଅମୁଲ୍ୟ ବେହେରା, ଦେବାନନ୍ଦ ରାଉତ, ବାଙ୍କ ବିହାରୀ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଆଞ୍ଚଳିକ ସୁରକ୍ଷା ମଞ୍ଚର ସେବା କାର୍ଯ୍ୟକ୍ରମ

ବାଲେଶ୍ୱର,୩୧ା୧୦(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସ୍ୱାଧୀନ ଭାରତର ଉପ ପ୍ରଧାନମନ୍ତ୍ରୀ ଓ ପ୍ରଥମ ସୌରାଷ୍ଟ୍ର ମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପକ୍ଷ ଅବସରରେ ଏକତାର ବାର୍ତ୍ତା ନେଇ ସଦର ଥାନା ଦ୍ୱାରା ଆୟୋଜିତ ଗଣଦୌଡରେ ଭାଗ ନେଇଥିବା ପଦାଧିକାରୀ ଓ ସାଧାରଣ ଜନତାଙ୍କୁ ଆଞ୍ଚଳିକ ସୁରକ୍ଷା ମଞ୍ଚ ତରଫରୁ ସେବା ପ୍ରଦାନ କରାଯାଇଥିଲା। ସଦର ଥାନା ପକ୍ଷରୁ ଆୟୋଜିତ ଗଣଦୌଡରେ ଦକ୍ଷ ଯୁବ ଥାନାଧିକାରୀ ସାଲଖାନ ମୁର୍ମୁ ସହିତ କୋଡିଏରୁ ଅଧିକ ଜଣ ବିଭାଗୀୟ ବିଭିନ୍ନ ପଦାଧିକାରୀ ସମେତ ସାଧାରଣ ଜନତା ମଧ୍ୟ ସାମିଲ ହୋଇଥିଲେ। ଏହି ଅବସରରେ ସମାଜ ପ୍ରତି ଉତ୍ସର୍ଗୀକୃତ ସ୍ଥାନୀୟ ଯୁବକମାନଙ୍କୁ ନେଇ ଗଠିତ ଆଞ୍ଚଳିକ ସୁରକ୍ଷା ମଞ୍ଚ, ବାଲେଶ୍ୱର ଏକତାର ବାର୍ତ୍ତାନେଇ ଦୌଡୁଥିବା ଘରୋଇ ବିଭାଗର ବିଭିନ୍ନ କର୍ମକର୍ତ୍ତା ଓ ସାଧାରଣ ଜନତାଙ୍କୁ ଓଆରଏସ, ଥଣ୍ଡା ଜଳ, ବିଭିନ୍ନ ଫଳ, ଜଳଖିଆ ବିଭିନ୍ନ ସ୍ଥାନରେ ପ୍ରଦାନ କରି ଉତ୍ସାହିତ କରିଥିଲେ। ଗଣଦୌଡ ସଦର ଥାନାରୁ ବାହାରି କୁରୁଡ଼ା ଛକ ଦେଇ ଜିଲ୍ଲା ମୁଖ୍ୟ ସ?କରେ ଥିବା ତାମୁଲିଆ ଉଡ଼ନ୍ତା ପୋଲ ପୂର୍ବରୁ ଶେଷ ହୋଇଥିଲା। ଗଣ ଦୌଡକୁ ରେମୁଣା ବିଧାୟକ ଓ ଉପମୁଖ୍ୟ ସଚେତକ, ଓଡିଶା ସରକାର ଗୋବିନ୍ଦ ଚନ୍ଦ୍ର ଦାସ ପତାକା ହଲାଇ ଶୁଭ ଉଦଘାଟନ କରିଥିଲେ।

## କଂଗ୍ରେସ ପକ୍ଷରୁ ପଟେଲ ଜୟନ୍ତୀ ଓ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଦିବସ



ବାଲେଶ୍ୱର,୩୧ା୧୦(ସମିସ): ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଓ ଇନ୍ଦିରା ଗାନ୍ଧୀଙ୍କ ୪୨ ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦଳର ଜିଲ୍ଲା ସଭାପତି ସତ୍ୟ ଶିବ ଦାସ, ପୂର୍ବତନ ସଭାପତି ସଂଜୀବ ଗିରି, ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, କଂଗ୍ରେସ ନେତ୍ରୀ ଅର୍ଚ୍ଚନା ନନ୍ଦୀ ଜିଲ୍ଲା କଂଗ୍ରେସର ପୂର୍ବତନ ଉପସଭାପତି ଗୋପୀନାଥ ପାଢ଼ୀ, କଂଗ୍ରେସର ଯୁବ ନେତା ସରୋଜ ଲେଙ୍କା, କହ୍ନେଇ ଚରଣ ପ୍ରଧାନ, ଦେବ ଦତ୍ତ ଦାସ,କଂଗ୍ରେସ ନେତ୍ରୀ ଜୋତ୍ସ୍ନା ସେନାପତି, ବାସନ୍ତୀ ନାୟକ, ସାହେବା ଅଖତର, ହେମଲତା ଦାସ, ସାଇନା ଅଖତାର, ଜ୍ଞାନେନ୍ଦ୍ର ମହାନ୍ତି, ଅନନ୍ତ ମହାପାତ୍ର, ଶ୍ରୀକାନ୍ତ ବୁଗୁଡ଼ାଇ, ପୂର୍ବତନ କାଉନସିଲର ପ୍ରାର୍ଥୀ ଅନୁପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଇନ୍ଦିରା ଗାନ୍ଧୀଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

## ମନୋଚିକିତ୍ସକ ନୀଳମାଧବ କରଙ୍କୁ ଅନ୍ତର୍ଜାତୀୟ ସମ୍ମାନ



ବାଲେଶ୍ୱର, ୩୧ା୧୦(ସମିସ): ଓଡ଼ିଶା ପାଇଁ ଏହା ଗର୍ବର ମୁହୂର୍ତ୍ତ ଯେ, ବ୍ରିଟେନର ବ୍ଲାକ୍ କଣ୍ଟ୍ରି ହେଲଥ୍ କେୟାର୍ ଏନ୍‌ଏଚ୍‌ଏସ୍ ଫାଉଣ୍ଡେସନ୍ ଟ୍ରଷ୍ଟରେ କାର୍ଯ୍ୟରତ ପ୍ରସିଦ୍ଧ ଓଡ଼ିଆ ମନୋଚିକିତ୍ସକ ପ୍ରଫେସର ନୀଳମାଧବ କରଙ୍କୁ ଏଲସେଭିଅର୍ ଓ ଷ୍ଟାନଫୋର୍ଡ ୟୁନିଭର୍ସିଟିଙ୍କ ଦ୍ୱାରା ବିଶ୍ୱର ଶୀର୍ଷ ୨ ପ୍ରତିଶତ ବୈଜ୍ଞାନିକମାନଙ୍କ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ତିନି ଶହରୁ ଅଧିକ ବୈଜ୍ଞାନିକ ଗବେଷଣାପତ୍ର, ରିଭିଉ ଆର୍ଟିକଲ୍, ଅଧ୍ୟୟନ ପୁସ୍ତକ ଓ ପାଠ୍ୟପୁସ୍ତକର ସ୍ରଷ୍ଟା ପ୍ରୋଫେସର୍ ଡାକ୍ତର କର ମନୋସ୍ତାତ୍ତ୍ୱିକ ଚାପ, ବୃଦ୍ଧାବସ୍ଥା ମନୋରୋଗ ଓ ମନୋଚିକିତ୍ସା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ସେ ୟୁନିଭର୍ସିଟି ଅଫ୍ ୱୋଲଭରହାମ୍ପଟନ୍‌ରେ ମନୋଚିକିତ୍ସାର ସମ୍ମାନନୀୟ ପ୍ରୋଫେସର ଭାବେ କାର୍ଯ୍ୟରତ ଓ ଟ୍ରଷ୍ଟ ମାଧ୍ୟମରେ ମନୋସ୍ୱାସ୍ଥ୍ୟ ସେବାର ଉନ୍ନୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମାଧବ ରାଓ ଏହି ଅବସରରେ ଅଭିନନ୍ଦନ ଜଣାଇ କହିଛନ୍ତି, ଏହି ସମ୍ମାନ ପ୍ରଫେସର କରଙ୍କ ମନୋସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ପ୍ରତି ଅତୁଟ ସମର୍ପଣର ପ୍ରମାଣ। ନିଜ ପ୍ରତିକ୍ରିୟା ଜଣାଇ ପ୍ରଫେସର କର କହିଛନ୍ତି, ମୁଁ ଆଶା କରେ ଏହି ସମ୍ମାନ ମୋ ସହପାଠୀମାନଙ୍କୁ ଗବେଷଣା ଓ ପ୍ରକାଶନରେ ଆଗ୍ରହୀ କରିବ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ଜଳେଶ୍ୱର, ୩୧ା୧୦ (ସମିସ) : ଜଳେଶ୍ୱର ବ୍ଲକର ଦେବ କୁମାର ଗାଁର ରଂଜିତ ଦଣ୍ଡପାଟଙ୍କ ସ୍ତ୍ରୀ ମାମୀ ଦଣ୍ଡପାଟ(୨୫)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଖବରପାଇ ନାମ୍ପୋ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ଲାଗି ପଠାଇଛି। ରଂଜିତ ବାହାର ରାଜ୍ୟରେ ରହି କାର୍ଯ୍ୟ କରୁଥିବାବେଳେ ମାମୀ ସହିତ ଜଣେ ଯୁବକର ପ୍ରେମ ସଂପର୍କ ବଢିଥିଲା। ଏ ସଂପର୍କରେ ଶାଶୁ ଶଶୁର ଆକଟ କରିବାରୁ ତିକ୍ତତା ବଢିଥିଲା। ଗତକାଲି ଶାଶୁ ଶଶୁର ବିଲକୁ କାମ କରିବାକୁ ଯାଇଥିଲେ। ୮ ଓ ୫ ବର୍ଷର ଦୁଇ ପୁଅ ସ୍କୁଲକୁ ଯାଇଥିବା ବେଳେ ମାମୀ ନିଜର ଷ୍ଟଲରେ ବେକକୁ ବାନ୍ଧି ଘରର ଉରାକାଠରେ ଝୁଲିପଡ଼ିଥିବା ଶାଶୂଘର ପକ୍ଷରୁ କୁହାଯାଉଛି। ଆଜି ବସ୍ତାରୁ ବାପଘର ଲୋକେ ଆସି ନାମ୍ପୋ ଫାଣ୍ଡିରେ ହତ୍ୟା ଅଭିଯୋଗ କଲା ପରେ ଶଶୁର ଅମୂଲ୍ୟ ଦଣ୍ଡପାଟକୁ ପୁଲିସ ଅଟକ ରଖିଛି।

## ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ ବାର୍ଷିକ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର, ୩୧ା୧୦(ସମିସ): ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ନାଟ୍ୟାନୁଷ୍ଠାନ "କଳାକାର' ପକ୍ଷରୁ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ ୩୫ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବରେଣ୍ୟ ଅତିଥି ଭାବରେ ବସ୍ତା ବିଧାୟିକା ସୁବାସିନୀ ଜେନା, ସଦର ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଯୋଗ ଦେଇ "କଳାକାର'ର ପ୍ରୟାସ ସାଧୁବାଦ ଜଣାଇଥିଲ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପରେ ପ୍ରତିଯୋଗିତାରେ ବିଭିନ୍ନ ବର୍ଗର କୃତୀ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ କମଳାକାନ୍ତ ଆଚାର୍ଯ୍ୟ, ରାମଚନ୍ଦ୍ର ମହାପାତ୍ର, ଚିନ୍ମୟ ରକ୍ଷିତଙ୍କୁ ସମ୍ମାନିତ କରାଯାଇଥିଲା। ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଅମୀତା ରାଣୀ ସିଂହ ପରିଚାଳନା କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ସୌମ୍ୟରଂଜନ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଅଶ୍ୱିନୀ କୁମାର ସ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ସଂପାଦକ ଇଂ. ଶ୍ରୀତମ କୁମାର ସିଂହ ଧନ୍ୟବାଦ ଦେଇଥିଲେ।

## ଶିଶୁ ସାହିତ୍ୟିକଙ୍କ ସ୍ମୃତିସଭା



ବାଲେଶ୍ୱର, ୩୧ା୧୦(ସମିସ): ବିଶିଷ୍ଟ ଶିଶୁସାହିତ୍ୟିକ, ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ଗୀତିକାର ଦିବଂଗତ ଭାସ୍କର ଚନ୍ଦ୍ର ଦାସଙ୍କ ଏକାଦଶାହ ତାଙ୍କ ବାସଭବନ ମେଘଡମ୍ବରୁରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସଙ୍କ ପୌରୋହିତ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିଶୁସାହିତ୍ୟିକ ପୀତାମ୍ବର ଦାସ ପ୍ରାକ୍‌କଥନ ରଖିଥିବା ବେଳେ ରେମୁଣା ବ୍ଲକ୍ ଚେୟାର୍‌ମ୍ୟାନ୍ ରାଜେନ୍ଦ୍ର କୁମାର ରାଉତ, ସ୍ଥାନୀୟ ସରପଞ୍ଚ ତାପସ କୁମାର ପାଣିଗ୍ରାହୀ, ପୀତବାସ ନାୟକ, କବି ପୂର୍ଣ୍ଣଚନ୍ଦ୍ର ସେଠୀ, ମୋନାଲିସା ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ସର୍ବେଶ୍ୱର ପଣ୍ଡା, କମଳ ଦାସ ପ୍ରମୁଖ ସ୍ମୃତି ଆଲେଖ୍ୟ ବାଢ଼ିଥିଲେ। ଏହି ପରିପ୍ରେକ୍ଷୀରେ ପୀତାମ୍ବର ଦାସଙ୍କ ସମ୍ପାଦିତ ସ୍ମୃତିଚାରଣ ପୁସ୍ତିକା 'ଅସ୍ତମିତ ଭାସ୍କର' ଉନ୍ମୋଚିତ ହୋଇଥିଲା। ସାନଝିଅ ପୁଷ୍ପିତା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ




ବାଲେଶ୍ୱର, ୩୧ା୧୦(ସମିସ)

ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫ ପାଳନ ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ସଭାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ସଞ୍ଚାଳନ ଅତିଥି ପରିଚୟ ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସଚେତନତା ସଭାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ଆରକ୍ଷୀ ଉପ ମହାନିର୍ଦ୍ଦେଶକ ପିନାକ ମିଶ୍ର, ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂ, ବାଲେଶ୍ୱର ଜିଲ୍ଲା ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ଆରକ୍ଷୀ ଅଧିକ୍ଷକ ଅରୁଣ କୁମାର ନାୟକ, ନୀଳଗିରି ଉପ ଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବାଲେଶ୍ୱର ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ଆରକ୍ଷୀ ଅଧିକ୍ଷକ ଅରୁଣ କୁମାର ନାୟକ ଦୁର୍ନୀତି ଓ ଦୁର୍ନୀତି ନିବାରଣ, ସଚେତନତା ନିମନ୍ତେ ଚଳିତ ମାସ ୨୭ ତାରିଖଠାରୁ ଆସନ୍ତା ନଭେମ୍ବର ମାସ ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ୱାକାଥନ, ଗଣଦୌଡ, ଚିତ୍ରାଙ୍କନ, ବ୍ୟଙ୍ଗ ଚିତ୍ର, ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଆଦି ଚାଲୁ ରହିବା ସଙ୍ଗେ ସଙ୍ଗେ ଜିଲ୍ଲା ଠାରୁ ଗ୍ରାମରେ ମଧ୍ୟ ସଚେତନ କରାଯାଉଥିବା ସମ୍ପର୍କରେ ଅବଗତ କରିଥିଲେ। ଦୁର୍ନୀତି ନିବାରଣ ନିମନ୍ତେ ବାଲେଶ୍ୱର ଡିଭିଜନ ଅଧୀନରେ ଭଦ୍ରକ, ବାଲେଶ୍ୱର ଏବଂ ମୟୂରଭଞ୍ଜକୁ ସ୍ୱତନ୍ତ୍ର ଅଦାଲତ ବାରିପଦା, କେଉଁଝରେ ଓ ବାଲେଶ୍ୱରଠାରେ ସ୍ଥାପିତ ହୋଇଛି। ଏତଦ୍ ଭିନ୍ନ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଆୟ ବହିର୍ଭୁତ ସମ୍ପତ୍ତି ଅର୍ଜିତ, ସରକାରୀ ଅର୍ଥ ଆତ୍ମସାତ, ଉତ୍କୋଚ ସମ୍ପର୍କିତ ବିଭିନ୍ନ ଦିଗକୁ ଆଧାର କରି ସୂଚନା, ପଞ୍ଜୀକରଣ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଉପରେ ବିଶେଷ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ ପରେ ପରେ ଜିଲ୍ଲାପାଳ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ କରାଇଥିଲେ। ମୁଖ୍ୟବକ୍ତା ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଶ୍ରୀ ପାତ୍ର ଦୁର୍ନୀତିର ପରିଭାଷା ସଂଜ୍ଞା ପ୍ରସଙ୍ଗରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ଆରକ୍ଷୀ ଉପ ମହାନିର୍ଦ୍ଦେଶକ ପିନାକ ମିଶ୍ର ଆଜି ସମଗ୍ର ବିଶ୍ୱ ଦୁର୍ନୀତି କବଳିତ, ମାନସିକ ସ୍ତରରେ ସୁଧାର ଆଣିବା ପାଇଁ ସ୍ୱଚ୍ଛତାକୁ ଆପଣାଇବା ସହ ସାମାଜିକ ଗଣ ମାଧ୍ୟମର ଭୂମିକା ସମ୍ପର୍କରେ ବାର୍ତ୍ତା ଉପସ୍ଥାପନ କରିଥିଲେ। ଏହି ଜିଲ୍ଲା ସ୍ତରୀୟ ସଚେତନତା ସଭାର ଅଧ୍ୟକ୍ଷ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବୈଷୟିକ ବିଜ୍ଞାନ ଓ ମାନସିକ ପରିବର୍ତ୍ତନ ସହିତ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ। ଏହି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପରିପ୍ରେକ୍ଷୀରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୁର୍ନୀତି ନିବାରଣ ବିଭାଗର ଶ୍ରୀବଲ୍ଲଭ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶାସନ-ଅଳପୁଆ ହାଇସ୍କୁଲ ମୁଖ୍ୟ ରାସ୍ତା ଶୋଚନୀୟ

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୩୧।୧୦(ସମିସ)**



ପଟ୍ଟାମୁଣ୍ଡାଇ ବ୍ଲକ୍ ଅଳପୁଆ ପଞ୍ଚାୟତର ଶାସନକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷା ଓ ବାରମ୍ବାର ବନ୍ୟା ଆସିବା ହେତୁ ରାସ୍ତା ମଝିରେ କୃତ୍ରିମ ପୋଖରୀ ସୃଷ୍ଟି ହୋଇ ପାଣି ଜମୁଛି। ସ୍କୁଲ ଛାତ୍ରଛାତ୍ରୀ ଯିବାଆସିବା ପାଇଁ ବହୁ ସମସ୍ୟା ଭୋଗ କରୁଛନ୍ତି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରୋଗୀ ମେଡିକାଲ ଯିବାକୁ ହେଲେ ଖଟିଆରେ ବୁହା ହୋଇ ମୁଖ୍ୟ ରାସ୍ତାକୁ ଯିବାକୁ ପଡୁଛି। ଆମ୍ବୁଲାନ୍ସ ଗାଁକୁ ଯାଇ ନ ପାରି ଫେରିଯାଉଛି। ଏହି ରାସ୍ତାର ମରାମତି ପାଇଁ ବ୍ଲକ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ବାରମ୍ବାର କରାଯିବ ସହିତ ଅଭିଯୋଗ କରାଗଲେ ମଧ୍ୟ ବ୍ଲକ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି।

ଏହି ରାସ୍ତା ଉପରେ ପୋଖରୀକୂଳ, ମିଶ୍ରବାଗ, ସେଠୀସାହି, କୁମ୍ଭାରସାହି, ପାହାନ୍ତସିଂ ସାହି, ଜେନା ସାହି ଆଦି ସାତୋଟି ପଡା ଗ୍ରାମର ଏକ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବାବେଳେ ପ୍ରଶାସନର ଉଦାସୀନତା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ରାସ୍ତାର ମରାମତି ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ସାଂସଦ ଓ କେନ୍ଦ୍ରାପଡ଼ା ବିଧାୟକଙ୍କ ନିକଟରେ ପୂର୍ବତନ ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର ଧଳ, କିଶୋର ବେହେରା, ପୂର୍ବତନ ସମିତି ସଭ୍ୟ ବୃନ୍ଦାବନ ଧଳ, ସମିତିସଭ୍ୟା ନମିତା ଦାସ, ସାମାଜିକ କର୍ମୀ ଅଚ୍ୟୁତାନନ୍ଦ ଦାସ, ସନ୍ତୋଷ ପଣ୍ଡା, ନିମାଇଁ ସେଠୀ, ସୁଶାନ୍ତ ସେଠୀ, ଗଗନ ସେଠୀ, ଗୋପାଳ ବେହେରା, ରମାକାନ୍ତ ବେହେରା, ମାନସ ଜେନା, ବେନୁ ଜେନା, ଦୀନବନ୍ଧୁ ଜେନା, ମୁନାକାନ୍ତ ସାହୁ ପ୍ରମୁଖ ଦାବି କରିଛନ୍ତି।

- ହିନସ୍ତା ହେଉଛନ୍ତି ଛାତ୍ରଛାତ୍ରୀ
- ରୋଗୀଙ୍କୁ ନେବାକୁ ରାଜିହେଉନି ଆମ୍ବୁଲାନ୍ସ

## କେନ୍ଦ୍ରାପଡ଼ାରେ ରାଜ୍ୟ ମହିଳା ଫିଡେ ଚେସ୍ ଆରମ୍ଭ

**କେନ୍ଦ୍ରାପଡ଼ା/ଭୁବନେଶ୍ୱର, ୩୧।୧୦ (ସମିସ):** କେନ୍ଦ୍ରାପଡ଼ାର ଗରପୁରଠାରେ ଓଡ଼ିଶା ମହିଳା ଫିଡେ ରେଟିଂ ଚେସ୍ ଚାମ୍ପିଅନସିପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ ଓ କେନ୍ଦ୍ରାପଡ଼ା ଜିଲ୍ଲା ଚେସ୍ ସଂଘର ମିଳିତ ଆନୁକୂଲ୍ୟରେ ୪ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୩୦ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଭାପତି କିଶୋର ପଣ୍ଡା, ସମ୍ପାଦକ ଭବେଶ ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ହାଡ଼ିବନ୍ଧୁ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ପିଙ୍କି ମହାପାତ୍ର ଚିଫ୍ ଆର୍ବିଟର, ଅଭିଷେକ ଆଚାର୍ଯ୍ୟ ଓ ରବିକୁମାର ଡେପୁଟି ଆର୍ବିଟର୍ ଭୂମିକା ତୁଲାଉଛନ୍ତି।

## ସାପ କାମୁଡ଼ାରେ ମହିଳା ଗୁରୁତର

**ଆଳି, ୩୧।୧୦(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ବାଲକାଟୀ ପଞ୍ଚାୟତ ଅଧୀନ ରାଣୀପୋଖରୀ ଗ୍ରାମର ମହିଳା ପ୍ରେମଲତା ମଲିକ(୫୯) ଆଜି ସନ୍ଧ୍ୟାରେ ନିକଟସ୍ଥ ନାଗପଡା ନିଜ ବନ୍ଧୁଙ୍କ ଘରକୁ ଯାଉଥିବା ସମୟରେ ତାଙ୍କୁ ସାପ କାମୁଡି ଦେଇଥିଲା। ସାପ କାମୁଡିବା ପରେ ପ୍ରେମଲତା ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କ ରକ୍ତ ନମୁନା ପରୀକ୍ଷା କରିବା ସହ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇଥିଲେ। ପରେ ତାଙ୍କ ମୁଣ୍ଡ ବୁଲାଇବା ସହ ଗୋଡ଼ ଫୁଲିଯାଇ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

● ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

**କେନ୍ଦ୍ରାପଡ଼ା,୩୧।୧୦(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଦିବ୍ୟାଙ୍ଗ ଯୁବତୀଙ୍କ ସହ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ତପନ ବେହେରାଙ୍କୁ ୨୦ ବର୍ଷ କଠୋର ସଶ୍ରମ କାରାଦଣ୍ଡ ଓ ୨୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଅଧିକ ୧ ବର୍ଷ ଜେଲ ହେବ ବୋଲି ଫାଷ୍ଟଟ୍ରାକ କୋର୍ଟ ବିଚାରପତି ବିକ୍ରମ ସେଲିଆ ରାୟରେ ଦର୍ଶାଇଛନ୍ତି। ୨୦୧୪ରେ ତପନ ବେହେରା ତାଙ୍କ ପଡ଼ୋଶୀ ଜଣେ ଦିବ୍ୟାଙ୍ଗ ଯୁବତୀ ଘରେ ଏକା ଥିବାବେଳେ ଦୁଷ୍କର୍ମ କରିଥିବା ନେଇ ପାଟକୁରା ଥାନାରେ ଅଭିଯୋଗ ହୋଇଥିଲା। ଏ ମାମଲାର ବିଚାର କାଳରେ ୧୦ ଜଣ ସାକ୍ଷୀଙ୍କ ବୟାନ ଗ୍ରହଣ କରାଯାଇଥିଲା। ଏହାଛଡ଼ା ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ଯେ ପୀଡ଼ିତାଙ୍କୁ ଜିଲ୍ଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ। ଏହି ରାୟ ସମ୍ବନ୍ଧରେ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ବିକ୍ରମ ସେଠି ସୂଚନା ଦେଇଛନ୍ତି।

## ଗୋ ନବରାତ୍ର ମହୋତ୍ସବ

**କେନ୍ଦ୍ରାପଡ଼ା,୩୧।୧୦(ସମିସ):** ଗୁଣ୍ଡିଚା ମନ୍ଦିର ସନ୍ନିକଟ ସିଦ୍ଧ ବଳଦେବଜୀଉଙ୍କ ବସନ୍ତ ବଗିଚାରେ ବଳଦେବଜୀଉ ଗୋତୀର୍ଥରେ ଗୋ ନବରାତ୍ର ମହୋତ୍ସବ ପାଳନ କରାଯାଉଛି। ସିଦ୍ଧ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ମାର୍ଗଦର୍ଶନରେ ଗୁରୁ ଗୋବିନ୍ଦ ଗୋ ସେବାଶ୍ରମ ଆନୁକୂଲ୍ୟରେ ସ୍ଥାନୀୟ ଗୋଭକ୍ତଙ୍କ ଦ୍ୱାରା ଏହି ଗୋ ନବରାତ୍ର ଗୋମାତାଙ୍କ ନାମଯଜ୍ଞ, ଜପଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞାଦି ଅନୁଷ୍ଠିତ ହେଉଛି। ଗୋଷ୍ଠାଷ୍ଟମୀ ଅବସରରେ ସକାଳୁ ଗୋମାତାଙ୍କୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ କରାଯିବା ପରେ ଶତାଧିକ ଗୋଭକ୍ତଙ୍କ ସମାଗମରେ ସୁରଭୀ ମହମନ୍ତ୍ର କୀର୍ତ୍ତନ, ଗୋପୂଜନ ଓ ଘୃତଯଜ୍ଞ ଅନୁଷ୍ଠିତ କରାଯାଇଛି। ଏହି ନବରାତ୍ର ମହୋତ୍ସବକୁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ

**ରାଜନଗର, ୩୧।୧୦(ସମିସ):** ରାଜନଗର ଥାନା ଅନ୍ତର୍ଗତ ମହୁଲିଆ ପଞ୍ଚାୟତ ପୋଖରୀଆ ଗାଁର ୬୨ ବର୍ଷୀୟ ପ୍ରଶାନ୍ତ କୁମାର ବେହେରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ଗତକାଲି ପୋଖରୀଆ ଗାଁର ଭଞ୍ଜକିଶୋର ବେହୁରାଙ୍କ ଭୋଜିରେ ପ୍ରଶାନ୍ତ ପରସୁଥିଲେ। ହଠାତ ସେହି ଗାଁର ମଳୟ ବେହୁରା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏକ ବଡପଥର ଆଣି ପ୍ରଶାନ୍ତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ପ୍ରଶାନ୍ତଙ୍କ ମୁଣ୍ଡ ଓ କାନମୂଳକୁ ପଥରରେ ଛେଚିଥିଲା। ପ୍ରଶାନ୍ତଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଭୋଜିରେ ଉପସ୍ଥିତ ଅନ୍ୟମାନେ ପ୍ରଶାନ୍ତଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରଶାନ୍ତଙ୍କୁ ପଥରରେ ତାଙ୍କ ମୁଣ୍ଡକୁ ଛେଚି ମାରିଦେବା ପାଇଁ ଉଦ୍ୟମ କରାଯାଇଥିଲା। ଏନେଇ ରାଜନଗର ଥାନାରେ କେସ ନମ୍ବର ୩୮୧/୨୦୨୫ରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୁଲିସ ଅଭିଯୁକ୍ତକୁ ଗିରଫ କରିନାହିଁ।

## ଅଳଭାରେ ପୋଖରୀରୁ କୁମ୍ଭୀର ଉଦ୍ଧାର

**ପଟ୍ଟାମୁଣ୍ଡାଇ,୩୧।୧୦(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପୁଣି କୁମ୍ଭୀର ଆତଙ୍କ ଦେଖାଦେଇଛି। ପୌର ପରିଷଦ ଅନ୍ତର୍ଗତ ୧୫ନଂ ୱାର୍ଡ ଅଳଭା ଗ୍ରାମର ବିଶ୍ୱନାଥ ନାୟକଙ୍କ ପୋଖରୀରେ ୧୦ ଫୁଟ ଲମ୍ବର ଏକ କୁମ୍ଭୀର ଭାସୁଥିବା ପରିବାର ଲୋକ ଓ ଗ୍ରାମବାସୀ ଦେଖିବା ପରେ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ଗତକାଲି ବିଳମ୍ବିତ ରାତିରେ ରାଜନଗର-ପଟ୍ଟାମୁଣ୍ଡାଇ ମୁଖ୍ୟ ରାସ୍ତାରେ ଅଳଭା ଗାଁ ନିକଟରେ ୧୦ ଫୁଟର କୁମ୍ଭୀର ଶୋଇ ଥିବା ଟ୍ରକ ଚାଳକ ଦେଖି ଟ୍ରକ ଅଟକାଇ ଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଆସିଯିବାରୁ କୁମ୍ଭୀରଟି ନିକଟରେ ଥିବା ପୋଖରୀକୁ ଖସିଯାଇଥିଲା। ଆଜି ସକାଳୁ କୁମ୍ଭୀର ଭାସୁଥିବା ଖବର ପାଇ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଲାଗିଥିଲା ଓ ବନ ବିଭାଗକୁ ଖବର ଦିଆଯାଇଥିଲା। ବନ ବିଭାଗ କର୍ମଚାରୀ ଆସି କୁମ୍ଭୀରକୁ ଉଦ୍ଧାର କରିଛନ୍ତି। ତେବେ ପୋଖରୀରେ ଛଡ଼ାଯାଇଥିବା ଲକ୍ଷାଧିକ ଟଙ୍କାର ମାଛକୁ କୁମ୍ଭୀର ଖାଇଯାଇଥିବା ନେଇ ଅଭିଯୋଗ କରିଛନ୍ତି ମାଛଚାଷୀ। ବନ ବିଭାଗ କ୍ଷତି ପୂରଣ ଦେବାକୁ ଦାବି ହୋଇଛି।

## କେରଳରେ କେନ୍ଦ୍ରାପଡ଼ା ଯୁବକଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା,୩୧।୧୦(ସମିସ):** କେରଳରେ ଶ୍ରମିକ ଭାବେ କାମ କରୁଥିବା କେନ୍ଦ୍ରାପଡ଼ା ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ନଳିତାପାଟିଆ ଗାଁର ସୁକାନ୍ତ ମଲ୍ଲିକ (୩୮) ଗତକାଲି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। କେରଳର ଏକ ପ୍ଲାଇଉଡ୍ କାରଖାନାରେ କାମ କରୁଥିବା ସମୟରେ ଏକ ଭାରି କାଠ ବିଡା ତାଙ୍କ ଉପରେ ପଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ସେ ମୃତ୍ୟୁବରଣ କରିଥିଲେ। ସୁକାନ୍ତଙ୍କ ମୃତଦେହ ଜନ୍ମସ୍ଥାନକୁ ଫେରାଇ ଆଣିବା ପାଇଁ କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ହୋଇନାହିଁ। ସୁକାନ୍ତଙ୍କ ସ୍ତ୍ରୀ ସବିତା ମଲ୍ଲିକ ଶୁକ୍ରବାର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ସ୍ୱାମୀଙ୍କ ମରଶରୀର ଫେରାଇ ଆଣିବା ପାଇଁ ଆକୁଳ ନିବେଦନ କରିଛନ୍ତି। ପରିବାର ଲୋକ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ଦେଇଥିବାବେଳେ ସ୍ଥାନୀୟ ଲୋକେ ପ୍ରଶାସନକୁ ମାନବିକ ଭାବେ ପଦକ୍ଷେପ ନେବାକୁ ଦାବି କରୁଛନ୍ତି।

**ମୃତଦେହ ଫେରାଇ ଆଣିବାକୁ ଜିଲ୍ଲାପାଳଙ୍କୁ ପରିବାରର ଆକୁଳ ନିବେଦନ**

## ବିବି ମଡ଼େଲ ହାଇସ୍କୁଲରେ ପୋଷାକ ବିତରଣ

**ଡେରାବିଶ, ୩୧।୧୦(ସମିସ):** ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲିସ୍ଥ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଛି। ପୋଷାକ ବିତରଣ କାର୍ଯ୍ୟକ୍ରମ ଅଧିକାରୀ ଶିକ୍ଷୟିତ୍ରୀ ମମତା ମହାନ୍ତିଙ୍କ ସଂଯୋଜନାରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୪୬ ଜଣ ଛାତ୍ରଛାତ୍ରୀଙ୍କୁ ୨ ହାଳ ଲେଖାଏଁ ପୋଷାକ ବଣ୍ଟନ କରାଯାଇଥିଲା। ଶିକ୍ଷକ କିଶୋର ମହାନ୍ତି, ବିଶ୍ୱଜିତ ଦାସ, ସଦାଶିବ ସାହୁ, ମଳୟ ରଥ ଯୋଗ ଦେଇଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପୀନାଥ ଦାସ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରିଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରଥ, ବିଜୟଲକ୍ଷ୍ମୀ ଦାଶ, ପ୍ରଜ୍ଞାପାରମିତା ମିଶ୍ର, ଅନୀତା ପଣ୍ଡା, ସୀମା ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁକୁନ୍ଦପୁର କ୍ଲଷ୍ଟରର ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ମୁକୁନ୍ଦପୁରର ମା' ଦୁର୍ଗା ସ୍ୱୟଂସହାୟିକା ଗୋଷ୍ଠୀ ପୋଷାକ ପ୍ରସ୍ତୁତ କରି ଯୋଗାଇ ଦେଇଥିବା ସମ୍ପାଦିକା ମିନତୀ ପରିଡ଼ା ପ୍ରକାଶ କରିଛନ୍ତି।

## ଜମଧର ପଞ୍ଚାୟତରେ ବେଆଇନ ରାସ୍ତା ନିର୍ମାଣକୁ ବିରୋଧ



**କେନ୍ଦ୍ରାପଡ଼ା,୩୧।୧୦(ସମିସ):** ବେଆଇନ ରାସ୍ତା ନିର୍ମାଣକୁ ବିରୋଧ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ କେନ୍ଦ୍ରାପଡ଼ା ଜମଧର ପଞ୍ଚାୟତ ବଡ଼ଗାଁର ଲୋକେ। ଜମଧର ପଞ୍ଚାୟତ ୧୮ ନମ୍ବର ୱାର୍ଡ ବଡ଼ଗାଁରେ ଏକ କଙ୍କ୍ରିଟ୍ ସଡ଼କ ନିର୍ମାଣ ପାଇଁ "ବିକଶିତ ଓଡ଼ିଶା ବିକଶିତ ଗାଁ' ଯୋଜନାରେ ୪ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି କଙ୍କ୍ରିଟ୍ ରାସ୍ତାଟି ବଡଗାଁ ଅଙ୍ଗନବାଡି-୨, ପଣ୍ଡୁଆ ଗାଁର ସେଠୀ ସାହି, ମୁସଲମାନ୍ ସାହି ଓ ଇଡିଆଲି ସ୍କୁଲକୁ ସଂଯୋଗ କରୁଛି। ଏହାଦ୍ୱାରା ପ୍ରାୟ ୮ ଶହରୁ ଅଧିକ ଲୋକ ଉପକୃତ ହେବେ। ତେବେ କାର୍ଯ୍ୟାଦେଶ ବାହାରିବାର କିଛିଦିନ ପରେ ହଠାତ୍ ପ୍ରକଳ୍ପ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଥିଲା। ଗ୍ରାମବାସୀ ଖବର ନେବାରୁ ଏହା ଜଣ୍ଟିଲୋ ଗାଁର ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘର ପର୍ଯ୍ୟନ୍ତ ନିର୍ମାଣ ହେବ ବୋଲି ଜଣାପଡ଼ିଥିଲା। ଖାଲି ସେତିକି ନୁହେଁ ଏହି ରାସ୍ତାଟି ଜଳସେଚନ ବିଭାଗ ଜମି ଉପରେ ନିର୍ମାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଶତାଧିକ ଲୋକ ଉପକୃତ ହେବା ବଦଳରେ ଜଣେ ବ୍ୟକ୍ତି ବା ଗୋଟିଏ ପରିବାର ଉପକୃତ ହେବା ଘଟଣା ଜଣାପଡିବା ପରେ ବଡ଼ଗାଁର ଲୋକେ ଏହାର ପ୍ରତିବାଦ କରିଥିଲେ। ସରପଞ୍ଚ ରାଜକିଶୋର ଖୁଣ୍ଟିଆଙ୍କ ନେତୃତ୍ୱରେ ଗ୍ରାମର ପୁରୁଷ ଓ ମହିଳା ଜିଲ୍ଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଗ୍ରାମବାସୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଏହି ରାସ୍ତା ନିର୍ମାଣ ହେଲେ ଏହାର ବିରୋଧ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି।

## ଗଙ୍ଗାରାମପୁରରେ ଶିଶୁ ମହୋତ୍ସବ

**ପଟ୍ଟାମୁଣ୍ଡାଇ,୩୧।୧୦(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଗଙ୍ଗାରାମପୁର ହାଇସ୍କୁଲ ଓ ସିଦ୍ଧ ପରମହଂସ ନୋଡାଲ ଉପ୍ରା ସ୍କୁଲ ଆନୁକୂଲ୍ୟରେ ଗଙ୍ଗାରାମପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାରାମପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବିଙ୍କ ପୌରୋହିତ୍ୟ ଓ ସିଆରସିସି ରଞ୍ଜନ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପ୍ରାକ୍ତନ ଅତିରିକ୍ତ ଶିକ୍ଷାଧିକାରୀ ଉଦକର ସାମଲ, ଶିକ୍ଷାବିତ ବଙ୍ଗାଳି ତରାଇ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଦାସ, ଶିକ୍ଷକ ନେତା ଅରକ୍ଷିତ ସାହୁ, ସିଦ୍ଧ ପରମହଂସ ନୋଡାଲ ଉପ୍ରା ସ୍କୁଲ ପ୍ରଧାନଶିକ୍ଷକ ସଞ୍ଜୟ ପୃଷ୍ଟି, ଶିକ୍ଷାବିତ ଅକ୍ଷୟ ନନ୍ଦ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ଶିଶୁ ମହୋତ୍ସବ ଏକ ବଳିଷ୍ଠ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ। ସହକାରୀ ଶିକ୍ଷକ ଉତ୍କଳ ସେଠୀ ସ୍ୱାଗତ ଭାଷଣ ଓ ସନ୍ତୋଷ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଅକ୍ଷୟ ମହାନ୍ତି ଧନ୍ୟବାଦ ଦେଇଥିଲେ। ଗଙ୍ଗାରାମପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବିଙ୍କ ପୌରୋହିତ୍ୟ ଓ ସିଆରସିସି ରଞ୍ଜନ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ବିଆରସିସି ପ୍ରେମବାଳା ମହାପାତ୍ର ମୁଖ୍ୟଅତିଥି, ଗଙ୍ଗାରାମପୁର ସରପଞ୍ଚ ସନ୍ତୋଷିନୀ ଜେନା ମୁଖ୍ୟବକ୍ତା, ମଦନପୁର ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ ବେହେରା, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଉଦକର ସାମଲ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଦାସ, କବୟିତ୍ରୀ ଚାରୁଲତା ଭୂୟାଁ, କଳାକାର ସମୀର ଦାସ, ସମାଜସେବୀ ପ୍ରମୋଦ ଗାହାଣ, ସିଦ୍ଧ ପରମହଂସ ନୋଡାଲ ଉପ୍ରା ସ୍କୁଲ ପରିଚାଳନା କମିଟି ସଭାପତି ଅପର୍ଣ୍ଣା ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ସିଲଡ୍ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାକୁ ସତ୍ୟବ୍ରତ ସ୍ୱାଇଁ, ପ୍ରଶାନ୍ତ ସାହୁ, ବର୍ଷାରାଣୀ ବାରିକ, ଶିଶିର ସାହୁ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ବିଜୟ ନାୟକ ସ୍ୱାଗତ ଭାଷଣ, ଭରତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଆଦର୍ଶ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରାଜକନିକା, ୩୧।୧୦(ସମିସ):** ଦୀର୍ଘ ୧୭ ବର୍ଷଧରି ଗୋଟିଏ ବିଦ୍ୟାଳୟରେ ଶିକ୍ଷକତା କରି ଆଜି ଅବସର ନେଇଥିବା ସୁହାସିନୀ ରାଉତଙ୍କୁ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ରାଜକନିକା ବ୍ଲକ୍ କୋଇଲିପୁର ପଞ୍ଚାୟତର ବାଟଗାଁରେ ଥିବା ତରପଦା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରି ସମସ୍ତଙ୍କ ଅତି ଆପଣାର ହୋଇଥିବା ଏହି ଶିକ୍ଷୟିତ୍ରୀଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଆଜି ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ବିଦାୟ ପ୍ରଦାନ କରାଯାଇଥିଲା।

● ମହିଳାଙ୍କୁ ବଜାର ମଝିରେ ମାଡ଼ ମାରିବା ଘଟଣା

## ନ୍ୟାୟ ପାଇଁ ଏସ୍‌ପିଙ୍କୁ ଗୁହାରି

**କେନ୍ଦ୍ରାପଡ଼ା,୩୧।୧୦(ସମିସ):** ପୁଲିସ ଉପସ୍ଥିତିରେ ଜଣେ ମହିଳାଙ୍କୁ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ବରକୋଳି ଖଳା ବଜାରରେ ଉଲଗ୍ନ କରି ଗୋଡେଇ ଗୋଡେଇ ମାରିବା ଘଟଣାକୁ ନେଇ ଏସ୍‌ପିଙ୍କୁ ଅଭିଯୋଗ ହୋଇଛି। ପୁଲିସ ଉପସ୍ଥିତିରେ ବଜାର ମଝିରେ ଜଣେ ମହିଳାଙ୍କୁ ଉଲଗ୍ନ କରି ଅନ୍ୟ ତିନିଜଣ ମହିଳା ମାଡ଼ ମାରିଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପାରୁଲ ମଣ୍ଡଳଙ୍କ ନାମକ ମହିଳାଙ୍କ ଏକ ସରକାରୀ ଜମିରେ ଦୋକାନ ଘର ରହିଛି। ସେହି ଘରକୁ ସୁବାସ ମଣ୍ଡଳ ନାମକ ବ୍ୟକ୍ତି ଦୀର୍ଘଦିନ ଧରି କବଜା କରିବାକୁ ଉଦ୍ୟମ କରୁଥିଲେ। ୨୬ ତାରିଖରେ ସେ ଦୋକାନରେ ଭଙ୍ଗାରୁଜା କରିଥିଲେ। ଯାହାକୁ ନେଇ ପାରୁଲ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପାଇଁ ପୁଲିସ ୨୯ ତାରିଖରେ ସ୍ଥାନ ପରିଦର୍ଶନ କରୁଥିବା ସମୟରେ ସୁବାସଙ୍କ ପରିବାରର ୩ ମହିଳା ସମ୍ଭବତଃ ତାଙ୍କର ଜଣେ ସମ୍ପର୍କୀୟ ପାରୁଲଙ୍କୁ ତଳେ ପକାଇ ଉଲଗ୍ନ କରି ନିର୍ମମ ଭାବେ ମାଡ ମାରିଥିଲେ। ଉପସ୍ଥିତ ପୁଲିସ କର୍ମଚାରୀ କିଛି ନ ଦେଖିବା ପରି ସେଠାରୁ ପଳାଇଯାଇଥିଲେ। ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଓ କ୍ଷୋଭ ସୃଷ୍ଟି ହୋଇଛି। ଆଜି ପାରୁଲ ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି।

## ସାମ୍ବାଦିକ କରୁଣାକର କରଙ୍କ ପରଲୋକ



**ଡେରାବିଶ, ୩୧।୧୦(ସମିସ):** ଡେରାବିଶ ବ୍ଲକ୍‌ର ବରିଷ୍ଠ ସାମ୍ବାଦିକ କରୁଣାକର କର (୬୮)ଙ୍କ ଗତକାଲି ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଶ୍ରୀ କର ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ବିଭିନ୍ନ ସମ୍ବାଦପତ୍ରରେ ସାମ୍ବାଦିକ ଭାବେ କାର୍ଯ୍ୟ କରିଆସୁଥିଲେ। ଗତକାଲି ସନ୍ଧ୍ୟାରେ ସେ ଦୁମୁକାହାଟସ୍ଥ ବାସଭବନରେ ବସିଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକ ତାଙ୍କୁ ନିକଟସ୍ଥ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପରେଶ ଦାସ, ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜ୍ୟୋତିର୍ମୟ ଜେନା, କୋଷାଧ୍ୟକ୍ଷ ପ୍ରମୋଦ ପ୍ରଧାନ, ବେବର୍ତା ଅଜୟ ଦାସ, ପ୍ରମୋଦ ପ୍ରତାପ, ଖୁର୍ସିଦ ଆଲମ ଖାଁ, ଧରଣୀଧର ପ୍ରଧାନଙ୍କ ସମେତ ଜିଲ୍ଲା ଅନ୍ତର୍ଗତ ଶତାଧିକ ଗଣମାଧ୍ୟମ ପ୍ରତିନିଧି ସ୍ୱର୍ଗତ କରଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ସେହିପରି ଡେରାବିଶ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ସରୋଜ ସାହୁ, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ବିପିନ ବିହାରୀ ସାହୁ ପ୍ରମୁଖ ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ବିଭୂତି ମୁଖାଗ୍ନି ଦେଇଥିଲେ। ଆଜି ସମାଜସେବୀ ଅଜୟ ରାଉତ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ସ୍ୱର୍ଗତ କରଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## କଂକ୍ରିଟ ରାସ୍ତାରେ ମୋରମ ପ୍ୟାଚ୍

**ରାଜନଗର, ୩୧।୧୦(ସମିସ):** ରାଜନଗର ବ୍ଲକ୍ ପେଣ୍ଠ ବେଳାଭୂମିରେ ପ୍ରତିଦିନ ଶହ ଶହ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଦେଶ ବିଦେଶର ପର୍ଯ୍ୟଟକ ପ୍ରତିଦିନ ପେଣ୍ଠ ଆସି ବେଳାଭୂମିର ଶୋଭା ଉପଭୋଗ କରିଥା'ନ୍ତି। ପେଣ୍ଠ ସମୁଦ୍ରକୁ ଉଠିବା ରାସ୍ତାକୁ ୨ ବର୍ଷ ତଳେ ତଟବନ୍ଧ ବିଭାଗ ପକ୍ଷରୁ କଂକ୍ରିଟ କରାଯାଇଥିଲା। ମାତ୍ର ପେଣ୍ଠ ମନ୍ଦିର ନିକଟରୁ ଉପର ବନ୍ଧକୁ ଉଠିବା ସ୍ଥାନରେ କଂକ୍ରିଟ ରାସ୍ତା ଦବି ଗର୍ତ୍ତ ସୃଷ୍ଟି ହୋଇଥିଲା। ସେହି କଂକ୍ରିଟ ଦବିଥିବା ସ୍ଥାନରେ ପାଣି ଜମିବା ଯୋଗୁଁ ପର୍ଯ୍ୟଟକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲାପାଳ ବାତ୍ୟାରେ ଜୁଆର ମାଡ଼ରେ କ୍ଷତି ହୋଇଥିବା ଓଡ଼ିଶାର ପ୍ରଥମ ସାମୁଦ୍ରିକ ପଥରବନ୍ଧ ଦେଖିବାକୁ ଯାଇଥିଲେ। ଜିଲ୍ଲାପାଳ ଖାଲ ପାଣିରେ ପଶି ଯିବାପରେ ଏହାକୁ ମରାମତି ପାଇଁ ତଟବନ୍ଧ ବିଭାଗକୁ କହିଥିଲେ। ଆଜି ବିଭାଗ ପକ୍ଷରୁ କଂକ୍ରିଟ ରାସ୍ତାରେ ଖାଲ ହୋଇଥିବା ସ୍ଥାନରେ ମୋରମ ପକାଇ ପୂରଣ କରାଯାଇଛି। କଂକ୍ରିଟ ରାସ୍ତାକୁ ମରାମତି କରା ନ ଯାଇ କଂକ୍ରିଟ ଉପରେ ମୋରମ ପକାଇ ପ୍ୟାଚ୍ ଘଟଣାକୁ ସ୍ଥାନୀୟ ଅଞ୍ଚଳର ଶରତ ତ୍ରିପାଠୀ, ଅଜାମ୍ବର ଦାସ, ଦିବ୍ୟରଞ୍ଜନ ବାରିକ, ନିରାକାର ପରିଡା ପ୍ରମୁଖ ତୀବ୍ର ବିରୋଧ କରିବା ସହିତ କଂକ୍ରିଟ ରାସ୍ତାକୁ ମରାମତି କରିବାକୁ ଦାବି କରିଛନ୍ତି।

# ସର୍ଦ୍ଦାର ପଟେଲଙ୍କ ଜୟନ୍ତୀରେ ଏକତା ଦୌଡ଼






**କେନ୍ଦ୍ରାପଡ଼ା,୩୧।୧୦(ସମିସ)**

ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଶୁକ୍ରବାର ସକାଳେ ଏକତା ଦୌଡ଼ ଆୟୋଜିତ ହୋଇଛି। ଏହି ଏକତା ଦୌଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ଗରାପୁର ପର୍ଯ୍ୟନ୍ତ ଯାଇ ପୁଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ନିଜେ ଦୌଡ଼ରେ ସାମିଲ ହୋଇ ସମସ୍ତଙ୍କୁ ଏକତା ଓ ଜାତୀୟ ଅଖଣ୍ଡତାର ସନ୍ଦେଶ ଦେଇଥିଲେ। ସେ ଏକତା ଦୌଡ଼ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦୌଡ଼ ପରେ ସମସ୍ତଙ୍କୁ ଏକତା ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀଙ୍କ ସହ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, କ୍ରୀଡ଼ା ସଂଘ ଖେଳାଳି ଓ ସାଧାରଣ ଜନସାଧାରଣ ଯୋଗ ଦେଇଥିଲେ।

ସେହିପରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା, ଏମଏନ ହାଇସ୍କୁଲ ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ଓ ଏକତା ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୮ଟା ସମୟରେ ପଟ୍ଟାମୁଣ୍ଡାଇ ବାଇପାସଠାରୁ ଏମଏନ ହାଇସ୍କୁଲ ପର୍ଯ୍ୟନ୍ତ ଏକତା ଦୌଡ଼ କରାଯାଇଥିଲା। ଏଥିରେ ଏମଏନ ହାଇସ୍କୁଲ, ପଟ୍ଟାମୁଣ୍ଡାଇ କଲେଜ ଏନସିସି, ସ୍କାଉଟ, ଛାତ୍ରଛାତ୍ରୀ ଓ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ। ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଦୌଡ଼ର ଶୁଭାରମ୍ଭ କରିଥିଲେ। ଆଇଆଇସି ବନ୍ଦନା ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ କଲେଜ ପ୍ରାଧ୍ୟାପକ କ୍ୟାପ୍ଟେନ ମନୋଜ ପରିଡା ମୁଖ୍ୟବକ୍ତା, ଏମଏନ ହାଇସ୍କୁଲ ପ୍ରଧାନଶିକ୍ଷକ ଅଶୋକ ରାଉତରାୟ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଇନ୍ସପେକ୍ଟର ରତିରଞ୍ଜନ ନାୟକ, ଅଗ୍ନିଶମ ଅଧିକାରୀ ଗଗନ ମହାନ୍ତି, ଆଡ଼ଭୋକେଟ ପ୍ରମୋଦ ସାହୁ, ଯୁବନେତା ମିଟୁ ମନୋଜ ନାୟକ, କାଉନସିଲର ବିଦ୍ୟାଧର ସେଠୀ, ଚିତ୍ରକର ରାଜେନ୍ଦ୍ର ଦାଶ, ଯୁବନେତା ପରେଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସେହିପରି ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସବଜଜ ଅପୂର୍ବା ଚୌଧୁରୀ, ଜେଏମଏଫସି ବିଦ୍ୟୁତଲତା ପ୍ରଧାନ, ସିଭିଲ ଜଜ ଡିକେ ବାଲକ୍ରିଷ୍ଣନ ଅତିଥି ଭାବେ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ସୁରେଶ ନରେନ୍ଦ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଡ଼ଭୋକେଟ ହୃଦାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷରେ ରାଜକନିକା ପୁଲିସ ଓ ଆଳି ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକାଦଶ ଦିବସ ପାଳନ କରାଯାଇଛି।

## ଟ୍ରକ୍ ଧକ୍କାରେ ବାପା ମୃତ, ଦାଦା ଓ ଝିଅ ଗୁରୁତର

କେନ୍ଦୁଝର, ୩୧।୧୦(ସମିସ): କେନ୍ଦୁଝର ସଦର ଥାନା ପଦ୍ମପୁର କଲେଜ ଛକ ବୁଲାଣି ନିକଟରେ ଶୁକ୍ରବାର ଦିନ ୧୦ଟାବେଳେ ଏକ ୧୪ ଚକିଆ ଟ୍ରକ୍ ଧକ୍କାରେ (ଓଡି-ଜିର-୯-ଏସ୍-୯୬୨୦) ବାଇକ୍‌ରେ ଯାଉଥିବା ବରଦାପାଳ ପଞ୍ଚାୟତ ଉପରକୁସୁମିତା କଶିରାସାହିର ବିଦ୍ୟାଧର ନାଏକ (୩୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ସହ ବାଇକ୍‌ରେ ଥିବା ଝିଅ ଓ ଦାଦା ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ପଠାଯାଇଛି। ସଦର ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଥିବା ବେଳେ ଦୁର୍ଘଟଣା ଘଟାଇଥିବା ୧୪ ଚକିଆ ଏବଂ ଚାଳକଙ୍କୁ ଧନୁର୍ଜୟପୁର ନିକଟରୁ କାବୁକରି ଥାନାକୁ ଆଣି ତଦନ୍ତ ଜାରି ରଖିଛି।

## ସାପ କାମୁଡ଼ାରେ ଛାତ୍ର ମୃତ

ତୁରୁମୁଙ୍ଗା, ୩୧।୧୦(ସମିସ): ପାଟଣା ଥାନା ସାନ ଜାମୁପଶି ଗ୍ରାମର ବିକ୍ରମ ମୁଣ୍ଡାଙ୍କ ପୁଅ ନରୋତ୍ତମ ମୁଣ୍ଡା(୧୭)ଙ୍କୁ ସାପ କାମୁଡ଼ା ଦେଇଥିବା ବେଳେ ଗୁରୁବାର ରାତି ୩ଟା ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ସେ ଖୁଣ୍ଟାପଡା ଗ୍ରାମରେ ଭଉଣୀ ବର୍ଷା ମୁଣ୍ଡାଙ୍କ ଘରେ ରହି ସାହାରପଡା ଆଇଟିଆଇରେ ପାଠ ପଢୁଥିଲେ। ବୁଧବାର ରାତିରେ ଖାଇ ସାରି ତଳେ ଶୋଇଥିବା ସମୟରେ ଏକ ବିଷଧର ସାପ କାମୁଡି ଦେଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପାଟଣା ପୁଲିସ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଧର୍ମପ୍ରାଣା ବୃଦ୍ଧାଙ୍କ ପରଲୋକ



ହାଟଡ଼ିହୀ,୩୧।୧୦(ସମିସ): ହାଟଡ଼ିହୀ ଗ୍ରାମର ବରିଷ୍ଠ ସମାଜସେବୀ ସ୍ୱର୍ଗତ ଭରତଚନ୍ଦ୍ର ସାଙ୍କ ଧର୍ମପତ୍ନୀ ଓ ଇଂ ଧନେଶ୍ୱର ସାଙ୍କ ମାଆ ରମାମଣି ସା(୯୦)ଙ୍କ ପରଲୋକ ହୋଇଯାଇଛି। ଗୁରୁବାର ରାତି ଖାଇପିଇ ଶୋଇଥିଲା ବେଳେ ବିଳମ୍ବିତ ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଅତ୍ୟନ୍ତ ଉଦାର, କରୁଣାମୟୀ, ଦୟାଶୀଳା ମହିଳା ଥିଲେ। ତାଙ୍କ ଦେହାନ୍ତ ଖବର ପାଇ ଗାଁସାହି, ବନ୍ଧୁ ପ୍ରିୟଜନଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଆଜି ସକାଳୁ ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ପରିବାର ସ୍ୱଜନ ଏକାଠି ହୋଇ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନେଇଛନ୍ତି। ପଞ୍ଚଭୂତରେ ରମାମଣିଙ୍କ ମରଶରୀର ଲୀନ ହୋଇଥିଲା ବେଳେ ପୁଅ ଧନେଶ୍ୱର ମୁଖାଗ୍ନି ଦେଇଛନ୍ତି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ




ତୁରୁମୁଙ୍ଗା, ୩୧।୧୦(ସମିସ): ପାଟଣା ବ୍ଲକ ଖିରେଇଟାଙ୍ଗିରିସ୍ଥିତ ମା' ଟାଙ୍ଗରାଣୀପାଟ ସମ୍ମିଳନୀ କକ୍ଷରେ ଓଡିଶା ଗ୍ରାମୀଣ ବ୍ୟାଙ୍କ ଶାଖା ତରଫରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି। ସଭାରେ ଓଡିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ମ୍ୟାନେଜର ସତ୍ୟବ୍ରତ ନନ୍ଦ ମୁଖ୍ୟଅତିଥି ଏବଂ ଆଞ୍ଚଳିକ ଅଫିସର ଅଭିମନ୍ୟୁ ବେହେରା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମହନ୍ତ, ଖିରେଇଟାଙ୍ଗିରୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ସାହୁ, ମା' ଟାଙ୍ଗରାଣୀପାଟ କୃଷକ ଉତ୍ପାଦକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ କମଳ ଲୋଚନ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ୟାଙ୍କ ଶାଖା ପ୍ରବନ୍ଧକ ପ୍ରମୋଦିନି ପାଢ଼ୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା।

# ଗାଁକୁ ଆସୁନି ନେଟ୍‌ୱର୍କ; ହୁଡ଼ିରେ ଅଙ୍ଗନବାଡ଼ି କେନ୍ଦ୍ର





ତୁରୁମୁଙ୍ଗା, ୩୧।୧୦(ସମିସ)

ଡିଜିଟାଲ ଯୁଗରେ ଅପହଞ୍ଚ ରହିଛି ମୋବାଇଲ ସେବା। ଗାଁକୁ ଆସୁନି ମୋବାଇଲ ନେଟ୍‌ୱର୍କ। ଇଣ୍ଟରନେଟ ସେବା ବିଫଳ ହେବା ଫଳରେ ଜରୁରୀ ସେବା ସହ ସରକାରୀ କାର୍ଯ୍ୟରେ ବାଧା ଉପୁଜୁଛି। ଦିନେ କି ଦୁଇଦିନ ନୁହଁ ବର୍ଷ ବର୍ଷ ଧରି ସମସ୍ୟାରେ ଯୁଝି ହେଉଛନ୍ତି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତର ରୋହଣୀଦୁମା ଗ୍ରାମବାସୀ। କୌଣସି ଜରୁରୀ କଥା ହେବାକୁ ହେଲେ କିମ୍ବା ଅନଲାଇନ କାମ କରିବାକୁ କିଏ ଗଛ ଉପରକୁ ଚଢୁଛି ତ ଆଉ କିଏ ରାସ୍ତାକଡ଼ ହୁଡ଼ିରେ ବସି ଅନଲାଇନ କାମ କରୁଛି। ଡୁମୁରିଆ ପଞ୍ଚାୟତ ଅଞ୍ଚଳରେ ମୋବାଇଲ ଟାୱାର ଓ ଇଣ୍ଟରନେଟ୍‌କୁ ନେଇ ଦେଖିବାକୁ ମିଳୁଛି ଏଭଳି ଅଭାବନୀୟ ଚିତ୍ର। ନେଟ୍‌ୱର୍କ ଆସୁ ନଥିବାରୁ ଗର୍ଭବତୀ ମହିଳା ଓ ପ୍ରସୂତି ମହିଳାଙ୍କ ଫେସ କ୍ୟାପଚର ହେଉ ନଥିବାରୁ ସେମାନେ ଅଣ୍ଡା ଛତୁଆ ପାଇ ପାରୁ ନଥିବା ଅଭିଯୋଗ ହୋଇଛି।

ସରକାରଙ୍କ ନିୟମ ଅନୁସାରେ, କେୱାଇସି ନହେଲେ କିମ୍ବା ଅନଲାଇନରେ ଫେସ କ୍ୟାପଚର ନହେଲେ ଅଣ୍ଡା ଛତୁଆ ମିଳୁନାହିଁ କିନ୍ତୁ ଏବେ ଏହି କେୱାଇସି ପାଇଁ ନେଟ୍‌ୱର୍କ ସାଜିଛି ବାଧକ। ଗାଁକୁ ନେଟ୍‌ୱର୍କ ଆସୁ ନଥିବାରୁ ପ୍ରସୂତି ଓ ଗର୍ଭବତୀ ଶେଷରେ ଅଣ୍ଡା ଛତୁଆ ପାଇବା ପାଇଁ ପ୍ରତ୍ୟେକ ଦିନ କାମ ଛାଡି କୋଳରେ ଛୋଟ ଛୋଟ ଛୁଆଙ୍କୁ ଧରି ଯୋଉଠି ନେଟ୍‌ୱର୍କ ଆସୁଛି ସେ ଜାଗା ଖୋଜା ପଡୁଛି। ଯେଉଁଠାରେ ନେଟ୍‌ୱର୍କ ଆସୁଛି ସେଠାରେ ଫେସ କ୍ୟାପଚର କରିବାକୁ ପଡୁଛି। ହୁଡ଼ି ଉପରେ ଟାୱାର କେତେ ବେଳେ ଆସୁଛି ତ ଆଉ କେତେବେଳେ ନାହିଁ। ଏଭଳି ସ୍ଥିତିରେ କେୱାଇସି ହୋଇ ପାରୁ ନଥିବାରୁ ଅଣ୍ଡା ଛତୁଆ ପାଇବାରୁ ବଞ୍ଚିତ ହେଉଛନ୍ତି ହିତାଧିକାରୀ। କେବଳ ଅଙ୍ଗନବାଡି କେନ୍ଦ୍ରର ସମସ୍ୟା ନୁହଁ; ଜରୁରୀ ସମୟରେ ଗୁରୁତର ରୋଗୀଙ୍କୁ ମେଡିକାଲ ନେବାପାଇଁ ୧୦୮କୁ କଲ କରିବାକୁ ହେଲେ ଗଛ ଉପରକୁ ଉଠିବାକୁ ପଡେ। କେତେବେଳେ ଫୋନ ଲାଗେ ତ ଆଉ କେତେବେଳେ ନାହିଁ। ଫଳରେ ବଣ ପାହାଡ ଘେରା ରୋହଣୀଦୁମା, ବଣ ମହୁଲଡିହା, କାଳିଘାଇ, ପିଛୁଳାବେଡା, ଦଳକୀସାହି ଲୋକେ ଅନେକ ଅସୁବିଧା ଭୋଗ କରିଥାନ୍ତି। ଗୁରୁତର ରୋଗୀଙ୍କ ଘରେ କିମ୍ବା ରାସ୍ତାରେ ମଧ୍ୟ ଜୀବନ ଚାଲି ଯାଇଥାଏ। ଡିଜିଟାଲ ଯୁଗରେ ଏବେ ସବୁ କାର୍ଯ୍ୟ ଅନଲାଇନରେ ହେଉଥିବା ବେଳେ ଗାଁକୁ ନେଟ୍‌ୱର୍କ ଆସୁନାହିଁ। ଫଳରେ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏନେଇ ଅଞ୍ଚଳବାସୀ ବର୍ଷ ବର୍ଷ ଧରି ପ୍ରଶାସନଠାରୁ ଆରମ୍ଭକରି ନେତା-ମନ୍ତ୍ରୀଙ୍କ ନିକଟରେ ବାରମ୍ବାର ଗୁହାରି କଲେ ମଧ୍ୟ ସମସ୍ୟା ସମସ୍ୟାରେ ହିଁ ରହିଯାଇଛି। ହିତାଧିକାରୀଙ୍କ ସମସ୍ୟା ନେଇ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ କହିଛନ୍ତି, ଅଞ୍ଚଳର ନେଟ୍‌ୱର୍କ ସମସ୍ୟା ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ଖୁବଶୀଘ୍ର ସମସ୍ୟା ସମାଧାନ କରାଇବାକୁ ଚେଷ୍ଟା କରିବେ।





● ଜିଲ୍ଲାବ୍ୟାପୀ ଜାତୀୟ ଏକତା ଦିବସ ପାଳିତ

## ପ୍ରଶାସନ ପକ୍ଷରୁ ଶପଥ ପାଠ, ଏକତା ଗଣଦୌଡ଼ ଓ ପଦଯାତ୍ରା

କେନ୍ଦୁଝର, ୩୧।୧୦(ସମିସ): ଦେଶର ଏକତା ଅଖଣ୍ଡତାର ସ୍ଥପତି ଏବଂ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଜିଲ୍ଲା ପ୍ରଶାସନ, କେନ୍ଦୁଝର ପକ୍ଷରୁ ଜାତୀୟ ଏକତା ଦିବସ ପାଳନ କରାଯାଇଛି। ନାଗରିକମାନଙ୍କ ମଧ୍ୟରେ ଏକତା, ଅଖଣ୍ଡତା ଏବଂ ସାମୂହିକ ଶକ୍ତିର ଭାବନାକୁ ଉଜ୍ଜ୍ୱଳ କରି ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯାଇଛି।



ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଛାତ୍ର ଏବଂ ଜନସାଧାରଣଙ୍କ ଉପସ୍ଥିତିରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହଙ୍କ ଦ୍ୱାରା ପରିଚାଳିତ ଜାତୀୟ ଏକତା ଶପଥ ପାଠ ସହିତ ପାଳନ ଆରମ୍ଭ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ସିଂହ ସର୍ଦ୍ଦାର ପଟେଲଙ୍କ ଅପାର ଅବଦାନକୁ ମନେ ପକାଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶପଥ ସମାରୋହ ପରେ, ଏକତା ଏବଂ ସମନ୍ୱୟର ବାର୍ତ୍ତାକୁ ପ୍ରୋତ୍ସାହିତ କରିବା ପାଇଁ "ଏକତା ଦୌଡ' ଆୟୋଜନ କରାଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ଦୌଡ଼କୁ ଜିଲ୍ଲାପାଳ ଶ୍ରୀ ସିଂହ ସବୁଜ ପତାକା ପ୍ରଦର୍ଶିତ କରି ଶୁଭାରମ୍ଭ କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଏନସିସି କ୍ୟାଡେଟ୍, ଯୁବ ସ୍ୱେଚ୍ଛାସେବୀ, ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦ କେନ୍ଦୁଝରର ଅତିରିକ୍ତ ନିର୍ବାହୀ ଅଧିକାରୀ ଶୁଭଦର୍ଶୀ ଯୋଶୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାଏକ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଶିକ୍ଷାନୁଷ୍ଠାନର ମୁଖ୍ୟ, ଶିକ୍ଷକ ଏବଂ ନାଗରିକ ସମାଜ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ ଓ କ୍ରୀଡା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ ପରିଚାଳନା କରିଥିଲେ।

ଏହାସହ ଶୁକ୍ରବାର ଜିଲ୍ଲାର ୩ଟି ଉପଖଣ୍ଡର ସମସ୍ତ ବ୍ଲକ୍ ଏବଂ ଥାନାଗୁଡ଼ିକରେ ରାଷ୍ଟ୍ରୀୟ ଏକତା ଦିବସର ପଦଯାତ୍ରା ଏବଂ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ବଣ୍ଟନ କରାଯାଇଛି। ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ବିଭିନ୍ନ ରାଷ୍ଟ୍ରୀୟ ଏକତା ଉଦ୍ଦେଶ୍ୟରେ ବିଭିନ୍ନ ନାରା ଦେଇଥିଲେ। ପୁଲିସ ପ୍ରଶାସନ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲାବ୍ୟାପୀ ଶିକ୍ଷାନୁଷ୍ଠାନ, ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ଜନସାଧାରଣ ସାମିଲ ହୋଇଥିଲେ।

## ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା




ଚମ୍ପୁଆ,୩୧।୧୦(ସମିସ): ଚମ୍ପୁଆ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସନାତନ ମହାକୁଡଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ଏହି ପଦଯାତ୍ରାରେ ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ଚମ୍ପୁଆ ବ୍ଲକ ସଭାପତି ଗଣେଶ ଖିଲାର, ଚମ୍ପୁଆ ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ଜିଲ୍ଲା ପରିଷଦ ସଦସ୍ୟା ରମଣି ନାଏକ ସମେତ ୩୦୦ରୁ ଅଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ। ଏହି ପଦଯାତ୍ରା କାଞ୍ଜିଆ ଶୁଳାଠାରୁ ଦିନ ୧୧ଟାରେ ଆରମ୍ଭ ହୋଇ ସିଲିପୁଞ୍ଜିଠାରେ ଶେଷ ହୋଇଥିଲା। ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ୧୯୯୯ ମସିହା ମହାବାତ୍ୟାଠାରୁ ଆରମ୍ଭ କରି ଶାସନ କାଳରେ ଜନସାଧାରଣଙ୍କ ନିମନ୍ତେ ବହୁବିଧ ଯୋଜନା କରି ଓଡିଶାକୁ ସୁନାର ଓଡିଶା କରିଥିବା ବେଳେ ବିଜେପି ସରକାର ଅନେକ ଯୋଜନା ବନ୍ଦ କରିବାରେ ଲାଗିଛନ୍ତି ବୋଲି ସୂଚନା ଦେଇଥିଲେ।

ଛାତ୍ରାବାସ ନିର୍ମାଣରେ ଅନିୟମିତତା ଅଭିଯୋଗ

## ରାତିଅଧିଆ ଲାଗିଲା ସୂଚନାଫଳକ





ଚମ୍ପୁଆ,୩୧।୧୦(ସମିସ): ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଆଇଟିଡିଏ ଅଧୀନରେ ଚାଲିଥିବା ଏକ ଆବାସିକ ସ୍କୁଲର ହଷ୍ଟେଲ ନିର୍ମାଣରେ ଅନିୟମିତତା ହୋଇଥିବା ଖବର ସମ୍ପର୍କରେ ପଚରାଯିବାରୁ ତରବରିଆ ଭାବେ କର୍ତ୍ତୃପକ୍ଷ ରାତିଅଧିଆ ସୂଚନାଫଳକ ଲଗାଇଥିବା ଦେଖାଯାଇଛି। ଶୁକ୍ରବାର 'ସକାଳ'ରେ ଏନେଇ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି। ସମ୍ପୃକ୍ତ ଯନ୍ତ୍ରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଛାତ୍ରାବାସ ନିର୍ମାଣରେ ଅନିୟମିତତା ପରିଲକ୍ଷିତ ହୋଇଥିଲା। ଅଭିଯୋଗ ଅନୁସାରେ, ଚମ୍ପୁଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ କରାଯାଉଥିଲେ ମଧ୍ୟ ଜନସାଧାରଣଙ୍କ ପାଇଁ କୌଣସି ସୂଚନା ଫଳକ ଲଗାଯାଇ ନଥିଲା। କୋଟି କୋଟି ଟଙ୍କାରେ ନିର୍ମାଣାଧୀନ ଏହି ଛାତ୍ରାବାସର ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚନ୍ଦ୍ରଶେଖର ମହାବିଦ୍ୟାଳୟ ପରିସରରେ ସହରୀ ମଡେଲର ଛାତ୍ରାବାସ କାର୍ଯ୍ୟ ଅଧାରୁ ଅଧିକ ଶେଷ ହେବାକୁ ବସିଲାଣି। ମାତ୍ର ସୂଚନା ଫଳକ ଲଗାଇବାରେ ଟାଳଟୁଳ ନୀତି ଲାଗିରହିଥିଲା। ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ରବିନ୍ଦ୍ରନାଥ ନାଏକଙ୍କୁ ପଚାରିବାରୁ କାମ ପୂର୍ବରୁ ସୂଚନାଫଳକ ଲଗାଇବା କାମ ମୋର ନୁହଁ ଯନ୍ତ୍ରୀଙ୍କୁ ପଚାରନ୍ତୁ ବୋଲି ମତ ଦେଇଥିବା ବେଳେ ଏନେଇ ବିଭାଗୀୟ ଯନ୍ତ୍ରୀ ନରେଶ ପରିଡାଙ୍କୁ ପଚାରିବାରୁ ଠିକାଦାର ହଁ ଲଗାଇବି ହଁ ଲଗାଇବି କହି ଦିନ ଗଡାଇ ଚାଲିଛି ମୁଁ ବର୍ତ୍ତମାନ ଛୁଟିରେ ଅଛି କହି କଥା ଏଡାଇଦେଇଥିଲେ। ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟରେ ଛାତ ପଡି ସାରିଥିବା ବେଳେ ଉପର ମହଲା କାର୍ଯ୍ୟଆରମ୍ଭ ହୋଇସାରିଲାଣି। ତେଣୁ ଏଠାରେ ପ୍ରଶ୍ନ ଉଠୁଛି ଯେ ଛାତ୍ରାବାସ କାର୍ଯ୍ୟ ଏତେ ଦୂର ଆଗେଇ ଯାଇଥିଲେ ମଧ୍ୟ ଯନ୍ତ୍ରୀ ଜଣଙ୍କ ଏହାର ତଦାରଖ କରୁନାହାନ୍ତି ବା ଯନ୍ତ୍ରୀ ନିଜ ଦାୟିତ୍ୱରୁ ଦୂରେଇ ଯାଉଛନ୍ତି। ଫଳରେ କାର୍ଯ୍ୟର ମାନକୁ ନେଇ ଏଠାରେ ପ୍ରଶ୍ନବାଚୀ ଦେଖାଯାଇଛି।

# ବୁଲା କୁକୁର ମାଳ ମାଳ; ପୌରାଞ୍ଚଳବାସୀ ଅସୁରକ୍ଷିତ, ଆତଙ୍କିତ

**୧୮ ମାସରେ ଟିକା ନେଇଛନ୍ତି ୩୫୮୩**

ଆନନ୍ଦପୁର, ୩୧।୧୦(ସମିସ)

ଆନନ୍ଦପୁର ପୌରାଞ୍ଚଳରେ ବଢ଼ିଚାଲିଛି ବୁଲା କୁକୁରଙ୍କ ସଂଖ୍ୟା। ଏହାକୁ ନେଇ ରାସ୍ତାଘାଟରେ ଅନେକ ଦୁର୍ଘଟଣା ଘଟୁଛି। ଲୋକମାନେ ଅସୁରକ୍ଷିତ ଏବଂ ଭୟଭୀତ ଅବସ୍ଥାରେ ରହୁଛନ୍ତି। ତେବେ ସହରାଞ୍ଚଳରେ ବୁଲାକୁକୁର ନିୟନ୍ତ୍ରଣ କରାଯିବାକୁ ପୂର୍ବରୁ ଘୋଷଣା କରାଯାଇଥିବାବେଳେ ଆନନ୍ଦପୁର ପୌରାଞ୍ଚଳରେ ଏନେଇ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।

କିଛିଦିନ ତଳେ ରାଜଧାନୀ ଭୁବେନଶ୍ୱରରେ ବୁଲାକୁକୁରଙ୍କ ସଂଖ୍ୟା ଗଣତି କରାଯାଇ ସାର୍ବଜନୀନ କରଯାଇଥିଲା। ଏନେଇ ବନ୍ଧ୍ୟାକରଣ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ସହରାଞ୍ଚଳରେ ମଧ୍ୟ ଏହି ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଧ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଥିବାବେଳେ ଏନେଇ ଆନନ୍ଦପୁର ପୌରାଞ୍ଚଳରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ପୌରାଞ୍ଚଳର ସମସ୍ତ ୱାର୍ଡରେ ମାଳମାଳ ବୁଲାକୁକୁର ନଜରକୁ ଆସିଛି। ସକାଳୁ ପ୍ରାତଃଭ୍ରମଣରେ ଗଲେ ଅନେକ ସ୍ଥାନରେ ବୁଲାକୁକୁର ଲୋକମାନଙ୍କୁ ଗୋଡାଉଥିବା ମଧ୍ୟ ପରିଲକ୍ଷିତ ହୋଇଛି। ପ୍ରାତଃଭ୍ରମଣରେ ଗଲେ ବାଧହୋଇ ବରିଷ୍ଠ ନାଗରିକମାନେ ନିଜର ସୁରକ୍ଷାପାଇଁ ହାତରେ ବାଡ଼ିଧରି ଯାଉଥିବା ପରିଲକ୍ଷିତ ହୋଇଛି। ଘସିପୁରା ଝାଡ଼େଶ୍ୱର ରୋଡ, ଡାକ୍ତରଖାନା ରୋଡ, ଆନନ୍ଦପୁର ବଡ଼ଦାଣ୍ଡ, ଫକୀରପୁର ବଜାର, ପଦ୍ମପୁର, ଶାଳପଡ଼ା, ଘସିପୁରା ବସଷ୍ଟାଣ୍ଡ ଅଞ୍ଚଳରେ ମାଳମାଳ ବୁଲାକୁକୁର ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି। ଅନେକ ସମୟରେ ବୁଲାକୁକୁରଙ୍କ ଯୋଗୁଁ ବାଇକ୍, ସାଇକଲ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ଆହତ ହେଉଛନ୍ତି।




ଗତ ୨୦୨୪ ଏପ୍ରିଲରୁ ସେପ୍ଟେମ୍ବର ୨୦୨୫ମଧ୍ୟରେ ବୁଲା କୁକୁର କାମୁଡ଼ାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ମୋଟ୍ ୩୫୮୩ଜଣ ପ୍ରତିଷେଧକ ଟିକା ନେଇଛନ୍ତି। ୨୦୨୪ ଏପ୍ରିଲରେ ୩୧୦ଜଣ, ମେରେ ୨୭୩, ଜୁନରେ ୧୭୬, ଜୁଲାଇରେ ୧୭୦, ଅଗଷ୍ଟରେ ୧୪୧, ସେପ୍ଟେମ୍ବରରେ ୧୪୧, ଅକ୍ଟୋବରରେ ୧୭୪, ନଭେମ୍ବରରେ ୨୦୦, ଡିସେମ୍ବରରେ ୨୪୬, ୨୦୨୫ ଜାନୁଆରୀରେ ୨୭୩, ଫେବୃଆରୀରେ ୨୩୭, ମାର୍ଚ୍ଚରେ ୨୩୨, ଏପ୍ରିଲରେ ୨୦୩, ମେରେ ୧୬୯, ଜୁନରେ ୧୨୩, ଜୁଲାଇରେ ୧୩୯, ଅଗଷ୍ଟରେ ୧୫୪, ସେପ୍ଟେମ୍ବରରେ ୧୧୩ଜଣ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ କୁକୁର କାମୁଡ଼ା ଟିକା ନେଇଛନ୍ତି। ଅବଶ୍ୟ ଏଥିରେ ଗ୍ରାମାଞ୍ଚଳ ରୋଗୀ ରହିଥିଲେ ମଧ୍ୟ ପୌରାଞ୍ଚଳରେ କୁକୁର କାମୁଡ଼ା ହାର ସର୍ବାଧିକ ବୋଲି ଜଣାପଡିଛି। ଏପଟେ ସହରରେ ବୁଲାକୁକୁର ସଂଖ୍ୟା ଅତିଷ୍ଠ କଲାଣି ବୋଲି ଘସିପୁରାର ଯୁବସମାଜସେବୀ ଦେବରାଜ ସାହୁ କହିଛନ୍ତି। ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ କହିଛନ୍ତି, କୁକୁର ଗଣନା କିମ୍ବା ବନ୍ଧ୍ୟାକରଣ ନେଇ ସରକାରଙ୍କ ପକ୍ଷରୁ କୌଣସି ବିଧିବଦ୍ଧ ନିଷ୍ପତ୍ତି କିମ୍ବା ନିର୍ଦ୍ଦେଶନାମା ଆସିନାହିଁ। ତେବେ ପଶୁ ଚିକିତ୍ସା ବିଭାଗ ସହିତ ପରାମର୍ଶ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

## ପାଗଳ କୁକୁର କାମୁଡ଼ାରେ ୧୦ ଆହତ

**କୁକୁରକୁ ପିଟି ପିଟି ମାରିଦେଲେ**

ତୁରୁମୁଙ୍ଗା: କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ବଜାର ପାଟଣା-କେନ୍ଦେଇପଶି ରାସ୍ତା ରାଣା ଟ୍ରେଡର୍ସ ନିକଟରେ ବୁଧବାର ପୂର୍ବାହ୍ନରେ ଏକ ବୁଲା କୁକୁର କାବୁଲି ବେହେରାଙ୍କ ପୁଅ ପ୍ରୀତିରାଜ ବେହେରା(୯) ଡ଼ିମିରିଡିହାର ପଙ୍କଜ ବେହେରାଙ୍କୁ ଗୋଡାଇ ଗୋଡେଇ କାମୁଡିଥିଲା। ଆହୁରି ୮ଜଣଙ୍କୁ ପାଗଳ କୁକୁର ଗୋଡେଇ ଗୋଡେଇ କାମୁଡ଼ିଥିଲା। କୁକୁର ଆକ୍ରମଣରେ ଗୁରୁତର ହୋଇଥିବା ବ୍ୟକ୍ତି ହେଉଛନ୍ତି ଗଦାଧରପୁରର ରଙ୍ଗାଧର ଦାସ, କେନ୍ଦ୍ରାପଡ଼ାର ତୃପ୍ତିରଞ୍ଜନ ଆଚାର୍ଯ୍ୟ, ଜାମୁଳେଇବେଡ଼ାର ମିଟୁ ନାଏକ, ଭୁବନେଶ୍ୱରର ଅର୍ଚ୍ଚିତା ମହାପାତ୍ର, ଆନନ୍ଦପୁର ରଞ୍ଜିତା ମହାନ୍ତ, କେନ୍ଦେଇପୋଷିର କୈଳାଶ ନାଏକ, ପାଟଣାର ଇସାନ ନଜରୁଲା ଓ ସାଲମ୍ ଅସାରି। ଗୁରୁବାର ଆହୁରି ୮ଜଣଙ୍କୁ ଗୋଡାଇ ଗୋଡାଇ କୁକୁର କାମୁଡିବାରେ ଲୋକେ ଉତ୍ୟକ୍ତ ହୋଇ ଗୁରୁବାର ଅପରାହ୍ନରେ ସଂଘବଦ୍ଧ ଭାବେ କୁକୁରକୁ ପିଟିପିଟି ମାରି ଦେଇଛନ୍ତି।

## ମହାଦେବ ମନ୍ଦିରର ଶିଳାନ୍ୟାସ

**ଅତାବିରା,୩୧ା୧୦(ସମିସ):** ଅତାବିରା ବ୍ଲକ ହିର୍ଲିପାଲିରେ ମହାଦେବ ମନ୍ଦିରର ଶିଳାନ୍ୟାସ ଶୁକ୍ରବାର ଅଁଳା ନବମୀ ତିଥିରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଅମୂଲ୍ୟ ମହାପାତ୍ର କର୍ତ୍ତା ଭାବେ ଯୋଗ ଦେଇ ଶୁଭ ଦେଇଥିଲେ। ଗ୍ରାମର ପଣ୍ଡିତ ସୁବାଷ ପାଣିଗ୍ରାହୀ ଓ ବୀରେନ୍ଦ୍ର ପାଣିଗ୍ରାହୀ ପୂଜା କାର୍ଯ୍ୟ ସଂପାଦନ କରିଥିଲେ।

## ଦୁଇ ବାଇକ୍ ମଧ୍ୟରେ ଧକ୍କା; ଯୁବକ ଗୁରୁତର

**ଅମ୍ବାଭୋନା,୩୧ା୧୦(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅନ୍ତର୍ଗତ ଭୁକ୍ତା-ଦ୍ୱାରୀ ରାସ୍ତାରେ ଅପରାହ୍ନରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବା ଫଳରେ ଭେିନାତୋରା ଗ୍ରାମର ଦୀପକ ଭୋଇ (୨୨) ଆହତ ହୋଇଥିଲେ। ଦ୍ୱାରୀ ପଟୁ ଆସୁଥିବା ଦ୍ୱାରୀ ଗ୍ରାମର ଦିନେଶ ସାହୁ ଦୀପକ ଭୋଇଙ୍କୁ ରାସ୍ତାରେ ପଡ଼ିଥିବା ଦେଖି ତାଙ୍କୁ ଭୁକ୍ତା ସ୍ଥିତ ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବରଗଡ଼ ସ୍ଥିତ ଖେଦାପାଳି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ରାଣା ପ୍ରତାପ ହାଇସ୍କୁଲରୁ ଚୋରି

**ବରଗଡ଼,୩୧ା୧୦(ସମିସ):** ଗୁରୁବାର ରାତିରେ ସ୍ଥାନୀୟ ରାଣା ପ୍ରତାପ ସ୍କୁଲ ପରିସରରୁ ସ୍କୁଲର ଅନେକ ଆସବାବ ପତ୍ର ଚୋରି ହୋଇଛି। ସ୍କୁଲ ବାରଣ୍ଡାର ତାଲା ଭାଙ୍ଗି ଚୋରମାନେ ଭିତରକୁ ପଶି ଅଫିସ ରୁମ୍, କମନ୍ ରୁମ୍, ଇ-ଲାଇବ୍ରେରୀ ସ୍ମାର୍ଟ କ୍ଲାସ ରୁମ୍ ଓ ମିଟିଂ ହଲର ତାଲା ଭାଙ୍ଗି ମିଟିଂ ହଲରେ ଲାଗିଥିବା ଇନ୍‌ଭଟର, ବ୍ୟାଟେରୀ, ୟୁପିଏସ୍ ମାଇକ ସେଟ୍, ଜେନେରେଟର ସେଟ୍ ଆଦି ଚୋରି କରି ନେଇଯାଇଥିବା ବେଳେ ଅଫିସର ଆଲମିରା ତାଡି ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଫୋପାଡ଼ି ଫିଙ୍ଗି ଦେଇଛନ୍ତି। ଶୁକ୍ରବାର ସକାଳେ ପ୍ରଧାନ ଶିକ୍ଷକ ଓ କର୍ମଚାରୀମାନେ ସ୍କୁଲରୁ ଚୋରି ହୋଇଥିବା ଜାଣିବା ପରେ ପ୍ରଧାନ ଶିକ୍ଷକ ବରଗଡ଼ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ସନ୍ଧାନୀ କୁକୁର ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ସୂଚନା ମିଳିଛି।

## ଧର୍ମପରାୟଣ ମହିଳାଙ୍କ ପରଲୋକ

**ଗାଇସିଲେଟ,୩୧ା୧୦(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଜଡାଗଞ୍ଜା ଗ୍ରାମର ଜଣେ ଧର୍ମପରାୟଣ ମହିଳା ଭାବେ ପରିଚିତ ପ୍ରେମା ନାଏକ (୯୫)ଙ୍କ ଆଜି ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କର ପରଲୋକ ହୋଇଥିବାବେଳେ ମୃତ୍ୟୁଶଯ୍ୟା ନିକଟରେ ୫ ପୁଅ, ବୋହୂ, ୩ ଝିଅ, ଜ୍ୱାଇଁ, ନାତି ନାତୁଣୀ ଓ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ବଡ଼ପୁଅ ଗୋପାଳ ମୁଖାଗ୍ନି ଦେଇଥିଲେ।

## ସେବିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପଦ୍ମପୁର,୩୧ା୧୦(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପଦ୍ମପୁରର କାର୍ଯ୍ୟରତ ସେବିକା କୁମୁଦିନୀ ମହାନ୍ତିଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସଭାପତି ପୃଥ୍ୱୀରାଜ ସାହୁ ସଭାପତିତ୍ୱ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷା ବିକାଶ ସମିତି ବିଦ୍ୟୁତ୍ ପରିଷଦର ସଭାପତି ଡ଼ଃ ବାଞ୍ଛାନିଧି ପଣ୍ଡା ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ଭକ୍ତ ଚରଣ ସାହୁ, ଜୟନାରାୟଣ ତ୍ରିପାଠୀ, ସଂକୁଳ ପ୍ରମୁଖ ଦ୍ୱାଦଶ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପରିଚାଳନା ସମିତି, ପୂର୍ବ ଛାତ୍ର ସଂସଦ, ମାତୃ ଭାରତୀ, ଶିଶୁ ବିଦ୍ୟାମନ୍ଦିର ସହକର୍ମୀ, ଗୁରୁଜୀ ଗୁରୁମାଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶେଷରେ ସମ୍ପାଦକ ଜନକଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସମସ୍ତ ଗୁରୁଜୀ ଗୁରୁମା ଶୋଭାଯାତ୍ରାରେ କୁମୁଦିନୀଙ୍କ ଘରକୁ ଯାଇଥିଲେ।

## ଏକତା ପଦଯାତ୍ରା ପାଇଁ ପ୍ରସ୍ତୁତି

**ବରଗଡ଼,୩୧ା୧୦(ସମିସ):** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଆୟୋଜିତ ହେବାକୁ ଥିବା ଏକତା ପଦଯାତ୍ରା ପାଇଁ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି "ଏକତା ପଦଯାତ୍ରା' ବରଗଡ଼ ଜିଲ୍ଲାର ଦୁଇଟି ଉପଖଣ୍ଡସ୍ତରରେ ଆୟୋଜନ ହେବ। ଆଗାମୀ ନଭେମ୍ବର ୧୫ ତାରିଖରେ ବରଗଡ଼ ମୁଖ୍ୟାଳୟ ଏବଂ ନଭେମ୍ବର ୨୧ ତାରିଖରେ ପଦ୍ମପୁର ଉପଖଣ୍ଡ ମୁଖ୍ୟାଳୟରେ ଆୟୋଜିତ ହେବ ବୋଲି ସୂଚାଯାଇଥିଲା। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ମାର୍ଗଦର୍ଶିକା ଅନୁସାରେ ନିର୍ଦ୍ଧାରିତ ସମୟରେ ନିଜ ନିଜର ସମସ୍ତ ପ୍ରସ୍ତୁତି ସମାପ୍ତ କରିବା ଓ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟରେ ଶୁକ୍ରବାର ସକାଳ ୮ଟାରେ ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିବସ ଅବସରରେ ଏକତା ଦୌଡ଼ ଆୟୋଜିତ ହୋଇଥିଲା। ଏହି ଗଣଦୌଡ଼କୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିଅମରୁ ଫ୍ଲାଗ ଅଫ୍ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ମନୋରଞ୍ଜନ ସାହୁ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ମେରା ଯୁବ ଭାରତ ବରଗଡ଼ର ଜିଲ୍ଲା ୟୁଥ ଅଫିସର କମଲ ସା ସମସ୍ତ ଆୟୋଜନ କରିଥିଲେ।

## ଯୁବରେଡକ୍ରସର ଇଣ୍ଡକ୍ସନ କାର୍ଯ୍ୟକ୍ରମ

**ପଦ୍ମପୁର,୩୧ା୧୦(ସମିସ):** ଯୁବରେଡକ୍ରସର ଇଣ୍ଡକ୍ସନ କାର୍ଯ୍ୟକ୍ରମ କଲେଜର ସମ୍ମେଳନ କକ୍ଷରେ ଅଧ୍ୟକ୍ଷ ଖଗେଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ କଲେଜର ସମ୍ପାଦକ ପ୍ରମୋଦ ପାଣିଗ୍ରାହୀ ସମସ୍ତଙ୍କୁ ସ୍ୱାଗତ କରି ରେଡକ୍ରସ୍‌ର ଇତିହାସ ଓ ଦେଶ ଗଠନ ପାଇଁ ଯୁବଶକ୍ତିର ଗୁରୁତ୍ୱ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଦାସ ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛସେବକ ଭାବେ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ କାର୍ଯ୍ୟ କରିବାକୁ କହିଥିଲେ। ରେଡକ୍ରସ୍‌ର ସଦସ୍ୟ ଡ. ମମତାମୟୀ ଗୁରୁ ରେଡକ୍ରସ୍‌ର ମୂଳ ନୀତି ଉପରେ ଆଲୋକପାତ କରିଥିଲେ। ଡକ୍ଟର ସସ୍ମିତା ମେହେର ଉଦାହରଣ ଦେଇ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଯୁବରେଡକ୍ରସର କାର୍ଯ୍ୟକଳାପ ବିଷୟରେ ଉପସ୍ଥାପନ କରିଥିଲେ। ଦୟାନିଧି ବଗର୍ତ୍ତୀ ଧନ୍ୟବାଦ ଦେଇଥିଲେ। ପ୍ରଭାତ ମହାପାତ୍ର, ସନ୍ତୋଷ ମିଶ୍ର, ନବକୃଷ୍ଣ ମିଶ୍ର, ଡକ୍ଟର ତୁଷାରକାନ୍ତ ସାହୁ, ତାପିନୀ ପଣ୍ଡା, ଝୁନୁ ପରିଡା, ମୋନାଲିସା ସ୍ୱାଇଁ ଅଂଶଗ୍ରହଣ କରିଥିଲେ।

# ଅନ୍ୟଜାତିକୁ ଯାଇଥିବାରୁ ଶବ ଛୁଇଁଲେନି ପରିବାର




**ବରଗଡ଼,୩୧ା୧୦(ସମିସ)** ଅମାନୁଷିକ ଜାତିପ୍ରଥାର କୁସଂସ୍କାରରେ ଜର୍ଜରିତ ଏକବିଂଶ ଶତାବ୍ଦୀର ମଣିଷ। ଜାତିବାଦ ଜନିତ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପରିବାର ଲୋକେ ନେଲେ ନାହିଁ ମୃତ ମହିଳାଙ୍କ ଶବ, ଯାହାରା ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ଦ୍ୱାରା ମହିଳାଙ୍କ ଶବ ସତ୍କାର କରାଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ କୁମେଲସିଂହା ଗ୍ରାମବର୍ତ୍ତୀ ଟିକିରାପଞ୍ଚଲରେ। ସୂଚନାକ୍ରମେ, ଗୋଡ଼ଭଗା ଫାଣ୍ଡି କୁମେଲସିଂଗା ବରଗଟି ଟିକିରାର ପିଙ୍କି ବରଗଟ ଗତ କିଛି ବର୍ଷ ପୂର୍ବରୁ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ପର୍ଯ୍ୟାୟ କ୍ରମେ ସେହି ଗ୍ରାମର ହିମାଂଶୁ ଭୁଏ ନାମକ ଆଉ ଏକ ବ୍ୟକ୍ତି ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା, ଯାହାକୁ ନେଇ ଗତ ସପ୍ତାହେ ପୂର୍ବରୁ ହିମାଂଶୁ ଭୁଏଙ୍କ ସହିତ ସେ ଅନ୍ୟତ୍ର କୁଆଡେ ଚାଲିଯାଇଥିଲେ। ଅନ୍ୟତ୍ର ଚାଲିଯିବାର ସାତ ଦିନ ପରେ ଶୁକ୍ରବାର ସକାଳେ ହିମାଂଶୁଙ୍କ ବାରି ପଛପଟେ ରହିଥିବା ଏକ ଗଛରେ ଗୋଟିଏ ଦଉଡ଼ିରେ ଉଭୟଙ୍କ ମୃତ ଶରୀର ଝୁଲୁଥିବା ଅବସ୍ଥାରେ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ଗୋଡ଼ଭଗା ଫାଣ୍ଡି ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଖବର ପାଇବା ମାତ୍ରେ ଫାଣ୍ଡି ଅଧିକାରୀ ସବ୍ ଇନିସ୍ପେକ୍ଟର ଗଣେଶ ଚନ୍ଦ୍ର ବାରିକ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଅତାବିରା ଥାନାରେ ଏକ ଅପମୃତ୍ୟୁ ମାମଲା(୨୯/୨୫) ରୁଜୁ କରି ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ସକାଶେ ଆଣିଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତ ବ୍ୟକ୍ତି ହିମାଂଶୁଙ୍କ ଶବ ପରିବାର ଲୋକେ ଗ୍ରହଣ କରିଥିଲେ, ହେଲେ ଅନ୍ୟ ଜାତିର ବ୍ୟକ୍ତି ସହିତ ଚାଲିଯାଇଥିବାରୁ ଝିଅର ପରିବାର ମୃତ ପିଙ୍କିଙ୍କ ଶବ ଗ୍ରହଣ କରିବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ। ତେବେ ଅତାବିରା ଥାନା ତରଫରୁ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରକୁ ଶବ ସତ୍କାର କରିବା ପାଇଁ ଅନୁରୋଧ କରାଯାଇଥିଲା। ଖବର ପାଇବା ମାତ୍ରେ ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ, ସମ୍ପାଦକ ଜି. ରମେଶ, ନୀଲେଶ ପଧାନ, ଶେଷଦେବ ପ୍ରଧାନ, ଙ୍କଟିତ ସାହୁ ପ୍ରମୁଖ ପିପଲମୁଣ୍ଡା ସ୍ୱର୍ଗଦ୍ୱାରକୁ ପହଞ୍ଚି ଗୋଡ଼ଭଗା ଫାଣ୍ଡି କନେଷ୍ଟବଳ ଅନିତା ଲାକ୍ରାଙ୍କ ଉପସ୍ଥିତିରେ ଶବ ସତ୍କାର କରିଥିଲେ। ତେବେ ମୃତ ପିଙ୍କିଙ୍କ ପଛରେ ତାଙ୍କର ଚାରି ପୁଅ ଝିଅ ରହିଥିବା ବେଳେ ମୃତ ହିମାଂଶୁଙ୍କ ଦୁଇ ପୁଅ, ବନ୍ଧୁ ବାନ୍ଧବ ରହିଛନ୍ତି।

## ବ୍ଲକ୍‌ସ୍ତରୀୟ ସାଇବର ନିରାପତ୍ତା ସଚେତନତା ଅଭିଯାନ



**ଅମ୍ବାଭୋନା,୩୧ା୧୦(ସମିସ):** ଅମ୍ବାଭୋନା ବ୍ଲକ୍‌ରେ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକ୍‌ସ୍ତରୀୟ ସାଇବର ନିରାପତ୍ତା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏବିଇଓ ଲାଲ ମୋହନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବରେ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଡେମୋନ୍‌ଷ୍ଟ୍ରେଟର ଜୟନ୍ତ ବାରିକ, ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ଶିକ୍ଷକ ପରମେଶ୍ୱର ରଥ, ମନୋହର ସାହୁ, ତପେଶ୍ୱର ପ୍ରଧାନ, ସିଆରସିସି କେଦାର ନାଏକ ଯୋଗଦେଇଥିଲେ। ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସାଇବର ନିରାପତ୍ତା ସଂକ୍ରାନ୍ତୀୟ ତର୍କ ଓ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ତର୍କ ପ୍ରତିଯୋଗିତାରେ କନିଷ୍ଠ ବିଭାଗରୁ ଇଂରାଜୀ ପ୍ରସଙ୍ଗରେ ଜନତା ହାଇସ୍କୁଲର ଛାତ୍ରୀ ରିୟା ବାରିକ ପ୍ରଥମ, ପଞ୍ଚାୟତ ହାଇସ୍କୁଲ କଣ୍ଡପଲାର ଛାତ୍ରୀ ରୋଶନୀ ପଧାନ ଦ୍ୱିତୀୟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଉନ୍ତାମାଲର ଛାତ୍ରୀ ତୁଷାରିକା କର୍ତ୍ତା ଓ ପିଏମ୍ ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ହାଇସ୍କୁଲ, ଅମ୍ବାଭୋନାର ଛାତ୍ରୀ ଖୁସିରାଣୀ ପାତ୍ର ଯୁଗ୍ମ ଭାବରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ତର୍କ ପ୍ରତିଯୋଗିତାର ଓଡ଼ିଆ ପ୍ରସଙ୍ଗରେ ପଞ୍ଚାୟତ ହାଇସ୍କୁଲ କଣ୍ଡପଲାର ଛାତ୍ରୀ ଜସ୍ମିନ ବାରିକ, ପିଏମ୍ ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ହାଇସ୍କୁଲ, ଅମ୍ବାଭୋନାର ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ କୁମୁରା ଓ ଜନତା ହାଇସ୍କୁଲର ଛାତ୍ରୀ ଡଲି ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବିଭାଗରୁ ଇଂରାଜୀ କୁଇଜ୍ ପ୍ରତିଯୋଗିତାରେ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ଭୁକ୍ତାର ଛାତ୍ରୀ ଶ୍ରାବଣୀ ସା ପ୍ରଥମ ଓ ଯତୀନ ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଆ କୁଇଜ୍ ପ୍ରତିଯୋଗିତାରେ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ଭୁକ୍ତାର ରମାନନ୍ଦ ନାୟକ, ସୀତା ସା ଏବଂ ନିକାଶ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ପୁନୀରାମ ଗଣ୍ଡ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ସିଆରସିସି ରାହୁଲ ସେଠ୍ ଧନ୍ୟବାଦ ଦେଇଥିଲେ।

## ଶିଶୁବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ




**ଗାଇସିଲେଟ,୩୧ା୧୦(ସମିସ):** ବରଗଡ ସାଂସଦ ପ୍ରଦୀପ ପୁରୋହିତ ଓ ବିଧାୟକ ସନତ କୁମାର ଗଡତିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବରଗଡ଼ ଜିଲ୍ଲା ଗାଇସିଲେଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ ବର୍ଷ ପୂର୍ତ୍ତି ରଜତ ଜୟନ୍ତୀ ପାଳନ ଉପଲକ୍ଷେ ରାଜ୍ୟପାଳ ଡ. ହରିବାବୁ କମ୍ଭମପତିଙ୍କୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିବା ପାଇଁ ଏହି ଅନୁଷ୍ଠାନର ପୂର୍ବତନ ସଭାପତି ଆଦିକନ୍ଦ ପୁରୋହିତ, ପୂର୍ବତନ ସମ୍ପାଦକ ସଞ୍ଜୟ ପୁରୋହିତ, ସୁଶାନ୍ତ କୁମାର ପାଣିଗ୍ରାହୀ, ସମ୍ପାଦକ ବୁଦ୍ଧଦେବ ପୁରୋହିତ, କୋଷାଧ୍ୟକ୍ଷ ଶାଶ୍ୱତ ରଞ୍ଜନ ପୁରୋହିତ ରାଜଭବନଠାରେ ରାଜ୍ୟପାଳଙ୍କୁ ସାକ୍ଷାତ କରି ନିମନ୍ତ୍ରଣ କରିଥିଲେ।

● ବିଦ୍ୟୁତ୍ ତାର ସଂସ୍ପର୍ଶରେ ଚାଷୀ ମୃତ୍ୟୁ ଘଟଣା

## କ୍ଷତିପୂରଣ ଦାବିରେ ଶବ ରଖି ବିଦ୍ୟୁତ୍ କାର୍ଯ୍ୟାଳୟରେ ଧାରଣା

**ପଦ୍ମପୁର,୩୧ା୧୦(ସମିସ):** ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଜଗଦଳପୁର ଥାନା ଅଧୀନସ୍ଥ ବୁକୁରାମୁଣ୍ଡା ଗ୍ରାମର ଚାଷୀ ରବି ସାହୁଙ୍କ ବିଲରେ କୀଟନାଶକ ସିଞ୍ଚନ କରୁଥିବା ବେଳେ ତଳେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିଲା। ଏହାପରେ ଆର୍ଥିକ କ୍ଷତିପୂରଣ ଦାବିରେ ମୃତକଙ୍କ ଶବକୁ ନେଇ ପଦ୍ମପୁର ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ବର୍ଗ, ଗ୍ରାମବାସୀ ଧାରଣା ଦେଇଥିଲେ। ବରିଷ୍ଠ ଆଇନଜୀବୀ ତଥା ଚାଷୀ ସଂଗଠନ ପରାମର୍ଶଦାତା ଅଜିତ ଶତପଥି ଧାରଣାରେ ସାମିଲ ହୋଇ ମୃତକ ପରିବାରର ଏକମାତ୍ର ରୋଜଗାରକ୍ଷମ ଥିବାରୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ବିଭାଗୀୟ ଅଧିକାରୀ, ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର ଧାରଣା ସ୍ଥଳକୁ ଆସି ମୃତକଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣେଇବା ସହ ଧାରଣାରତଙ୍କୁ ବୁଝାସୁଝା କରି ଉଚିତ କ୍ଷତିପୂରଣ ଓ ଥଇଥାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅନ୍ଦୋଳନକାରୀ ଧାରଣାରୁ ଓହରିଥିଲେ।

## ଇଣ୍ଟରସିଟିରେ ଭୁବନେଶ୍ୱର ଯିବା ଅପେକ୍ଷାରେ ବରଗଡ଼ବାସୀ

**ବରଗଡ଼,୩୧ା୧୦(ସମିସ):** ପାଞ୍ଚ ବର୍ଷକୁ ଗୋଟିଏ ପରେ ଗୋଟିଏ ସାଂସଦ ବଦଳୁଛନ୍ତି; ହେଲେ ବରଗଡ଼ ଲୋକେ ଏବେ ବି ଚାତକ ପରି ଅପେକ୍ଷା କରିଛନ୍ତି ଭୁବନେଶ୍ୱରକୁ ସକାଳୁଆ ଇଣ୍ଟରସିଟି ପାଇଁ। ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଜଣାଇ ଧନୁଯାତ୍ରା ପୂର୍ବରୁ ଲୋକଙ୍କ ସୁବିଧା ନିମନ୍ତେ ଇଣ୍ଟରସିଟି ଚଳାଇବାକୁ ବରଗଡ଼ ରେଳ ଉପଭୋକ୍ତା ସଂଘ ପକ୍ଷରୁ ଉଦ୍ୟମ କରାଯାଇଛି। ରେଳ ବିଭାଗ ଏବେ ସବୁଠି ନୂତନ ଲାଇନ୍ ଓ ଟ୍ରେନ ଯୋଗାଇବା ପାଇଁ ପ୍ରୟାସ କରୁଛି। ତେବେ ଏଇ ଲାଇନ୍‌ରେ କାହିଁକି ସକାଳୁଆ ଇଣ୍ଟରସିଟି ଚାଲିପାରୁ ନାହିଁ ବୋଲି ସଂଘ ପ୍ରଶ୍ନ କରିଛି। ଡବଲ ଲାଇନ୍ ହେଲେ ଚାଲିବ ବୋଲି ରେଳ କର୍ତ୍ତୃପକ୍ଷ ପ୍ରଥମେ କହିଥିଲେ। ତାହା କାର୍ଯ୍ୟକାରୀ ହେବା ପରେ ମଧ୍ୟ ବରଗଡ଼/ବଲାଙ୍ଗିର/ଟିଟିଲାଗଡ ଷ୍ଟେସନରେ ପିଟ ଲାଇନ୍ ନାହିଁ। ତେଣୁ ଇଣ୍ଟରସିଟି ଚାଲିପାରିବ ନାହିଁ। ଏହି ବାଧା ଦୂର କରିବା ପାଇଁ ବରଗଡ଼ରେଳ ଉପଭୋକ୍ତା ସଂଘ ଦୁଇଟି ବିକଳ୍ପ ପ୍ରସ୍ତାବ ଦେଇଥିଲା। ପ୍ରଥମଟି ହେଲା, ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ଦୁଇ ରେକ୍ ବିଶିଷ୍ଟ କରି ସମ୍ପ୍ରସାରଣ କରାଯାଉ ଏବଂ ୱାସିଂ ଓ ମେନଟେନାନ୍ସ ସମ୍ବଲପୁର ପରିବର୍ତ୍ତେ ପୁରୀରେ କରାଯାଉ। ଦ୍ୱିତୀୟଟି ହେଲା, ଏକ ନୂତନ ଇଣ୍ଟରସିଟି ବଲାଙ୍ଗିରରୁ କଟକ ଦେଇ ଭୁବନେଶ୍ୱର ଚଳାଯାଉ ଏବଂ ପ୍ରାଥମିକ ମେନଟେନାନ୍ସ ଭୁବନେଶ୍ୱରରେ କରାଯାଉ। ଏହି ଦୁଇଟି ବିକଳ୍ପ ପ୍ରସ୍ତାବ ରେଳ ଉପଭୋକ୍ତା ସଂଘ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ଉପସ୍ଥିତିରେ ଭୁବନେଶ୍ୱରରେ ଇଷ୍ଟକୋଷ୍ଟ ରେଲୱେର ଜେନେରାଲ ମ୍ୟାନେଜରଙ୍କୁ ଦେଇଥିଲା। ଯେଉଁଥିରେ ରେଳ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ସକାରାତ୍ମକ ଥିଲା। ପରେ ରେଳ ଉପଭୋକ୍ତା ସଂଘର ଅନୁରୋଧ କ୍ରମେ ସାଂସଦ ଶ୍ରୀ ପୁରୋହିତ ବରଗଡ଼ ସର୍କିଟ ହାଉସରେ ଥାଇ ଜେନେରାଲ ମ୍ୟାନେଜରଙ୍କୁ ଫୋନ୍ କରି ଶୀଘ୍ର ଏହା ଉପରେ ପଦକ୍ଷେପ ନେବାକୁ କହିଥିଲେ। ତେବେ ମଧ୍ୟ କୌଣସି ବ୍ୟବସ୍ଥା କାର୍ଯ୍ୟାନ୍ୱୟନ ହେଉ ନ ଥିବାରୁ ବରଗଡ଼ ବାସୀଙ୍କ ମଧ୍ୟରେ ସକାଳୁଆ ଇଣ୍ଟରସିଟି ନେଇ ସନ୍ଦେହ ସୃଷ୍ଟି ହୋଇଛି।



## ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

**ପଦ୍ମପୁର,୩୧ା୧୦(ସମିସ):** ପଦ୍ମପୁର ଉପଖଣ୍ଡର ପାଇକମାଳ ବ୍ଲକ୍ ଅଧୀନସ୍ଥ ସରକାରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ହିନ୍ଦୀ ଶିକ୍ଷକ ବିନୋଦ କୁମାର ସାହୁଙ୍କୁ ଅବସରକାଳୀନ ବିଦାୟ ସମର୍ଦ୍ଧନା ପ୍ରଦାନ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦାୟୀ ହିନ୍ଦୀ ଶିକ୍ଷକ ବିନୋଦ କୁମାର ସାହୁ ମୁଖ୍ୟଅତିଥି, ଅନ୍ୟତମ ମୁଖ୍ୟଅତିଥି ଭାବେ ପଦ୍ମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ, ପଦ୍ମପୁର ଏବିଇଓ ଜୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଲଖମରା କ୍ଲଷ୍ଟର ସିଆରସିସି ବୈଷ୍ଣବ ଚରଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ମଧୁସୂଦନ ଦାସ, ଅବସରପ୍ରାପ୍ତ ଶିକ୍ଷକ ସିତାନାଥ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତ୍ରିବିକ୍ରମ ନାଏକ, ଉପସଭାପତି ବାସନ୍ତୀ ପଟେଲ, ପିଏସଏସ ସଭାପତି ରମାକାନ୍ତ ମିଶ୍ର, ସାମ୍ବାଦିକ ଅଭୟ କୁମାର ରଣା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଅବସରଜୀବନ ମଙ୍ଗଳମୟ ଓ ଦୀର୍ଘ ମୟ ହେବାପାଇଁ କାମନା କରିଥିଲେ। ଶିକ୍ଷକ ବ୍ରଜକିଶୋର ଭୀଲ ସଭା ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ କଳ୍ପନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ, ଗ୍ରାମବାସୀ, ବିଦ୍ୟାର୍ଥୀ ଶ୍ରୀଯୁକ୍ତ ସାହୁଙ୍କୁ ବିଦାୟକାଳୀନ ସମର୍ଦ୍ଧନା ଦେବା ସହ ତାଙ୍କ ଗ୍ରାମ ଛତିଶଗଡର ମୁଣ୍ଡପାହାରକୁ ପାଛୋଟିନେଇ ଅଶ୍ରୁଳ ବିଦାୟ ଦେଇଥିଲେ।

## ଭୋଇପାଲିରେ ଗୋଷ୍ଠାଷ୍ଟମୀ ପାଳିତ

**ବରଗଡ଼,୩୧ା୧୦(ସମିସ):** ଅତାବିରା ବ୍ଲକ୍ ଅଧୀନ ଲରାସରା ପଞ୍ଚାୟତ ଭୋଇପାଲିଠାରେ ବ୍ଲକ୍ ଯାଦବ ସମାଜ ତରଫରୁ ଗୋଷ୍ଠାଷ୍ଟମୀ ପାଳନ କରାଯାଇଛି। ଗାଁର ଗୌନ୍ତିଆ ନନ୍ଦକିଶୋର ଭୋଇ ଓ ତାଙ୍କ ପତ୍ନୀ ସସ୍ମିତା ଭୋଇଙ୍କୁ ଯାଦବ ସମାଜ ତରଫରୁ ଏକ ଭବ୍ୟ ଶୋଭାଯାତ୍ରାରେ ବରଣ କରାଯାଇ ପୂଜା ସ୍ଥଳକୁ ନିଆଯାଇଥିଲା। ସେଠାରେ ଗାଇଗୋରୁଙ୍କୁ ପାରମ୍ପରିକ ରିତିନୀତି ଅନୁସାରେ ପୂଜାର୍ଚ୍ଚନା କରିବା ସହ ସେମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଯାଦବ ସମାଜର ବ୍ଲକ୍ ସଭାପତି ପୂର୍ଣ୍ଣଚନ୍ଦ୍ର ସାଲମାଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଲରାସରା ସରପଞ୍ଚ କୀର୍ତ୍ତନ ସେଠ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରଞ୍ଚି ଭୋଇ, ସମ୍ମାନିତ ଅତିଥି ଚନ୍ଦ୍ରଶେଖର ଭୋଇ ମଞ୍ଚାସୀନ ଥିଲେ। ସୁକୁମାର ବାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଦାମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ମହନ କଠାର, ଚୂଡାମଣି ଦୀପ, ସୁରେନ୍ଦ୍ର କଠାର, ସନ୍ୟାସି ଠେଲା, ହିମାଂଶୁ କୁଦେଇ, କୁମରମଣି ଭୋଇ, ଗୋକୁଳ ଚିର୍ଗୁଣ, ଦେବଦତ୍ତ ତାଣ୍ଡି, ପ୍ରଶାନ୍ତ ବନଛୁର, ରେନମାଲ ଜାଲ, ଆନନ୍ଦ ଜାଲ, ଜଗନ୍ନାଥ ଧରେଇ, ଶ୍ରୀପତି ପୋଡ, ବୃନ୍ଦାପନ ଦୀପ, ସନ୍ତୋଷ ଭୋଇ, ରବି ବାଗ ଓ ଭୋଇପାଲି ଗ୍ରାମବାସୀ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

**ବରପାଲି,୩୧ା୧୦(ସମିସ)**




ବରପାଲି ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗଙ୍ଗାଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ବିଇଓ ମୁକୁନ୍ଦ ମହରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବରେ ବିଡିଓ ସୁମନ୍ତ କୁମ୍ଭାର, ତହସିଲଦାର ରୁକ୍ମଣ ମେହେର, ଜଗବନ୍ଧୁ ଦାଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ମେହେର, ଏବିଇଓ ତଥା ବିଆରସିସି ଦୁର୍ଯ୍ୟୋଧନ ସିଂ, ଏବିଇଓ ରତ୍ନ କୁମାର ଭୋଇ, ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନୋଜ ସେଠୀ, ଗଙ୍ଗାଧର ଏନଏସି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ କୁମାର ବାରିକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନାରାୟଣ ଭୁଏ ପ୍ରମୁଖ ମଞ୍ଚାସିନ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ରିନା ଥଇତ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଗୋବିନ୍ଦ ସାହୁ, ଏନ୍‌ଏସି ଅଧ୍ୟକ୍ଷ ଦୀନେଶ ଗହୀର, ମୁଖ୍ୟବକ୍ତା ଭାବେ ସତଲମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଲୋକବନ୍ଧୁ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବରେ ଜନକ ସେଠ୍, ବରୁଣ କୁମ୍ଭକାର, ମୁଗ୍ଧା ଦାଶ ଓ ଶୁଭମ୍ ବାରିକ ଦାୟିତ୍ୱ ତୁଲାଇଥିଲେ। ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ବିଇଓ ଅଫିସର ଉଭୟ ଏବିଇଓ ଏବଂ ବିଇଓଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସଙ୍ଗୀତ, ଦଳଗତନୃତ୍ୟ, କୁଇଜ, ବକ୍ତୃତା, ଚିତ୍ରାଙ୍କନ, ଚିତ୍ରକଳା, ସୃଜନଶୀଳ ଲିଖନ, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀନିବାସ ପଧାନ, ବିନୟକୁମାର ଭୋଇ, ଉତ୍ତମ ଦେହୁରୀ, ଦୀପକ ପଧାନ, ଫକୀର ମେହେର, ବାଳକୃଷ୍ଣ ମେହେର, କୃଷ୍ଣଚନ୍ଦ୍ର ମେହେର, ଲଳିତ ମେହେର, ନିମାଇଁ ଚରଣ ଦାଶ, ଅଶୋକ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ୍‌ର ବିଭିନ୍ନ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସୁଧର୍ମା ପଟେଲ, ବିଆର୍‌ପି ମୁକୁନ୍ଦ ମେହେର, ସିଆର୍‌ସିସି କ୍ଷେତ୍ର ମେହେର ଓ ମିଥୁନ ସାହୁ ମଞ୍ଚ ସଂଯୋଜନା କରିଥିଲେ। ସିଆର୍‌ସିସି ଅନିଲ କୁମାର ଦାଶ, ରବିନାରାୟଣ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ପରିଶେଷରେ ଏବିଇଓ ରତ୍ନ କୁମାର ଭୋଇ ଧନ୍ୟବାଦ ଦେଇଥିଲେ।

## ଅମଳକ୍ଷମ ହେଲାଣି ଖରିଫ ଧାନ; ବସିନି ପ୍ରଶାସନର ପ୍ରସ୍ତୁତି ବୈଠକ



**ପଦ୍ମପୁର,୩୧ା୧୦(ସମିସ):** ଅକ୍ଟୋବର ମାସ ସରିଲା। ପଦ୍ମପୁର ଉପଖଣ୍ଡର ପ୍ରାୟ ୪୫ ପ୍ରତିଶତରୁ ଅଧିକ ଜମିରେ ଖରିଫ ଧାନ ଅମଳ ହେଲାଣି। ଆଉ କିଛି ସ୍ଥାନରେ ଧାନ ଅମଳକ୍ଷମ ହେଲାଣି। ହେଲେ ବରଗଡ଼ ଜିଲ୍ଲା କି ପଦ୍ମପୁର ଉପଖଣ୍ଡରେ କେବେ ମଣ୍ଡି ଖୋଲିବ ସେନେଇ ପ୍ରଶାସନର ପ୍ରସ୍ତୁତି ବୈଠକ ଏଯାଏଁ ଅନୁଷ୍ଠିତ ହୋଇନାହିଁ। ଯାହାକୁ ନେଇ ଚଳିତ ବର୍ଷ ନିର୍ଦ୍ଧାରିତ ସମୟରେ ମଣ୍ଡି ଖୋଲିବାକୁ ନେଇ ଆଶା ଆଶଙ୍କାରେ ରହିଛନ୍ତି ଚାଷୀ। ପଦ୍ମପୁର ଉପଖଣ୍ଡରେ ସାଧାରଣତଃ ନଭେମ୍ବର ପ୍ରଥମ ଦ୍ୱିତୀୟ ସପ୍ତାହରେ ମଣ୍ଡି ଗୁଡିକ ଖୋଲିଥାଏ, ଯାହା ଗତ ବର୍ଷ ମଧ୍ୟ ହୋଇଥିଲା। ମାତ୍ର ଏଥର ଜିଲ୍ଲା କି ଉପଖଣ୍ଡରେ ବୈଠକ କେବେ ବସିବ, ଧାନ କିଣା କେବେ ହେବ ଏହି ପ୍ରଶ୍ନ ଭିତରେ ଚାଷୀମାନେ ଛନ୍ଦି ହୋଇ ରହିଛନ୍ତି। ପଦ୍ମପୁର ଉପଖଣ୍ଡରେ ଏବେ ପ୍ରାୟ ୪୫ ପ୍ରତିଶତ ଧାନ ଅମଳ ସରିଛି। ହେଲେ ମଣ୍ଡି ଖୋଲିବାକୁ ନେଇ ଅନିଶ୍ଚିତତା ଦେଖା ଦେବାରୁ ଚାଷୀ ଧାନକୁ ସିଧାସଳଖ ୧୮୦୦/୧୯୦୦ଟଙ୍କାରେ ବ୍ୟବସାୟୀଙ୍କୁ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି। ଆଉ କିଛି ସ୍ଥାନରେ ରାସ୍ତାରେ ଧାନ ଗଦାକରି ତାର ପୋଲିନ ଢାଙ୍କି ରାତି ଉଜାଗର ରହି ଧାନକୁ ସୁରକ୍ଷା ଦେଉଛନ୍ତି। ଗତ ବାତ୍ୟା ସମୟରେ ଅଧିକାଂଶ ସ୍ଥାନରେ ଅମଳକ୍ଷମ ଧାନ ଭିଜି ଯାଇଥିବା ନଜରକୁ ଆସିଛି। ଧାନକୁ ସୁରକ୍ଷା ଦେବା ପାଇଁ ସରକାରୀ ସ୍ତରରେ କିଛି ବ୍ୟବସ୍ଥା ନାହିଁ। ମଣ୍ଡି ଖୋଲିବା ଦିନ ଧାର୍ଯ୍ୟ ହୋଇ ନ ଥିବାରୁ ଏହା ଅଭାବି ବିକ୍ରି ପାଇଁ ପ୍ରଶାସନିକ ଷଡଯନ୍ତ୍ର ବୋଲି ଚାଷୀ ମହଲରେ ଆଲୋଚନା ହେଉଛି।

**ମଣ୍ଡି ଖୋଲିବାକୁ ନେଇ ଆଶା ଆଶଙ୍କାରେ ଚାଷୀ**

ସକାଳ THE SAKALA



www.sakalaepaper.com

**ପ୍ରସିଦ୍ଧ ରାହାସ ଉତ୍ସବ ପାଇଁ ପ୍ରସ୍ତୁତି**

# ନିର୍ମାଣ ଚାଲିଛି ଚିତ୍ର, ମୂର୍ତ୍ତି ଓ କୁଞ୍ଜ





ଯାଜପୁର, ୩୧।୧୦(ସମିସ)

ଆସୁଛି ରାହାସ ପୂର୍ଣ୍ଣିମା। ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ରାହାସ ପୂର୍ଣ୍ଣିମା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଯାକଜମକରେ ପାଳନ କରାଯାଏ। ଏଥିପାଇଁ ସବୁଆଡେ ଏହାକୁ ନେଇ ଚାଲିଛି ବ୍ୟାପକ ପ୍ରସ୍ତୁତି। ଯାଜପୁର ବ୍ଲକର ମହେଶ୍ୱରପୁର ପଞ୍ଚାୟତ, ଶାମଦାସପୁର ପଞ୍ଚାୟତ, ରସୁଲପୁର ବ୍ଲକର ନରସିଂହପୁର ପଞ୍ଚାୟତର ପ୍ରତ୍ୟେକ ରାଧାକୃଷ୍ଣ ମନ୍ଦିର କମିଟି ଦ୍ୱାରା ଆୟୋଜିତ ହୁଏ କୁଞ୍ଜଯାତ୍ରା। ଏଥିପାଇଁ କୁଞ୍ଜ ମଣ୍ଡପର ଥାଟ ନିର୍ମାଣ କରିବା ପାଇଁ ପୁରୀ ଅଞ୍ଚଳରୁ ଆସିଥିବା କାରିଗରମାନେ ଲାଗି ପଡ଼ିଛନ୍ତି। ସେମାନଙ୍କୁ ସହଯୋଗ କରିବା ପାଇଁ ସ୍ଥାନୀୟ କାରିଗରମାନେ କାଠ, ସୋଲ, ବାଉଁଶ ଓ ରଙ୍ଗବେରଙ୍ଗର ଜରି ଜମ୍ପୁରା ଓ କାଗଜ, ଚୁମକି ଆଦି ବିଭିନ୍ନ ଅନୁସଙ୍ଗିକ ଦ୍ରବ୍ୟ ବ୍ୟବହାର କରି କୁଞ୍ଜ ପ୍ରସ୍ତୁତିରେ ଲାଗିଛନ୍ତି। ରାଧାକୃଷ୍ଣଙ୍କ ଦିବ୍ୟ ପ୍ରେମ ରାହାସ ଉତ୍ସବ ମୂର୍ତ୍ତି ଓ ଚିତ୍ର ମାଧ୍ୟମରେ ପରିକଳ୍ପନା ରୂପକ କୁଞ୍ଜମଣ୍ଡପ ତିଆରି କରୁଛନ୍ତି। ରାଧାକୃଷ୍ଣଙ୍କ ସମସ୍ତ ଦିବ୍ୟ ଲୀଳା, ଗୋପୀ ସଖୀ, ବୃକ୍ଷଲତା ପଶୁପକ୍ଷୀ, ପାହାଡ଼ ଝରଣା ନଦୀ ଆଦି ଚିତ୍ର ଓ ମୂର୍ତ୍ତି ଭାବେ ସ୍ଥାନ ପାଇବା ସହିତ ଆଧୁନିକ କଥାବସ୍ତୁକୁ ନେଇ ବହୁ ବାରୁଆଳି ତିଆରି କରୁଛନ୍ତି। ଯାହାକି ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ ବୋଲି ମନ୍ଦିର କମିଟିର ସଦସ୍ୟମାନେ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଡିଅସାହି ରାଧାଗୋପିନାଥ ଠାରେ ରୂପେଲି ରଙ୍ଗର କୁଞ୍ଜ ଥାଟକୁ ପରିବର୍ତ୍ତନ କରି ସୁନେଲି ରଙ୍ଗର କରାଯାଉଥିବା ବେଳେ ନରସିଂହପୁରପୁର କଚେରିପଡ଼ିଆ ନିକଟରେ ଥିବା ମଦନମୋହନ (ଗାଙ୍ଗୁଲା) ମଠରେ ପୁରୀରୁ

**ଗୋବିନ୍ଦ ମଠରେ ହେବ ସୁନାବେଶ**

କାରିଗର ଆସି ନୂଆକରି ମଣ୍ଡପ ସହିତ ସୁନେଲି ରଙ୍ଗର କୁଞ୍ଜ ଥାଟ ନିର୍ମାଣ କରୁଛନ୍ତି। ଚଳିତ ବର୍ଷ ମହେଶ୍ୱରପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମରେ ଥିବା ଗୋପାଳଜୀଉ ମଠରେ ନୂଆକରି ସ୍ଥାନୀୟ କାରିଗରଙ୍କ ଦ୍ୱାରା କୁଞ୍ଜମଣ୍ଡପ ନିର୍ମାଣ କରାଯାଉଥିବା ସହିତ ବ୍ରାହ୍ମଣବାଛପୁର ବାଲ୍ୟଲୀଳା ମଠରେ ମଧ୍ୟ କୁଞ୍ଜ ସାଜସଜ୍ଜା ହେଉଛି। ଶାମଦାସପୁର ପଞ୍ଚାୟତର ଗୋବିନ୍ଦ ମଠରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଠାକୁରଙ୍କ ସୁନାବେଶ ହେବ ବୋଲି ଜଣାପଡ଼ିଛି। ରାହାସକୁଞ୍ଜ ମଣ୍ଡପ ସହିତ ଅନୁରୂପ ଯାତ୍ରା ଅନୁଷ୍ଠାନ ଗୁଡିକ ବଢ଼ି ଚାଲୁଛି। ଚଳିତ ବର୍ଷ ଏହି ୨ ପଞ୍ଚାୟତର ୨ କିମି ମଧ୍ୟରେ ୧୦ ଗୋଟି ଅପେରା ମଞ୍ଚସ୍ଥ କରିବ। ଦୈନିକ ହଜାର ହଜାର ଲୋକଙ୍କ ସମାଗମ ହେବ। ୧୦ଗୋଟି ଅପେରା ନାଟକ ମଞ୍ଚସ୍ଥ କରିବାକୁ ନେଇ ପ୍ରଶାସନର ଅନୁମତି ପତ୍ରମିଳିବା ସହିତ ଶାନ୍ତି ଶୃଙ୍ଖଳାକୁ ନେଇ ପୋଲିସ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି ବୋଲି ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ଏନ୍‌ଏଚ୍ ୨୦ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବିଭିନ୍ନ ଅପେରା ଦଳର ବିଜ୍ଞାପନ ହୋର୍ଡିଂ ଦ୍ୱାରା ସଜାଇ ହେଉଛି। ପ୍ରତିବର୍ଷ ଏହି ଉତ୍ସବରେ କୋଟି କୋଟି ଟଙ୍କାର କାରବାର ହୋଇଥାଏ। ସେଥିପାଇଁ ଯାତ୍ରା ଅନୁଷ୍ଠାନ ସହିତ ସ୍ଥାୟୀ ଦୋକାନ ଗୁଡିକ ଭଲ କାରବାର ପାଇଁ ଆଶାବାଦୀ ହୋଇଛନ୍ତି। ଚଳିତ ବର୍ଷ ରାହାସ ଉତ୍ସବରେ ଶାନ୍ତିଶୃଙ୍ଖଳା ସହିତ ସଫେଇ, ପାନୀୟ ଜଳଯୋଗାଣ ବିଶେଷକରି ମୁଗୁପାଳ ଠାରୁ ବରୁଆଁ ଛକ ପର୍ଯ୍ୟନ୍ତ ଥିବା ୨୦ ନମ୍ବର୍ ଜାତୀୟ ରାଜପଥରେ ଥିବା ଖାଲଖମା ରାସ୍ତାକୁ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ୨ରୁ ୧୨ ତାରିଖ ମଧ୍ୟରେ କୁଆଖିଆ ଠାରୁ ବରୁଆଁ ମଧ୍ୟରେ କେବଳ ଯାତ୍ରୀବାହୀ ଗାଡ଼ି ଓ ଜରୁରୀ ସେବା ଗାଡ଼ି ବ୍ୟତୀତ ଭାରୀଯାନ ଚଳାଚଳ ନିଷେଧ କରିବାକୁ ଆଖ ପାଖ ଅଞ୍ଚଳର ସାଧାରଣ ଜନତା ଓ ବହୁ ବୁଦ୍ଧିଜୀବୀ ଜିଲ୍ଲା ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।

## ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା




ମଇଁନ୍ଦା, ୩୧।୧୦(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମୁରଲୀଧର ମେମୋରିଆଲ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆର୍ଯ୍ୟନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସରପଞ୍ଚ ପାର୍ବତୀ ମଲିକ, ମୁଖ୍ୟବକ୍ତା ଭାବେ ସମାଜସେବୀ ପ୍ରଦୀପ ମଲିକ, ସମ୍ମାନିତ ଅତିଥିଭାବେ ସମିତି ସଭ୍ୟା ସ୍ୱର୍ଣ୍ଣଲତା ବେହେରା, ପୂର୍ବତନ ସରପଞ୍ଚ ଧ୍ରୁବଚରଣ ସେଠୀ, ଭୁବନାନନ୍ଦ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମଲିକ, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଜଗବନ୍ଧୁ ଯେନା, ଯୋଗଦେଇ ଶ୍ରୀଯୁକ୍ତ ବାରିକଙ୍କ ଅଭିଭାଷଣ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହେମନ୍ତ କୁମାର ନାୟକ, ହେମେନ୍ଦ୍ର ରାଉତ, ବିଦ୍ୟାସାଗର ବେହେରା, ଅଭିମନ୍ୟୁ ସାହୁ, ପ୍ରଭାତୀ ସାହୁ, ମିନାକ୍ଷୀ ଦାଶ, ବିପିନ ବିହାରି ବଳ, ଅକ୍ଷୟ ସେଠୀ, ପଞ୍ଚାନନ ମିଶ୍ର, ଇନ୍ଦ୍ରମଣି ପଣ୍ଡା, ଦିଲିପ କୁମାର ସାମଲ, ପିତବାସ ନାୟକ, ଶୈଳେନ୍ଦ୍ର କୁମାର ସାମଲ, ବିରଞ୍ଚିନାରାୟଣ ରାଉଳ, ବିଜୟ କୁମାର ଦାସ, ଶୁକଦେବ ମୁଣ୍ଡା, ବୈଦ୍ୟନାଥ ପରିଡ଼ା, ଆରତୀ ବେହେରା, ଆଦି ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏକ ବିରାଟ ପଟୁଆର ଗ୍ରାମ ପରିକ୍ରମା କରାଯାଇ ଘରେ ଛଡା ଯାଇଥିଲା। ଅରୁପାନନ୍ଦ ମଲିକ ଓ ରାଧାଶ୍ୟାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଶନ୍ ଜ୍ୟୋତି ଟ୍ରଷ୍ଟ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଯାଜପୁର, ୩୧।୧୦(ସମିସ): ଯାଜପୁର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସରକାରୀ ସୁବିଧା ମିଳିପାରୁନଥିବା ଅଭିଯୋଗ ହୋଇଛି। ବିଶେଷକରି ଆଦିବାସୀ ମାନଙ୍କ ପାଖରେ ଆଧାର କାର୍ଡ ନଥିବାରୁ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଆଦିବାସୀମାନଙ୍କୁ ତୁରନ୍ତ ସରକାରୀ ସୁବିଧାରେ ସାମିଲ କରିବା ପାଇଁ ଅଣ୍ଟା ଭିଡିଛି ମିଶନ ଜ୍ୟୋତି ଟ୍ରଷ୍ଟ। ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ଗ୍ରାମପଞ୍ଚାୟତର ନଗଡ଼ା ସବୁବେଳେ ଚର୍ଚ୍ଚାରେ ରହି ଆସୁଥିବା ବେଳେ ତଳଡିହ, ତୁମୁଣି ଓ ଗୁହୁଆଶାଳ ଗ୍ରାମବାସୀ ମଧ୍ୟ ସମାନ ସମସ୍ୟା ଦେଇ ଗତି କରୁଥିବା ଅଭିଯୋଗ ହୋଇଛି। ତେଣୁ ଏହାର ସ୍ଥାୟୀ ସମାଧାନ ନିମନ୍ତେ ମିଶନ୍ ଜ୍ୟୋତି ଟ୍ରଷ୍ଟ ଦୀର୍ଘ ବର୍ଷ ହେବ ପ୍ରୟାସ ଜାରି ରଖିଥିବା ବେଳେ ଟ୍ରଷ୍ଟର ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବିସ୍ତୃତ ଆଲୋଚନା କରିଛନ୍ତି। ଜିଲ୍ଲାପାଳ ଏହାର ନିଶ୍ଚୟ ସ୍ଥାୟୀ ସମାଧାନ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିବା ଟ୍ରଷ୍ଟର ସଭାପତି ରଶ୍ମିଲତା ବଳ ମତ ଦେଇଛନ୍ତି। ଏହି ସମୟରେ ଟ୍ରଷ୍ଟର ସମ୍ପାଦକ ମାନସ ବେହେରା, ସଦସ୍ୟ ମେଘନାଦ ଜେନା, ସନ୍ଦୀପ ବିଶ୍ୱାଳ, କ୍ଷୀରୋଦ ସାହୁ, ସତ୍ୟଜିତ୍ ଦାସ, ସୋମେଶ ପ୍ରଧାନ, ଗୀତାଞ୍ଜଳି ପାତ୍ର ଓ ସବ୍ୟସାଚୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମଦ ଭାଗବତ ପରାୟଣ

କୟାଁଗୋଲା, ୩୧।୧୦(ସମିସ): ଦଶରଥପୁର ବ୍ଲକର ମଲ୍ଲିକାପୁର ପଞ୍ଚାୟତ ଦାଣ୍ଡିସାହି ଗ୍ରାମର ପାତ୍ରସାହିରେ ଭାଗବତ ପରାୟଣ ସପ୍ତା ଅନୁଷ୍ଠିତ ହୋଇଯାଇଛି।



ଏହି ଭାଗବତ ସପ୍ତା ୩୦ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ସଂକଳ୍ପଧାରୀ ଭାବେ ଗଜେନ୍ଦ୍ର ପାତ୍ର ଓ ପତ୍ନୀ ଚନ୍ଦ୍ରକଳା ପାତ୍ର ପୂଜାରେ ବସିଛନ୍ତି। ମୁଖ୍ୟ ପଣ୍ଡିତ ରାଧାରମଣ ପଣ୍ଡା ଭାଗବତ ପଠା ଗାନ କରିଥାନ୍ତି। ସ୍ୱର୍ଗତ ଚକ୍ରଧର ପାତ୍ର, ଭଜଗୋବିନ୍ଦପାତ୍ର, କାର୍ତ୍ତିକ ଚନ୍ଦ୍ର ପାତ୍ର ଓ ଗୌରାଙ୍ଗ ପାତ୍ର ଆଦି ସମସ୍ତଙ୍କୁ ନେଇ ଏହି ଅନୁଷ୍ଠାନ ଗଢିଉଠିଥିଲା। ଏବେ ଅଶୋକ କୁମାର ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ସମସ୍ତ କାର୍ଯ୍ୟ ପରିଚାଳନା କରାଯାଉଛି।

## ରାଧାଗୋବିନ୍ଦଜିଉ ମନ୍ଦିରରେ ରାହାସ ଯାତ୍ରା

ସିଂହପୁର, ୩୧।୧୦(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ରାଧାଗୋବିନ୍ଦଜିଉ ବଡ଼ଠାକୁର ବାଡ଼ିରେ ରାହାସ ଯାତ୍ରା ହେବାକୁ ଥିବା ବେଳେ ନଅ ଦିନ ବ୍ୟାପି ଭାଗବତ ପାରାୟଣ ଅନୁଷ୍ଠିତ ହେଉଛି। ୪ ତାରିଖ ଦିନ ନୃତ୍ୟ ପ୍ରତିଯୋଗିତା, ୫ ଓ ୬ ତାରିଖରେ ଅପେରା ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସଭାପତି ପ୍ରଦୀପ କୁମାର ଜେନା, ସମ୍ପାଦକ ମଳୟ ଥାଟୋଇ, ଅସିତ୍ କୁମାର ଧଳ, ଅମରେନ୍ଦ୍ର ଜେନା, ସୁଶାନ୍ତ ଦାସ, କାଳନ୍ଦୀ ମହାକୁଡ, ସୁନିଲ ସାହୁ, ଉମେଶ ଥାଟୋଇ, ରାମନାରାୟଣ ବଳିଆର ସିଂହ, ବିନୋଦ ବାରିକ, ବିପିନ ବିହାରୀ ଜେନା, ନାଇଆ ଦାସ, ପୂଜକ ରଘୁନାଥ ଦାସ, ପଦ୍ମନାଭ ଦାଶ, ରାମଚନ୍ଦ୍ର ଦାଶ, ବାବନ ଦାଶ, ଦାମନ୍ ଦାଶ, ସସୁନ ଦାଶ ପ୍ରମୁଖ ସୂଚନା ଦେଇଛନ୍ତି।

## ୟୁପିଏସ୍ ପେନ୍‌ସନ୍ ସ୍କିମ୍ ଲାଗୁ ଦାବି

ପ୍ରୀତିପୁର, ୩୧।୧୦(ସମିସ): ରାଜ୍ୟ ସରକାରଙ୍କ ଅନୁମୋଦିତ ଏବଂ ଘୋଷିତ ୟୁପିଏସ୍ ପେନସନ ସ୍କିମ୍ ଚଳିତ ବର୍ଷ ଅପ୍ରେଲ ପହିଲାରୁ କାର୍ଯ୍ୟକାରୀ ହେବା ନେଇ ସରକାର ଘୋଷଣା କରିଥିଲେ ହେଁ ଏପର୍ଯ୍ୟନ୍ତ ତାର କୌଣସି ଗାଇଡ୍‌ଲାଇନ ଆସିନାହିଁ। କେବେଠାରୁ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀମାନେ ୟୁପିଏସ୍ ସ୍କିମରେ ପେନସନ୍ ପାଇବା ପାଇଁ ଆବେଦନ କରିବେ ତାର ମଧ୍ୟ କୌଣସି ନିର୍ଦ୍ଧାରିତ ପୋର୍ଟଲ ଏଯାବତ ରାଜ୍ୟ ସରକାର ଉନ୍ମୋଚନ କରିଲେନାହିଁ। ଫଳରେ ଏହି ସ୍କିମରେ ପେନସନ ପାଇବା ପାଇଁ ଅପେକ୍ଷା କରିଥିବା ବହୁ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀମାନେ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ଏହା ମଧ୍ୟରେ କେନ୍ଦ୍ର ସରକାର ଗତ ସେପ୍ଟେମ୍ବର ୩୦ ତାରିଖକୁ ଶେଷ ତାରିଖ ଭାବେ ଘୋଷଣା କରି କେନ୍ଦ୍ର କର୍ମଚାରୀ ତଥା ଓଡ଼ିଶାର କେନ୍ଦ୍ର କର୍ମଚାରୀ ମାନେ ୟୁପିଏସ୍ ଯୋଜନାରେ ପେନସନ ପାଇବା ପାଇଁ ଓଡ଼ିଶା ସରକାରଙ୍କର ଅର୍ଥ ବିଭାଗ ମଞ୍ଜୁର ଦେବା ପରେ ଘୋଷଣା କରିବା ପରେ ରାଜ୍ୟ କର୍ମଚାରୀମାନେ ସେଥିରୁ ବାଦ ପାଡିଛନ୍ତି। ଏହା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭା ବୋଲି କୁହାଯାଉଛି। ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ଚିନ୍ତା କରିବା ସହିତ ୟୁପିଏସ ଯୋଜନାରେ ପେନସନ ପାଇବା ପାଇଁ ଆବେଦନ କରିବା ନିମନ୍ତେ ନିର୍ଦ୍ଧାରିତ ସମୟ ଓ ପୋର୍ଟାଲ ଖୋଲିବା ପାଇଁ ବ୍ଲକସ୍ତରୀୟ ଅବସରପ୍ରାପ୍ତ କର୍ମଚାରୀ ସମିତି ବିଞ୍ଝାରପୁର ଶାଖା ପକ୍ଷରୁ ଦାବି କରାଯାଇଛି।

## ଇନର୍ ହୁଇଲ୍ ଅଧ୍ୟକ୍ଷାଙ୍କ ଜାରକା କ୍ଲବ୍ ପରିଦର୍ଶନ




ଧର୍ମଶାଳା, ୩୧।୧୦(ସମିସ): ଇନର ହୁଇଲ କ୍ଲବ ୩୨୬ ଜିଲ୍ଲାର ନବନିର୍ବାଚିତ ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ଆଜି ପୂର୍ବାହ୍ନରେ ଜାରକାସ୍ଥିତ ଇନରହୁଇଲ କ୍ଲବ ପରିଦର୍ଶନରେ ଆସି ବିଭିନ୍ନ ପ୍ରକଳ୍ପ ଓ ନଥିପତ୍ରକୁ ତଦାରଖ କରିବା ସହିତ ଏକ ଉତ୍ସବରେ ଯୋଗ ଦେଇଛନ୍ତ। ଇନରହୁଇଲ କ୍ଲବର ସଭାପତି ଲୋପାମୁଦ୍ରା ଷେଣ୍ଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ମୁଖ୍ୟଅତିଥି, ପୂର୍ବତନ ଜିଲ୍ଲା ଅଧ୍ୟକ୍ଷା ନଳିନୀ ମହାପାତ୍ର ଓ ସୁରମା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବ ପକ୍ଷରୁ ପ୍ରକାଶ ପାଉଥିବା ବାର୍ଷିକ ମୁଖପାତ୍ର 'ଅସ୍ମିତା'କୁ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ କ୍ଲବର ସମ୍ପାଦକ ପ୍ରଭାତ ନଳିନୀ ସାହୁ ବିବରଣୀ ପ୍ରଦାନ କରିଥିବା ବେଳେ ସଦସ୍ୟା ଅର୍ଚ୍ଚନା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ କ୍ଲବର ପୂର୍ବତନ ସଭାପତି ରଶ୍ମିତା ନାୟକ, ଆଇଏସଓ ଅଜନ୍ତା ପାଣିଗ୍ରାହୀ ଓ ପତ୍ରିକା ସମ୍ପାଦକ କଳ୍ପନା ପରିଡ଼ା ମଞ୍ଚରେ ଉପସ୍ଥିତ ଥିଲେ। ବିଶ୍ୱାମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସଭାପତି ମିନତୀ ସାହୁ, ମାଧୁରୀ ଶତପଥୀ, ଶୁଭଲକ୍ଷ୍ମୀ କର, କଳ୍ପନା ନାୟକ, ଅରୁଣାରଶ୍ମି ସାମଲ, କଳ୍ପନା ଖୁଣ୍ଟିଆ, କାଦମ୍ବିନୀ ମିଶ୍ର ଓ ଗୋଲାପ ମଞ୍ଜରୀ ପଣ୍ଡା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଏହି ଉତ୍ସବରେ ରୋଟାରି କ୍ଲବର ସଭାପତି ଇଂ. ସୁକାନ୍ତ କୁମାର ସ୍ୱାଇଁ, ସମ୍ପାଦକ ଦୀପକ କୁମାର ଜେନାଙ୍କ ସହିତ ଉଭୟ କ୍ଲବର ଅନ୍ୟ ସଦସ୍ୟ ସଦସ୍ୟାମାନେ ଯୋଗ ଦେଇଥିଲେ।

## ପଟେଲଙ୍କ ଜୟନ୍ତୀରେ ଜିଲ୍ଲାବ୍ୟାପୀ ଏକତା ଦୌଡ଼

ଯାଜପୁର, ୩୧।୧୦(ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଏକତା ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳଙ୍କ ଉପସ୍ଥିତିରେ ପୁଲିସ ଆରକ୍ଷୀ ଅଧିକ୍ଷକ ୟଶପ୍ରତାପ ଶ୍ରୀମାଲ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ଗଣଦୌଡ ଏନ୍‌ସି. ମହାବିଦ୍ୟାଳୟରୁ ଆରମ୍ଭ ହୋଇ ଯାଜପୁର ଇଣ୍ଡୋର ଷ୍ଟାଡିୟମଠାରେ



ଶେଷ ହୋଇଥିଲା। ଏହି ଅବସରରେ ସମସ୍ତ ବିଭାଗୀୟ ଅଧିକାରୀ, ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତମାନେ ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ସୁନିଶ୍ଚିତ କରିବା କ୍ଷେତ୍ରରେ ନିଜକୁ ସମର୍ପିତ କରିବା ପାଇଁ ଶପଥ ପାଠ କରିଥିଲେ। ପରେ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ ଲୌହମାନବଙ୍କ ଜୀବନାଦର୍ଶ ସମ୍ପର୍କରେ ଅବଗତ କରିଥିଲେ।

ସେହିପରି ଯାଜପୁର ଜିଲ୍ଲାର ପ୍ରତ୍ୟେକ ଥାନା ପକ୍ଷରୁ ମଧ୍ୟ ଏକତା ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର, ଅଳକୁଣ୍ଡ, ମଙ୍ଗଳପୁର, ଦଶରଥପୁର, ପାଣିକୋଇଲି, କୋରେଇ, ଯାଜପୁରରୋଡ, କଳିଙ୍ଗନଗର, ଯଖପୁରା, ସୁକିନ୍ଦା, କାଳିଆପାଣି, ଧର୍ମଶାଳା, କୁଆଖିଆ, ବଡଚଣା, ବାଲିଚନ୍ଦ୍ରପୁର ଆଦି ଥାନା ପକ୍ଷରୁ ଏହି ଏକତା ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଥାନା ଅଧିକାରୀ, ଏସ୍‌ଡିପିଓମାନେ ସାମିଲ ହୋଇ ଲୌହମାନବଙ୍କ ସମ୍ପର୍କରେ ସଚେତନ କରିଥିଲେ। ଏହି ଏକତା ଦୌଡରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ସଂଗଠନର ସଦସ୍ୟ ମାନେ ସାମିଲ ହୋଇ ଉତ୍ତମ ନାଗରିକ ହେବା ପାଇଁ ଶପଥ ପାଠ କରିଥିଲେ।

**● କୁମାରୀ ଗ୍ରାମରେ ସିରିଜ ଚୋରି**

## ଲୁଟି ନେଲେ ନଗଦ ଟଙ୍କା ଓ ସୁନା

ଧର୍ମଶାଳା, ୩୧।୧୦(ସମିସ): ଧର୍ମଶାଳା ଥାନା ଅଞ୍ଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଅପରାଧ। ପ୍ରାୟ ପ୍ରତିଦିନ କିଛି ନା କିଛି ଅପରାଧ ଘଟୁଛି। ଅପରାଧୀଙ୍କ ଆତଙ୍କରେ ସାଧାରଣ ଲୋକେ ତ୍ରାହି ତ୍ରାହି ଡାକିଲେଣି। ଗୋଟିଏ ଗୋଟିଏ ଦିନରେ ଏକାଧିକ ଘରୁ ଚୋରି ହେଉଛି। ଖାଲି ଚୋରି ହେଉନି ଚୋରି କରି ଅପରାଧିମାନେ ନିର୍ବିଘ୍ନରେ ଫେରାର ହେବାରେ ସକ୍ଷମ ହେଉଛନ୍ତି। ସ୍ଥାନୀୟ କୁମାରୀ ଗ୍ରାମରେ ଗୁରୁବାର ବିଳମ୍ବିତ ରାତ୍ରରେ ଚୋରମାନେ ୫ଟି ଘରୁ ଚୋରି ପାଇଁ ଉଦ୍ୟମ କରୁଥିବା ବେଳେ ଦୁଇଟି ଘରୁ ୫୦ ଗ୍ରାମ ସୁନା ଅଳଙ୍କାର ସହିତ ନଗଦ ୨୦ ହଜାର ଟଙ୍କା ଲୁଟି ନେବାରେ ସକ୍ଷମ ହୋଇଛନ୍ତି। ପୁଲିସ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ଦ୍ୱାରା ପ୍ରାଥମିକ ତଦନ୍ତ କରିଥିଲେ ସୁଦ୍ଧା କୌଣସି ସୁରାକ ପାଇ ପାରିନାହିଁ। ଚୋର ମାନେ ପ୍ରଥମେ ବ୍ୟବସାୟୀ ଅର୍ପିତ ମିଶ୍ରଙ୍କ ଘରେ ପଶି ଥିଲେ ସୁଦ୍ଧା କିଛି ପାଇ ନଥିଲେ। ସେହିପରି ସୁଶାନ୍ତ ନାୟକଙ୍କ ଘରେ ଭଡ଼ା ରହୁଥିବା ବ୍ଲକ ପିଇଓ ପ୍ରଜ୍ଞାପାରମିତା ମଲିକ ଅନ୍ୟ ଏକ ବଖରାରେ ଶୋଇଥିବା ବେଳେ ଝରକା ବାଟେ ଆଲମିରା ସାହାଯ୍ୟରେ ଆଲମିରା ଖୋଲି ୩୧ ଗ୍ରାମ ଓଜନର ସୁନା ଅଳଙ୍କାର ଓ ୧୨ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଏହା ପରେ ପଡୋଶୀଙ୍କ ଘରେ ଝରକା ଭାଙ୍ଗିଥିଲେ ସୁଦ୍ଧା ଚୋରି କରିବାରେ ସକ୍ଷମ ହୋଇନଥିଲେ। ପରେ ନିକଟରେ ରହିଥିବା ଅବସରପ୍ରାପ୍ତ ଇଞ୍ଜିନିୟର ହରିହର ସାହୁଙ୍କ ପାଚେରି ଡେଇଁ ଝରକା ଗ୍ରୀଲ୍ ଭାଙ୍ଗି ଘରେ ପଶି ଥିଲେ। ଏକ ଘଣ୍ଟା ରହି ବହୁ ଖୋଜା ଖୋଜି କରି ଉକ୍ତ ବଖରାରୁ ନଗଦ ୧୬ ହଜାର ଟଙ୍କା ଓ ୨୦ ଗ୍ରାମ ଓଜନର ସୁନାଚେନ ଓ ମୁଦି ନେଇ ଯାଇଛନ୍ତି। ତେବେ ହରିହରଙ୍କ ଘରେ ୪ ଜଣ ଜଣ ଚୋର ପଶିବା ଓ ବାହାରିବା ଦୃଶ୍ୟ ସିସିଟିଭିରେ କଏଦ ହୋଇରହିଛି। ଏହାପରେ ପୂର୍ବତନ ସାଂସଦ ରିତା ତରାଇ ଓ ଅବସରପ୍ରାପ୍ତ ରାଜସ୍ୱ ନୀରିକ୍ଷକ ରବୀନ୍ଦ୍ର ନାୟକଙ୍କ ଘର ଆଗ ଗେଟ୍ ବାହାରୁ ଦେଇଦେଇଥିବା ଜଣାଯାଇଛି। ଖବର ପାଇ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ପହଞ୍ଚି ସଂକ୍ଷନୀ କୁକୁର ସହାୟତା ନେବା ସହିତ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ କରି ଥିଲେ ସୁଦ୍ଧା କୌଣସି ସୁରାକ ପାଇ ପାରିନାହାଁନ୍ତି। ଏ ସଂକ୍ରାନ୍ତରେ ଥାନାରେ ଦୁଇଟି ପୃଥକ୍ ପୃଥକ୍ ଏତଲା କରାଯାଇଛି।

**● ବରୁଣେଶ୍ୱର କ୍ଷେତ୍ରରେ ମାଙ୍କଡ଼ ଆତଙ୍କ**

## ମହିଳା ଓ ଛାତ୍ରଛାତ୍ରୀ ଗୁରୁତର

ବିଞ୍ଝାରପୁର, ୩୧।୧୦(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତଗତ ଅରେଇ ପଞ୍ଚାୟତରେ ଅବସ୍ଥିତ ବାବା ବରୁଣେଶ୍ୱର ଶୈବ କ୍ଷେତ୍ର ଏବଂ ଏହି କ୍ଷେତ୍ରକୁ ଲାଗି ରହିଛି ରାମ ମନ୍ଦିର। ଏହି ଦୁଇଟି କ୍ଷେତ୍ର ମଧ୍ୟରେ ଏକ ନାଲି ମାଙ୍କଡ ରହୁଛି। ଯାହାର ଆକ୍ରମଣରେ ମହିଳା ମାନେ ଶିକାର ହେଉଛନ୍ତି। ବରୁଣେଶ୍ୱର କ୍ଷେତ୍ରକୁ ଆସୁଥିବା ମହିଳାମାନଙ୍କ ମଧ୍ୟରୁ ଅରେଇ ପଞ୍ଚାୟତ ଜଣେ ମହିଳାଙ୍କୁ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ଏହି ମାଙ୍କଡ଼ ଆକ୍ରମଣ କରିବା ସହ କାମୁଡ଼ି ପକାଇଥିଲା ବେଳେ ଆଜି ଆଉ ଜଣେ ମହିଳା ଅରେଇ ଗ୍ରାମର ପ୍ରମିଳା ମଲ୍ଲିକଙ୍କୁ ବରୁଣେଶ୍ୱର କ୍ଷେତ୍ର ପରିସରରେ ମାଙ୍କଡ଼ କାମୁଡି ଥିବା ନେଇ ଅଭିଯୋଗ ହୋଇଛି। ଏହା ସହ ସ୍କୁଲ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଆକ୍ରମଣ କରୁଛି। ବରୁଣେଶ୍ୱର କ୍ଷେତ୍ରକୁ ଲାଗି ବିଦ୍ୟାଳୟ ରହିଛି। ମାଙ୍କଡ଼ଟଇ ସ୍କୁଲରେ ପ୍ରବେଶ କରି ଛାତ୍ରଛାତ୍ରୀଙ୍କ ଆକ୍ରମଣ କରୁଥିବା ଅଭିଯୋଗ ହୋଇଛି।

# କଂଗ୍ରେସ ପାଳିଲା ଇନ୍ଦିରାଙ୍କ ବଳିଦାନ ଦିବସ





ଯାଜପୁର, ୩୧।୧୦(ସମିସ)

ଯାଜପୁର ନଗର କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ବଳିଦାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାରୁଣୀ ପଡ଼ିଆସ୍ଥିତ ପ୍ରତିମୂର୍ତ୍ତି ନିକଟରେ ମାଲ୍ୟାର୍ପଣ କରାଯାଇ ନଗର ସଭାପତି ନାରାୟଣ ସାମନ୍ତଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସାଂସଦ ଅଞ୍ଚଳ ଦାସ, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ସନ୍ତୋଷ କୁମାର ନନ୍ଦ, ପୂର୍ବତନ ଯାଜପୁର ପୌରାଧ୍ୟକ୍ଷ ଆଲୋକ ବେହେରା, ଦିଲ୍ଲୀପ ଦାଶ, ଦୁର୍ଯ୍ୟୋଧନ ବେହେରା, ରାଜୀବ ମହାପାତ୍ର, ଭାସ୍କର ମହାନ୍ତି, ବିଭୂତି ମହାପାତ୍ର, ଅବଦୁଲ ସଲିମ, ଆଇନଜୀବୀ ଗୋବିନ୍ଦ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ଗରିଆପୁର ସ୍କୁଲ ସମ୍ମୁଖରେ ଥିବା ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ରେଡ୍‌କ୍ରସ ଛକ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଇନ୍ଦିରାଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା।

**ବିଞ୍ଝାରପୁର:** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର, ଜରି, ନାଉବାଙ୍କ ମଧ୍ୟସ୍ଥଳ ଇନ୍ଦିରା ଗାନ୍ଧୀ ଛକ ଠାରେ ଅବସ୍ଥିତ ଇନ୍ଦିରାଙ୍କ ପ୍ରତିମୂର୍ତ୍ତୀ ନିକଟରେ ଆଜି ବଳିଦାନ ଦିବସ ପାଳିତ ହୋଇଯାଇଛି। କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପିନ ବିହାରୀ ସାମଲ, ଚକ୍ରଧର ନାୟକ, ଧନେଶ୍ୱର ଜେନା, ପ୍ରବୋଧ ଦାସ, ପ୍ରତାପ ଦାସ ପ୍ରମୁଖ ଯୋଗ ଦେଇଥିଲେ।

**ଦାନଗଦି:** ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପୁଣ୍ୟତିଥି ଅବସରରେ ସୁକିନ୍ଦା କଂଗ୍ରେସ ପକ୍ଷରୁ ମାଲ୍ୟାର୍ପଣ, ସ୍ମୃତିଚାରଣ ସଭା ଦାନଗଦି କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଇଂ. ବିଭୁଭୂଷଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ସ୍ୱର୍ଣ୍ଣଲତା ବାନାରା, ରାଜ୍ୟ ଆଦିବାସୀ ସେଲ୍‌ର ସମ୍ପାଦକ ହିନ୍ଦୁ ଜାମୁଦା, ବରିଷ୍ଠ ନେତା ମହେନ୍ଦ୍ର ଦାସ, ରଞ୍ଜିତ ରାଜ, ମଦନମୋହନ ଖୁଣ୍ଟିଆ, ଦୟାନିଧି ପଲେଇ, ଉମାକାନ୍ତ ଜେନାମଣୀ, ଦାମଦର ପୁହାଣ, ବୀର କିଶୋର ସାହୁ, ନିଲୁ ଦେଓ, ଅମର ସିଂ ବାନାରା, ସଞ୍ଜୁଲତା ଦାଶ, ରାଇଚରଣ ମହାନ୍ତି, ରଞ୍ଜନ କୁମାର ଧୀର, ଅଜୟ ଭୂଇଁଆ ପ୍ରମୁଖ ଉପସ୍ଥିତ ଥିଲେ।

**ଧର୍ମଶାଳା:** ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଇନ୍ଦିରା ଗାନ୍ଧିଙ୍କ ପୁଣ୍ୟତିଥି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶାନ ପଣ୍ଡା, ଜିଲ୍ଲା କିଷାନ ସେଲର ସଭାପତି ବସନ୍ତ କୁମାର ପରିଡ଼ା, ପୁର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ତରେଇ, ପୂର୍ବତନ ସମିତି ସଭ୍ୟ ନରୋତ୍ତମ ନାୟକ, ମିଡିଆ ସେଲର ସଦସ୍ୟ ସୁଶୀଲ କୁମାର ଡୋରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।